# ଉତରା ସଂସ୍କୃତି ଓ ଲୋକ ସାହିତ୍ୟ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
ଭୁବନେଶ୍ୱର

# ଭତରା ସଂସ୍କୃତି ଓ ଲୋକ ସାହିତ୍ୟ

ସଂକଳନ
ଶ୍ରୀ ସୁବାସ ଚନ୍ଦ୍ରମିଶ୍ର

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ଭତରା ସଂସ୍କୃତି ଓ ଲୋକ ସାହିତ୍ୟ

ସଂକଳନ : ଶ୍ରୀ ସୁବାସ ଚନ୍ଦ୍ରମିଶ୍ର

ନିର୍ଦ୍ଦେଶକ : ଡଃ ମନ୍ମଥ କୁଣ୍ଡୁ

© ପ୍ରକାଶକ : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଆଦିବାସୀ ପ୍ରଦର୍ଶନୀ ପଡିଆ

ୟୁନିଟ୍-୧-ଭୁବନେଶ୍ୱର-୭୫୧୦୦୯

ପ୍ରଥମ ପ୍ରକାଶ : ୨୬-୧-୨୦୦୨

ପ୍ରଚ୍ଛଦ : ମାଁ ପେଣ୍ଡ୍ରାଣୀଙ୍କ ମନ୍ଦିର, ଉମରକୋଟ

ମୂଲ୍ୟ : ଟ ୫୦/- ମାତ୍ର

ISBN 81-88010-06-5

# BHATRA SANSKRITI O LOK SAHITYA

Compilation : Sri Subash Ch. Mishra

Supervisor : Dr.Manmatha Kundu

© Publisher : Academy of Tribal Dialects & Culture

Adivasi Ground,

Unit - 1, Bhubaneswar-751009

Ist Edition : 26th.Jan.2002

Price - Rs. 50/-

Printed At- Mass Media (P) Ltd.

Utkal Sahitya Bhawan, Kaligali, Cuttack-2

# ପୃଷ୍ଠଭୂମି

ଜନଜାତ ମାନଙ୍କର ସାଂସ୍କୃତିକ ଐତିହ୍ୟ ଏବଂ ପ୍ରଜାତିକ ବୈଚିତ୍ର୍ୟ ଆକଳନ କରିବାରେ ସେମାନଙ୍କର ପରିବେଶରେ ବିକଶିତ ଲୋକ ସାହିତ୍ୟ ଏକ ପ୍ରମୁଖ ଉପାଦାନ । ଜଗତିକରଣ ଓ ବସ୍ତୁ ସଂସ୍କୃତିର ଉଦ୍‌ବର୍ତ୍ତନରେ ଆମ ଲୋକ ପରମ୍ପରା ଲୋପ ପାଇ ଯାଇଥିବା ବେଳେ ଜନଜାତିୟ ଲୋକ ମୌଖିକ ପରମ୍ପରା ତଥାପି ଗତିଶୀଳ । ପଡୋଶୀ ସଂସର୍ଗ ଏବଂ ଗଣ ମାଧ୍ୟମରେ ପ୍ରସାର ଯୋଗୁଁ ତାଙ୍କ ଲୋକ ମୌଖିକ ପରମ୍ପରା ଯଦିଓ ପରିବର୍ତ୍ତିତ ତଥାପି ଅନ୍ତଃସ୍ରୋତ ଅଦ୍ୟାବିଧି ପ୍ରବାହିତ । ମାତ୍ର ପୂର୍ବର ଶ୍ରୀ ଆଉ ନାହିଁ । ବିଶେଷତଃ ଯୁବ ପିଢ଼ି ଏ ପରମ୍ପରା ପ୍ରତି ବିତସ୍ପୃହ, ଟିଭି, ଚଳଚିତ୍ରର ନିଶାରେ ସେମାନେ ଉନ୍ମନା । ପାରମ୍ପରିକ ନାଟଗୁରୁ, ଗୀତ କୁଡିଆ ସେମାନଙ୍କ ପାଇଁ ଆଲୋଡ଼ା ଅଖୋଜା ।

ତେଣୁ ଏହି ପରମ୍ପରାଟି ମରିହଜି ଯିବା ପୂର୍ବରୁ ତାର ଶେଷ ମଣିଷଟି ଇହଲୀଳା ସମ୍ବରଣ କରିବା ପୂର୍ବରୁ ତାର କଥାନକକୁ ସାଉଁଟିବାର ଏହାହିଁ ହେଉଛି ମହାମୁହୂର୍ତ୍ତ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଏଇ ସନ୍ଧିକ୍ଷଣରେ ଓଡ଼ିଶାର ଆଦିବାସୀ ଗୋଷ୍ଠୀ ମାନଙ୍କର ଲୋକ ମୌଖିକ ପରମ୍ପରାକୁ ସଂଗ୍ରହ ଓ ପ୍ରକାଶ କରିବାର ଗୁରୁଦାୟିତ୍ୱ ବହନ କରିଛି । ସୀମିତ ସମ୍ବଳ ଭିତରେ ମଧ୍ୟ ସେହି ମହାନ୍ କାର୍ଯ୍ୟର ଅଂଶ ସ୍ୱରୂପ କିଛିଟା କାର୍ଯ୍ୟ ସଂପାଦନ କରିଛି । ସେ ଗୁଡିକ ହେଲା 'ସାନ୍ତାଳ ଲୋକ କାହାଣୀ' 'ପଶ୍ଚିମ ଓଡ଼ିଶାର ଆଦିବାସୀ ଲୋକ ସାହିତ୍ୟ' ; 'ଆଦିବାସୀ ଲୋକକଥା', 'ବାଥୁଡ଼ି ଲୋକ ସାହିତ୍ୟ' ଇତ୍ୟାଦି ।

ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଲୋଧା, ବଣ୍ଡା, ଭତରା, କୋୟା, ହୋ, ଭୂମିଜ, ଦୁରୁଆ, ଜୁଆଙ୍ଗ ଜନଜାତିର ସଂସ୍କୃତି ଓ ଲୋକ ସାହିତ୍ୟ ଉପରେ ଅଧ୍ୟୟନ କାର୍ଯ୍ୟ ଏକାଡେମୀ ହାତକୁ ନେଇଛି ''ଭତରା ସଂସ୍କୃତି ଓ ଲୋକ ସାହିତ୍ୟ'' ତନ୍ମଧ୍ୟରୁ ଅନ୍ୟତମ ।

ଏହି ପୁସ୍ତିକାକୁ ସଂକଳନ କରିଛନ୍ତି ଶ୍ରୀ ସୁବାସ ଚନ୍ଦ୍ର ମିଶ୍ର, ଉମରକୋଟ, ନବରଙ୍ଗପୁର । ପୁସ୍ତିକା ପ୍ରକାଶନ ଅବସରରେ ଏକାଡେମୀ ତାଙ୍କ ନିକଟରେ କୃତଜ୍ଞ ।

ମନ୍ମଥ କୁଣ୍ଡୁ
ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

# ସୂଚୀପତ୍ର


| କ୍ର.ନଂ. | ବିଷୟ | | ପୃଷ୍ଠା |
|---|---|---|---|
| | ମୁଖବନ୍ଧ | | |
| ୧. | ଭତରାଙ୍କ ସୃଷ୍ଟି ଓ ବସତି : | ----- | ୫ |
| ୨. | ଭତ୍ରା ସମାଜ | ----- | ୭ |
| ୩. | ଭତରା ସମାଜର ସଂସ୍କାର ବିଧି | ----- | ୧୩ |
| ୪. | ଭତରାଙ୍କ ଲୋକଭାଷା ଓ ଲୋକ ସାହିତ୍ୟ | ----- | ୩୧ |
| ୫. | ଭତରା ଲୋକ ସାହିତ୍ୟର କିମ୍ବଦନ୍ତୀ | ----- | ୩୨ |
| ୬. | ଭତରୀ ଲୋକୋକ୍ତି | ----- | ୫୧ |
| ୭. | ଧନ୍ଦା (ପହେଳି) | ----- | ୬୧ |
| ୮. | ଭତ୍ରୀ ଲୋକଗୀତ | ----- | ୬୬ |
| ୯. | ଭତ୍ରୀ ଲୋକ କାହାଣୀ | ----- | ୧୪୦ |
| ୧୦. | ଭତ୍ରାମାନଙ୍କର ଲୋକନୃତ୍ୟ | ----- | ୧୫୬ |
| ୧୧. | ଭତରାମାନଙ୍କର ପ୍ରଦର୍ଶନୀ କଳା | ----- | ୧୬୭ |
| ୧୦. | ପରିଶିଷ୍ଟ | ----- | ୧୭୫ |

# ଭତରାଙ୍କ ସୃଷ୍ଟି ଓ ବସତି

କୁହାଯାଏ ମୂଳଗୋଣ୍ଡ ଜାତିରୁ ଭତଡା (ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏମାନଙ୍କୁ ଭତରା କୁହାଯାଏ) ଉପଜାତିର ସୃଷ୍ଟି । ଭତରାମାନେ ଗୋଣ୍ଡମାନଙ୍କୁ ନିଜ ବଡ଼ଭାଇ ବଂଶର ମାନ୍ୟତା ଦେଇଥାନ୍ତି ଏବଂ ନିଜକୁ ବଡ଼ ଭତରା, ମଝିଆ ଭତରା ଓ ପିତା ଭତରା ଭାବେ ପରିଚିତ କରାଇଥାନ୍ତି ।

ଟାଇଲର ଭତରାମାନଙ୍କୁ ମୁରିଆ ବା ମାଡ଼ିଆ ଗୋଣ୍ଡଙ୍କ ସମକକ୍ଷ ବୋଲି ମନେ କରନ୍ତି । ୧୮୬୧ ଜନଗଣନା ରିପୋର୍ଟ ଅନୁସାରେ ଏଚ୍.ଜି.ଟର୍ଣ୍ଣର ମତ ଦିଅନ୍ତି ଯେ ଭତରା ଓ ମୁରିଆ ଉଭୟେ ମୂଳଗୋଣ୍ଡ ଜାତିର ଏକ, ଏକ ବିଭାଜିତ ଗୋଷ୍ଠୀ ଅଟନ୍ତି ।

ଭତରାଙ୍କ ମୂଳ ବାସସ୍ଥାନ ସମ୍ବନ୍ଧରେ କେତେକ କହନ୍ତି ଯେ ବହୁ ବର୍ଷପୂର୍ବେ ମଧ୍ୟଭାରତର ଦକ୍ଷିଣ ଭାଗରେ ଅବସ୍ଥିତ ଭରତଗଡ଼ ଅଞ୍ଚଳରେ (ବର୍ତ୍ତମାନ ଛତିଶଗଡ଼ ରାଜ୍ୟର ଦନ୍ତେୱାଡା) ସେମାନେ ବାସ କରୁଥିଲେ । ବଂଶବୃଦ୍ଧି କାରଣରୁ ହେଉ କି କୌଣସି ରାଜନୈତିକ କାରଣରୁ ହେଉ ଭତରାମାନେ ଭରତଗଡ଼ରୁ ତେଲେଙ୍ଗା ରାଜ୍ୟ ବିଶାଖା ପାଟଣା ଅଞ୍ଚଳକୁ ଚାଲିଗଲେ ।

ଭତରାମାନେ ଓଡ଼ିଶାର ନବରଙ୍ଗପୁର ଜିଲ୍ଲା ଓ କୋରାପୁଟ ଜିଲ୍ଲାକୁ ଆସି ବସବାସ କରିବା ସମ୍ବନ୍ଧରେ ସେମାନଙ୍କ ମଧ୍ୟରେ ଏକ କିମ୍ବଦନ୍ତୀ ଶୁଣିବାକୁ ମିଳେ । ଭରତଗଡ଼ରେ ଜଣେ ରାଜା ଥିଲେ । ଭରତଗଡ଼ର ଅଧିଷ୍ଠାତ୍ରୀ ଦେବୀ ଥିଲେ ଦନ୍ତେଶ୍ୱରୀ । ପ୍ରତିବର୍ଷ ଆଶ୍ୱିନ ମାସରେ ଦନ୍ତେଶ୍ୱରୀ ଦେବୀଙ୍କୁ ପୂଜା ଅର୍ଚ୍ଚନା କରାଯାଇ ଗୋଟିଏ ସୁସଜ୍ଜିତ ଶାଳକାଠର ରଥରେ ବିଜେ କରାଯାଏ ।

ଏହି ରଥ ନିର୍ମାଣ ଭତରାମାନେ କରିବା ବିଧି । ଦଶହରା ଦିନ ମହା ହର୍ଷ ଉଲ୍ଲାସରେ ରାଜା ନିଜ ପ୍ରଜା ମାନଙ୍କ ମଧ୍ୟରେ ଲାଖବିନ୍ଧା ପ୍ରତିଯୋଗିତା କରାଇଥାନ୍ତି । ଏମିତି ଏକ ଲାଖବିନ୍ଧା ଅବସରରେ ଭରତଗଡ଼ର ଜଣେ ସୁଦର୍ଶନ ଭତରା କୁଳର ଯୁବକର ଲାଖବିନ୍ଧାରେ ପାରଦର୍ଶିତା ଦେଖି ରାଜକୁମାରୀ ତା ପ୍ରତି ଆସକ୍ତା ହୋଇ ପଡିଲେ । ରାଜକୁମାରୀ ନିଜ ଆଡୁ ଉକ୍ତ ଯୁବକକୁ ବିବାହ କରିବାକୁ ପ୍ରସ୍ତାବ ଦେଇ, ଦନ୍ତେୱାଡ଼ା ମଣ୍ଡେଇ ପର୍ବ ଅବସରରେ ଏକ ନିଭୃତ ସ୍ଥଳରେ ଉକ୍ତ ଭତରା ଯୁବକ ସହିତ ମିଳିତ ହେବାକୁ ସଙ୍କେତ ଦେଲେ । ପରେ ଉଭୟେ ଉଦଲିଆ ଚାଲିଗଲେ । ରାଜା ଏହା ଜାଣିପାରି ରାଗି ଯାଇ ଭରତଗଡ଼ରେ ବସବାସ କରୁଥିବା ସମସ୍ତ ଭତରା ଗୋଷ୍ଠୀର ଲୋକଙ୍କୁ ରାଜ୍ୟ ଛାଡ଼ି ଚାଲିଯିବାର ଆଦେଶ ଦେଲେ । ଏହି ଆଦେଶ ଫଳରେ ଭତରାମାନେ ଭରତଗଡ଼ ଛାଡି ବସ୍ତର ରାଜ୍ୟର କେଶରପାଳ ଅଞ୍ଚଳକୁ ଆସି ସେଠାରୁ ଉଡିୟାନ୍

(ଓଡ଼ିଶା) ଦେଶକୁ ଆସି ବସବାସ କଲେ । ଭରତଗଡ଼ ଅଞ୍ଚଳରୁ ଆସିଥିବାରୁ ସେମାନଙ୍କୁ ଭତରା କୁହାଗଲା । ଏହି ସମ୍ବନ୍ଧରେ ନବରଙ୍ଗପୁର ଜିଲ୍ଲା ବଡ ଭରଣ୍ଡି ଗ୍ରାମର ୯୫ ବର୍ଷୀୟ ଶ୍ରୀ ବୃନ୍ଦସନ ସମରଥ କହନ୍ତି :

"ଆମ ପୂର୍ବପୁରୁଷ ମଧ ପ୍ରଦେଶର କେଶର ପାଲ ଅଞ୍ଚଳରୁ ଏବଂ ପୂଜାରୀମାନେ ଦନ୍ତେ ବାଡାର ଭରତଗଡ଼ ଅଞ୍ଚଳରୁ ଆସି ପ୍ରଥମେ ଉଡିୟାନ୍ ରାଜ୍ୟର ଉଗାଗନ ପଦରରେ ରହିଲେ । ବଂଶ ବଢ଼ିଯିବାରୁ ଆମର ସମରଥ ବଂଶ ନିରଗୁଣ୍ଡି ପଦରରେ ରହିଲେ । ଆମର ଯେଉଁ ପିତୃ ପୁରୁଷ ଏଠାକୁ ଆସି ଗାଁ ବସାଇଥିଲେ ତାଙ୍କ ନାମ ବିଟାଳ ସମରଥ । ସେ ଆମର ପିତୃପୁରୁଷ ବଡ଼ ଦେବତା ।

ପୂଜାରୀ ବଂଶର ଲୋକମାନେ ବଡ଼ ଭରଣ୍ଡି ସାନ ଭରଣ୍ଡି, ବଡ଼ ବାସିନୀ, ସାନ ବାସିନୀ, ଗୋରାମା, ଭିକିଆ, ମହଲି, କଣ୍ଡିପଦର (ପଣ୍ଡରାଗଳି)ରେ ରହିଲେ ।"

ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ ଭତରାମାନେ ମଧଭାରତର ଦକ୍ଷିଣ ପୂର୍ବ ଅଞ୍ଚଳରୁ ଓଡିଶାର ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାକୁ ଆସି ଏଠାର ସ୍ଥାୟୀ ବାସିନ୍ଦାଭାବେ ବସତି ସ୍ଥାପନ କଲେ ।

*କୋରାପୁଟ ଅଞ୍ଚଳରେ ଆଦିବାସୀ ବସତି (୧୯୯୧ ଜନଗଣନା ଅନୁଯାୟୀ):*

କୋରାପୁଟ ଜିଲ୍ଲାର କୋଟପାଡ଼ ବ୍ଲକରେ ଭତ୍ରା ଓ ଧୁରୁଆ, କୁନ୍ଦ୍ରା ବ୍ଲକରେ ଭତ୍ରା, କନ୍ଧ, ପରଜା, ଭୂମିଆ, ବରିଗୁମ୍ମା ବ୍ଲକରେ ପରଜା, ଭତ୍ରା, ଅମାନାତ୍ୟ ଆଦି ଆଦିବାସୀ ଗୋଷ୍ଠୀ ବାସ କରନ୍ତି । ଏମାନଙ୍କ ସଂଖ୍ୟା ପ୍ରାୟ ୧,୨୭,୮୭୩ ହେବ । ଏମାନଙ୍କ ମଧରେ ଭତ୍ରା ଗୋଷ୍ଠୀ ସଂଖ୍ୟାଗରିଷ୍ଠ ଅଟନ୍ତି ।

*ନବରଙ୍ଗପୁର ଅଞ୍ଚଳରେ ଆଦିବାସୀ ବସତି (୧୯୯୧ ଜନଗଣନା ଅନୁଯାୟୀ):*

ନବରଙ୍ଗପୁର ଅଞ୍ଚଳର ନବରଙ୍ଗପୁର ବ୍ଲକରେ ଭତ୍ରା, ପରଜା, ଧୁରୁଆ, ଉମରକୋଟ ବ୍ଲକରେ ଭତ୍ରା, ତେନ୍ତୁଳିଖୁଣ୍ଟି ବ୍ଲକରେ ପରଜା, ଭତ୍ରା, ଧୁରୁଆ, କୋସାଗୁମୁଡ଼ା ବ୍ଲକରେ ଭତ୍ରା, ପାପଡ଼ା ହାଣ୍ଡି ବ୍ଲକରେ ଭତ୍ରା, ପରଜା, ହାଲଵା, ଝରିଗାଁ ବ୍ଲକରେ ଭତ୍ରା, ପରଜା, ଗଣ୍ଡ, କନ୍ଧ, ଡାବୁଗାଁ ବ୍ଲକରେ ଭତ୍ରା, ପରଜା ଓ ନନ୍ଦାହାଣ୍ଡି ବ୍ଲକରେ ଭତ୍ରା, ପରଜା, ଅମାନାତ୍ୟ ବାସ କରନ୍ତି । ଏହି ଆଦିବାସୀ ଗୋଷ୍ଠୀଙ୍କ ସଂଖ୍ୟା ପ୍ରାୟ ୩,୬୪,୭୧୫ । ଏମାନଙ୍କ ମଧରୁ ନବରଙ୍ଗପୁର ଅଞ୍ଚଳର ସାତ ଗୋଟି ବ୍ଲକରେ ଭତ୍ରାମାନଙ୍କ ସଂଖ୍ୟା ଗରିଷ୍ଠ ଗୋଷ୍ଠି ଭାବେ ପରିଚିତ । କେବଳ କୋସା ଗୁମୁଡ଼ା ଓ ଉମରକୋଟ ବ୍ଲକରେ ଭତ୍ରାଙ୍କ ସଂଖ୍ୟା ଯଥାକ୍ରମେ ୭୪,୯୦୭ ଓ ୯୩,୨୫୭ ଅଟେ ।

# ଭତ୍ରା ସମାଜ

**ସ**ମାଜରେ ମଣିଷ ବାସକରେ । ନିଜର ସମସ୍ତ ପ୍ରକାର ଅଭାବ ପୂରଣ ପାଇଁ ମଣିଷ ସମାଜ ଉପରେ ନିର୍ଭର କରେ । ଶୃଙ୍ଖଳିତ ଜୀବନ ଯାପନ, ସାହାଯ୍ୟ, ସହମୋଗର ଭିତ୍ତି ଭୂମିରେ ସମାଜ ଗଢ଼ିଉଠେ । ଭତ୍ରା ସମାଜ ମଧ୍ୟ ଏହାର ବ୍ୟତିକ୍ରମ ନୁହେଁ । ସମାଜରେ ଚଳିବା ପାଇଁ ଭତ୍ରା ଲୋକଟିଏ ଅନେକ ସାମାଜିକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ଉପରେ ନିର୍ଭରଶୀଳ ହୁଏ । ଜାତ ସଂସ୍କାର, ବିବାହ ଅନୁଷ୍ଠାନ, ମୃତକର୍ମ ଆଦି ପାଇଁ ସେ ଅନେକ ବ୍ୟକ୍ତିଙ୍କ ସମ୍ପର୍କରେ ଆସେ । ଯେଉଁ କେତେକ ବ୍ୟକ୍ତି ଭତ୍ରା ସମାଜର ନିୟାମକ ଭାବେ କାର୍ଯ୍ୟ କରିଥାନ୍ତି ସେମାନେ ହେଲେ ନାୟକ, ଭାତନାୟକ, ଗାଣ୍ଡା, ଚଲାଣ, ପୂଜାରୀ, ଦିସାରୀ, ଶିରା ଓ ଗୁରୁମାଇ । ଭତ୍ରା ସମାଜରେ ଏମାନଙ୍କ ଭୂମିକା ସମ୍ବନ୍ଧରେ ଏକ କ୍ଷୁଦ୍ର ଆଲୋଚନା କରାଯିବା ଉଚିତ, ଯାହା ଭତ୍ରାମାନଙ୍କ ସାମାଜିକ ଜୀବନର ଏକ ସମ୍ପୂର୍ଣ୍ଣ ପରିଚୟ ଦେବାରେ ସକ୍ଷମ ହେବ ।

**ନାୟକ :** ପ୍ରତି ଭତ୍ରା ଗାଁରେ ଜଣେ ନାୟକ ବା ମୁଖିଆ ଥାଆନ୍ତି । ଗାଁ ଗୁଡ଼ିକୁ ଘେରି କେତେକ ଗୁଡ଼ା ବା ପାଲି (hamlet) ଥାଏ । ଏହି ନାୟକ ଗାଁର ଜଣେ ପ୍ରଭାବଶାଳୀ ବ୍ୟକ୍ତିଭାବେ ପରିଚିତ । ସମସ୍ତେ ତାଙ୍କ କଥା ମାନନ୍ତି । ସେ ଜମି, ଗୋଧନ ଓ ଧନର ଅଧିକାରୀ ଭାବେ ଗାଁର ସମସ୍ତ ଲୋକଙ୍କ ଦ୍ୱାରା ସମ୍ମାନିତ ହୋଇଥାଆନ୍ତି । ଗାଁର ଭଲମନ୍ଦ, ପୁଣ୍ୟ ପର୍ବ, ଯାନି ଯାତ୍ରାରେ ଲୋକେ ତାଙ୍କୁ ଲୋଡ଼ିଥାନ୍ତି । ଗାଁର ନ୍ୟାୟ, ନିଶାପରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଗ୍ରାମର ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ସେ ଚେଷ୍ଟା କରିଥାନ୍ତି । କୌଣସି ବ୍ୟକ୍ତି ତାଙ୍କ ଆଦେଶ ପ୍ରାୟ ଅମାନ୍ୟ କରନ୍ତି ନାହିଁ । କୋରାପୁଟ ଜିଲ୍ଲାରେ ଏହି ନାୟକ ପଦବୀକୁ ୧୯୩୧ ମସିହାରେ ଜୟପୁର ରାଜା ରାମଚନ୍ଦ୍ର ଦେବ ରାଜକୀୟ ମାନ୍ୟତା ପ୍ରଦାନ କରି ସେମାନଙ୍କୁ ସ୍ୱୀକୃତି ଦେଇଥିଲେ । ସେମାନଙ୍କୁ ୧୨ ଖଣ୍ଡ ଗାଁର ରାଜସ୍ୱ ଆଦାୟ କରିବାର ଦାୟିତ୍ୱ ମଧ୍ୟ ଦିଆ ଯାଇଥିଲା । ୧୯୫୬ ଗ୍ରା:ପ: ଆଇନ୍ ପରେ ଯଦିଓ ଏହି ପଦବୀର ଗୁରୁତ୍ୱର ଯଥେଷ୍ଟ ହ୍ରାସ ଘଟିଛି, ତଥାପି ଏବେ ମଧ୍ୟ ନାୟକଙ୍କୁ ଗ୍ରାମବାସୀ ଯଥେଷ୍ଟ ସମ୍ମାନ ଦେଇଥାନ୍ତି ।

**ଭାତନାୟକ :** ସମାଜର ନିର୍ଦ୍ଧାରିତ ନୀତି ନିୟମରୁ ଯଦି କୌଣସି ବ୍ୟକ୍ତି ଚ୍ୟୁତ ହୁଏ ବା ନୀତି ନିୟମକୁ ମାନେ ନାହିଁ, ତାକୁ ଦଣ୍ଡସ୍ୱରୂପ ଜାତିରୁ ବିଚ୍ୟୁତି କରାଯାଏ ।

ସାଧାରଣତଃ ଭତ୍ରାକୁଳର ନିୟମ ଲଙ୍ଘନ କରି ଯଦି କୌଣସି ପୁଅ ଅନ୍ୟଜାତିର ଝିଅକୁ ବିବାହ କରେ, କୌଣସି ଲୋକକୁ ଯଦି ବାଘ ଘୋଷାରି ନିଏ ବା ମାରିଦିଏ (କୌଣସି ପାପକର୍ମରୁ ଦେବତା କ୍ରୁଦ୍ଧ ହୋଇ ଏ ଦଣ୍ଡ ଦେଇଥାନ୍ତି ବୋଲି ଲୋକ ବିଶ୍ୱାସ) ବା କୌଣସି ବ୍ୟକ୍ତି କୀଡ଼ା ପଡ଼ନି ରୋଗ (ସିଫିଲିସ୍, ଗନେରିଆ ଜନିତ ଯୌନରୋଗରେ ଆକ୍ରାନ୍ତ) ହୋଇଥିଲେ ଉକ୍ତ ବ୍ୟକ୍ତି ବା ବ୍ୟକ୍ତିର ପରିବାରକୁ ଗ୍ରାମ ମୁଖିଆର ନ୍ୟାୟକ୍ରମେ ଜାତିଚ୍ୟୁତ କରି ଜୋରିମାନା ପକାଯାଏ । ଉକ୍ତ ବ୍ୟକ୍ତି ବା ପରିବାର ସେହି ଦଣ୍ଡକୁ ସ୍ୱୀକାର କରି ଗ୍ରାମବାସୀଙ୍କୁ ଭୋଜି ଦେଇ, ଭାତ ଖୁଆଇବା ପାଇଁ ବ୍ୟବସ୍ଥା କରେ । ଉକ୍ତ ଜାତିଚ୍ୟୁତ ବ୍ୟକ୍ତିକୁ ପୁନଃ ଜାତିରେ ମିଶାଇବା ପାଇଁ ସମାଜର ଯେଉଁ ଅଧିକୃତ ବ୍ୟକ୍ତି ବିଭିନ୍ନ କ୍ରିୟା, କର୍ମ କରି, ପୂଜାବିଧି କରନ୍ତି, ତାକୁ ଭାତ ନାୟକ କୁହାଯାଏ । ଏମାନେ ସାଧାରଣତଃ ପୂଜାରୀ ବଂଶର ବ୍ୟକ୍ତି ହୋଇଥାନ୍ତି ।

**ଗାଣ୍ଡା :** ଗ୍ରାମ ସଂଗଠନରେ ଗାଣ୍ଡା ଜଣେ ମୁଖ୍ୟ ବ୍ୟକ୍ତି । ଏହାର କାର୍ଯ୍ୟ ହେଲା ଗ୍ରାମର ନାୟକ ନିର୍ଦ୍ଦେଶରେ ଗାଁ ଗାଁ ବୁଲି ଲୋକମାନଙ୍କୁ ବେହରଣ (ସଭା/ମିଟିଂ)ରେ ଯୋଗଦେବା ପାଇଁ ଡାକିବା । ଜାନି ଯାତ୍ରା, ପୁଣ୍ୟ ପର୍ବ, ମେଳା ମଣ୍ଡେଇ, ଲାଠିଯାତ୍ରା, ବିହନ ଛିନା, ବୀଜପୁଟ୍‌ନି, ବାଲିଯାତ୍ରା ଆଦି ଅବସରରେ ବିଚାର ବିମର୍ଶ କରିବା ପାଇଁ, କାର୍ଯ୍ୟକ୍ରମ ସ୍ଥିର କରିବା ସକାଶେ ସେ ସବୁଲୋକଙ୍କୁ ଖବର ଦିଏ । ତା ଡାକରେ ସମସ୍ତେ ବେହରଣରେ ଯୋଗଦେବାକୁ ବାଧ ହୋଇଥାନ୍ତି । ଏହି କାର୍ଯ୍ୟପାଇଁ ଗାଣ୍ଡାକୁ ଗାଁ ଲୋକେ ତାର ଜୀବନ ନିର୍ବାହ ପାଇଁ ଫସଲ ଅମଳ ପରେ କିଛି କିଛି ଶସ୍ୟ, ଧାନ, ମୁଗ, ବିରି, କାନ୍ଦୁଲ, ପଇସା ଦେଇଥାନ୍ତି । ୧୯୪୭ ମସିହା ପୂର୍ବରୁ ଗାଣ୍ଡା ରାଜ ପ୍ରତିନିଧିଭାବେ ନାୟକ, ଗ୍ରାମବାସୀ ଓ ରାଜକର୍ମଚାରୀ (ପୋଲିସ୍, ଜଙ୍ଗଲ, ରାଜସ୍ୱ) ମଧ୍ୟରେ ଯୋଗସୂତ୍ର ରକ୍ଷା କରୁଥିଲା । (ସେତେବେଳେ ଏହାର ଲୋକ ସମ୍ପର୍କ କ୍ଷମତାର ଅପବ୍ୟବହାରରେ ବହୁଲୋକ ହନ୍ତସନ୍ତ ହେଉଥିଲେ । ରାଜକର୍ମଚାରୀଙ୍କ ପ୍ରିୟପାତ୍ର ହୋଇ ଗାଣ୍ଡା ବହୁ ବେନିୟମ କାର୍ଯ୍ୟ କରୁଥିବାର କାହାଣୀ ଲୋକମୁଖରେ ଏବେ ବି ଜୀବିତ ।)

**ଚଲାଣ :** ସ୍ୱାଧୀନତା ପୂର୍ବରୁ ଭତ୍ରା ସମାଜରେ 'ଚଲାଣ' ନାମରେ ଜଣେ ବ୍ୟକ୍ତିଙ୍କର ଏକ ନିର୍ଦ୍ଦିଷ୍ଟ ଭୂମିକା ରହିଥିଲା । କୌଣସି ରାଜକର୍ମଚାରୀ କୌଣସି କାର୍ଯ୍ୟ ଉପଲକ୍ଷେ ଯଥା : ରାଜସ୍ୱ ଆଦାୟ, ଆଇନ ଶୃଙ୍ଖଳା ବ୍ୟବସ୍ଥା ପାଇଁ, ଜଙ୍ଗଲ ସମ୍ବନ୍ଧୀୟ ବ୍ୟାପାରରେ ଗ୍ରାମକୁ ଆସିଲେ ସେମାନଙ୍କ ରହିବା, ଖାଇବା, ପିଇବା ଓ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟର ସମସ୍ତ ବ୍ୟବସ୍ଥା ଚଲାଣ କରିଥାଏ । କ୍ଷୀର, କାଠ, ଚାଉଳ, ଡାଲି, ଘିଅ, କୁକୁଡ଼ା, ପରିବା ଆଦି ଗ୍ରାମବାସୀଙ୍କ ଠାରୁ ଆଦାୟ କରାଯାଏ । ପାଣି, ରୋଷେଇର

ବ୍ୟବସ୍ଥା ମଧ୍ୟ ଚଲାଣ କରିଥାଏ । ସମ୍ପ୍ରତି ଚଲାଣ ଏକ ନିର୍ଦ୍ଦିଷ୍ଟ ସଞ୍ଜ୍ଞାଧାରୀ ହୋଇ ନିଜକୁ ପରିଚିତ କରାଉଛନ୍ତି, ଯଥା: ନରସିଙ୍ଘ ଚଲାଣ, ମୁକୁନ୍ଦ ଚଲାଣ । ବୃତ୍ତି ବା ଜୀବିକାକୁ ଜାତିର ସଂଜ୍ଞାଭାବେ ବ୍ୟବହାର କରିବା ପ୍ରଥା ଏ ଜିଲ୍ଲାରେ ପ୍ରତୁଳ ଭାବେ ପ୍ରଚଳିତ ହେବାର ଦେଖାଯାଏ ।

**ପୂଜାରୀ:** ଭତ୍ରା ସମାଜର ନିଶୁଣୀରେ ଏମାନେ ଉପର ଆଡୁ ଦ୍ୱିତୀୟ ସ୍ଥାନରେ ଥିବା ସମ୍ମାନିତ ଗୋଷ୍ଠୀ । ପ୍ରତ୍ୟେକ ଭତ୍ରାଗାଁରେ ମାତା ମା ଗୁଡ଼ି, ଠାକୁରାଣୀ ଗୁଡି ଆଦି ପ୍ରତିଷ୍ଠିତ ହୋଇଥାଏ । ଦେବ ଦେବୀଙ୍କ କୃପା ପାଇଁ, ରୋଗ ବଇରାଗରୁ ରକ୍ଷା ପାଇଁ, ଗାଈ ଗୋରୁଙ୍କ ମଙ୍ଗଳ ପାଇଁ, ଭଲ ବର୍ଷା ଓ ପ୍ରଚୁର ଫସଲ ପାଇଁ ଗ୍ରାମ ବାସୀଙ୍କ ତରଫରୁ ପୂଜାରୀମାନଙ୍କୁ ଅଧିକୃତ କରାଯାଇଥାଏ । ସେ ନୀତି ନିୟମ ମାନି ଶୁଦ୍ଧ ଭାବରେ ଶୁଚି ସ୍ନାତ ହୋଇ ଧବଳ ବସ୍ତ୍ର ପିନ୍ଧି ଦେବ ଦେବୀ ଆବାହନ କରି ପୂଜା କରୁଥିବାରୁ ଏହାକୁ ପୂଜାରୀ କୁହାଯାଏ ।

ଦ୍ୱିତୀୟତଃ ବିଭିନ୍ନ ପରବ୍ ଓ ଯାତ୍ରାରେ ଲୋକମାନେ ମାନସିକ କରି ବଳିଦେବାକୁ ଆଣିଥିବା ପଶୁ ପକ୍ଷୀ ଯଥା ଛେଳି, ମେଣ୍ଢା, ବକଡ଼ା, କୁକୁଡ଼ା, ପାରା, ହଂସଙ୍କୁ ତୀକ୍ଷ୍ଣ ଅସ୍ତ୍ରରେ ହତ୍ୟାକରି ଦେବ ଦେବୀଙ୍କ ସନ୍ତୁଷ୍ଟି ପାଇଁ ପୂଜା (ଉତ୍ସର୍ଗ) କ୍ରିୟା କରୁଥିବାରୁ ମଧ୍ୟ ପୂଜକକୁ ପୂଜାରୀ କୁହାଯାଇ ଥାଏ । ଧାର୍ମିକ ଅନୁଷ୍ଠାନର ପୂଜାରୀ ଏକ ମୁଖ୍ୟ ଅଙ୍ଗ । ପୂଜାରୀ ବଂଶର ଲୋକ ହିଁ ଏହି କର୍ମ କରିବେ । ଏମାନେ ବହୁ ସମ୍ମାନର ଅଧିକାରୀ । କେତେକ ସ୍ଥଳେ ପୂଜାରୀ ଦିସାରି ଓ ବୈଦ୍ୟଙ୍କ କାମ ମଧ୍ୟ କରିଥାନ୍ତି । ରୋଗ ନିରୂପଣ କରିବା, ଜଙ୍ଗଲକୁ ଯାଇ ଜଡ଼ିବୁଟି ଆଣିବା, ଔଷଧ ତିଆରି କରିବା ଓ ରୋଗୀ ସେବା କରିବା ମଧ୍ୟ ପୂଜାରୀମାନେ କରିଥାନ୍ତି ।

**ଦିସାରି (ଡିସାରି) :** ଦିସାରି ଭତ୍ରା ସମାଜର ପାଞ୍ଜିକାରିଆ ବା ପାଞ୍ଜିଆର (ପାଞ୍ଜିଦେଖି) ଯୋଗ ନିର୍ଣ୍ଣୟ କରୁଥିବା ବ୍ୟକ୍ତିକୁ ବୁଝାଏ । ନାମ କରଣର ଯୋଗ ବାହାର କରିବା, ବିବାହର ଲଗ୍ନ ସ୍ଥିର କରିବା, କେଉଁ ତିଥି, ବାର, ନକ୍ଷତ୍ରରେ ଆମ୍ବ ନୂଆ ଖାଇବା, ଧାନ ନୂଆ ଖାଇବା, କେବେ ଜମିରେ ମାଟିଗୁଣ୍ଡ କରିବା, ଧାନ ବୁଣିବା ପୂର୍ବରୁ ପ୍ରତି ଘରୁ ବିହନ ମାପି ମାଟିଯାତ୍ରା ପାଇଁ ଯୋଗ ପାଗ ସ୍ଥିର କରିବା, ପ୍ରଥମ ତଳି ପକାଇବା, ରୋଇବା, କେବେ ଗାଁର ଉଆସ ପରବ (ଆମୁସ୍ ପରବ୍), ବଉଲାଣି ଯାତ୍ରା, ଦିଆଲି ପରବ୍, ବେଣ୍ଟ ଯାତ୍ରା, ମଣ୍ଡେଇ ପରବ୍ ପାଳନ କରିବାର ସମୟ ନିର୍ଦ୍ଧାରଣ କରିବା

ଆଦି ସମସ୍ତ କାର୍ଯ୍ୟ ଦିସାରି କରିଥାଏ । କେତେକ ନିସାରୀ ପୁରୁଷାନୁ କ୍ରମେ ତୁଟୁକା ଚିକିତ୍ସା ମଧ୍ୟ କରିଥାନ୍ତି । ପୂଜାରୀ କାମ ମଧ୍ୟ କରିବାର ଦେଖାଯାଏ । ପ୍ରତି ଭଲ ମନ୍ଦ କାମରେ ଦିସାରି ଲୋଡା ପଡ଼ିଥାନ୍ତି ।

**ଶିରା :** କୌଣସି ଗ୍ରାମରେ କିମ୍ବା କୌଣସି ପରିବାର ରେ କୌଣସି ଅଘଟଣା ଘଟିଲେ, ଦୈବୀ ଦୁର୍ବିପାକ ହେଲେ, ସର୍ପଭୟ କିମ୍ବା ହିଂସ୍ରଜନ୍ତୁ ଆକ୍ରମଣ ହେଲେ, ବସନ୍ତ, ମିଳିମିଳା ଆଦି ରୋଗ ହେଲେ ଏହାର ମୂଳକାରଣରେ କେଉଁ ଦେବତାର କ୍ରୋଧ କି ଅସନ୍ତୋଷ ଅଛି ଜାଣିବା ଓ ତାର ପ୍ରତିକାର କରିବା ପାଇଁ ଗ୍ରାମଲୋକେ ଶିରା ବସାଇ ଥାନ୍ତି । ଶିରା (କାଳିସୀ) ଏକ ନିର୍ଦ୍ଦିଷ୍ଟ ତିଥିରେ ବା ବାରରେ ଶୁଚିପତ୍ର ହୋଇ, ଧଳାଲୁଗା ପିନ୍ଧି, ଫୁଲ, ହଳଦୀ ପାଣିକୁ ଅଭିମନ୍ତ୍ରିତ କରି, ଓଦା ଅରୁଆ ଚାଉଳ ଦନାରେ (ପ୍ରତିଠୋଲା)ରେ ରଖି ନିଜ ଶରୀର ଭିତରକୁ ଦେବତା ବା ଡୁମାର ଆବାହନ କରେ । ଲୋକମନ୍ତ୍ର (ଯାହା ସ୍ଥାନୀୟ ଭାଷା ଆଧାରିତ) ଉଚ୍ଚାରଣ କରି ସେ ଧ୍ୟାନସ୍ଥ ହୁଏ ଅବା ନିଜକୁ ଭୀଷଣଭାବେ ଆନ୍ଦୋଳିତ କରି ଆତ୍ମା ଆବାହନ କରେ ଓ ବହୁ ସମୟ ପରେ ଡୁମା ବା ଦେବତାର ପ୍ରଭାବରେ ସେ ପ୍ରଭାବିତ ହୋଇ ଅଘଟଣ, ଦୁର୍ବିପାକ, ରୋଗର କାରଣରେ କେଉଁ ଡୁମା ବା ଦେବତାର ହାତ ଅଛି, ତା'ର କ୍ରୋଧର କାରଣ, କଣ କଲେ ସେ କ୍ରୋଧ ଶାନ୍ତ ହେବ, ତାକୁ କି ବଳି (ପୂଜା) ଖାଇବାକୁ ଦେବାକୁ ହେବ, କେତେ ପରିମାଣରେ ମଦ ଦେଇ ସନ୍ତୁଷ୍ଟ କରିବାକୁ ହେବ, ସବୁକଥା ଉନ୍ମାଦ ଅବସ୍ଥାରେ (as if in trance) ବର୍ଣ୍ଣନାକରେ । ସେତେବେଳେ ଶିରାର ହସ, ଚିତ୍କାର, ଦୋହଲା ଅବସ୍ଥା ମନରେ କିପରି ଏକ ଭୟାଚ୍ଛନ୍ନ ଭାବ ସୃଷ୍ଟି କରିଥାଏ । କାହା ଦେହରେ ଭୂତ, ପ୍ରେତର ଅତୃପ୍ତ ଆତ୍ମା ପ୍ରବେଶ କରି ହଇରାଣ କରୁଥିଲେ, ଉକ୍ତ ବ୍ୟକ୍ତିକୁ ସେହି ଉପଦ୍ରବରୁ ରକ୍ଷା କରିବା ପାଇଁ ମଧ୍ୟ ଶିରା ବସା ଯାଇଥାଏ । ଏବେ ମଧ୍ୟ ଏହି ବିଧି ଓ ବ୍ୟବସ୍ଥା ଭତ୍ରା ସମାଜରେ ପ୍ରଚଳିତ ଅଛି ।

ଏହି ସମ୍ବନ୍ଧରେ ପ୍ରାମାଣିକ ତଥ୍ୟ ପ୍ରଦାନ କରନ୍ତି ଉମରକୋଟ ଅଞ୍ଚଳର ଗାଉଁଣିଆ ଗୁଡ଼ା (ଅନ୍ୟନାମ : ଜୀରାଗୁଡ଼ା)ର ଶିରା ରଇବାରୁ ଭତ୍ରା ପିତା: ସନୁଭତ୍ରା ମାତା: ମଙ୍ଗଲ ଦେଈ, ସେ କହନ୍ତି :

ଶିରା ପାଠବହି ଅଛି । ଏହା ମୁଁ ବାପା ସନୁଭତ୍ରା ଠାରୁ ଶିଖିଛି । ଶିରା ବସିବା

ଆମର ପୁରୁଷାନୁକ୍ରମିକ । ମୋତେ ଏବେ ୫୫ ବର୍ଷ ହେଲାଣି । ୧୦ ବର୍ଷ ହେଲା ମୁଁ ଶିରା ବସୁଛି । ମୋର କାମ ହେଲା ଔଷଧ ଦେବା । ପେଟ୍ ଦୁକା (ବଥା), ପେଟରେ ଗୁଳା, ଜର୍ ମୁଣ୍ଡ, ପିଲା ଜନ୍ମ ପରେ ରକ୍ତସ୍ରାବ ବନ୍ଦ କରିବା ଆଦି ରୋଗ ପାଇଁ ମୁଁ ଔଷଧ ଦେଇଥାଏ । ରବିବାର ଦିନ ମୋ ପାଖକୁ ଆଖ ପାଖ ଗାଁର ବହୁତ ଲୋକ ଆସନ୍ତି ନିଜର ଦୁଃଖ ଜଣାଇବାକୁ । ମୁଁ ଠାକୁରାଣୀ ଭଣ୍ଡାରୁଣୀ ମାତାଙ୍କୁ ପୂଜା ଦେଇ ସେମାନଙ୍କୁ ଔଷଧ ଦିଏ । ଚେରମୂଳି ଔଷଧ । ଏଟା ଏକ ଲୋକଧରମ୍ କାମ ବୋଲି ମୁଁ ଶିରା ବସେ । କାହାଠୁ କିଛି ନିଏ ନାହିଁ । ନଡିଆ, କଦଳୀ ଓ ଫୁଲ ଭୋଗ ହୁଏ ।

ମୁଁ ଡୁମା ଧରିବା, ଦେବତା ଧରିବା କାମ କରେ । ଏବେ ଆଉ କଲ୍ୟାଣକାରୀ ବଡ଼ ବଡ଼ ଦେବତା ଦେହକୁ ଓହ୍ଲାଉ ନାହାନ୍ତି । ବଣ ନଥିବାରୁ କିଏ କୁଆଡ଼େ ଚାଲି ଗଲେଣି । ଡୁମା ଧରିବା ସତ । ଏବେ ବହୁ ଗାଁରେ ଶିରା କାମ କରିବା ପାଇଁ ଲୋକ ବାହାରୁ ନାହାନ୍ତି । ଆଗ କାଳରେ ଲୋକ ବିଶ୍ୱାସଥିଲା । ଶିରାମାନେ ଯାହା କହୁଥିଲେ ସତ ହେଉଥିଲା । ଦେବତା ଧରିଲେ (ଲାଗିଲେ/ଦେହରେ ପ୍ରବେଶ ହେଲେ) ଶିରାର କଥା ଠିକ ହେଉଥିଲା ।

ଔଷଧ ଖୋଜିବା ପାଇଁ ଆମଘରେ ଗୋଟିଏ ମନ୍ତ୍ରସିଦ୍ଧ ଦଣ୍ଡ (ଛୋଟ ବର୍ଚ୍ଛା) କେଉଁ କାଳରୁ ଅଛି । ସେହି ଦଣ୍ଡ ହାତରେ ଧରି ବଣ ଆଡ଼କୁ ଗଲେ ଯେଉଁ ସ୍ଥାନରେ ତାହା ସିଧା ହୋଇଯାଏ । ସେହି ସ୍ଥାନକୁ ଖୋଳି ଯେଉଁ ଚେର ମିଳେ ତାହାକୁ ବାଟି (ଯେଉଁ ଗଛର ଚେର ହେଉନା କାହିଁକି, ଦଣ୍ଡର ମନ୍ତ୍ରସିଦ୍ଧ ଆଲୌକିକ ଶକ୍ତିରେ ଉକ୍ତଚେର ରେ ଔଷଧୀୟ ଗୁଣ ଆସିଯାଏ ବୋଲି ୭୦ ବର୍ଷ ବୟସ୍କ ସନୁଭତ୍ରା, ୬୫ ବର୍ଷ ବୟସ୍କ ସାନସାଇ ଭତ୍ରା, ୫୫ ବର୍ଷ ବୟସ୍କ ମଙ୍ଗଳୁ ମାଲି ସାକ୍ଷ୍ୟଦିଅନ୍ତି ଓ ସେମାନେ ନିଜ ଆଖିରେ ଏହା ଦେଖିଥିବାର କହନ୍ତି- ଜୀରାଗୁଡ଼ା ଅଧିବାସୀ ଗଣ) ରୋଗୀକୁ ଖାଇବାକୁ ଦେଲେ ରୋଗ ଭଲ ହୋଇଯାଏ । ସାଧାରଣତଃ ଔଷଧ ଖୋଜିବା କ୍ରିୟା ରବିବାର ରାତିରେ କରାଯାଇଥାଏ । ଆଗ ଔଷଧ ଦେଲେ ରୋଗ କଟି ଯାଉଥିଲା, ଏବେ ତାହା ହେଉ ନାହିଁ, ଲୋକ ବିଶ୍ୱାସ କମି ଗଲାଣି ବୋଲି ଶିରା ରଇବାରୁ ଭତ୍ରା କହନ୍ତି (ତଥ୍ୟ ସଂଗ୍ରହ: ତା ୦୪-୧୨-୨୦୦୧ : ସହାୟତା ଡାକ୍ତର ସୁରେନ୍ଦ୍ର ନାଥ ଦାସ, ଉମର କୋଟ)

**ଗୁରୁମାଈ :** ଶିରାମାନେ ଯେଉଁ କାମ କରିଥାନ୍ତି, ଗୁରୁମାଈମାନେ ସେହି କାମ କରିଥାନ୍ତି । ଗୁରୁମାଈ ପରମ୍ପରା ଭତ୍ରା ସମାଜରେ ଚଳିଆସିଛି । ଗୁରୁମାଈମାନେ ନାରୀ ପୂଜକ । ଭତ୍ରା ସମାଜରେ ଗୁରୁମାଈକୁ ବହୁ ସମ୍ମାନ ଦିଆଯାଇଥାଏ । ଯେତେବେଳେ ଆର୍ଯ୍ୟସମାଜରେ ପୁରୁଷ ପୂଜକଙ୍କ ସ୍ଥାନ ନିର୍ଦ୍ଦିଷ୍ଟ ଓ ନାରୀ ପୂଜକ (Female Priestess) ନଗଣ୍ୟ କହିଲେ ଚଳେ, ସେଠି ଆଦିବାସୀ ସମାଜ (କନ୍ଧ, ପରଜା,

ଭୂମିଆ, ଗାଦବା, ଭତ୍ରା ଆଦି)ରେ ଗୁରୁମାଈଙ୍କୁ ଦେବତା ପୂଜା କରିବାର ଅଧିକାର ପ୍ରଦାନ, ସେମାନଙ୍କ ସମାଜରେ ନାରୀ ପ୍ରଧାନ ସମାଜ ବ୍ୟବସ୍ଥାକୁ ପ୍ରତୀକୀତ କରିଥାଏ । ଗୁରୁମାଈମାନଙ୍କର ସ୍ୱତନ୍ତ୍ର ସାମାଜିକ ଓ ଧାର୍ମିକ ଭୂମିକା ରହିଛି । ବାଲିଯାତ୍ରା ସମୟରେ ଗୁରୁମାଈ ବାଲିକୁଡିଆରେ ବସି ପୁରାଣ ଗାନ କରି ଭଲ ଫସଲ ପାଇଁ ଦେବତାଙ୍କୁ ଆବାହନ କରିବା, ଧରଣୀ (ଦାର୍ଣ୍ଣି ଦେବତା) କୁ ପୂଜା କରିବା, ବାଲିଯାତ୍ରା ସହିବା ପରେ ଚାରା ବିତରଣ କରିବା ଭୂମିକା ନିର୍ବାହ କରିଥାନ୍ତି । ଗୁରୁମାଈ ମଧ ଶିରା ପରି ଡୁମା ଧରିବା, ଦେବତା ଧରିବା କାର୍ଯ୍ୟ କରିଥାନ୍ତି । ପ୍ରେତବାଧା ଦୂର କରିବାରେ ସେ ଉପାୟ ନିର୍ଦ୍ଧାରଣ କରିବା ପାଇଁ ନିଜ ଦେହକୁ ଅନ୍ୟ ଏକ ମଙ୍ଗଳକାରୀ ଶକ୍ତିକୁ ଡାକିବା କାର୍ଯ୍ୟ ମଧ ଗୁରୁମାଈ କରିଥାନ୍ତି ।

**ଗୁଣିଆ :** ଅନ୍ୟ ସମାଜ ପରି ଭତ୍ରା ସମାଜରେ ମଧ ଗୁଣି, ଗାରେଡ଼ି ଦେଖିବାକୁ ମିଳେ । କେତେକ ଲୋକ ଅମଙ୍ଗଳକାରୀ ଶକ୍ତିର ସାଧନା କରି ପାଙ୍ଗଣ, ପେଷଣ, ନାଶନ, ଆଦି କଳା ବିଦ୍ୟାର ପ୍ରୟୋଗ କରି ମାରକ କ୍ରିୟାମାନ ସାଧିଥାନ୍ତି । ଏହି କ୍ରିୟାର ସଫଳ ପ୍ରୟୋଗ ପାଇଁ ଯେଉଁ ବ୍ୟକ୍ତିର କ୍ଷତି କରିବା ପାଇଁ ସ୍ଥିର କରାଯାଇଥାଏ ତାହାର ବ୍ୟବହୃତ ଲୁଗାପଟା ଓ ଶରୀରର ନଖ, ବାଳ, ସେ ଖାଇବା ପଦାର୍ଥର କିଛି ଅଂଶକୁ ତା ଅଜାଣତରେ ସଂଗ୍ରହ କରି, କଳା ବିଦ୍ୟା (witch craft) ରେ ଅଭିମନ୍ତ୍ରିତ କରି ଉକ୍ତ ବ୍ୟକ୍ତି ବିରୋଧରେ କ୍ଷତି କରିବା ପାଇଁ ପେଷଣ କରାଯିବାର ବିଧିମାନ କରାଯାଇଥାଏ । ଗୁଣିଆମାନେ କ୍ଷତିସାଧନ କରିବା ଓ କ୍ଷୟ କ୍ଷତିରୁ ତାରଣ କରିବା ବିଦ୍ୟାମାନ ଆୟତ୍ତ କରିଥାନ୍ତି । ପୂର୍ବ ଶତ୍ରୁତାର ପ୍ରତିଶୋଧ, ଅର୍ଥଲାଳସା, ଅନ୍ୟକୁ ଅସୁବିଧାରେ ପକାଇବା, ଆତଙ୍କିତ କରାଇବା, ଧୀର ମୃତ୍ୟୁ ପାଇଁ ବ୍ୟବସ୍ଥା କରିବା ଆଦି ଗୁଣି ମାଧ୍ୟମରେ କରାଯାଇଥିବାର ବହୁ ଉଦାହରଣ ଶୁଣିବାକୁ ଓ ଦେଖିବାକୁ ମିଳେ । ଭତ୍ରା ସମାଜରେ ମଧ ଗୁଣିଆ ଦେଖାଯାନ୍ତି ।

ଏହିପରି ଭତ୍ରା ସମାଜରେ ଯେଉଁ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ବ୍ୟକ୍ତି ନିର୍ଦ୍ଦିଷ୍ଟ ଭୂମିକାମାନ ଗ୍ରହଣ କରିଥାନ୍ତି, ସାମ୍ପ୍ରତିକ ଯୁଗଧର୍ମରେ ସେଥିରେ କେତେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଥିଲେ ମଧ ମୂଳଢ଼ାଞ୍ଚାଟି ଏବେ ମଧ ବଳବତ୍ତର ରହିଛି ।

[ ଅବଶ୍ୟ ଏବେ ଜନ ସଚେତନତା କାର୍ଯ୍ୟ ଓ ପ୍ରଚାର ମାଧ୍ୟମରେ ଭତ୍ରା ସମାଜରେ ପ୍ରଚଳିତ କେତେ ଅନ୍ଧବିଶ୍ୱାସ ଓ କୁସଂସ୍କାର କୁ ଦୂର କରିବାର ପ୍ରକ୍ରିୟା କିଛି ପରିମାଣରେ ଆରମ୍ଭ ହୋଇଛି । ]

❋❋❋

# ଭତରା ସମାଜର ସଂସ୍କାର ବିଧି

**ଜାତ ସଂସ୍କାର :**

ଭତରା ମାନେ ତିନି ପ୍ରକାର (୧) ଅମନାତ୍ୟ ବା ବଡ଼ ଭତରା (୨) ସାନ ଭତରା (ମୁରିଆ ଭତୁରା) (୩) ପିତା ଭତରା - ଜାତି ଓ ମୃତ୍ୟୁ ସଂସ୍କାରରେ ପିତା ଖାଇବା କର୍ମ ପରିଚାଳନା କରୁଥିବାରୁ ଏମାନଙ୍କୁ ପିତା ଭତରା କୁହାଯାଏ । ବଡ ଭତରା ମାନେ ଗୁଲି (ଗ୍ୟେଣ୍ଡା), ସାପ ଇତ୍ୟାଦି ଖାଆନ୍ତି ପିତା ଭତରା ମାନେ ଏସବୁ ଖାଆନ୍ତି ନାହିଁ ।

କୁହାଯାଏ :

ପିତା ଭତରା ପେଙ୍ଗୁ ପରଜା
ଚାଲିଶିଆ ରଜା ଟୁଡୁବୁଡି ବାଲ୍ଲା
ଆକ୍ଷୋଲ ଖଣ୍ଡିଆ ଗୌଡ଼ ।

ସନ୍ତାନ ସନ୍ତତି ଜନ୍ମ ସମୟରେ ପ୍ରସୂତି ନିକଟରେ (ନଙ୍ଗନି) ଉପସ୍ଥିତି ଥିବ । ଛୁଆ ଜନ୍ମପରେ ବୁଢ଼ୀମାନେ ଘର ବାହାରେ ଗାତଟିଏ ଖୋଳି, ଗାତ ଉପରେ ତିନି କିମ୍ବା ପାଞ୍ଚ ଗୋଟି କାଠ ରଖି ତା ଉପରେ ହାଣ୍ଡିଟିଏ ରଖିବେ ପିଲାର ଲାହି (ବଲ/ବମଲି: ଭତ୍ରା ଭାଷାରେ) ଖପରା କିମ୍ବା ଧାରୁଆ ଛୁରୀରେ (ଆଜିକାଲି ବ୍ଲେଡ୍) କାଟି ହାଣ୍ଡିରେ ପକାଇବେ । ସେହି ଗାତ ନିକଟରେ ସଜ ହଣା ହୋଇଥିବା ସର୍ଗି (ଶାଳ) ଗଛର ଦୁଇଗୋଟି ଡାଳ ପୋତିବେ । ଫଳରେ ଗାଁର ଲୋକେ ସେହି ଡାଳକୁ ଦେଖି ନୂଆ ଛୁଆ ଜନ୍ମ ହୋଇଛି ବୋଲି ଜାଣିପାରିବେ । ନୂଆ ସଜଡାଳ ନବ ସନ୍ତାନର ପ୍ରତୀକ ଭାବେ ପୋତାଯାଇଥାଏ ।

କଷା କରିବା ବିଧି : (ପ୍ରସୂତିର ଗର୍ଭବାଧା ଓ ବେଦନାର ଉପଶମ ପାଇଁ ଯେଉଁ ଚେର ମୂଳ ଔଷଧର ବ୍ୟବସ୍ଥା କରାଯାଏ ତାହାକୁ କଷା କରିବା କୁହାଯାଏ ।)

ପ୍ରସବର ତୃତୀୟ ଦିନରେ କଷା କରାଯାଏ । କଷା କରିବା ପାଇଁ ସରଗି (ଶାଳ), ରସନା (ଏକ ପ୍ରକାର ସୁଗନ୍ଧି ଗଛ), ଜର ଓଷ (ଏକ ପ୍ରକାର ପିତା ଚେର), ସିନ୍ଦି (ଭୂଇଁ ଖଜୁରୀ) ଚେର, ବେଲଡାଳ, କୋଳଥ ଆଦି ମିଶାଇ ତାକୁ ପାଣିରେ ଫୁଟାଇ (ପାଚନ) ପ୍ରସ୍ତୁତ କରାଯାଏ । ସେହି ଫୁଟା ପାଣିକୁ ପ୍ରସୂତୀକୁ ପିଇବାକୁ ଦିଆଯାଏ,

ପ୍ରସବ ବାଧା ଦୂର କରିବା ପାଇଁ । ପୁନଶ୍ଚ ଚାଉଳ ଚୂନା, ସରୁଡିଲା ଗୁଣ୍ଡ, ଗୁଡ଼ାକୁ ମିଶାଇ ଚକଟି ଲଡୁ ବନାଇ ଖାଇବାକୁ ଦିଆଯାଏ । କଷା ପାଣିକୁ ତେଲ ଫୁଟଣ ଦିଆଯାଇ ପରେ ମାଆକୁ ପିଇବାକୁ ଦିଅନ୍ତି ଓ ଲଡୁ ଖାଇବାକୁ ଦିଅନ୍ତି । ଏହା ଫଳରେ ଗର୍ଭ ପ୍ରସବ ବାଧିକ କମିଯାଏ ।

**ନାମ୍ ଧରାନି :** ଛୁଆ ଜନ୍ମ ହେବାର ଷଷ୍ଠ ଦିନରେ ଛୁଆର ନାମ ଦିଆଯିବା ବିଧି ପାଳିତ ହୁଏ । ଏହି ବିଧିକୁ ନାମ୍ ଧରାନି କୁହାଯାଏ । ଏହି ଦିନ ଗାଁର ଦିସାରି ଯୋଗ ପାଗ ଦେଖିବା ଲୋକ/ପାଞ୍ଜି କାରିଆ (ପଞ୍ଜିଆ)କୁ ଡାକି ନାମ କରଣ କରାଯାଏ । ଦିସାରି, ପାଞ୍ଜିଆର ପରାମର୍ଶରେ ଚାଉଳ ଗଣି କିମ୍ବା ପାଞ୍ଜି ଦେଖିବ ପିତୃ ପୁରୁଷମାନଙ୍କ ନାମ ଉଚ୍ଚାରଣ କରେ, ଗୋଟିଏ ନାମ ବାଛିଥାଏ । ନାମ ତିଥି, ବାର, ମାସ ଆଦିକୁ ନେଇ ଚୟନ କରାଯାଏ ।

ତାପରେ ପାଞ୍ଜିଆର ପରାମର୍ଶ ଅନୁସାରେ ବାର ବାଆନି (ବାରପ୍ରକାର) କାଠ, ସାତ/ପାଞ୍ଚ ବାଆନି (ବର୍ଣ୍ଣ)ର ଫୁଲ, ଚାଉଳ ଚୂନା, ହଳଦୀ ଗୁଣ୍ଡ, ପୋଡ଼ା ରଙ୍ଗମାଟି, ଆଙ୍ଗରା (କାଠ କୋଇଲା/ଅଙ୍ଗାର) ଗୁଣ୍ଡ, ଘିଅ, ଧୂପ, ଦୀପ, ଗୁଡ ଆଦି ନେଇ ପ୍ରଥମେ ଖୋଳା ହୋଇଥିବା ଗାତକୁ ପୋତି ଦେଇ ତା'ର ଉପରେ ହୋମ କରାଯାଏ । ଛାତକ ଦେଖା ସମୟରେ ଚାଉଳ ଚୂନା ବା ପିଠଉରେ ଯେଉଁ ଚିତ୍ର କରାଯାଇଥାଏ ସେହି ଚିତ୍ରରେ ସିନ୍ଦୂର ଫୁଲ ଦେଇ ସଜାଇ ଦିଆଯାଏ । ହୋମ ସରିବା ପରେ ଜନ୍ମମାଟିର ନାମ ନେଇ ନଡିଆ ଭାଙ୍ଗି ହୋମ କାର୍ଯ୍ୟ ଶେଷ କରାଯାଏ । ହୋମପରେ ହୋମଭସ୍ମକୁ ନେଇ ଗାଁ ବାହାରେ କୌଣସି ସ୍ଥାନରେ ପକାଇ ଦେଇ ତା ଉପରେ ପାଣି ଢ଼ାଳି ଦିଆଯାଏ ।

ଆଗକାଳରେ ନାଆଁ ଧାରାନି ସମୟରେ କୁକୁଡ଼ା ବଳି ଦେଇ (ମାରି) ନାଆଁ ଦେଉଥିଲେ, ଏବେ ଯାହାର ଯେମିତି ଶକ୍ତି ସେମିତି ବ୍ୟବସ୍ଥା କରୁଛନ୍ତି । ଝିଅମାନଙ୍କୁ ସାଧାରଣତଃ ବାର ଅନୁସାରେ ରଇବାରି, ସୋମବାରି, ମଙ୍ଗଲି, ବୁଦେଇ, ଗୁରୁବାରି, ଶୁକ୍ରି ଆଦିନାମ ତଥା ପୁଅମାନଙ୍କୁ ରଇବାରୁ, ସୋମବାରୁ, ଗୁରୁବାରୁ, ଶୁକ୍ରୁ, ସନିଆ, ମାସ ଅନୁସାରେ (ପୁଅମାନଙ୍କୁ) ବଇଶାଖୁ, ଲାଣ୍ଡୁ ; ଆଷାଢୁ ଆଦି ନାମ ଦିଆଯାଏ । ଝିଅମାନଙ୍କୁ ଦାସାଏ, ଆସମତି, ସନମତି, କୁସ୍‌ମା, କାନ୍ଦରି ପାଣ୍ଡରି, ଦୁଲ୍‌ମା, ଖଇରି ଆଦି ତଥା ପୁଅମାନଙ୍କୁ କେବଡୁ, ଝଲ୍ ମଲିଆ, ମଇନୁ, ରଇନୁ, ନାଡୁ, ଝିଟକୁ, ମଙ୍ଗଡୁ, ଆଇତୁ, ଚଇତୁ ଆଦି ଡାକନାମ ମଧ୍ୟ ଦିଆଯାଏ ।

ଗାଁର ପୂଜାରିଣୀ ବୁଢ଼ୀ ନବଜାତ ଛୁଆକୁ ହାତରେ ଆମ୍ବଡାଳଟିଏ ଧରାଇ ଦେଇ ନାମ ଦିଏ ଓ ବୁଢ଼ୀ ସହ ଗାଁର ଅନ୍ୟ ବୟସ୍କା ସ୍ତ୍ରୀ ମାନେ ମିଶି ତାଳ ଦେଇ ନିମ୍ନ ପ୍ରକାର ନାଆଁ ଧରାନି ଗୀତ ଗାଆନ୍ତି :-

''ବୁଦବାରି ବୁଦବାରି
ବାଟେ ଆଟେ ମକାଡାଲ
ମତସରି ଭାଙ୍ଗ
ତର ଜାବା ଆୟାକେ ଆନିଦେସ ଟେଣ୍ଡକା ଭେଣ୍ଡକା
ଆମକେ ଆନିଦେସ ଡାଲ ଭାଜି
ବୁଦ୍‌ବାରି ବୁଦ୍‌ବାରି ....... ''

ଏମିତି ବିଭିନ୍ନ ନାମ ଧରି ଗୀତ ଗାଆନ୍ତି ।

ଗୀତ ଗାଇ ସାରିବା ପରେ ନିମନ୍ତ୍ରିତ ବନ୍ଧୁ କୁଟୁମ୍ବ, ଗାଁ ବାସୀ ନିଜ ନିଜ ଶକ୍ତି ମତେ ମା, ଛୁଆର ଶୁଭମନାସି ନାନା ପ୍ରକାର ଉପହାର ଦିଅନ୍ତି ଓ ମା ଛୁଆର କପାଳରେ ଓଦା ଚାଉଳର ଟୀକା ଦେଇ ନାଆଁ ଧରାନି ଶେଷ କରନ୍ତି ଏବଂ ଭୋଜି ଖାଇ ଘରକୁ ଫେରନ୍ତି ।

ଏକୋଇଶ ଦିନ ଯାଏ ପ୍ରସୂତି ମୂଳଘର ବାହାରେ ସନ୍ତାନ ସହ ରହେ ଏବଂ ଶେଷଦିନ ଗାଧୋଇ ପାଧୋଇ ଶୁଚି ହୋଇ ନିଜର ଛୁଆ ସହ ଘରେ ପ୍ରବେଶ କରେ, ତା ପରଠୁ ଘରର ଯାବତୀୟ କର୍ମକରେ ।

*[ତଥ୍ୟ ସଂଗ୍ରହ : ଶ୍ରୀ ସନସାଏ ଭତରା ବୟସ ୬୨ ବର୍ଷ ଓ ଶ୍ରୀ ବଳି ଭତରା ବୟସ ୫୩ ବର୍ଷ/ପିତା: ସୋମନାଥ ଭତରା ମାତା : କୋଶଲା ଭତରା/ମଲକ ଗୁଡା ଗ୍ରାମ/ପୋ- କାରାଗାଁ ଭା : ଡାବୁଗାଁ ଜିଲ୍ଲା : ନବରଙ୍ଗପୁର*

*ସହଯୋଗ : ଶ୍ରୀ ସାଇମନ ବିଡିକା/ଧଡ୍ରା/ତା ୧୩.୫.୦୧]*

## ବିବାହ ସଂସ୍କାର

ମନୁଷ୍ୟ ଜୀବନରେ ବିବାହ ସଂସ୍କାର ଏକ ମୁଖ୍ୟ ସ୍ଥାନ ଅଧିକାର କରିଥାଏ । ବଡ ଭତରା, ସାନ ଭତରା, ପିତା ଭତରାଙ୍କ ବଂଶ ଗୋତ୍ରଭାବେ ବହୁ ପଶୁ ପକ୍ଷୀ ଗୃହୀତ ହୋଇଥାନ୍ତି । ଏମାନେ ଏହି ଗୋତ୍ର ସନ୍ତକ ରୂପ (totem) ପଶୁ ପକ୍ଷୀଙ୍କୁ ବଧ କରନ୍ତି

ନାହିଁ କିମ୍ବା ଏ ଗୁଡିକର ମାଂସ ଖାଆନ୍ତି ନାହିଁ । ଏମାନଙ୍କ ମଧ୍ୟରେ ସଗୋତ୍ର ବିବାହ ନିଷିଦ୍ଧ ହୋଇଥାଏ । ସାଧାରଣତଃ ମାମୁଝିଅକୁ ବିବାହ କରିବା ପ୍ରଥା ସିଦ୍ଧ । [ବିଶେଷତଃ ଏହା ଦ୍ରାବିଡ଼ ପ୍ରଭାବ ଏବଂ ଭତରାମାନେ ଦାକ୍ଷିଣାତ୍ୟରୁ ଓଡିଶାକୁ ଆସିଥିବାରୁ ଏହି ପ୍ରଥା ସେମାନଙ୍କ ମଧ୍ୟରେ ରହିଥିବାର ଅନୁମାନ କରାଯାଏ ।] କୋରାପୁଟ ଜିଲ୍ଲାର ଭତରା ଲୋକଗୀତରେ ମାମୁ ଝିଅ ସହ ପ୍ରେମ ସଂପର୍କର କଥା ଶୁଣିବାକୁ ମିଳେ ଯଥା :

ଉଦିଲାବେ ନନି କଅଁଲି ଜନ
ଯୁବା ଧାଙ୍ଗଡାର ଫୁଟେ କୁସୁମ କାଏ
ଘରେ ଖାଇ ପରେ ମନ
ଆଖିରେ ଦେଖିଲି ହାତେନ ଛୁଇଁଲି
ବିକଲ ମନ ପରାନ
ଲାଗିଗଲା ମକେ ପେରେମର ଜାଟି
ତୁଇ ମର ମାମର ବେଟି, ବାଲିଫୁଲ ।।

ବଡ ଭତରା ଯେଉଁମାନଙ୍କୁ ଅମନାତ୍ୟ ଭତରା ବୋଲି ମଧ୍ୟ କୁହାଯାଏ । ପିତା ଭତରାଙ୍କ ସହ ବୈବାହିକ ସମ୍ବନ୍ଧ କରନ୍ତି ନାହିଁ । ଏମାନେ ନିଜକୁ ପୟାମ୍ (କଇଁଛ), ନେୟାମ୍ (କୁକୁର), ପୟାକ (ବାଘ), ଗଇ (ଗୋଧି), ବେନ୍ଦରି (ମାଙ୍କଡ଼), ନାଗ, ବକଡି (ଛେଳି), କୁକୁଡି (ସୀମାକୁକୁଡ଼ା) ଓ ଘୁଷୁରି ବଂଶର ବୋଲି ଚିହ୍ନେଇ ହୋଇଥାନ୍ତି । ଏମାନେ ନିର୍ଦ୍ଦିଷ୍ଟ ସାମାଜିକ ନିୟମ ମାନି ବିବାହ ସଂସ୍କାର କରିଥାନ୍ତି । ଏମାନଙ୍କ ମଧ୍ୟରେ ସାଧାରଣତଃ ଚାରି ପ୍ରକାର ବିବାହ ଦେଖାଯାଏ ଯଥା (୧) ବଡ ବିଭା (ବଡ ମାହଲା) (୨) ଉଦ୍‌ଲିଆ ବା ପାନିବସାନି (୩) ପଇସାମୁଣ୍ଡି ବା ଠେଙ୍ଗା ଉଦ୍‌ରାନି (୪) ଘର ଜୋଇଁଆ ବିଭା ।

ନିମ୍ନରେ ଉପର୍ଯ୍ୟୁକ୍ତ ବିବାହଗୁଡିକର ବର୍ଣ୍ଣନା କରାଯାଇଛି :

**(୧) ବଡ ବିଭା (ବଡ ମାହାଲା -arranged/fixed marriage) -**

ଏହା ପରଂପରା ଅନୁମୋଦିତ ସ୍ଥିରୀକୃତ ବିବାହ । ଏହି ବିବାହରେ ପୁଅର ପିତା ଓ ବୟସ୍କ ଜ୍ଞାତ କୁଟୁମ୍ବ ଝିଅ ଘରକୁ ଯାଇ ଝିଅର ପିତା ମାତାକୁ ବୋହୂ କରିବା ପାଇଁ ପ୍ରସ୍ତାବ ଦେଇଥାନ୍ତି । ଏହାକୁ ମଧ୍ୟ ମାହାଲା ବିଭା କୁହାଯାଏ । ପୂର୍ବର ରୀତି ଅନୁସାରେ ପୁଅ ଘର, ଝିଅ ଘରକୁ ବିବାହ ପ୍ରସ୍ତାବ ନେଇ ୧୨ ଥର ମାହାଲା ଯାଉଥିଲେ । ବର୍ତ୍ତମାନ (ଭତରା ସମାଜ) ଏହି ରୀତିକୁ ବଦଳାଇ ଥରକରେ ସୀମିତ କରିଦେଇଛନ୍ତି ।

ପୁଅଘର ଏକ ପୁଟି ଚାଉଳ, କିଛି ମଦ, ନଡିଆ, କଦଳୀ ଆଦି ନେଇ ପ୍ରସ୍ତାବ ଧରି ଯାଆନ୍ତି । ଯଦି ପ୍ରସ୍ତାବ ଗୃହୀତ ହୁଏ ପୂଜାରୀ ବିବାହ ଲଗ୍ନ ସ୍ଥିର କରେ । ଦୁଇଗାଁର ବଡୁବୁଢ଼ା (ସିଆନ୍) ମାନଙ୍କ ଉପସ୍ଥିତିରେ ପୁଅ ଘର କନ୍ୟାଖୋଲା କେତେବେଳେ ସ୍ଥିର କରାଯାଏ । ମାହାଲା କାରିଆ, ଦିନ୍‌କାରିଆ ଓ ଲଗନକାରିଆ ବିବାହ କାର୍ଯ୍ୟ କରନ୍ତି ।

**ଉଦ୍‌ଲିଆ ବା ପାନିବସାନି ବିଭା :**

ଏହା ପ୍ରେମଜନିତ ବିବାହ । ପ୍ରଥମେ ପୁଅ ଝିଅ ପରସ୍ପରକୁ ପାଣିଘାଟ, ନଈତୁଠ, ବଣରେ, ପାହାଡ଼ରେ, ମେଳା ଯାତ୍ରା ମଣ୍ଡେଇରେ, ରଥଯାତ୍ରା କି ଦଶହରା ଯାତ୍ରାରେ, ଗାଁ କି ଅନ୍ୟ ଗାଁର ନାଟରେ କି ହାଟରେ ଦେଖି ପରସ୍ପର ପ୍ରତି ଆକର୍ଷିତ ହୁଅନ୍ତି । ବନ୍ଧୁ ଓ ବାନ୍ଧବୀଙ୍କ ସାହଚର୍ଯ୍ୟରେ ସେମାନଙ୍କ ମିଳନ ହୁଏ ଓ ପ୍ରତି ପ୍ରଗାସ ହୁଏ । ଗୀତ ଓ ନାଚରେ ସେମାନେ ପରସ୍ପରର ନିକଟବର୍ତ୍ତୀ ହୁଅନ୍ତି । କେତେଦିନ ପରେ ପୁଅ ଝିଅକୁ ପ୍ରସ୍ତାବ ଦିଏ ତା ସହିତ ଅନ୍ୟତ୍ର ଚାଲିଯିବାକୁ । ଏଠାରେ ବାପା ମାଙ୍କ ଅନୁମତି ଲୋଡ଼ା ଯାଇନଥାଏ । ପୁଅ ଓ ଝିଅ ଦୁହେଁ ନିଜଘର ଛାଡ଼ି ନିଜର କୌଣସି ନିକଟ ସମ୍ପର୍କୀୟ ଘରେ ଯାଇ ରହନ୍ତି । ଏହାକୁ ଉଦ୍‌ଲିଆ କୁହାଯାଏ । ପରେ ଉଭୟ ପକ୍ଷ (ପୁଅ, ଝିଅ)ର ବାପା ମା ଓ ମାହାଲା କାରିଆ ଯାଇ (ପ୍ରସ୍ତାବ ନେଇ) ବିବାହର ଆୟୋଜନ କରନ୍ତି ଏବଂ ସେମାନଙ୍କ ବିବାହ ପୂର୍ବ ମିଳନକୁ ସ୍ୱୀକୃତି ଦିଆଯାଏ ।

**ପଇସାମୁଣ୍ଡି ବା ଠେଙ୍ଗା ଉଦ୍‌ରାନି ବିଭା :**

ଏହି କ୍ରିୟାରେ ପ୍ରେମ ଏକ ତରଫା । ଝିଅଟିଏ ଯଦି କୌଣସି ପୁଅ ସହିତ ବିବାହ କରିବାକୁ ମନକରେ ସେ ନାନା ଇଙ୍ଗିତରେ କହିଦେବ ସେ କଥା । ପୁଅ ଯଦି ରାଜି ହେବ, ହଁ ବୋଲି କହିବ, ଝିଅ ନିଜ ଇଚ୍ଛାରେ ପୁଅ ଘରକୁ ଚାଲିଯିବ ଏବଂ ସେହି ପୁଅ ଓ ତାର ପରିବାରର ସ୍ୱୀକୃତି ମିଳିବା ଯାଏ ସେଠି ରହିବ । ସେ ସମୟ ମଧ୍ୟରେ ଶାଶୁ ନଣନ୍ଦର ଗାଳି, ଝିଙ୍ଗାସ ସହି ଧୈର୍ଯ୍ୟ ଧରି ରହିବ । ତାପରେ ପୂର୍ବମତେ ଦୁଇକୁଳର ପିତାମାତା କଥାବାର୍ତ୍ତା ହୋଇ ବିବାହକାର୍ଯ୍ୟ ସମ୍ପନ୍ନ କରାଇବେ । ଏହି ପ୍ରକାର ବିବାହକୁ ପଇସାମୁଣ୍ଡି ବା ଠେଙ୍ଗା ଉଦ୍‌ରାନି ବିଭା ବୋଲି କୁହାଯାଏ ।

**ଘର ଜୋଇଁଆ ବିଭା :**

ଏକ ସମ୍ପନ୍ନ ପରିବାରର ଝିଅ କୌଣସି ଗରିବ, ଆର୍ଥିକ ସମ୍ବଳ ନଥିବା ପୁଅକୁ ବିବାହ କରିବାକୁ ଯଦି ଚାହେଁ ତା ହେଲେ ସେ ପୁଅକୁ ପୁଅର ରାଜିରେ, ବାପର ଅନୁମତି

ନେଇ ନିଜ ଘରେ ରଖିବ । ଧଙ୍ଗ ପୁଅ ଘର କାମ, ବିଲବାଡି କାମ, ହଳବଳଦ କାମରେ ସାହାଯ୍ୟ କରି ନିଜର ବୁଦ୍ଧି, ବୃତ୍ତି ଓ ନିଷ୍ଠାରେ ଝିଅର ବାପ ମା ମନ ଜିଣିବ । ଏହି ପରି ବର୍ଷେ ଦୁଇବର୍ଷ ଦେଖିଲା ପରେ ଝିଅର ବାପ ପାରଂପରିକ ରୀତିରେ ଝିଅ ସହିତ ପୁଅକୁ ବିବାହ କରାଇବ । ଏହାକୁ ଘର ଜୋଇଁଆ ବିଭା କୁହାଯାଏ ।

**ବିବାହ କାର୍ଯ୍ୟରେ ତିନିଜଣ ମୁଖ୍ୟଘଟକ :**

ଭତରାମାନଙ୍କ ବିବାହ କାର୍ଯ୍ୟରେ ତିନିଜଣ ମୁଖ୍ୟ ଘଟକ ହେଉଛନ୍ତି (୧) ମାହାଲା କାରିଆ (୨) ଦିନ କାରିଆ (୩) ଲଗନ କାରିଆ ।

ମାହାଲାକାରିଆର ମୁଖ୍ୟ ଭୂମିକା ହେଉଛି ସେ ବରଘର ତରଫରୁ କନ୍ୟା ଘରକୁ ପ୍ରସ୍ତାବ ନେଇଯିବ । ବରଘରର ସାମାଜିକ ପ୍ରତିଷ୍ଠା, ଆର୍ଥିକ ସ୍ୱଚ୍ଛଳତା, ବରର ରୂପ, ଗୁଣ, ବୁଦ୍ଧି ଆଦି ସମ୍ବନ୍ଧରେ ବର୍ଣ୍ଣନାକରି ପ୍ରଜାପତି ଘଟସୂତ୍ର ଘଟାଇବ । ଏଥିପାଇଁ ସେ ବରଘରୁ କିଛି ଚାଉଳ, ପଇସା, ମଦ, କୁକୁଡ଼ା ଆଦି ପାଇବ । ବରଘର ଗାଁର ଲୋକେ, କନ୍ୟାପିତାର ଘରକୁ ଆସିବେ । ସାଥୀରେ ଲିଆ, ନୂଆଗୁଡ଼ ଭେଲି, ନଡିଆ, ମଦ ଆଦି ନେଇ ଆସିବେ । ବିଧି ଅନୁସାରେ କନ୍ୟା ମାଗିବେ । କନ୍ୟାଘର ଯଦି ବରଘର ଆଣିଥିବା ପଦାର୍ଥ ସବୁ ସ୍ୱୀକାର କରିବେ ତାହାହେଲେ ପ୍ରସ୍ତାବ ପକ୍କା ବୋଲି ଧରାଯିବ ।

ପ୍ରସ୍ତାବ ସ୍ଥିର ହେଲାପରେ ଆରମ୍ଭ ହୁଏ ଦିନ୍ କାରିଆର କାମ । ଦିନ୍‌କାରିଆ ହେଉଛି ଜ୍ୟୋତିଷ । ସେ ପାଞ୍ଜି ଦେଖି, ତାରାଗଣି, ଯୋଗ ପାଗ ବାହାର କରି ବିବାହର ଦିନ ସ୍ଥିର କରିବ ।

ଲଗନ କାରିଆ, ଯିଏ ସମସ୍ତ ବିବାହ କାର୍ଯ୍ୟ ସମ୍ପନ୍ନ କରାଇଥାଏ ଝିଅକୁ ପ୍ରସ୍ତୁତ କରାଇବା, ବେଦୀ/ମଣ୍ଡପ ନିର୍ମାଣ କରାଇବା, ଛାମୁଣ୍ଡିଆ ତିଆରି କରାଇବା, ବେଦୀ ସାମାନ ସଜାଡିବା, ବରକନ୍ୟା ପାଇଁ ମୁକୁଟ ତିଆରି କରାଇବା, ବରକନ୍ୟାର ହାତ ଧରାଇ ବିବାହ କାର୍ଯ୍ୟ ସମ୍ପନ୍ନ କରାଇବା, ଝିଅ ବିଦାୟ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ଲଗନ କାରିଆ କରିଥାଏ । ସମସ୍ତ କାର୍ଯ୍ୟ କିପରି ସୁରୁଖୁରୁ ଓ ସୁବିଧାରେ ହୋଇପାରିବ ଏହା ସେ ଦେଖିଥାଏ ।

**ବିବାହ କର୍ମ ପାଇଁ ବରଘର ପ୍ରସ୍ତୁତି :**

ବିବାହ ପୂର୍ବରୁ ବରଘର ତରଫରୁ ନିକଟବର୍ତ୍ତୀ ଗାଁମାନଙ୍କରେ ଥିବା ବରଘର ବନ୍ଧୁ ବାନ୍ଧବ କୁଟୁମ୍ବଙ୍କୁ ବାରିକ ଯାଇ ନିମନ୍ତ୍ରଣ କରିବ । ସ୍ତ୍ରୀ ପୁରୁଷ ନିର୍ବିଶେଷରେ ବନ୍ଧୁ କୁଟୁମ୍ବ ନିଜ ନିଜ ସାଧ୍ୟ ମତେ ଡାଲି, ଚାଉଳ, ଖଲି, ଡୋବଲା, ଦନା, କୁକୁଡ଼ା, ମେଣ୍ଢା,

ଛେଲି, ଲିଆ, ମୁଢ଼ି, ଗୁଡ, ଖଜା ପିଠା ଆଦି ଧରି ବରଘରକୁ ଆସିବେ । ଗାଁର ଝିଅ ବୋହୂ ଏମାନଙ୍କୁ ସଙ୍ଖୋଳି ଘରକୁ ନେବେ । ଗାଁର ସମସ୍ତେ ମିଶି ଆନନ୍ଦ ଉତ୍ସବ କରିବେ । ସଞ୍ଜହେଲେ ଗାଁରେ ମହୁରୀ ବାଜିବ । ଡମ ବାଇଦର ତାଳେ ତାଳେ ଗାଁର ଧାଙ୍ଗଡ଼ା, ଧାଙ୍ଗଡ଼ି ଗୀତ ଗାଇ ନାଟ କରିବେ । ଗୀତରେ କିଏ ମାଗିବ ମୁଦି, କିଏ ଧୂଆଁପତ୍ର । କିଏ ମାଗିବ ଦେହର ସ୍ପର୍ଶ, କିଏ ମାଗିବ ମନର ପ୍ରେମ । ଗୀତରେ ଜହ୍ନ ଆସିବ, ଆସିବେ ତରା । ଦେହକୁ ନେଇ ଲୋକକବି (ଗୀତକୁଡିଆ/ଗୀତ୍ କୁଡିଆଣି) ଗାଇଯିବେ ଶୃଙ୍ଗାର ଗୀତ । ଗୀତ କୁଡିଆ ଗାଁର ଝିଅ ମାନଙ୍କ ଉପଲକ୍ଷ ଦେଇ ଗାଇବ :

ପାନିକେ ପବନ ଦୁଇ ସମାନ
    ମେଘ ଦେଉଅଛି ରଡ଼ି
ତମେ ଆମେ କିନା
    ସଙ୍ଗର ଯୋଡ଼ି
    ଯମ ନେଲେ ଛଡାଛଡି
ଝୁମିଯା ଝୁମିଯା ଚନ୍ଦନ ବନେ
    ଘୁଁଚା ଘୁଁଚି ନାଇ କେନେ
ତମେ କଲିଆକେ ଆମେ କଲିଆ
    ଭୂମି ମାଟି ଲଲେଲିଆ
ତମେ ଆମେ କିନା ଏକା ଜୁଲିଆ
    ପରାଉଁବେ ଉଧୁଲିଆ ॥

*[ଚଇତ ପରବ ଗୀତ/ଇଙ୍ଗଡା ଗୁଡୀ/ଉମରକୋଟ ଅଞ୍ଚଳ]*

ପାଣି ପବନର ସମ୍ପର୍କ ପରି ମେଘ ଡାକ ଦେଉଛି ଯେ ତୁମେ ଓ ମୁଁ କେତେ ଅନ୍ତରଙ୍ଗ ସତେ । ଆସ ଯମନେଲା ଯାଏ (ମରଣ ହେଲେ ସିନା) ଆମେ ନିବିଡ ରହିବା । ଚନ୍ଦନ ବନର ବାସ୍ନାରେ ମନ ଉଚ୍ଛନ୍ନ ହେଲାପରି ମୁଁ ଓ ତୁମେ ଯେ, ଆମର ଯୋଡ଼ି ଏଡ଼େ ନିବିଡ଼ । ତୁମେ ମୋ ପାଇଁ ମୁଁ ତୁମ ପାଇଁ ଯେ, ଆସ ଆମେ ଏଠାରୁ ସାଙ୍ଗ ହୋଇ ଉଦୁଲିଆ ଚାଲିଯିବା ।

ଗୀତକୁଡିଆର ଗୀତ ଶୁଣି ଗୀତ କୁଡିଆଣୀ ଚୁପ ହୋଇ ରହି ପାରିବ ନାହିଁ ସେବି ଶୁଣାଇଦେବ ପଦେ ଦିପଦ ଗୀତରେ ମନର ଭାବକୁ ଏମିତି :

ଆଟା ତୁଡ଼ଙ୍ଗିଆ ବାଇଗନ୍ ଡେଟି
ନଆ ଜୁଡୁଙ୍ଗିଆ ଲଟି
ଆମାର ଯୁଗର ରାଜା ଲେକି ପାଟାଇଲା
ଉଦ୍‌ଲିଆ ଯିବା ଚିଟି *(ବିବାହ ଗୀତ/ଡାବୁ ଗାଁ ଅଞ୍ଚଳ)*

ଆଠ କେନାଥିବା ବାଇଗଣ ଡାଳରେ ଲିଟି ଚଢ଼େଇ (ଛୋଟ ବାରମାସୀ ଚଢ଼େଇ) ଡେଇଁ ବୁଲିଲା ପରି ତୁ ଅସ୍ଥିର ହେଉଛୁ ଯେ, ମୁଁ କଣ ତୋ ସହିତ ଯାଇ ପାରିବି ? ମୋର ମନର ମଣିଷ ମୋତେ ଖବର ପଠାଇଛି ତା' ସହିତ ଯିବାପାଇଁ । ତୁଛାଟାରେ ସିନା ତୁ ଏତେ ପଦ ଫାନ୍ଦି (ଯୋଡ଼ି) ଗୀତ ଗାଉଛୁ । ଏମିତି କେତେ ଗୀତରେ ରାତିସରେ ।

ତା ପରେ ବରଘର ବାଜା ବଜାଇ, ବେଶ ପୋଷାକ ହୋଇ, ଜିନିଷ ପତ୍ର ଧରି କନ୍ୟାଘରଗାଁକୁ ବାହାରନ୍ତି । ବର ଆଗରେ ଚାଲେ ସାଙ୍ଗସାଥୀ ସହିତ । କନ୍ୟାଘର ଗାଁ ସୀମାରେ ଉଭୟ ପକ୍ଷ ଜହାର ଘେନାଘେନି ହୁଅନ୍ତି । ବରଘର ଲୋକଙ୍କୁ କନ୍ୟାଗାଁର ଲୋକେ ଥଟ୍ଟା ପରିହାସ କରି ଗୀତ ଗାଇ ନାଚ କରନ୍ତି । ବିବାହର ସମସ୍ତ କର୍ମକର୍ମାଣି ଉପଲକ୍ଷେ ଯେତେ ଗୀତ ଅଛି ସେ ସମସ୍ତ ଗୀତ ସ୍ତ୍ରୀ/ଝିଅ ମାନେ ହିଁ ଗାଇଥାନ୍ତି । ତାପରେ ବର ଓ ବରଘର ଗାଁର ଲୋକଙ୍କୁ ରହିବା ପାଇଁ ଅଲଗା ବ୍ୟବସ୍ଥା କରିଥାନ୍ତି ।

**ଏଣେ କନ୍ୟାଘରେ ମଣ୍ଡପ ସଜ୍ଜା :**

କନ୍ୟାଘର ପରିସର ମଧ୍ୟରେ ମାଟିରେ ବେଦୀ ତିଆରି କରାଯାଇ ଶୁଖିଲା ପରେ ରଙ୍ଗମାଟିରେ କୁଟିକମ କରି ଲିପାଯାଏ । ବେଦୀ ମଝିରେ ପୂଜାରୀ (ଲଗନକାରିଆ) ମହୁଲ ଗଛର ଡାଳ ପୋତେ । ଭତରା ମାନଙ୍କ ବିଶ୍ୱାସ ଯେ ମହୁଲ ଡାଳ ଓ ଖୁଣ୍ଟି ପବିତ୍ର ଓ ଶୁଭଫଳ ଦାୟୀ । ବେଦୀରଚାରିକୋଣରେ ଚାରିଗୋଟି ଶାଳ ଖୁଣ୍ଟି (ଖମ୍ଭ) ପୋତି ଛାମୁଣ୍ଡିଆ କରାଯାଏ । ଛାମୁଣ୍ଡିଆରେ କେବଳ ଜାମୁକୋଳି ଡାଳ ପକାଇବା ବିଧି । ତା ପରେ ଆଠଗୋଟି ସରଗି (ଶାଳ) ଖୁଣ୍ଟି ପୋତିଥାନ୍ତି । ଚାରିକୋଣରେ ଚାରିଗୋଟି ଦୀପ ମଣ୍ଡାଯାଏ । ଦୀପଗୁଡିକୁ ଖୁଣ୍ଟ ସହିତ ସୂତାରେ ବନ୍ଧାଯାଏ ଓ ଏହାକୁ 'ଦିଏ ବାନ୍ଧବାୟ' କୁହାଯାଏ ।

**ମହୁଲ ଗଛକୁ ନେଇ କେତେକ ଲୋକ ବିଶ୍ୱାସ :**

୧ ।। ବିମା ଦେବତା ମହୁଲ ଗଛରେ ବାସ କରନ୍ତି । ସେ ପ୍ରଥମେ ମଦର ଆବିଷ୍କାର କରିଥିଲେ । ମହୁଲ ଫୁଲରୁ ମଦ ତିଆରି ହୁଏ । ପୂଜା, ଯାତ୍ରାରେ 'ମଦରାପାନି' (ମାଟିରେ

ଟୋପା ଟୋପା କରି ମଦ ପକାଇଲେ ମନ୍ତ୍ର ଉଚ୍ଚାରଣ କରି ମାଟି ମା ପ୍ରସନ୍ନ ହୋଇଥାନ୍ତି) ଏକ ଅବଶ୍ୟ ପାଳନୀୟ ବିଧି, ଏଣୁ ଆଦିବାସୀ ମାନେ ମହୁଲ ଗଛ କାଟନ୍ତି ନାହିଁ । ଏହି ଗଛରେ ଦେବତାର ବାସଥିବାରୁ ଏହା ପବିତ୍ର ବୋଲି ଏମାନଙ୍କର ବିଶ୍ୱାସ ।

୨ ।। ମହୁଲ ଡାଳ କନ୍ୟାର ପ୍ରତୀକ ଭାବେ ଗ୍ରହଣ କରାଯାଏ । ଏଣୁ ଏହା ବେଦୀ ମଝିରେ ଶୁଦ୍ଧ ପାଣିରେ ଧୋଇ, ହଳଦିଆ କନା ବାନ୍ଧି ପୋତା ଯାଇଥାଏ । ମହୁଲ ଡାଳର ପବିତ୍ର ସ୍ପର୍ଶରେ ବିବାହ ଶୁଭଙ୍କର ହୋଇଥାଏ ।

୩ ।। ବିଶ୍ୱାସ କରାଯାଏ ଯେ ବିବାହ ବେଦୀରେ ପୋତିବା ପୂର୍ବରୁ ପୂଜାରୀ ମହୁଲ ଡାଳ କାଟିବା ବେଳେ ଟାଙ୍ଗିଆ ଚୋଟରେ ଯଦି ଛିଲ୍‌ପା (ଗଛର ଛାଲି) ଯଦି ଉପର ପଟ ହୋଇ ପଡେ ତାହା ହେଲେ ବିବାହିତ କନ୍ୟାର ପୁଅ ହେବ ଏବଂ ଛାଲି ତଳପଟ ହୋଇ ପଡିଲେ ଝିଅ ହେବ ।

୪ ।। ମହୁଲ ଗଛ (ଏଠାରେ ବିବାହ ବେଦୀରେ ପୋତିବା ପାଇଁ କଟା ଯାଉଥିବା ଡାଳ) କାଟିବା ବେଳେ ଟାଙ୍ଗିଆ ଚୋଟରେ ଯଦି ଛାଲି ଦୂରରେ ଯାଇ ପଡେ ତାହାହେଲେ ଝିଅଟି ପୁଅ ସହ ବେଶୀକାଳ ଘର ସଂସାର କରିବ ନାହିଁ ଏବଂ ଯଦି ଛାଲି ଗଛ ନିକଟରେ ପଡ଼େ ତେବେ ବହୁକାଳ ଯାଏ ସୁଗୃହିଣୀ ହୋଇ ପାରିବ ।

ଏମିତି ଗଛ ବୃକ୍ଷକୁ ନେଇ ବହୁ ଲୋକ ବିଶ୍ୱାସ ରହିଛି ଏମାନଙ୍କ ଭିତରେ ।

ବିବାହ ଦିନ ପାହାନ୍ତିଆ ପହରରେ କନ୍ୟା ମା ଓ ବର ମା ଗାଁର ସ୍ତ୍ରୀମାନଙ୍କ ସହ ନୂଆ ମାଠିଆ ଧରି ଗାଁ ନିକଟସ୍ଥ ନଈ କିମ୍ବା ପୋଖରୀରୁ ପାଣି ଆଣିବାକୁ ଯାଆନ୍ତି । ପାଣି ଆଣି ଗଲାବେଳେ ଓ ଫେରିଲାବେଳେ ସ୍ତ୍ରୀ ଲୋକମାନେ କଟ୍‌ନି ଗୀତ ଗାଇଥାନ୍ତି ଯଥା :

''କଟନି କଟନି ଫୁଲ ତିନି ଚାରି ବାନି (ବର୍ଣ୍ଣର/ରଙ୍ଗର/ପ୍ରକାର)
ଏକଇ କଟନି ମାରିବି (ଗାଇବି)ରେ ମୋର ନିତେ ଝୋଲ ଝୋଲ ।
କାରି ଉତରାଣି ମୋର ବକୁ ଚମକିଲାରେ''

*[ କଟନି ଗୀତ/ମଲ୍‌କିଗୁଡାରୁ ସଂଗୃହିତ*
*ଗାଇଛନ୍ତି : ଶ୍ରୀ ସନସାଏ ଭତରା ]*

କନ୍ୟାକୁ ମଧ୍ୟ ସେମାନେ ଗାଧୋଇଦେବା ପାଇଁ ନଈ ତୁଠ କିମ୍ବା ପୋଖରୀକୁ ସାଙ୍ଗରେ ନେଇଥାନ୍ତି, ତା ପୂର୍ବରୁ ଝିଅ ଦେହରେ ତେଲ, ଅଁଳା, ହଳଦୀ ବଟା ଲଗାଇଥାନ୍ତି । ଏହି ହଳଦୀ ଲଗାଇବା ସମୟରେ 'ଅଲଦି ଲଗାନି' ମାରିଥାନ୍ତି (ଗୀତ ଗାଇଥାନ୍ତି) :

ଅଲଦି ବାଟିଲୁ ସିଲେରେ ନବିନା
ଅଲଦି ବାଟିଲୁ ସିଲେ
ବାଟିଲା ଅଲଦି କାକୁ ଦେଲୁରେ ନବିନା
ବାଟିଲା ଅଲଦି ସୁନାରି ନେଲାରେ ନବିନା
ସୋନା ମୁଦି କରବାର୍ କାନେରେ ନବିନା
ଆମର ସୋନା ମୁଁଦି ପିନ୍ଧାଇ ତମର ଛନି ଆଙ୍ଗଟି ପାନେରେ ନବିନା,
ତୋମର ସୋନାମୁଁଦି ନାୟ ପିନ୍ଧୁ
କାୟ ବାବୁର ବାବା
କୁରି ମରବାର କାଳେ କାୟ ବାବୁାର ବାବା
ପଚାରି ମରିବା କାନେ କାୟ ବାବୁର ବାବା ॥

(ହଳଦୀ ବାଟିବା ଓ ଲଗାଇବା ଗୀତ/ଉମେରକୋଟ ଅଞ୍ଚଳର ଭତ୍ରାଗୀତ : ସଂଗ୍ରହ ଆସ୍‌ମତି ଭତ୍ରା, ଦରଗାଗୁଡାଙ୍କ ଠାରୁ)

ଝିଅକୁ ଗାଧୋଇ, ନୂଆ ହଳଦିଆ ଲୁଗା ପିନ୍ଧାଇ କଟନି ଗୀତ ଗାଇ ଗାଇ କନ୍ୟା ମା, ବର'ମା ଓ ଅନ୍ୟ ସ୍ତ୍ରୀ ଲୋକମାନେ ନୂଆ ମାଠିଆରେ ଯେଉଁ ପାଣି ଆଣନ୍ତି ତାକୁ 'ଦରମ୍ ପାନି' କୁହାଯାଏ । ଏହି ପାଣି ବେଦୀରେ ଗୋଟିଏ ନୂଆ ଶିକାରେ ଓହଳାଇ ରଖାଯାଏ ।

**ବିବାହ କ୍ରିୟା :**

ବିବାହ ଆରମ୍ଭରେ ଡମ ବାଇଦ ବାଜିବା ବିଧି । ମହୁରୀ, ନାଗରା, ଡାପ, ଟିଡିବିଡି, ମାନ୍ଦର (ମର୍ଦ୍ଦଳ ମାଟି/କାଠରେ ତିଆରି) ଆଦି ବାଦ୍ୟ ବ୍ୟବହାର କରି ଡମ ବାଇଦ କାରିଆ ମାନେ ବିଭିନ୍ନ ଅବସର ପାଇଁ ବିଭିନ୍ନ ତାଳ, ଲୟରେ ବାଇଦ ବଜାନ୍ତି । ବେଦୀଠୁ ଅଳ୍ପଦୂରରେ ନାଚ ଗୀତର ଆସର ଜମେ । ଦଳକୁ ଦଳ ଝିଅସବୁ ସ୍ୱର ଲମ୍ବାଇ ବିବାହ ଗୀତ ଗାଆନ୍ତି ।

କନ୍ୟା ମା ଓ ବର ପିଲାର ମା ନୂଆ ଲୁଗା ପିନ୍ଧି ବେଦୀ ଚାରିପଟେ ନଅ ଥର ପରିକ୍ରମା କରନ୍ତି । ତା ପରେ ବରକନ୍ୟାକୁ ବେଦୀକୁ ଅଣାଯିବା ପୂର୍ବରୁ ବେଦୀ ମଝିରେ ନୂଆ ଲୁଗାଟିଏ ଟାଙ୍ଗିଦିଆଯାଏ । ଲୁଗାର ଉଭୟ ପାର୍ଶ୍ୱରେ ବର କନ୍ୟାକୁ ଠିଆ କରାଇ ଦିଆଯାଏ । କେହି କାହାର ମୁହଁ ଦେଖି ପାରନ୍ତି ନାହିଁ । ତାପରେ ଲଗନ କାରିଆ ଉଭୟଙ୍କ ଲୁଗାକୁ ଧୂଆ ଓଦା ଚାଉଳ, ଫୁଲରେ ଅଭିମନ୍ତ୍ରିତ କରି ଗଣ୍ଠି ପକାଏ, ତାପରେ ଲଗନ

କାରିଆ ବାଇଦର ଧ୍ୱନି, ଝିଅଙ୍କ ହୁଳହୁଳି ଭିତରେ ଉଭୟଙ୍କ ଜୀବନର ସୁଖ, କଲ୍ୟାଣ କାମନା କରି ପୋତା ହୋଇଥିବା ମହୁଲଡାଳ ଚାରିପଟେ ସେମାନଙ୍କୁ ସାତଥର ବୁଲାଇଥାଏ । ଏହି କ୍ରିୟାକୁ 'ମାଣ୍ଡ କିନ୍ଦରା' (ଛାମୁଣ୍ଡିଆ/ମଣ୍ଡପ ପରିକ୍ରମା) କୁହାଯାଏ । ତାପରେ ବରକନ୍ୟାକୁ ବେଦୀରେ ବସାଇ ପୂର୍ବରୁ ଶିକାରେ ମାଠିଆରେ ରଖାଯାଇଥିବା ଧର୍ମପାଣି ଉଭୟଙ୍କ ଉପରେ ଇଡ଼ିଦିଆ ଯାଏ ଏବଂ ଲଗନ କାରିଆ କନ୍ୟାର କାଣୀ ଆଙ୍ଗୁଠିକୁ ବରହାତରେ ଧରାଇ ଦିଅନ୍ତି ।

**ମାଣ୍ଡ ଜଗିଆ :**

ଲଗିନ୍ ବା ପାଣି ଗ୍ରହଣ ସମୟ ଉପସ୍ଥିତ ହେଲେ ମାଣ୍ଡ ଜଗିଆ ହୁଏ । ମାଣ୍ଡ ଜଗିଆରେ ରେଲା ଗୀତ ଓ ଫନ୍ଦି ଗୀତ ଗାଆନ୍ତି । ଝିଅମାନେ ରେଲାଗୀତ ଏମିତି ଆରମ୍ଭ କରନ୍ତି :

ରେ ରେ ଲୋୟୋ ରେରେ ଲା ରେରେଲା
ରେ ରେ ଲୋୟୋ ରେ ରେ ରେଲା ରେଲା
ଓ ରେ ରେ ଲୋୟୋ ରେଲା ରେଲା ।।

ଫନ୍ଦି ଗୀତ ଏକ ପହେଲୀ । ଏହାକୁ ସରସରା ଗୀତ ମଧ୍ୟ କୁହାଯାଏ । ଏହା ସାମୂହିକ ଗୀତ । ଗାୟକଙ୍କ ଦ୍ୱାରା ଇଚ୍ଛା ଅନୁସାରେ ଛନ୍ଦପାତ ହୁଏ । ଏହାର ପଦଗୁଡିକ ସଂକ୍ଷିପ୍ତ, ଅର୍ଥବ୍ୟଞ୍ଜକ ଓ ସାଦୃଶ ପ୍ରତୀକକୁ ନେଇ ରଚିତ । ଏହି ଗୀତ କାଳ କାଳ ଧରି ମୁହଁରୁ ମୁହଁ ହେଇ ଗଡ଼ି ଆସିଥାଏ । ଏଠାରେ ଉମରକୋଟ ଅଞ୍ଚଳର ଲେଙ୍ଗଡାଗୁଡ଼ା ଗ୍ରାମରୁ ସଂଗୃହୀତ ଫନ୍ଦି ଗୀତର ପଦଟିଏ ଦେବା ପ୍ରାସଙ୍ଗିକ ମନେହୁଏ :

ବାଟା ବେଡା ଜରନ ପାନି
କାଲାପାନି ଡୁମର ରାନି
ଅଙ୍ଗରେଜିତ ବାରାଡାଣ୍ଡି
ଡାବାଲଟେଙ୍ଗି ବେତ ବଡକି
କାଡି ଚବକାର ବେଉଁଲି ଡୁଟି
କସା ପତରିଆ ଚଉଁରି ମୁଣ୍ଡି ।।

ଚାରିଆଡେ ଉଠିଆ ଜମି, ବହି ଯାଉଥିବା ଝରଣାର ସାହି ପରି ଦେଖା ଯାଉଥିବା କଳାପାଣି ଗଛମାନଙ୍କର ରାଣୀ ଡିମିରି ଗଛକୁ ଅତିକ୍ରମ କରି ସେ ଇଂରେଜମାନଙ୍କ ପାଇଁ କାଉଡି ବୋହି, ଅଣ୍ଟାରେ ଫାର୍ସା ଖୋସି, ହାତରେ ବେତ ବାଡି ଓ ବେତ ତିଆରି ସରୁ

ମହଁ ଥିବା ମାଛରଖା ମୁଣା (ଡୁଟି) ଧରି ଯାଉଛି ଯାହା ପ୍ରଥମ ତିଆରି କାଳରେ କଅଁଳ ପତ୍ର ପରି ସବୁଜ ଛନ ଛନ ଦିଶୁଥିଲା ଏବେ ଗୋଟି ପୋକର ଧୂସର ଖୋସାପରି, ବୟସ୍କା ସ୍ତ୍ରୀ ଲୋକଙ୍କର କଅଁରିଆ (କହରା/ଧୂସର) ଖୋସାର ରଙ୍ଗପରି ଦେଖା ଯାଉଅଛି ।

ପୁରେନ୍ ପୁରେନ୍ ପୁରେନ୍ ଲେକି
ଚେଗଲି ମଟର ଜଗଦଲପୁର
କଲକତା ବେଲାରପୁର
ରେଲଯାଏ ଲୁଆ ଚରୁ ରେଲ
ଡୁଲାର ଦେଇ
କାଟା ଝୁଲନା ନେ ଝୁଲ ॥

ପୋଖରୀରେ ଛୋଟ ଝିଅର ଗୋଲମୁହଁ ପରି ଦେଖାଯାଉଥିବା ପୁରେନ୍ ଜଳ (କଇଁ/ପଦ୍ମ ପରି ଗୋଲ) ଶୋଭା ପାଉଛି । ମୁଁ ଗାଡି ଚଢ଼ି ଜଗଦଲପୁର ଯାଉଛି । ରେଳ ଯାଉଛି ଲୁହା ପୋଇ ଉପରେ କଲିକତା, ବେଲାରପୁରକୁ, ମା ଡୁଲାର ଦେଇ (ଗୃହଦେବତା) ତୋତେ ପ୍ରଣାମ କରୁଛି, ତୁ କଣ୍ଟା ଝୁଲଣ (ବେଲ ଡାଳରେ ତିଆରି ଦୋଳି, ଯାହାର କଣ୍ଟା ଉପରମୁହାଁ କରି ବନ୍ଧା ଯାଇଥାଏ) ରେ ଝୁଲୁଣା ।

ଅଡି ଆନ୍‌କେ ଡାହାନ୍‌କର
ବସ୍ତର କେ ଦୁଇ
ଲଂଟି ଯୋଡ଼ି ଙ୍କୋ ମାକଡ଼ କେନ୍ଦୁ
ମାହାର ଗେଲ ଜଗବନ୍ଧୁ
ଜଗବନ୍ଧୁତ ଜଗବୁଡେସି
ପିରନ୍‌ତାଚ ଜାକାଉଡ଼େସେ
ସଅଁରା ବଅଁରା କୁକୁର ଆଟେ
ରନ କାସ୍ୱିର ଦିଆଂଆଚେ
ସଂଙ୍ଗବିଓ୍ୱାନେ ସେଓ୍ୱାପଡେସେ
କାଓ୍ୱାର ତ କର ନାଇଁ
ଡେଡ଼େଇ ତ ଚିଉଁ ଚିଉଁ
ଦିନ୍‌ଜାନ ପାଇକ୍ ଲୁରେସେ ॥

ଓଡିଶାର ଘର ପୋଡି ଯିବାରୁ ମୁଁ ଓଡିଶା ଛାଡି ବସ୍ତର ଯାଉଛି । ନଈ ଓ ଝରଣା କୂଳରେ ପଡିଥିବା ବଡ ବଡ଼ ବଣକେନ୍ଦୁ ନଷ୍ଟ ହୋଇଗଲାଣି । ସମୟ ଗଡି ଯାଉଛି, ଯୋଗ ଚାଲି ଯାଉଛି । ପୀରନତାଚ ଦେବୀଙ୍କର ବିଶ୍ୱାସ କରିଛି ଏହା ହିଁ ବଡକଥା ।

ଏହି ଦେବତା ଗୁଡିର ଦୁଇପଟେ ସଅଁରା, ଭଅଁରା ନାମରେ ଦୁଇଟି କୁକୁର ଜଗି ରହିଛନ୍ତି । ଗୁଡିର ବାଉଁଶବୁଣା ତାଟି (କବାଟ), ଭିତରେ ମାଟି ଦୀପରେ ବତୀ ଜଳୁଛି, ସଂଜ ସକାଳେ ଏଇ ଦେବତାର ସେବା ହେଉଛି । ଏହି ଥାନରେ କୁଆର କା ରାବ କି ଚଢ଼େଇଙ୍କ ଚିଁ ଚାଁ ଶବ୍ଦ ଶୁଭୁନାହିଁ କି ଏପଟରୁ କି ସେପଟରୁ କୌଣସି ଲୋକଙ୍କର ଯିବା ଆସିବା ନାହିଁ ।

ଫନ୍ଦି ଗୀତ ସାରା ରାତି ଚାଲିଥାଏ ।

## ତେଲ ଚେଗାନି ବିଧି :

ଏହା ବିବାହ କର୍ମର ଏକ ବିଧି । ଗାଁ ଗୁଡି ବା ବନ୍ଦିରରୁ ଦେବତାଙ୍କୁ ସମର୍ପଣ କରି ଅଣାଯାଇଥିବା ପବିତ୍ର ତେଲକୁ ବେଦୀରେ ବର ଓ କନ୍ୟା ଦେହରେ ମା, ଖୁଡୀ, ପାଇଁ ଆଦି ଲଗାଇଥାନ୍ତି । ପ୍ରତ୍ୟେକେ ତେଲ ଲଗାଇବା କାଳେ ଗୀତ ଗାଇଥାନ୍ତି, ଏହାକୁ ତେଲ ଚେଗାନି ଗୀତ କୁହାଯାଏ ।

ତାଲିର ତେଲ ଚେଗାଅ ବୁବୁ
ବୁବୁ କରମରେ ବୁବୁ ଧରମରେ ବୁବୁ
ଲାଡର ତେଲ ଚେଗାଅ

ଦେବତାକୁ ସମର୍ପି ଥାଳିରେ ଆଣିଥିବା ତେଲ ଲଗାରେ ପୁଅ (ବରପିଲା) ତୋର କର୍ମରେ ଅଛି, ତୋର ଧର୍ମହେବ, ସ୍ନେହ ଶ୍ରଦ୍ଧାରେ ତେଲ ଲଗାଅ ।

ଆଜିକେ ତେଲ ମାଣ୍ଡନେ ବାବୁ
କାଲିକେ ଲଗିନ୍ ମାଣ୍ଡନେ ।

ଆଜି ବିବାହ ବେଦୀରେ ବସିବା ପାଇଁ ତେଲ ଲଗାରେ ପୁଅ (ବରପିଲା) କାଲିକି ସମାଗମ ପାଇଁ ତେଲ ଲଗାଇବୁ ।

ତେଲ ଲଗାଇବା ସମୟରେ ଗାଁର ବୟସ୍କ ଲୋକମାନେ 'କମଳ ଲୋଚନ ଗୀତ' (କମଳ ଲୋଚନ ଶ୍ରୀହରି, କରେଣ ଶଙ୍ଖଚକ୍ରଧରି) ଗାଇଥାନ୍ତି । ଏହି ଗୀତ ଓଡିଆ ମାନଙ୍କ ଠାରୁ ଭତରାମାନେ ଗ୍ରହଣ କରିଛନ୍ତି ।

## ମୁକୁଟ ବନ୍ଧା (ମଉଁଡ଼ ବନ୍ଧା) :

ବିବାହ ସଂସ୍କାର କାଳରେ ବରକନ୍ୟା ତିନି ପ୍ରକାର ମୁକୁଟ ବାନ୍ଧିବାର ପ୍ରଥା ରହିଛି । ବିବାହ ସମୟରେ ବର କନ୍ୟାକୁ ତେଲ ଲଗାଇବା ବେଳେ ଯେଉଁ ମୁକୁଟ ମୁଣ୍ଡରେ ବନ୍ଧାଯାଏ ତାହା କଅଁଳ ଆମ୍ବ ପତ୍ରରେ ତିଆରି ହୋଇଥାଏ । ଏହାକୁ ''ତେଲ୍ ମଉଁଡ'' କୁହାଯାଏ । ବର କନ୍ୟାର ଲଗ୍ନ ଅନୁସାରେ ଲୁଗାରେ ବ୍ରହ୍ମ ଚାଉଳ (ଅଭିମଂତ୍ରିତ ଅକ୍ଷତ) ପକାଇ ଗଣ୍ଠି ଦେବା ପୂର୍ବରୁ ଏବଂ ବରକୁ କନ୍ୟାର କାଣି ଆଙ୍ଗୁଠି ଧରାଇବା ପୂର୍ବରୁ ଖଜୁରୀ ପତ୍ର (ସିନ୍ଦି) ନିର୍ମିତ ମୁକୁଟ ପିନ୍ଧାଇ ଥାନ୍ତି, ଏହାକୁ 'ଲଗିନ୍ ମାଉଁଡ' କୁହାଯାଏ ।

ବିବାହ ସରିଲାପରେ ସମାଗମ ପ୍ରସ୍ତୁତିର ବିଧିବିଧାନ ସମୟରେ ମଧ୍ୟ ଖଜୁରୀ ପତ୍ରର ମୁକୁଟ ପିନ୍ଧାଇ ଥାନ୍ତି ବର କନ୍ୟାକୁ । ଏହି ମୁକୁଟକୁ 'ଗଉନ୍ ମଉଣ୍ଡ' କୁହାଯାଏ ।

## ଟିକଲ ଲଣ୍ଡି :

ବିବାହ କର୍ମପରେ ଉପସ୍ଥିତ ବରପକ୍ଷ, କନ୍ୟାପକ୍ଷ ଲଗିନ୍ ମାରିଲାପରେ (ଲୁଗାରେ ବ୍ରହ୍ମଗଣ୍ଠି ପଡିଲା ପରେ) ହଳଦୀ ଓ କାଦୁଅ ବୋଳାବୋଳି ହୋଇ ଗୀତ ଗାଇ ନାଚ କରିଥାନ୍ତି । ଆନନ୍ଦ ଉଲ୍ଲାସକୁ ସେମାନେ ନିମ୍ନ ଗୀତରେ ପ୍ରକାଶ କରିଥାନ୍ତି :

ପିପଡି ପତର ପିପଡି ପାପ୍ତି
ସରଗେ ଲାଗିଲା ଧୂଳି
ବିଲର କାକଡ଼ା ଜାଲର ମାରଲା
ବେଙ୍ଗ ଦେଲା ହୁଲୁ ହୁଲି ॥

ଏହି ବିବାହର କୋଳାହଳରେ ପିପଲୀ ଗଛର ପତ୍ର ଏତେ ଆନନ୍ଦରେ ଥରୁଛି ଯେ, ତାର ପବନର ସ୍ପର୍ଶରେ ମାଟି ପୃଥିବୀର ଧୂଳି ସ୍ୱର୍ଗ ଛୁଉଁଛି । ଗାତର କଙ୍କଡ଼ା ବାଇଦ ବଜାଉଛି ଓ ବେଙ୍ଗ ହୁଳୁହୁଳି ଦେଉଛି/ଗୀତର ଅର୍ଥ ବିବାହରେ କେବଳ ମଣିଷ ନୁହଁନ୍ତି, ପ୍ରକୃତି ଓ ଇତର ପ୍ରାଣୀ ମଧ୍ୟ ଉଲ୍ଲସିତ ହେଉଛନ୍ତି ।

## ଝିଅ ବିଦା :

ବିବାହ ସରିଲାପରେ ଝିଅର ମା, ମାଉସୀ, ପିଉସୀ, ମାଈଁ, ବଡଭଉଣୀ, ସାଙ୍ଗ ସାଥୀ ଗାଇ ଗାଇ ତାକୁ ବର ସହିତ ଗାଁର ଶେଷ ମୁଣ୍ଡ ଯାଏ ଛାଡ଼ି ଆସନ୍ତି । ଏହି ସମୟରେ ଶାଶୁଘରେ ଝିଅ କେମିତି ଚଳିବ ସେ ସମ୍ବନ୍ଧରେ ଗୀତରେ ଉପଦେଶ ଦିଅନ୍ତି । ସେତେବେଳର ଦୃଶ୍ୟ ବଡ଼ କରୁଣ ହୋଇଥାଏ । ବିଦାୟ କାଳରେ ବାପ ମା ଘର ଛାଡ଼ି

ଝିଅ ନୂଆ ଘରକୁ ଯାଉଛି, ଏକ ନୂଆ ପରିବେଶକୁ । ନୂଆ ଘରର ଜୀବନ ସହିତ ସେ ପରିଚିତ ନୁହେଁ । ମନରେ କେତେ ଆଶଙ୍କା । ଝିଅ ମାକୁ ସମ୍ବୋଧନ କରି ଗାଉଛି :-

ମକେ ବନ୍ଦୀ ଧରଲା ଆୟା
କାୟ ଦଖୁନ୍ ଧରଲାୟ ଆୟା
କଟାଚ ଧନ୍ଦବେ, ଧନ୍ଦବେ ଇଦେୟା ଆୟା
କଟାଚ ଧନ୍ଦବେ ..........
ଧନ୍ଦ ବିକି ଚଡାଓ୍ୱବେ ଆୟା
ମୋର ଲୋକ କୁବେ ଆୟା
ହରି ନାଇଁ ପୁରେ
ବାଅଁ ବୁଡା ଗଗରି ଆୟା
କସାଇ ଡୁମନି ଡୁମି ଡୁମି ଦେସ୍
ହରି ନାଇ ପୁରେ ॥

[ ମୋତେ ବନ୍ଦୀ କରି ନେଉଛନ୍ତି ମା । କଣ ଦେଖି ତୁ ମୋତେ ତାଙ୍କ ଘରକୁ ପଠାଇ ଦେଉଛୁ । ଆମ ଘରେ ତ ଶାଳେ ଗାଈ ଗୋରୁ ଅଛନ୍ତି ମା, ସେମାନଙ୍କୁ ବିକି ମୋତେ ଏଇ ବନ୍ଦୀତ୍ୱରୁ ମୁକ୍ତ କରେ ମା । ତାଙ୍କ ଘରେ କେତେ ଯେ ଲୋକ ମା (ବଡ଼ କୁଟୁମ୍ବ), ମୋର ସେଠି ସାହା କେହି ନାହିଁ । କୂଅରୁ ପିତଳ ଗରାରେ ପାଣି ବୋହି ଯେତେ କଷ୍ଟ ପାଇଲେ ବି ଆହା ବୋଲି ପଦେ କେହି କହିବାକୁ ନାହିଁ । ]

ତା ପରେ ବରଘର କନ୍ୟାକୁ ନେଇ ନିଜ ଘରକୁ ଯାଆନ୍ତି ଓ ବନ୍ଧୁ କୁଟୁମ୍ବଙ୍କୁ ଭୋଜି ଭାତ ଖୁଆନ୍ତି ।

**ଛାଡପତ୍ର ବ୍ୟବସ୍ଥା :**

ଅନ୍ୟାନ୍ୟ ଆଦିବାସୀ ଗୋଷ୍ଠୀ ପରି ଭତରା ଗୋଷ୍ଠୀରେ ମଧ୍ୟ ଛାଡପତ୍ରର ବ୍ୟବସ୍ଥା ଅଛି । ସାଧାରଣତଃ ସ୍ତ୍ରୀ ନଷ୍ଟ ଚରିତ୍ରା, ବନ୍ଧ୍ୟା, କଳିହୁଡି ବା ସ୍ୱାମୀ ନିକଟରେ ରହିବାକୁ ରାଜି ନହେଲେ ଛାଡପତ୍ର ପାଇଥାଏ । ଅନ୍ୟପକ୍ଷରେ ସ୍ୱାମୀ ଯଦି ସ୍ତ୍ରୀ ପ୍ରତି ନିଷ୍ଠୁର ବ୍ୟବହାର କରେ, ମଦପିଇ ମାତାଲ ହୋଇ ବିପ୍ରାତ କରେ ତାହାହେଲେ ସ୍ତ୍ରୀ ସ୍ୱାମୀକୁ ଛାଡି ଅନ୍ୟତ୍ର ଘର ବସାଇବାର ମଧ୍ୟ ଦେଖାଯାଏ ।

### ବିବାହ ସମ୍ପର୍କିତ ଆଉ କେତେକ ବିଧି ନିଷେଧ :

ଯଦି ଭତରା ସମାଜର ନୀତି ନିୟମ, ପରମ୍ପରା ନମାନି କୌଣସି ବ୍ୟକ୍ତି ବିବାହ କ୍ଷେତ୍ରରେ ସ୍ୱତନ୍ତ୍ର ମତ ପ୍ରକାଶ କରି ଅନ୍ୟ ଗୋଷ୍ଠୀର କନ୍ୟା ସହିତ ସମ୍ବନ୍ଧ ରଖେ, ବିବାହ କରେ ତାହାହେଲେ ସମାଜ ଉକ୍ତ ବ୍ୟକ୍ତି ପ୍ରତି ସାମାଜିକ ବାସନ୍ଦର ବ୍ୟବସ୍ଥା କରିଥାଏ ବା ଶୃଙ୍ଖଳାଗତ ଶାସ୍ତି ମଧ୍ୟ ପ୍ରଦାନ କରିଥାଏ ।

ସାଧାରଣତଃ ବଡ ଭତରା ଯେଉଁମାନେ ଅମନାତ୍ୟ ଭତରା ଭାବେ ପରିଚିତ ଓ କୃଷିଜୀବି, କେବଳ ସାନ ଭତରାଙ୍କ ସହ ବୈବାହିକ ସମ୍ବନ୍ଧ କରିଥାନ୍ତି ଏବଂ ଏମାନଙ୍କ ମଧ୍ୟରେ ଅନ୍ତଃଗୋଷ୍ଠୀ ବିବାହ ପ୍ରଚଳିତ । ଏମାନେ ପିତା ଭତରାଙ୍କ ସହିତ ବୈବାହିକ ସମ୍ବନ୍ଧ କରି ନଥାନ୍ତି । (ଏବେ କାଳକୁ କେଉଁଠି କେମିତି ବ୍ୟତିକ୍ରମ ଘଟିଲାଣି) । ଯଦି ଝରିଆ ଗଉଡ଼, ସୋଲକାରିଆ ଗଉଡ଼ ଯେଉଁମାନେ ନନ୍ଦ ଗଉଡ଼ ବୋଲାନ୍ତି ଏବଂ କେସଲିଆ ଗଉଡ ଓ ମଗଦା ଗଉଡ଼ ଗୋପୀର ଝିଅ କୌଣସି ଭତରା ପିଲାକୁ ଭଲ ପାଇ ଉଦ୍‌ଲିଆ ଯାଏ । (ପୁଅ ସହିତ ଝିଅ ଚାଲିଯିବା) ତାହେଲେ ପୁଅ ନିଜ ସମାଜ ଦ୍ୱାରା ଜାତି ଚ୍ୟୁତ ହେବ ଓ ଝିଅ ଭତରା ସମାଜରେ ଗୃହୀତ ଓ ସ୍ୱୀକୃତ ହେବ । ସେମିତି ଯଦି ମାଳି ପିଲାକୁ କୌଣସି ଭତ୍ରା ଝିଅ ବାହା ହୁଏ, ମାଳିପିଲା ଜାତି ହରାଇ ଭତରା ଗୋଷ୍ଠୀରେ ମିଶିବ ।

କେତେକ କ୍ଷେତ୍ରରେ ଦ୍ୱିପତ୍ନୀକ ବିବାହକୁ ମଧ୍ୟ ସ୍ୱୀକୃତି ଦିଆଯାଇଥାଏ ।

### ଭତରା ସମାଜରେ ଅଣ ଆଦିବାସୀୟ ପ୍ରଭାବ ଓ ଲୋକ ସାହିତ୍ୟର ଅବକ୍ଷୟ

ସଂପ୍ରତି ଅନ୍ୟ ସଂପ୍ରଦାୟ ଓ ଗୋଷ୍ଠର ସଂପର୍କରେଆସି, ଦେଖି ଓ ଶିଖି ଭତରା ସମାଜ ପୂର୍ବରୁ ପ୍ରଚଳିତ ଥିବା ବହୁ ବିଧି ବିଧାନ ପ୍ରଥା ପରମ୍ପରାର ପରିବର୍ତ୍ତନମାନ କଲେଣି । ଆଉ ଏବେ କନ୍ୟାଝିଙ୍କା ପ୍ରଥା ନାହିଁ । ପୂର୍ବରେ କୌଣସି ଯୁବକର କୌଣସି ଝିଅ ପ୍ରତି ମନଥିଲେ ପୁଅ ନିଜ ସାଙ୍ଗ ସାଥୀ ସହାୟତାରେ ଉକ୍ତ ଝିଅକୁ ନାଟ, ଯାତ୍ରା, ମଣ୍ଡେଇରୁ ଝିଙ୍କି ନେଇ ଯାଉଥିଲା ଏବଂ ପରବର୍ତ୍ତୀ କାଳରେ ବିବାହ କରୁଥିଲା ।

ବିବାହ ପୂର୍ବରୁ କନ୍ୟା ଗର୍ଭବତୀ ହେଲେ ପୁଅଘର ସମାଜକୁ କିଛି ଜୋରିମାନା ଦେଇ ଝିଅକୁ ବିବାହ କରିଥାଏ । ଏମାନଙ୍କ ସମାଜରେ ବିଧବା ବିବାହ ମଧ୍ୟ ପ୍ରଚଳିତ ଥିବାର ଦେଖାଯାଏ ।

ଏବ କାଳକୁ ଭତରା ଗୋଷ୍ଠୀ ଶିକ୍ଷା ଦୀକ୍ଷାର ପ୍ରଭାବରେ, ଆନ୍ତଃ ସଂସ୍କୃତ (ହିନ୍ଦୁ ସଂସ୍କୃତି)ର ପ୍ରଭାବ ତଥା ପରିବର୍ତ୍ତିତ ଜୀବନଧାରା ସହିତ ପରିଚିତ ହେବା ଫଳରେ

ଅଣ ଆଦିବାସୀଙ୍କ ଚାଲି ଚଳଣ, ରୀତି ନୀତିକୁ କେତେ ପରିମାଣରେ ଗ୍ରହଣ କରି ନେଲେଣି ଯାହା ଯୋଗୁଁ ସଂପ୍ରତି ସେମାନଙ୍କ ବିବାହ ପଦ୍ଧତିରେ ବହୁ ପରିବର୍ତ୍ତନ ଲକ୍ଷ୍ୟ କରାଗଲାଣି । ଏପରିକି କେତେକ କ୍ଷେତ୍ରରେ ପୂର୍ବ ପ୍ରଚଳିତ ପ୍ରଥା ଓ ପରମ୍ପରାକୁ ଭାଙ୍ଗି ବରପକ୍ଷ କନ୍ୟାଝୋଲା ଦେବା ବଦଳରେ କନ୍ୟାପକ୍ଷରୁ ଯୌତୁକ ଦାବି କରିବା ମଧ୍ୟ (ଅଣ ଆଦିବାସୀ ପ୍ରଥା) ଦେଖାଯାଉଛି ।

ଆଉ କେତେବର୍ଷ ପରେ ଭତରା ଗୋଷ୍ଠୀର ବିବାହ ସଂସ୍କାରରେ ଯେ ବହୁ ଗୁଣାତ୍ମକ ପରିବର୍ତ୍ତନମାନ ଘଟିବ । ସବୁଠାରୁ ବିଡମ୍ବନାର ବିଷୟ ବିବାହ ସଂସ୍କାର କାଳରେ ଯେଉଁ ଲୋକଗୀତର ପ୍ରଚଳନ ଅଛି, ଗାଁ ଗାଁରେ ମାଇକ୍ ଓ କ୍ୟାସେଟ୍‌ର ପ୍ରଚଳନ ହେବା ଯୋଗୁଁ ଲୋକେ କ୍ୟାସେଟ୍ ଗୀତକୁ ଆଦରି ନେବାକୁ ବେଶ୍ ପସନ୍ଦ କରୁଛନ୍ତି ।

**ମୃତ୍ୟୁ ସଂସ୍କାର :**

ମଣିଷ ଜନ୍ମ ହେଲେ ଦିନେ ନା ଦିନେ ମରିବ । ଭତରାମାନେ ମୃତ୍ୟୁକୁ ଭୟ କରନ୍ତି ନାହିଁ । ଅନ୍ୟ ଆଦିବାସୀ ଗୋଷ୍ଠି ପରି ଏମାନେ ପିତୃପୁରୁଷର ଡୁମାକୁ ବିଶ୍ୱାସ କରନ୍ତି ।

ଭତରା କୁଳରେ କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ ସମସ୍ତ ବନ୍ଧୁ କୁଟୁମ୍ବଙ୍କୁ ଖବର ଦିଆଯାଏ । ସମସ୍ତେ ଜମା ହେଲାପରେ ମୃତ ବ୍ୟକ୍ତିକୁ ବିଚାର କରି ମାଟି ପୋତିବାକୁ ନେବେ । ଶବ ପୋଡିବା ବିଧି ନାହିଁ । ଏମାନେ ଗୋଣ୍ଡ ଗୋଷ୍ଠି ପରି ନିଜକୁ ମାଟି ସହ ଜନ୍ମରୁ ମରଣ ପର୍ଯ୍ୟନ୍ତ ସମ୍ପୃକ୍ତ ବୋଲି ମନେ କରୁଥିବାରୁ ଏମାନେ ଶବକୁ ପୋଡ଼ନ୍ତି ନାହିଁ, ମାଟି ମା (ଦାର୍ଣ୍ଣିମା) ଦେହରେ ପୋତି ମିଶାଇଦେବେ । କେବଳ କେତେକ ବ୍ୟତିକ୍ରମ କ୍ଷେତ୍ରରେ ଯେଉଁ ବ୍ୟକ୍ତି କୌଣସି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁଲାଭ କରେ ତାର ଶବକୁ ପୋଡିଦିଅନ୍ତି ।

ଭତରା କୁଳର କୌଣସି ପୂଜାରୀ (ଦେବାଦେବୀ) ପୂଜକ ମୃତ ସଂସ୍କାର କରନ୍ତି ନାହିଁ । ଘର ଲୋକ ହିଁ ଶବ ସଂସ୍କାର କରନ୍ତି । ଶବ ପୋତି ସାରିଲାପରେ କୁଳ କୁଟୁମ୍ବ ଗାଁ ନଈ କିମ୍ବା ପୋଖରୀରେ ସ୍ନାନ ସାରି ଓଦାଲୁଗାରେ ଘରକୁ ଫେରନ୍ତି । ଘରକୁ ଫେରି ମୃତ ବ୍ୟକ୍ତି ନାମରେ ଗୋଟିଏ ଶ୍ରୀଫଳ (ନଡିଆ) ଭାଙ୍ଗି ଶୁଦ୍ଧ ହୁଅନ୍ତି । ଶ୍ମଶାନରୁ ଫେରି ଘାଟରେ ଗାଧୋଇ ସାରିଲାପରେ ଘରକୁ ଫେରିବା ସାଙ୍ଗେ ସାଙ୍ଗେ ଆମ୍ବ ଗଛର ଛାଲି, ଦୁବଘାସକୁ ପାଣିରେ ପକାଇ ସମସ୍ତଙ୍କ ମୁଣ୍ଡରେ ଉକ୍ତ ପାଣିକୁ ଛିଞ୍ଚନ୍ତି । ପାଣିରେ ଆମ୍ବଡାଳ ବୁଡାଇ ଉକ୍ତ ଡାଳରେ ମଧ୍ୟ ମୁଣ୍ଡରେ ପାଣି ଛିଞ୍ଚି ପବିତ୍ର ହୁଅନ୍ତି ।

**ଦଶାହକର୍ମ :** ଏହି ଦଶାହ କର୍ମ କରିବାପାଇଁ ଆଦିବାସୀଙ୍କର ଅନ୍ୟ ଜାତିଙ୍କ ପରି ବିଶେଷ ନୀତି ନିୟମ ନାହିଁ । ଏହା ପରିବାରର ଆର୍ଥିକ ସ୍ୱଚ୍ଛଳତାକୁ ନେଇ ସ୍ଥିର କରାଯାଇଥାଏ । ଯେଉଁମାନେ ସ୍ୱଚ୍ଛଳ, ସମ୍ପତ୍ତିବାନ ସେମାନେ ୭ ଦିନରେ ଦଶା ପାଳନ କରନ୍ତି । କୁଳ କୁଟୁମ୍ବ ନୂଆ ଲୁଗା ପିନ୍ଧନ୍ତି । ଘରେ ଗୁରୁମାଇ ଓ ବୟସ୍କା ନାରୀ ମାନେ ପୁରାଣ ଗାଆନ୍ତି । ଗାଁ ବାସୀଙ୍କୁ ଭାତ ଖୁଆଇ ଶୁଦ୍ଧ ହୁଅନ୍ତି । ନଥିବା ଅଭାବି ଲୋକ ଦଶ ଦିନରେ ଦଶା କରନ୍ତି, ନିହାତି ଗରିବ ପକ୍ଷେ ଏହି ଦଶା ବର୍ଷେ, ଦୁଇବର୍ଷ ଅନ୍ତରାଳରେ ମଧ୍ୟ କରାଯାଇ ପାରେ, ଯେହେତୁ, ଦଶାକର୍ମରେ ବହୁ ଅର୍ଥର ଆବଶ୍ୟକ ପଡେ, ଡୁମାର ତୃପ୍ତି ପାଇଁ ଗାଁ, କୁଳକୁଟୁମ୍ବଙ୍କୁ ଭୋଜି ଖାଇବାକୁ ଦେବାକୁ ହୁଏ । ଏଣୁ ସମସ୍ତ ବସ୍ତୁର ଯୋଗାଡ ଯନ୍ତ୍ର ପାଇଁ ପରିବାରର ସୁବିଧାନୁସାରେ ଦଶାର ସମୟ ନିର୍ଦ୍ଧାରଣ କରାଯାଇଥାଏ ।

ସାଧାରଣତଃ ମୃତବ୍ୟକ୍ତିର ଶବକୁ ଉତ୍ତର ଦିଗକୁ ମୁହଁ କରି ପୋତାଯାଏ ।

*[ ତଥ୍ୟ ସଂଗ୍ରହ : ମେଘନାଦ ପୂଜାରୀ, ବୟସ ୮୦ ବର୍ଷ ବେଲେ, ଦରଘାଗୁଡା, ଉମରକୋଟ ]*

❋ ❋ ❋

# ଭତ୍ରାଙ୍କ ଲୋକଭାଷା ଓ ଲୋକସାହିତ୍ୟ

ଓଡିଶାର କୋରାପୁଟ ଜିଲ୍ଲା ଓ ନବରଙ୍ଗପୁର ଜିଲ୍ଲାର ନଅ ଗୋଟି ବ୍ଲକରେ ଭତ୍ରାମାନେ ବହୁସଂଖ୍ୟାରେ ବାସ କରନ୍ତି ଓ ଓଡିଶାର ସିମାନ୍ତ ମଧ୍ୟପ୍ରଦେଶର ପୂର୍ବ ଜଗଦଲପୁର ଠାରୁ କୋଣ୍ଡା ଗାଁ ତହସିଲ ଯାଏ ମଧ ଏମାନେ ବାସ କରିଛନ୍ତି ।

ଭତରା ବା ଭତଡ଼ାଙ୍କ ଲୋକଭାଷାକୁ ଭାତରୀ ବା ଭତ୍ରୀ କୁହାଯାଏ । ଏହା ଓଡିଶାର ଏକ ଉପଭାଷାରୂପେ ଗୃହିତ । ଭତ୍ରୀ ଆର୍ଯ୍ୟ ଗୋଷ୍ଟୀର ଭାଷା । ଭତ୍ରୀ ଭାଷାର କୌଣଷି ନିର୍ଦ୍ଦିଷ୍ଟ ଲିପି ନାହିଁ । ଏହା କଥିତ ଭାଷା ଅଟେ ।

ଓଡିଆ ଭାଷା ଓ ହାଲବୀ ଲୋକ ବୋଲିର ମିଶ୍ରଣରେ ସୃଷ୍ଟି ଭତ୍ରୀ ଉପଭାଷା ଭତରା ଜନଜାତିର ଲୋକମାନେ କହିଥାନ୍ତି । ହାଲବୀ ଓ ଭତ୍ରୀ ଜନଜାତିର ବୋଲିର ବ୍ୟାକରଣ ମଧରେ ବହୁ ସମାନତା ଦେଖିବାକୁ ମିଳେ । ହାଲବୀ ଭଳି ଭତ୍ରୀ ବୋଲିରେ ମଧ ୯ଟି ମୂଳ ସ୍ୱର ଓ ୨୮ଟି ବ୍ୟଞ୍ଜନ ଦେଖିବାକୁ ମିଳେ । ଉଭୟ ବୋଲିରେ ଅନୁନାସିକ ସ୍ୱର ସମାନ ଧ୍ୱନିରେ ବ୍ୟବହୃତ ହୋଇଥାଏ । ଭତ୍ରୀ ବୋଲିରେ 'ହାମର' କୁ 'ଆମର୍' ଖାୟଲାସକୁ 'କାୟଲାସ', 'ଧାନ'କୁ 'ଦାନ୍', 'ଭୀମ'କୁ 'ବିମ' ଆଦି ଉଚ୍ଚାରଣ କରାଯାଏ ।

ଭତ୍ରୀ ବୋଲିରେ ସଂସ୍କୃତ, ହିନ୍ଦୀ, ଆରବୀ ଓ ପାର୍ସୀ ଭାଷାର ତତ୍ସମ ତଥା ତଦ୍ଭବ ଶବ୍ଦରୂପ ଦେଖିବାକୁ ମିଳେ । ଓଡିଆ ଓ ହାଲବୀ ଶବ୍ଦ ମଧ ଥାଏ । ଉଦାହରଣସ୍ୱରୂପ :

ଧନୁ, ମନୁସ (ମାନୁଷ), ତିରି (ସ୍ତ୍ରୀ) ଅଗିନ୍ (ଅଗ୍ନି), ମୁଣ୍ଡ (ମୁଣ୍ଡ) ପରାନ୍ (ପ୍ରାଣ), ଧରମ୍ (ଧର୍ମ), ବୟରି (ବଇରୀ/ବୈରୀ) ଆଦି ସଂସ୍କୃତ ଭାଷାର ପ୍ରଭାବ ଓଡିଆ ଭାଷା ଦେଇ ଭତ୍ରୀ ବୋଲିରେ ପ୍ରବେଶ କରିଥିବା ସମ୍ଭବ । ଭତ୍ରୀ ବୋଲିରେ ସପ୍ତମୀ ବିଭକ୍ତିରେ ଏକ ବଚନର ପ୍ରୟୋଗ ହୋଇଥାଏ । ଉଦାହରଣସ୍ୱରୂପ ଇଥାନେ, ହାଇଥାନେ, ପାଦାଏ, ଗରେ, ବିତରେ, ଆଦି ।

ଭତରୀ ବୋଲିର ଲୋକ ସାହିତ୍ୟ ହାଲ୍‌ବୀ ତୁଳନାରେ ଅଧିକ ଓ ଗୋଣ୍ଡି ତୁଳନାରେ କମ୍ ସମୃଦ୍ଧ । ବସ୍ତୁତଃ ଓଡିଆ ଭାଷାର ପ୍ରଭାବରେ ଭତ୍ରୀ ଲୋକ ଭାଷାର ଲୋକ ସାହିତ୍ୟ ଅଧିକ ସମୃଦ୍ଧ । ଖେଳଗୀତ, ସଂସ୍କାରଗୀତ, ଡାଣ୍ଡାମାଳି ଗୀତ, ଝାଳିଆମା, ଲାଟିଆ ଭାଜି, ଚଇତ ପରବ ଗୀତ ତଥା ଲୋକକଥା, ଲୋକଗାଥା, ପହେଳି, ପ୍ରବଚନ ଆଦିରେ ଭତ୍ରୀ ଲୋକ ସାହିତ୍ୟ ଋଦ୍ଧିମନ୍ତ । ଏହାର ଲିଖିତ ସାହିତ୍ୟକୁ ଯଦି ବିଚାରକୁ ନେବା ତାହାହେଲେ ଏହା ଯେ ଅତିକମ୍ ସୃଷ୍ଟି ହୋଇଛି, ଏହା ହିଁ ଜାଣିବାକୁ ମିଳେ ।

ଏହି ସନ୍ଦର୍ଭରେ ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ଭତ୍ରାମାନଙ୍କ ଲୋକ ସାହିତ୍ୟର ସମ୍ୟକ ଆଲୋଚନା କରାଯାଇଛି ।

❀ ❀ ❀

# ଭତରା ଲୋକ ସାହିତ୍ୟର କିମ୍ବଦନ୍ତୀ

## ଦେବାଦେବୀ : ଭୈରବ ଦେତା, ଦନ୍ତେଶ୍ୱରୀ ମାଈନା, ମାଓଲି, କଙ୍କାଳିନୀ ମାତା, ଗ୍ରାବରାଇ ମାତା, ଚାଉଁରିଆ ବୀର, ଇଙ୍ଗଲାଜିନ୍ ମାତା

ଭତରାମାନଙ୍କ ମତରେ ତିନି ପ୍ରକାର ଦେବୀ ଦେବତା ଦେଖାଯାନ୍ତି । ସେମାନଙ୍କ ମଧ୍ୟରୁ କେତେକ ମଣିଷର ଉପକାରୀ, ଏମାନେ ସମସ୍ତ ପ୍ରକାର ଭଲ ଗୁଣର ଅଧିକାରୀ । ପୂଜା ଅର୍ଚ୍ଚନାରେ ସନ୍ତୁଷ୍ଟ ହୁଅନ୍ତି । ଆଉ କେତେକ ଉଭୟ ଭଲ ଓ ମନ୍ଦ ଗୁଣର ଅଧିକାରୀ । ମଣିଷ ସେମାନଙ୍କ ପ୍ରତି ଅବମାନନା କଲେ ସେମାନେ ମଣିଷର ଅପକାର କରି ରୋଗ, ଦୁଃଖ ଆଦି ସୃଷ୍ଟି କରିଥାନ୍ତି କିନ୍ତୁ ମଣିଷ ବଳି ଭୋଗ ଦେଲେ ଅଳ୍ପରେ ସନ୍ତୁଷ୍ଟ ହୋଇ କ୍ରୋଧ ସଂବରଣ କରି ମଣିଷର ସହାୟକ ହୋଇଥାନ୍ତି । ଆଉ କେତେକ ଦେବତା କେବଳ ମନ୍ଦଗୁଣର ହୋଇ ନାନା ଉତ୍ପାତ, ବିପ୍ତି ସୃଷ୍ଟି କରିଥାନ୍ତି ।

ଭତରା ଲୋକଗୀତରେ କେତେକ ଦେବ ଦେବୀ ବର୍ଣ୍ଣନା ଶୁଣିବାକୁ ମିଳେ । ଏମାନଙ୍କ ମଧ୍ୟରେ ଆଦିବାସୀ ଦେବାଦେବୀ  ଆର୍ଯ୍ୟ ଦେବା ଦେବୀ ବର୍ଣ୍ଣିତ ହୋଇଥାନ୍ତି । ଉଦାହରଣ ସ୍ୱରୂପ : କବିଗୀତ :

କଥାଏ କହିବା ଶୁଣ ସୁଜନ,
କବିଗୀତ ଆମ୍ଭେ କହିବା ପୁଣ
ମାଝ ମଣ୍ଡଳରେ ଦେବତା ଯେତେ,
ଏଯା ଲେଖାକରି କହିବି କେତେ ।

ପୂର୍ବେ ବିଭାଷଣ ଦେବତା ଥିଲା, ପଛେ ଲକ୍ଷେ କୋଟି ଦେବତା ହେଲା । ଆଉରି ଏ ଗୋଟେ ଡୁମା ରଏଲା, କୁନ୍ଦନି ତିଣ୍ଡା ନକୁଳ ଏବର ଢାଙ୍ଗଡ଼ା ବିମା, ରୋପୁଆ ମାତା ଯେ ବୈରମ ଦେବୀ ଦନ୍ତେଶ୍ୱରୀ ମାଇ ଅଛି ମାଓଲି ଗ୍ରାବରାଇ କି ଆଉ କଅଁରିଆ ପୁର୍ଥିକି ଟେକିଲା ବୀର ଚଅଁରିଆ, ସବୁଠାରେ ବୁଢ଼ାରଜା, ଇଙ୍ଗଲାଜିନ୍ ମାତା ଯେ ଅଗିନ ଜୋଲା ଦେକିବାକୁ ନିଡେ ମଜା । ବିଟାଲ ସମରଥ ଯେ ଡକରି ମାଇ (ଡକଡି), ଗାଓଁ ବସିଆ ଏ ଗଙ୍ଗାଦେଈ, ଭଣ୍ଡାରୁଣୀ ମାଇ ଅଛି ମାଓଲି ବାଇବୁଢ଼ା ଦେବୀ ଆଉ ଚନ୍ଦନ ଚହଁଡ଼ା ବୀର ଯେ କଟ ଗଡିଣ, ଗାଡି ଡଙ୍ଗର ଯେ ଦାଦରଦେଇ ସୁନାଦେଇ (ଦେହି) ମାତା ଗ୍ରାବରାଇ ଅଛନ୍ତି ଯେ ମହାମାଇ ବଞ୍ଜାରିନି ମାତା ବୋଲି କରି କାଳିଙ୍କା ଦେବୀ ଉରେଙ୍କ୍ରେ ଗଣ୍ଡିନ,

ଗପାଦେଇ, ବିଲେଇ ମାତା ଯେ ବାଓଁଡି ଦେବୀ ଜଲେ କମେଶ୍ୱରୀ କହୁଛି କବି ରାତି ମାଇ କି ଟନାମରିଚ ଆଉରି ଏ ବାଲମତି, ଟୁଆଟାଙ୍ଗନକୁ ମଡିମସାନ ବଡ ଦେବୀ ସରସତୀ ସବୁଠାରେ ବଡ ଭୂମି ଦେବତା କୁଳ ଦିଅଁପଣେ ଆହାର କରିଣ ସର୍ବେ ହେଲେ ହରଷ ଲକ୍ଷ୍ମୀ ନାରାୟଣ ଶରଣ ଶରଣ କବିବାନ୍ଧେ ରାମନାଥ ।

କହେ ରାମନାଥ ଭାବରେ ବାଳୁତ କଲିଯୁଗେ ତାର ଜାତ ।

[ ଦେବାଦେବୀ ସମ୍ବନ୍ଧେ ଏହି ଲୋକଗୀତ ଉମରକୋଟ ବ୍ଲକ ନବରଙ୍ଗପୁର ଜିଲ୍ଲା ଲେଙ୍ଗଡା ଗୁଡା ଗ୍ରାମର ନାଟଗୁରୁ ନିର୍ଗତ କଲାର ବୟସ ୬୦ ବର୍ଷ ଙ୍କ ଠାରୁ ୨୪.୬.୯୪ ଦିନ ଲେଖକ ଦ୍ୱାରା ସଂଗୃହୀତ ]

ଭତରାମାନଙ୍କ ଲୋକଦେବତାଙ୍କ ଏକ ସୂଚୀ : ୧. ବିଭୀଷଣ, ୨. ଢୁମା ରଏଲା, ୩. କୁନ୍ଦନି, ୪. ତିଣ୍ଡା, ୫. ନକୁଳ, ୬ ଜାଙ୍ଗଡା ବୀମା, ୭. ରୋପୁଆ ମାତା, ୮. ବୈରୀ ଦେବୀ, ୯. ଦନ୍ତେଶ୍ୱରୀ, ୧୦. ମ୍ଭାଓଲି, ୧୧. ଗ୍ରାବରାଇ, ୧୨. କଅଁରିଆ, ୧୩. ଚଅଁରିଆ, ୧୪. ବୁଡାରଜା, ୧୫. ଇଙ୍ଗାଲାଜିନ୍ ମାତା, ୧୬. ଅଗିନ୍ ଜୋଲା, ୧୭. ବିଟାଲ ସମରଥ, ୧୮. ଡକରି ମାଇ, ୧୯. ଗାଓଁ ବସିଆ, ୨୦. ଗଙ୍ଗାଦେଇ, ୨୧. ଭଣ୍ଡାରୁଣୀ, ୨୨. ବାରବୁଜା ଦେବୀ, ୨୩. ଚନ୍ଦନ ତହଁଡାବୀର, ୨୪. କଟଗଡିଁଶ, ୨୫. ଗାଡି ଡଙ୍ଗର, ୨୬. ଦାଦର ଦେଇ, ୨୭. ସୁନା ଦେଇ, ୨୮. ମହାମାଇ, ୨୯. ବଞ୍ଜାରିଣୀ ମାତା, ୩୦. କାଲିଙ୍କା, ୩୧. କଙ୍କାଳିନି, ୩୨. ଉରେଜଗଣ୍ଡିନ, ୩୩. ଗପାଦେଇ, ୩୪. ବିଲେଇ ମାତା, ୩୫. ବାଓଁଡି ଦେବୀ, ୩୬. ଖମ୍ଭେଶ୍ୱରୀ, ୩୭. ରାତି ମାଇ, ୩୮. ଟନା ମରିଚ, ୩୯. ବାଲମତି, ୪୦. ଟୁଆଟାଙ୍ଗନ, ୪୧. ମଡି ମସାନ, ୪୨. ସରସ୍ୱତୀ, ୪୩. ଭୂମି ଦେବତା, ୪୪. ଲକ୍ଷ୍ମୀ, ୪୫. ନାରାୟଣ, ୪୬. ଭୈରବ ଦେବତା, ୪୭. ତପେଶ୍ୱରୀ, ୪୮. ବିଡରି, ୪୯. ପ୍ରତି ଗାଁରେ ଗ୍ରାମ ଦେବତୀ ଯଥା ; ସିର୍ଲି ଗୁଡିନ, କାରିସୁନ୍ଦରୀ ଆଦି ।

ଦେବଦେବୀଙ୍କ କିମ୍ବଦନ୍ତୀ ; ଲୋକଗୀତ -

୧. ଜୟ ମହା ମାଇ, ଜୟ କାଲିକା
ଜୟ ମାଏ ଦନ୍ତେଶ୍ୱରୀ
ତର ନାମ ଧରି ଗୀତ ଗାଇବି
ମାଟି ମା କେ ସାକ୍ଷ୍ୟ କରି

(ଚଇତ ପରବ ଗୀତ)

୨. ଉଟା ଉଟା ମୋର ମଡ଼ି ମସାନ
କି ପୂଜା ମାଗିବ ମତେ
ବିଲାଇ ଟେଣ୍ଡକା ଟିକଟା ଆପା
ସେ ପୂଜା ଦେବୁ ତୁ ମତେ
ଗାଓଁ ଦେଇ ମାତା, କଙ୍କଲି ଦେବତା
ବାବୁ ତଅଁରିଆ ବୀର
କର ପତ୍ର ଯୋଡି ବିନତି କରୁଚି
ଆଜ ମତେ ରକ୍ୟା କର
ଭୋଗଦିଆ ମାଇ ଥାହି ଓଡିବି
ନବସର ପୂଜା ଦେବି ।। (ଚଉତ ପରବ ଗୀତ)

୩. ଜୟ ମହାମାଇ ଭଣ୍ଡାର ଘରାନି
ନବରତ୍ନ ଶୋହେ ଏକା
ମର ଗରେ ବସି ଦୟାକର ମାଇ
ସବୁ ଦେବୀର ନାୟିକା
ମାତା ମାଓଲିର ସୋନ୍ୟର ଖୁଟା
ଜୋଆରେ ମୁଁଇ ଦୁବିହାଟା ।। (ଚଇତ ପରବ ଗୀତ)

ଉପର୍ଯ୍ୟୁକ୍ତ ଲୋକଗୀତଗୁଡିକରୁ ଭତରାମାନଙ୍କ ଦେବଦେବୀ ସମ୍ବନ୍ଧରେ ସମ୍ୟକ ଧାରଣା କରିହୁଏ ।

ଭତରାମାନଙ୍କ ଲୋକବିଶ୍ୱାସକୁ ନେଇ ସେମାନଙ୍କର ଲୋକଦେବତାଙ୍କ ସୃଷ୍ଟି ହୋଇଛି । ଏହି ଲୋକଦେବତାଙ୍କ ସୃଷ୍ଟି ରହସ୍ୟ ପଛରେ ମିଥ୍‌ଟିଏ ଥାଏ, ଯାହା ସେମାନଙ୍କ ସାମୂହିକ ଚିନ୍ତନର ପ୍ରାଚୀନ ରୂପ ଅଟେ ।

ପ୍ରତି ଗାଁ ଭେଦରେ ଆଦିବାସୀଙ୍କ ଲୋକଦେବତା ଅଲଗା ଅଲଗା ହୋଇଥାନ୍ତି କିନ୍ତୁ ଭତରାମାନେ ମୁଖ୍ୟତଃ ଦନ୍ତେଶ୍ୱରୀ (ମାଓଲି) ଓ ଭୈରବ ଦେବତାଙ୍କୁ ମାନିଥାନ୍ତି ।

**ଆଦିବାସୀ ଲୋକବିଶ୍ୱାସରେ ଦେବୀ ଦନ୍ତେଶ୍ୱରୀ :** ବହୁ ଲୋକ ଦେବତାଙ୍କ ମଧ୍ୟରେ ମଧ୍ୟ ପ୍ରଦେଶର ବସ୍ତର ଏବଂ ଜୟପୁର ରାଜ୍ୟର ସୀମାନ୍ତ ଆଦିବାସୀ ଗ୍ରାମ ଗୁଡିକରେ ଦନ୍ତେଶ୍ୱରୀ ଦେବୀଙ୍କ ପ୍ରତିଷ୍ଠା ସର୍ବୋପରି ଯେତେବେଳେ କୌଣସି କାରଣରୁ ମଧ୍ୟ ପ୍ରଦେଶର କେତେକ ଆଦିବାସୀ ପ୍ରଜାତି ଓଡିୟାନ୍ (ଓଡିଆ ଭାଷା କହୁଥିବା ଅଞ୍ଚଳକୁ

ଗୋଣ୍ଡି ଭାଷାରେ କୁହାଯାଏ) ଅଞ୍ଚଳକୁ ବିସରିତ ହୋଇ ଆସିଲେ ଏବଂ ଗାଁ ବସାଇଲେ, ବସ୍ତର ରାଜାଙ୍କ ଅନୁମତି କ୍ରମେ ଦନ୍ତେଶ୍ୱରୀ ଦେବୀଙ୍କୁ ପ୍ରତି ଗାଁରେ ପ୍ରତିଷ୍ଠା କରି ପୂଜା ଅର୍ଚ୍ଚନା କଲେ, କାଳକ୍ରମେ ମଧ୍ୟପ୍ରଦେଶ ଓ ଓଡିଶାର ନବରଙ୍ଗପୁର, ଜୟପୁର ଅଞ୍ଚଳ ସୀମାନ୍ତରେ ଦନ୍ତେଶ୍ୱରୀ ଇଷ୍ଟଦେବୀ ଭାବେ ପ୍ରକୀର୍ତ୍ତିତା ହେଲେ ।

*[ ତଥ୍ୟ : ମାୟାଧର ମାନସିଂ ଧୁରୁଆ/ଦନ୍ତେଶ୍ୱରୀ ପୂଜାରୀ, ବୟସ ୮୪, କୁସୁମପୁର ଗ୍ରାମ, ରାଇଘର ବ୍ଲକ, ନବରଙ୍ଗରପୁର ଜିଲ୍ଲା ]*

ଦନ୍ତେଶ୍ୱରୀ ଦେବୀଙ୍କୁ ଶକ୍ତିର ପ୍ରତୀକ ଭାବେ ଗ୍ରହଣ କରାଯାଏ ଏବଂ ଧାର୍ମିକ ମାନ୍ୟତା ଅନୁସାରେ ଦେବୀ ନବ ଦୁର୍ଗାଙ୍କ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଏ ।

## ଦନ୍ତେୱାଡା ଶିଳାଲେଖରେ ଦେବୀ ଦନ୍ତେଶ୍ୱରୀ :

ବସ୍ତର ରାଜବଂଶ ନିଜକୁ କାକିତୀୟ ବଂଶ ଭାବେ ପରିଚିତ କରାଇଥିଲେ ଏବଂ ଦନ୍ତେଶ୍ୱରୀ ଦେବୀ ଏମାନଙ୍କ କୁଳ ଦେବୀଭାବେ ପୂଜା ପାଉଥିଲେ । କୁହାଯାଏ କାକିତୀୟ ବଂଶର ରାଜା ଅନ୍ନମଦେବ, ଯିଏକି (ପ୍ରତାପରୁଦ୍ର ଦେବଙ୍କ ଭାଇ ଥିଲେ) ୱାରଙ୍ଗଲ ଆନ୍ଧ୍ରପ୍ରଦେଶର ପ୍ରତିଷ୍ଠିତ ଦେବୀ ଦନ୍ତେଶ୍ୱରୀଙ୍କ ପରାମର୍ଶକ୍ରମେ ବସ୍ତର ରାଜ୍ୟକୁ ଆସି ବସତି ସ୍ଥାପନକଲେ ଏବଂ ଦେବ୍ୟ ସ୍ୱଇଛାରେ ତାଙ୍କ ସଂରକ୍ଷିକା ଭାବେ ୱାରଙ୍ଗଲ ଛାଡ ରାଜାଙ୍କ କୁଳଦେବୀ ଭାବେ ବସ୍ତରର ଜଗଦଲପୁର ରାଜ୍ୟର ପୂର୍ବରେ ଥିବା ଡାକିନୀ (ଡଙ୍କିନି) ଓ ଶଙ୍ଖିନି ନଦୀଦ୍ୱୟର ସଙ୍ଗମସ୍ଥଳ 'ତାରଲାପାଲ' ଗ୍ରାମରେ ରହିଲେ । ଏହିଠାରେ ଅନ୍ନମଦେବ ଦେବୀଙ୍କ ପାଇଁ ମନ୍ଦିର ନିର୍ମାଣ କଲେ । ଏହା ପ୍ରାୟ ୧୪୦୦ ଖ୍ରୀ:ର କଥା । ଏହି ସ୍ଥାନ ପରବର୍ତ୍ତୀ କାଳରେ ଦନ୍ତେୱାଡ଼ା ନାମରେ ପ୍ରସିଦ୍ଧ ହେଲା ଏବଂ ଆଦିବାସୀ ମାନେ ମଧ୍ୟ ଦେବୀଙ୍କୁ ଇଷ୍ଟଦେବୀ ଭାବେ ମାନିନେଲେ । [ ଦନ୍ତେୱାଡ଼ା ଶିଳାଲେଖ : ୧୭୬୦ ]

## ଦନ୍ତେଶ୍ୱରୀ ମିଥ୍ :

ବସ୍ତେରର ମାଓଲି ମାଇ ଦନ୍ତେୱାଡିନ (୧) ମାତାର ଜୀବନ ଏପରି ଅଛି ଯେ, ସେ ନିଜର ସମ୍ପୂର୍ଣ୍ଣ ଜୀବନ, ବସ୍ତେର ରାଜାର ସୁରକ୍ଷା ଏବଂ ତହିଁର ନିବାସୀଙ୍କ ମଙ୍ଗଳ ପାଇଁ ଦେଇଥିଲେ । ସେ ଭଦ୍ରାଞ୍ଚଳମ୍ ରାଜାର କନ୍ୟା । ତାର ମୂଳ ନାମ ଥିଲା ପଣ୍ଡରି (୨) ମାଓଲି ମାଇ (୧. ଦନ୍ତେ ୱାଡନ୍ : ଦନ୍ତେୱାଡା ଗ୍ରାମରେ ବାସ କରୁଥିବା, ୨. ପଣ୍ଡରି ; ଗୌରବର୍ଣ୍ଣା) । ସେ ଘୋର ତପସ୍ୟା କଲେ । ତପସ୍ୟାପୂର୍ଣ୍ଣ ହେବା ପରେ ସେ

କୋବା ବଂଶର ଗୋଣ୍ଡ ରାଜକୁମାରଙ୍କୁ ବିବାହ ହେବାର ସ୍ଥିର ହେଲା । କିନ୍ତୁ ବିବାହ ପୂର୍ବରୁ କୋବା ବଂଶର ରାଜକୁମାର ଭବାନୀ ପାଟଣାର ବର୍ମା ରାକ୍ଷସ ସହ ଯୁଦ୍ଧ କରି ବୀରଗତି ପାଇଲେ । ଏହା ଜାଣି ଭଦ୍ରାଞ୍ଚଳମ୍ ରାଜକନ୍ୟା ପଣ୍ଡରି ମାଓଲି ମାଈ ନିଜ ପିତାଙ୍କ ସୈନ୍ୟଙ୍କୁ ନେଇ ବର୍ମା ରାକ୍ଷସ ସହ ଯୁଦ୍ଧ କରିବାକୁ ବାହାରିଲେ । ବର୍ମା ରାକ୍ଷସ ସମ୍ବନ୍ଧରେ ସବିଶେଷ ତଥ୍ୟ ଜାଣିବା ପାଇଁ ସେ ଡଙ୍କିନି ଓ ଶଙ୍ଖନି ନଦୀର ସଙ୍ଗମ ନିକଟରେ ଡେରା ପକାଇ ରହିଲେ । ବସ୍ତର ରାଜାଙ୍କୁ ସାକ୍ଷାତ କରିବାକୁ ଇଚ୍ଛା ପ୍ରକାଶ କଲେ । ବସ୍ତର ରାଜା ଯୁଦ୍ଧରେ ତାଙ୍କ ସାହାଯ୍ୟ କରିବାକୁ ମନାକଲେ । ଏହା ବହୁ ପୂର୍ବକାଳର କଥା । ତା ପରେ ପଣ୍ଡରି ମାଓଲି ମାଈ ପିତା ଘରକୁ ନଫେରି ସେହି ଦୁଇ ନଦୀର ସଙ୍ଗମ ତୀରରେ ରହିଗଲେ ।

କେତେବର୍ଷ ଉତ୍ତାରେ ଭଗବାନ ଶମ୍ଭୁ (ମହାଦେବ) ନିଜ ପିତା କୁଲିତରାଙ୍କ ଆଦେଶକ୍ରମେ ସଂସାରର ଭଲମନ୍ଦ ଜାଣିବା ପାଇଁ ବୃଷଭରେ ବସି ଜମ୍ବୁଦ୍ୱୀପରେ ପହଞ୍ଚିଲେ । ତା'ପରେ କୌମୁରି ପେଜିଆ ଦ୍ୱୀପ ବୁଲୁ ବୁଲୁ ଡଙ୍କିନି ଓ ଶଙ୍ଖିନି ନଦୀ ସଙ୍ଗମ ଠାରେ ପହଞ୍ଚିଲେ ।

ମାତା ମାଓଲି ନଦୀ ସଙ୍ଗମ ମୁହାଣରେ ବାଳଗୌରୀ ରୂପ ହୋଇ ବାଲିଘର କରି ଖେଳୁଥିଲେ । ତାଙ୍କର ଜରେ ଦେହରକ୍ଷୀ ଥିଲା । ଭୈରବ ରୂପୀ ଶିବ ମାଓଲି ମାତାଙ୍କୁ ଦେଖି ବୃଷଭରୁ ଓହ୍ଲାଇଲେ । ବୃଷଭକୁ ବାଲିଘର ଭାଙ୍ଗି ଦେବାକୁ ଆଦେଶ ଦେଲେ । ବୃଷଭ ବାଲିଘର ଭାଙ୍ଗିଦେବାରୁ ମାଓଲି ବୃଷଭର ମାଲିକଙ୍କୁ ଗାଳିଦେଦେଲ । ଶମ୍ଭୁ ଏହା ଦେଖି ହସି ପକାଇଲେ ଓ ମାଓଲି ମାତାକୁ ବୃଷଭ ପିଠିରେ ବସାଇ ବୈଲାଡିଲା (ବୃଷଭର କୁଜ) ଗ୍ରାମକୁ ନେଇ ଆସିଲେ । ଏହା ପରେ ପିତା କୁଲିତରାଙ୍କ ଆଦେଶରେ ଭୈରବ ମାତା ମାଓଲିଙ୍କୁ ବିବାହ ହେଲେ । ବଣ ଜଙ୍ଗଲରୁ ପାଇଥିବାରୁ ମାତା ମାଓଲି ବଣଦେବୀଭାବେ ପୂଜିତା ହେଲେ ଏବଂ ଗୋଣ୍ଡୱାନାର ଦକ୍ଷିଣାଞ୍ଚଳରେ ମାତା ମାଓଲିଙ୍କୁ ଦନ୍ତେଶ୍ୱରୀ ନାମ ଦେଲେ ଓ ଆଦିଶକ୍ତି ମହାମାୟୀ ବୋଲି ମାନ୍ୟକଲେ ।

ଦନ୍ତେଶ୍ୱରୀ (ମାଓଲି ମାତା) କୋଇତର (ଗୋଣ୍ଡ ଓ ଏହା ବହୁ ଉପଜାତି)ଙ୍କ ଆସ୍ଥା, ସଂସ୍କୃତି, ସଭ୍ୟତା ଓ ଧର୍ମର ପ୍ରତୀକ, ଦନ୍ତେଶ୍ୱରୀ ମୂଳତଃ ଦ୍ରାବିଡ ଦେବତା ।

[ ତଥ୍ୟ ସଂଗ୍ରହ : ଟିମନପୁର ଗ୍ରାମ/ରାଇଘର ବ୍ଲକ/ମଣିରାମ ଗଣ୍ଡ/ଜିଲ୍ଲା ନବରଙ୍ଗପୁର ]

## ଭୈରବ ଦେବତା ମିଥ୍ :

ଅବିଭକ୍ତ କୋରାପୁଟ ଜିଲ୍ଲାର ନନ୍ଦପୁର, କାମତା, କୁମୁଲି, ଭୈରବ ସିଂହପୁର, ନବରଙ୍ଗପୁର ଅଞ୍ଚଳର ଉମରକୋଟ ନିକଟସ୍ଥ ପୋଡାଗଡ଼ରେ ଭୈରବ ଦେବତା ପୂଜିତ । ଯେ ହେତୁ ଏହି ଅଞ୍ଚଳ ଜୈନ ଓ ବୌଦ୍ଧଧର୍ମ ଦ୍ୱାରା ପ୍ରଭାବିତ ହୋଇଥିଲା ଏବଂ ପରବର୍ତ୍ତୀ କାଳରେ ଏହା ତନ୍ତ୍ର ସାଧନାର ପୀଠ ହୋଇଥିଲା ଏଣୁ ମହାଯାନ ତନ୍ତ୍ର ସାଧନା ଓ ଅଘୋରୀ ତନ୍ତ୍ର ସାଧନାରେ ଭୈରବ ହୋଇଗଲେ ତନ୍ତ୍ରେଶ୍ୱର, ତନ୍ତ୍ରପୀଠର ଅଧିକାରୀ, ଏହା ଇତିହାସ ସମର୍ଥିତ ତଥ୍ୟ କିନ୍ତୁ ଭୈରବ ଦେବତାଙ୍କ ସୃଷ୍ଟି ସମ୍ବନ୍ଧରେ ଏହି ଅଞ୍ଚଳରେ ଯେଉଁ ଲୌକିକ ମିଥ୍‌ଟିଏ ଶୁଣିବାକୁ ମିଳେ ତାହା ଏହିପରି -

ଭୈରବ ଦେବତା କୁଲିତରାଙ୍କ ପୁତ୍ର । ସେ ପିତାଙ୍କ ଆଦେଶରେ ଅଘୋର ତପ ସାଧନା କରି ଭୈରବ ବାବା ନାମରେ ଖ୍ୟାତ ହେଲେ । ପରେ ମାତା ମାଓଲି (ବାଲଗୌରୀ) ଦନ୍ତେଶ୍ୱରୀଙ୍କୁ ବିବାହ କରି ଦନ୍ତେଓ୍ୱାଡାର ଗହନ ବନରେ ଭ୍ରମଣ କଲେ ।

ଡଙ୍କିନି ଓ ଶଙ୍ଖିନି ନଦୀ ତୀରରେ ବହୁ ବିଶାଳ ଗଛ ବୃକ୍ଷ, ଦ୍ରୁମ, ଦାରୁ, ଲତା, ଗୁଳ୍ମ, ଫୁଲ, ଫଳ ପରିପୂର୍ଣ୍ଣ ଜଙ୍ଗଲଥିଲା ଭୈରବଙ୍କ ସାଧନା ପୀଠ । ତାଙ୍କ ଶହ ଶହ ଶିଷ୍ୟ ତାଙ୍କଠାରୁ ଯନ୍ତ୍ର, ତନ୍ତ୍ର, ମନ୍ତ୍ର ଶିକ୍ଷାକରି ଭୈରବ ମନ୍ତ୍ରରେ ଦୀକ୍ଷିତ ହେଉଥିଲେ । ଏଣୁ ଏହି ସ୍ଥାନ ଦିବ୍ୟ, ପବିତ୍ରତମ ଈଶ୍ୱରୀୟ ସ୍ଥାନଥିଲା । ଦନ୍ତେଶ୍ୱରୀ ଭୈରବଙ୍କ ପତ୍ନୀ ଥିଲେ । କୋଇତର ସମାଜକୁ ସତ୍ ଶିକ୍ଷା ଦେବା, ସଂସ୍କାରିତ କରିବାର ମୁଖ୍ୟ ଦାୟିତ୍ୱ ଭୈରବ ନେଇଥିଲେ । ଭୈରବ ମନୁଷ୍ୟର ଶାରୀରିକ ସଂରଚନାର ଜ୍ଞାତା ଥିଲେ । ନିରନ୍ତର ତପ ସାଧନା କରି ସେ ମୃତ୍ୟୁକୁ ଜୟ କରିଥିଲେ ।ଏଣୁ କୋଇତୁର ସମାଜ ତାଙ୍କୁ ଭୈରବ ବାବା ବୋଲି ନାମିତ କଲେ ।

ମିଥ୍‌ରୁ ଜଣାଯାଏ କାଳ ଓ ମୃତ୍ୟୁକୁ ଜୟ କରିଥିବାରୁ ସେ ହେଲେ କାଳ ଭୈରବ ଓ ମାଓଲି ମାତା (ଦନ୍ତେଶ୍ୱରୀ) ହେଲେ ବାଣୀ ସିଦ୍ଧିର ଦେବତା ।

ଭତରା ଆଦିବାସୀ ଗୋଷ୍ଠୀ ବହୁ ଲୌକିକ ଦେବ ଦେବୀଙ୍କୁ ମଧ୍ୟ ପୂଜା କରିଥାନ୍ତି । ଏଠାରେ ଏକ ସଂଗୃହୀତ ଲୋକଗୀତ ଦେବା ପ୍ରସଙ୍ଗୋଚିତ ହେବ ।

ମାତାକୁ ମାଓଲି ଭଇରକୁ ବିମା
କରିଲି ବିଜ ପୁଟିନି
ହରାଇ ନେବେକି କିଣାଇ ନେବେ
ଜାଗଇ ମୁହ ଖୁଟନି

ଗଛ ସଲଣିଆ
ପତର ଡୁଆ
ସବୁ ଦେବୀ ସାହା ହୁଆ ॥
ଅନଳ ପବନ ବତିଶ ନାଡ
ଚଉଷଠି ଲୋକ ଅଛନ୍ତି ବେଢ଼ି
କେଉଁ ଅନୁକୂଳେ ଜାତ ହୋଇଛନ୍ତି
ଗଢ଼ିଛି କେଉଁ ବିଧାତା
ଆମ ଧାମନାହାଣ୍ଡି ଭଇର ଦେବତା
ପିଲାପରି କହେ କଥା ॥

(ଚଇତ ପରବ ଗୀତ)

**ମଣିଷରୁ ଦେବତାରେ ଉତ୍ତରଣ : ଗାବରାଇ ମାତା (ଗର୍ଭରାଇ ମାତା) ସମ୍ବନ୍ଧୀୟ କିମ୍ବଦନ୍ତୀ -**

ଆଦିବାସୀ ଲୋକଦେବତାଙ୍କ ସୃଷ୍ଟି ସେମାନଙ୍କ ବିଶ୍ୱାସକୁ ଆଧାର କରି ହୋଇଥାଏ । ମଣିଷ ନିଜର ସୁଖ ଦୁଃଖ ଭଲ ମନ୍ଦରେ ଏହି ଦେବତାଙ୍କ ସାହାଯ୍ୟ ଲୋଡେ । ରୋଗ, ବଇରାଗରୁ ମୁକ୍ତି ପାଇଁ ତାକୁ ସନ୍ତୁଷ୍ଟ କରେ । ପୂଜା ବିଧି କରେ । ଅପଦେବତା ଓ ଦୁଷ୍ଟ ଦେବତାର କୋପ ଶାନ୍ତ କରିବା ପାଇଁ ବଳି, ଭୋଗ ଦିଏ । ମଣିଷ, ମଣିଷର ଅଲୌକିକତା ଦେଖି ତାକୁ ଦେବତାର ମାନ୍ୟଦିଏ । ସେମିତି ଭତରାମାନଙ୍କର ଏକ କିମ୍ବଦନ୍ତୀ 'ଗ୍ରାବରାଇ ମାତା'ରେ କୁସୁମାଦେଇ କିପରି ମଣିଷରୁ ଦେବତାରେ ପରିଣତ ହୋଇଛି ତାହା ଲୋକ ମୁଖରେ ଏବେବି ଶୁଣିବାକୁ ମିଳେ ।

ନବରଙ୍ଗପୁର ଜିଲ୍ଲାର ସଦର ମହକୁମା ଠାରୁ ପଶ୍ଚିମ ମୁହାଁ ୧୩ କି:ମି ଆସିଲେ ପଡେ ପାପଡାହାଣ୍ଡି ଛକ । ପାପଡାହାଣ୍ଡିରୁ ଉତ୍ତର ମୁହାଁ ୨୦ କି:ମି ଯାତ୍ରା କଲେ ଭବାନୀପାଟଣା ରାସ୍ତାରେ ଅଛି ମଇଦଲ ପୁର ଗ୍ରାମ ।

ମଇଦଲ ପୁର ଗ୍ରାମର ପଶ୍ଚିମ ଦିଗରେ ଗଛ, ଦ୍ରୁମ ଘେରା, ଲତାବେଷ୍ଟିତ 'ଗର୍ଭରାଇ ପର୍ବତ' ଛିଡା ହୋଇଛି । ମଇଦଲ ପୁର ଠାରୁ ଏହା ୪ କି.ମି ଦୂରରେ ଅଛି । ପର୍ବତ ଦେହରୁ ଝରି ଯାଉଛି ଝରଣା । ଚାରିଆଡେ ବେଲ, ଆମ୍ବଅଁଳା ଗଛ । ଚଢ଼େଇଙ୍କ କଳରାବ । ସୁନ୍ଦର ପ୍ରକୃତି । ପ୍ରଶାନ୍ତ ପରିବେଶ । ଏହି ଗର୍ଭରାଇ ପର୍ବତରେ ଗ୍ରାବରାଇ ମାତାଙ୍କ ଆସ୍ଥାନ ।

ଏ ଅଞ୍ଚଳର ଆଦିବାସୀଙ୍କ ମତରେ ଚାଉଁରିଆ ବୀର ଜଣେ ଅଲୌକିକ ଶକ୍ତିର ଅଧିକାରୀ । ଏ ଦେବତା ମଧ୍ୟ ପ୍ରଦେଶ ଅମରାବତୀ ଠାରେ ବହୁ ପୂର୍ବକାଳରେ ଜନ୍ମ ଗ୍ରହଣ କରିଥିଲେ । ଏହି ଦେବତା ପାହୁଣ୍ଡକେ ଦଶକୋଶ ଗତି କରିପାରନ୍ତି । ଭାରି ଶିକାର ପ୍ରିୟ ଓ ଅଶ୍ୱାରୋହଣରେ ତାଙ୍କ ପଟାନ୍ତର ନାହିଁ । ଚାଉଁରିଆ ବୀର ନିଜ ପତ୍ନୀ ମାଓଲି ଓ ଭଉଣୀ କୁସୁମାଦେଈ ସହିତ ମଇଦଲପୁର ନିକଟରେ ବାସ କରୁଥିଲେ । ଥରେ ଚାଉଁରିଆ ବୀର ପାରିଧି (ବେଣ୍ଟ) କରିବାକୁ ନିଜ ଘୋଡ଼ାରେ ଚଢି ବାହାରିଗଲେ । କେତେଦିନ ବିତିଗଲା ସେ ଫେରିଲେ ନାହିଁ ।

ତାଙ୍କ ଅନୁପସ୍ଥିତିରେ ମାଓଲି ନିଜ ନଣନ୍ଦ କୁସୁମାଦେଈକୁ ଦେଖି ସହି ପାରିଲା ନାହିଁ । ନାନା ଦୁଃଖ, କଷ୍ଟ, ଯାତନା ଦେଲା । କୁସୁମାଦେଈର ସୌନ୍ଦର୍ଯ୍ୟ, ସରଳତା, ଭାଇ ପ୍ରତି ଅତୁଟ ଶ୍ରଦ୍ଧା, ମାଓଲି ମନରେ ଈର୍ଷା ଆଣିଲା । ଦୁଃଖ କଷ୍ଟ ସହି ନପାରି କୁସୁମାଦେଈ ଘର ଛାଡ଼ି ବଣ ଭିତର ଦେଇ ଚନ୍ଦନ ପୋଖରୀ କୂଳକୁ ଚାଲିଗଲା ।

ଚଉଁରିଆ ବୀର ପାରିଧିରୁ ଫେରି ଭଉଣୀକୁ ନଦେଖି ନିଜ ପତ୍ନୀକୁ ପଚାରିଲେ । ମାଓଲି କୁସୁମାଦେଈ ଚନ୍ଦନ ପୋଖରୀକୁ ଗାଧୋଇ ଯାଇଛି ବୋଲି କହିବାରୁ ଚାଉଁରିଆ ବୀର ଭଉଣୀକୁ ଖୋଜିବାକୁ ଗଲେ । ଚନ୍ଦନ ପୋଖରୀ କୂଳରେ ନଗ୍ନ ଅବସ୍ଥାରେ କାନ୍ଦୁଥିବା ଭଉଣୀକୁ ଦେଖି ସେ ଘୋଡାରୁ ଓହ୍ଲାଇ ନିଜ ପଗଡିଟି ଭଉଣୀ ଆଡକୁ ବଢ଼ାଇ ଦେଲେ । ତାହା ପିନ୍ଧି ସାରି କୁସୁମା ଦେଈ ନିଜର ଦୁଃଖ କହି ସାରିଲା ପରେ, ପୋଖରୀ ପାଖ ପାହାଡକୁ ଫାଟିଯାଇ ତାକୁ ସ୍ଥାନ ଦେବାକୁ ଅନୁରୋଧ କଲା । ପାହାଡ଼ ଫାଟି ଯାଇ ତା ଗର୍ଭରେ କୁସୁମାଦେଈକୁ ସ୍ଥାନ ଦେଲା । କୁସୁମାଦେଈକୁ ନିଜ ଗର୍ଭରେ ସ୍ଥାନ ଦେବାରୁ ପାହାଡ଼ର ନାମ ଲୋକ ମୁଖରେ 'ଗର୍ଭରାଇ' ପାହାଡ ହେଲା ଏବଂ କୁସୁମା ଦେଈ ଗ୍ରାବରାଇ ମାତାରେ ପରିଣତ ହେଲେ ।

ଭଉଣୀ ପର୍ବତ ଗର୍ଭରେ ଲୁପ୍ତ ହେବାର ଦେଖି ଦୁଃଖରେ ଚଉଁରିଆ ବୀରଙ୍କ ଆଖିରୁ ଲୁହ ଝରିଗଲା । ନିଜ ପତ୍ନୀର ଭଉଣୀ ପ୍ରତି ବ୍ୟବହାରରେ ବ୍ୟଥିତ ଚଉଁରିଆ ବୀର କ୍ରୋଧରେ ଜର୍ଜରିତ ହୋଇ ଘରକୁ ଫେରିବା ବାଟରେ ନିଜ ପତ୍ନୀ ମାଓଲି ଠାକୁରାଣୀଙ୍କୁ ଏକ ଗ୍ରାମ ନିକଟରେ ଦେଖି ଘୋଡାରୁ ଓହ୍ଲାଇ ତାଙ୍କୁ ହତ୍ୟା କରିବା ପାଇଁ ଖଣ୍ଡାଧରି ଦଉଡି ଗଲେ । ମାଓଲି ଖସି ଚାଲିଯିବା ସମୟରେ ଖଣ୍ଡାଧାରରେ ନାକ କଟିଯାଇ ତଳେ ପଡିଗଲା । ସେହିଦିନ ଠାରୁ ଉକ୍ତ ଗ୍ରାମର ନାମ ନାକ୍‌କଟି ଗୁଡ଼ା ହେଲା ।

ଏଣେ ମାଓଲି, ଚଉଁରିଆ ବୀର ଉପରେ ରାଗି ତାଙ୍କୁ ଅଭିଶାପ ଦେଲେ ଯେ ସେ କୌଣସି ଯାନି ଯାତ୍ରାରେ ପୂଜା ପର୍ବରେ ନାକ୍‌ଟିଗୁଡା ଗ୍ରାମରେ ପ୍ରବେଶ କରି ପାରିବେ ନାହିଁ, ସେହିଦିନ ଠାରୁ ଚଉଁରିଆ ବୀର ସେହି ଗ୍ରାମରେ ପ୍ରବେଶ କଲେ ନାହିଁ ।

ଲୋକେ ଗ୍ରାବ୍‌ରାଇ (ଗର୍ଭରାଇ ମାତା)ଙ୍କର ପୂଜା କଲେ । ସେ ପ୍ରକୀର୍ତ୍ତିତା ହେଲେ । କହେ ଥରେ ଜୟପୁର ରାଜାଙ୍କ ପାଟରାଣୀଙ୍କୁ ସ୍ୱପ୍ନ ହେଲା ଯେ - ମଇଦଲ ପୁର ନୂଆକୋଟ ଅଞ୍ଚଳରେ ନୀଳକଣ୍ଠେଶ୍ୱର ବୋଲି ଗୋଟିଏ ପର୍ବତ ଅଛି । ସେହି ପର୍ବତରେ ସକବୁ ଠାକୁରାଣୀ ବାସ କରନ୍ତି ଓ ପୂଜା ପାଆନ୍ତି । ପାଟରାଣୀ ରାଜାଙ୍କୁ ସ୍ୱପ୍ନ କଥା କହନ୍ତେ, ରାଜା ଓ ରାଣୀ ପାଟହାତୀ ପିଠିରେ ବସି ମହା ସମାରୋହରେ ନୂଆକୋଟ ଅଭିମୁଖେ ଯାତ୍ରା କଲେ । ପଥ ମଧ୍ୟରେ ମନୋରମ ପ୍ରକୃତି ବୃକ୍ଷରାଜିର ସୌନ୍ଦର୍ଯ୍ୟ ଦେଖି ରାଜା ଓ ରାଣୀ ଖୁସି ହେଲେ ।

ପର୍ବତର ପାଦ ଦେଶରେ ଠାକୁର ଠାକୁରାଣୀଙ୍କର ସମାବେଶ ହେବା ଦେଖିଲେ । ସେମାନେ ଦେଖିଲେ ଗ୍ରାବରାଇ ମାତା ନିଜର ସ୍ମୃତିରକ୍ଷା ନିମିତ୍ତ ଶିଳା ମଧ୍ୟରେ ନିଜର ଦୁଇ ପାଦ ଚିହ୍ନ ଅଙ୍କିତ କରି ପାହାଡ ଗର୍ଭରେ ଗୋପ୍ୟ ହୋଇ ଯାଇଛନ୍ତି । ଲୋକମାନେ ଗ୍ରାବରାଇ ମାତାଙ୍କର କାଞ୍ଚନିକ ମୂର୍ତ୍ତି ଓ ବିଭିନ୍ନ ମାଟି ତିଆରି ଲଙ୍ଗଳା ମୂର୍ତ୍ତି ଦେବୀଙ୍କ ପାଦ ଦେଶରେ ରଖି ପୂଜା କରୁଛନ୍ତି । ଏହି ଅଶ୍ଳୀଳ ମୂର୍ତ୍ତିଗୁଡିକୁ ଦେଖି ପାଟରାଣୀ ଅସନ୍ତୁଷ୍ଟ ହେଲେ ଏବଂ ନିଜ ବାମ ଗୋଡ଼ରେ ସେହି ମୂର୍ତ୍ତିଗୁଡିକୁ ଠେଲି ଦେଇ ପୂଜାରୀକୁ ସେଗୁଡିକୁ ପୂଜା ନକରିବାକୁ ନିର୍ଦ୍ଦେଶ ଦେଲେ ଏବଂ ଗ୍ରାବରାଇ ମାତାଙ୍କ ପୂଜା ଶେଷକରି ଫେରି ଆସିଲେ ।

ଏବେ ସୁଦ୍ଧା ପର୍ବତ ନିକଟରେ ଏକ ଆମ୍ବଗଛ ଅଛି । ଏହି ଆମ୍ବଗଛ ଗଣ୍ଡିରେ ରାଜା ବିକ୍ରମଦେବଙ୍କ ପାଟହାତୀ ବନ୍ଧା ହୋଇଥିବାରୁ ଏହାକୁ ହାତୀବନ୍ଧା ଆମ୍ବଗଛ ବୋଲି ଲୋକେ କହନ୍ତି ।

ଗ୍ରାବରାଇ ଦର୍ଶନ ସାରି ରାଜାରାଣୀ ଫେରି ନବରଙ୍ଗପୁର ଠାରେ ରାତ୍ରୀ ଯାପନ କଲେ । ସେଦିନ ରାତିରେ ପାଟରାଣୀ ସ୍ୱପ୍ନ ଦେଖିଲେ ଯେ ଅଚାନକ ସେ ଯେଉଁ ଗୋଡ଼ରେ ମାଟି ମୂର୍ତ୍ତିଗୁଡିକୁ ଠେଲି ଦେଇଥିଲେ ସେ ଗୋଡ ଅସମ୍ଭବଭାବେ ଫୁଲି, ପାଚି ପୂଜ ହୋଇ ଭୀଷଣ କଷ୍ଟ ଦେଉଛି । ଯେତେ ପ୍ରକାର ଔଷଧ ଲଗାଇଲେ ମଧ୍ୟ ଉପଶମ ହେଉ ନାହିଁ । ଏହା ଦେଖି ପାଟରାଣୀ ଏହା ଗ୍ରାବରାଇ ମାତାଙ୍କ ମହିମା ବୋଲି ଜାଣି ପାରିଲେ, ଠାକୁରାଣୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେ ପୂଜା ମନାସିଲେ । ତାଙ୍କ ଗୋଡ଼ ଫୁଲା ଉଭେଇଗଲା ।

ରାଜା ଦେବୀଙ୍କୁ ଭକ୍ତି ଜଣାଇ ନୂଆକୋଟ ଗ୍ରାମବାସୀଙ୍କୁ ଆଦେଶ ଦେଲେ ଯେ ପତିବର୍ଷ ଚୈତ୍ର ମାସରେ ଠାକୁରାଣୀଙ୍କ ପ୍ରତୀକ ଭାବେ ଗ୍ରାବରାଇ ମାତାଙ୍କ ଲାଗି ଓ ନୀଳକଣ୍ଠେଶ୍ୱର ଫୁଲ ମହା ସମାରୋହରେ ପୂଜା ଓ ଧୂପ ବାସ ଦେଇ ଜୟପୁର ଭଗବତୀଙ୍କ ନିକଟକୁ ଅଣାହେବ ଏବଂ ଲାଠି ପହଞ୍ଚିଲା ପରେ ଜୟପୁରରେ ଚୈତ୍ର ଯାତ୍ରା ଆରମ୍ଭ ହେବ ।

ଏବେ ମଧ୍ୟ ପ୍ରତିବର୍ଷ ଚୈତ୍ର ମାସରେ ମହାନିଶୁ ଓ ଭକ୍ତିରେ ଗ୍ରାବରାଇ ମାତାଙ୍କ ଲାଠି ଜୟପୁରକୁ ଅଣାଗଲା ପରେ ବସନ୍ତାୟୀ ଯାତ୍ରାର ପ୍ରାରମ୍ଭ ହେଉଛି ।

*[ ତଥ୍ୟ ସଂଗ୍ରହ : ବାରୁଣୀ ପୂଜାରୀ, ମଇଦଲ ପୁର, ଜିଲା । ନବରଙ୍ଗପୁର, ବୟସ ୩୦ ବର୍ଷ ଓ ଶ୍ରୀ ସାଇମନ ବିଡ଼ିକା, ବୟସ ୪୨ ବର୍ଷ, ଭୀମାଗୁଡା, ଧନ୍ତ୍ରା, ଜିଲା - ନବରଙ୍ଗପୁର ]*

କାଳିକା ମାତା ପରବର୍ତ୍ତୀ କାଳରେ ଆଦିବାସୀମାନଙ୍କ ପୂଜା ପଦ୍ଧତି ଭିତରକୁ କଙ୍କାଳିନୀ ମାତା ନାମରେ ଗୃହୀତ ହେଲେ । ଏହି ଦେବୀ ବଳିପ୍ରିୟ । ଛେଳି, ମେଣ୍ଢା, କୁକୁଡା ବଳି ଖାଇ ଏ ଦେବୀ ସନ୍ତୁଷ୍ଟ ହୁଅନ୍ତି । ଏ ଦେବୀ ଅସନ୍ତୁଷ୍ଟ ହେଲେ ରୋଗ, ବସନ୍ତ, ମିଳିମିଳା, ଝାଡାବାନ୍ତି ହୁଏ ବୋଲି ଲୋକ ବିଶ୍ୱାସ । ଏହି ଦେବୀ ପ୍ରଚଣ୍ଡ କ୍ରୋଧୀ । ଏଣୁ ତାଙ୍କୁ ପୂଜା କରି ସନ୍ତୁଷ୍ଟ କରିବା ପାଇଁ ଲାଲଫୁଲ, ଧଳା ଓଦା ଅରୁଆ ଚାଉଳ କଳାଚୂଡି, ସିନ୍ଦୂର ଦେଇ ମାର୍ଜନା କରାଯାଏ । ଭକ୍ତ ବଳି ପଦାର୍ଥ ଉତ୍ସର୍ଗ କରିଥାଏ । ରୋଗ ଦାଉରୁ ରକ୍ଷା ପାଇବା ପାଇଁ ପୂଜା କରିଥାଏ । ଝୁଣା ବାସ, ଟାମକ୍, ମହୁକ, ନାଗରା, ମାଦଳର ଶବ୍ଦରେ ପୂଜାସ୍ଥଳୀ କମ୍ପି ଉଠେ । ଶିରା ଦେହରେ ଏ ଦେବୀ ପ୍ରବେଶ କରି ଭଲ ମନ୍ଦ କଥା କହିଥାନ୍ତି । ରୋଗ ଦୁଃଖ କଷ୍ଟଗୁଡିକରେ ନିରାକରଣ ଉପାୟମାନ ବତାଇଥାନ୍ତି । ଏ ଦେବୀ ଗ୍ରାମ ଶେଷ ମୁଣ୍ଡରେ କିମ୍ବା ଗ୍ରାମଠାରୁ ଦୂରରେ ରହିବାକୁ ପସନ୍ଦ କରିଥାନ୍ତି ।

*[ ତଥ୍ୟ : ମେଘନାଦ ପୂଜାରୀ, ବୟସ ୮୦ ବର୍ଷ: ଦରଗାଗୁଡ଼ା, ଉମରକୋଟ ଜି: ନବରଙ୍ଗପୁର, ବୃତ୍ତି : ମନ୍ଦିର (ଗାଁ ଗୁଡିର) ପୂଜାରୀ କାମ ]*

**ଇଙ୍ଗରାଜିନ୍ ମାତା : (ହିଙ୍ଗଲାଜିନ୍)**

ଏହି ଠାକୁରାଣୀ ମଧ୍ୟ ପ୍ରଦେଶର ବେଡ଼ାଗାଓଁର ଗ୍ରାମଦେବୀ । କାଳକ୍ରମେ ଏହି ଦେବୀ ଓଡ଼ିୟାନ ଦେଶରେ (ଓଡିଶା) ମଧ୍ୟ ପୂଜିତା ହେଲେ ଏବଂ ଭାଷା ପ୍ରଭାବରେ ହିଙ୍ଗଲାଜିନ୍‌ରୁ ଇଙ୍ଗଲାଜିନ୍ ମାତା ନାମରେ ପ୍ରସିଦ୍ଧି ପାଇଲେ । ଉମରକୋଟ ଠାରୁ ୮

କି:ମି: ଦୂରରେ ଧତ୍ରା ନିକଟସ୍ଥ ଭୀମଗୁଡା ଠାରେ ଏହି ଦେବୀଙ୍କ ଏକ ମନ୍ଦିର ଅଛି । ବର୍ଷକୁ ଥରେ ମାଘ ମଣ୍ଡେଇ ଉତ୍ସବରେ ନିଜ ପରିବାରବର୍ଗକୁ ସଂଖୋଳିବା ପାଇଁ ଇଙ୍ଗଲାଜିନ୍ ମାତା କିମ୍ବା ପାଲିଙ୍କି (ସବାରୀ) ବସ, ଛତ୍ର ଚାମର ସେବିତ ହୋଇ, ଶିରା, ଦିସାରି, ପୂଜାରୀଙ୍କ ଗହଣରେ ଗ୍ରାମଭ୍ରମଣରେ ବାହାରି, ପ୍ରତିଘରୁ ଭୋଗ, ରାଗ, ନୈବେଦ୍ୟ ଗ୍ରହଣ କରିଥାନ୍ତି । ଏ ଦେବୀ ସର୍ବ କଲ୍ୟାଣମୟୀ, ମଙ୍ଗଳମୟୀ ଭାବେ ପ୍ରକୀର୍ତ୍ତିତା । ଭତ୍ରାମାନେ ଏହି ଦେବୀଙ୍କୁ ଭକ୍ତିରେ ପୂଜାକରି ଭଲ ବର୍ଷା, ଭଲ ଫସଲ, ପରିବାର ବୃଦ୍ଧି ଓ ରୋଗରୁ ମୁକ୍ତି କାମନା କରିଥାନ୍ତି ।

**ଦେବୀଙ୍କ ସମ୍ବନ୍ଧରେ କିମ୍ବଦନ୍ତୀ :**

ମାତା ଇଙ୍ଗଲାଜିନ୍ - ମଧ୍ୟ ପ୍ରଦେଶ ବସ୍ତର ଜିଲ୍ଲା ଇଙ୍ଗଲାଜିନ୍ ଗଡ ନିକଟ ଓରଙ୍ଗାଲ୍ ଗ୍ରାମରୁ ଆସି ଧତ୍ରା ଅଞ୍ଚଳରେ ବସତି ସ୍ଥାପନ କରି ରହିଛନ୍ତି ହରିଜନ ସମ୍ପ୍ରଦାୟର ପନ୍‌କା ଗୋଷ୍ଠୀ । ସେହି ଗୋଷ୍ଠୀର ଜଣେ ସିୟାନ୍ ଲୋକ (ବୟସ୍କ ବ୍ୟକ୍ତି) ଲମ୍ବୁ ପନ୍‌କା ସ୍ୱପ୍ନରେ ଦେବୀଙ୍କୁ ଦେଖିଲେ । ମାତା ଇଙ୍ଗଲାଜିନ୍ ଧତ୍ରାର କେଉଁ ସ୍ଥାନରେ ପ୍ରକଟ ହେବେ, ତାହାର ସୂଚନା ଦେଇ, ଲମ୍ବୁ ପନ୍‌କାଙ୍କୁ ଏହା ଲୋକ ଗୋଚର କରାଇବା ପାଇଁ ଆଦେଶ ଦେଲେ । ଲମ୍ବୁ ପନ୍‌କା ତା ଆରଦିନ ସକାଳେ ଶୁଦ୍ଧପୂତ ହୋଇ, ଧଳା ଲୁଗାଟିଏ ପିନ୍ଧି ଦେବୀଙ୍କ ପ୍ରକଟ ସ୍ଥାନ ଚିହ୍ନଟ କରି ଏକ ପ୍ରସ୍ତରୀଭୂତ ବିଗ୍ରହ ଦେଖିବାକୁ ପାଇଲେ । ସ୍ୱପ୍ନରେ ଦେଖିଥିବା ଦେବୀଙ୍କ ରୂପ ଇଙ୍ଗଲାଜିନ୍ ଗଡର ଦେବୀଙ୍କ ସହ ଅପୂର୍ବ ସାମଞ୍ଜସ୍ୟ ଥିବାର ଦେଖି ଲମ୍ବୁ ପନ୍‌କା ଦେବୀଙ୍କ ସହ ଅପୂର୍ବ ସାମଞ୍ଜସ୍ୟ ଥିବାର ଦେଖି ଲମ୍ବୁ ପନ୍‌କା ଦେବୀଙ୍କୁ ଇଙ୍ଗଲାଜିନ୍ ମାତା ଭାବେ ବର୍ଣ୍ଣନା କଲେ । ସେହିଦିନ ଠାରୁ ସେ ମାତାଙ୍କ ଶିରା ଭାବେ କାମ କଲେ (ଶିରା ଯାହା ଦେହରେ ଦେବୀ ଉଭାହୁଅନ୍ତି-କାଳିସୀ) । ଲମ୍ବୁ ପନ୍‌କାପରେ ସୋମୁ ପନ୍‌କା, ପରେ ଧର୍ମୁ ପନ୍‌କା, ଧର୍ମୁ ପରେ ଧରମଦାସ ପନ୍‌କା ଦେବୀଙ୍କ ଶିରା ଭାବରେ କାମ କରୁଛନ୍ତି ।

ଦେବୀଙ୍କ ପ୍ରତୀକ ପାଲିଙ୍କି । ଏହା ବେଲକାଠରେ ନିର୍ମିତ ହୋଇଥାଏ । ଦେବୀଙ୍କ ପୂଜାରୀ ଓ ମାଝିମାନଙ୍କ ମଧ୍ୟରେ କୌଣସି କାରଣରୁ ମନାନ୍ତର ହେବାରୁ ପୂଜାରୀମାନେ ଗାଆଁ ଛାଡି ବସ୍ତରର ବେଡ଼ା ଗାଁ ଚାଲିଯିବା ପରେ ଦେବୀଙ୍କ ପୂଜା ବିଧି ପାଇଁ ଝରିଗାଁ ନିକଟସ୍ଥ ବେଲଗାଁରୁ ପୂଜାରୀମାନଙ୍କୁ ଅଣାଗଲା । ଗଟି ପୂଜାରୀ, ଯଦୁ ପୂଜାରୀ, ଜଳଧର ପୂଜାରୀ, ପୂଜାରୀ ଭାବେ କାର୍ଯ୍ୟକରି ଇହଧାମ କଲେ । ସଂପ୍ରତି ଦୀନବନ୍ଧୁ ପୂଜାରୀ ଇଙ୍ଗଲାଜିନ୍ ମାତାଙ୍କ ପୂଜା ଅର୍ଚ୍ଚନା କରୁଛନ୍ତି ।

*[ ତଥ୍ୟ - ଦୀନବନ୍ଧୁ ପୂଜାରୀ ପିତା: ଜଳଧର ପୂଜାରୀ, ଭୀମାଗୁଡା ଗ୍ରାମ, ପୋ: ଧଡ୍ରା ଭାୟା : ଉମର କୋଟ ଜିଲ୍ଲା : ନବରଙ୍ଗପୁର ]*

**ମୋହବା** - ଇଏ ଠାକୁର ଅଟନ୍ତି । ୟାଙ୍କ ଜନ୍ମସ୍ଥାନ ମଧ୍ୟ ପ୍ରଦେଶ ବସ୍ତର ଅଞ୍ଚଳର କଲିଗଡ ମଲିଗଡ । ଏ ଠାକୁର ସେଠାରୁ ଆସି ଧଡ୍ରା ଠାରେ ପ୍ରଘଟ ହୋଇଛନ୍ତି । ଏ ଦେବତା ଇଙ୍ଗଲା ଜିନ୍ ମାତାଙ୍କ ଗୁଡି ପଛ ଭାଗରେ ଅବସ୍ଥାନ କରନ୍ତି । ଏ ଦେବତା ମଧ ଭାତ୍ରାଙ୍କ ଦ୍ଵାରା ପୂଜିତ ହୁଅନ୍ତି ।

ଏହିପରି ଭତରା ଗୋଷ୍ଠୀ ଅଧ୍ୟୁଷିତ ଗ୍ରାମଗୁଡିକରେ କେତେ ଯେ ଲୋକ ଦେବତାଙ୍କ ସୃଷ୍ଟି ହୋଇଛି ଏବଂ ପ୍ରତି ଦେବ ଦେବୀଙ୍କ ସୃଷ୍ଟି ରହସ୍ୟକୁ ନେଇ କିମ୍ଵଦନ୍ତୀ ଶୁଣିବାକୁ ମିଳେ ।

**ଭତରା କିମ୍ଵଦନ୍ତୀରେ କେତେକ ସ୍ଥାନର ନାମ କରଣ :**

ଚିହ୍ନିବା ପାଇଁ ନାମ ଦିଆ ଯାଇଥାଏ । ପ୍ରତ୍ୟେକ ଗ୍ରାମର ନାମ କରଣ ପଛରେ ଗୋଟିଏ ଗୋଟିଏ କାହାଣୀ, ମିଥ୍, କିମ୍ଵଦନ୍ତୀ ପ୍ରଚ୍ଛନ୍ନ ଭାବେ ରହିଥାଏ । ଏଠାରେ କେତେକ ଭତ୍ରା ଅଧ୍ୟୁଷିତ ଗ୍ରାମର ନାମକରଣ ପଛରେ ଥିବା କିମ୍ଵଦନ୍ତୀ ସମ୍ବନ୍ଧରେ ଆଲୋଚନା କରିବା :

**ଶିଂସାରି** - ନବରଙ୍ଗପୁର ଜିଲ୍ଲା ଉମରକୋଟ ତହସିଲରେ ଉମରକୋଟ ଠାରୁ ପୂର୍ବ ଦକ୍ଷିଣ କୋଣରେ ୨୩ କି:ମି: ଗଲେ ପଡ଼େ ଶିଂସାରି ଗ୍ରାମ । ଏହି ଗ୍ରାମର ନାମ କରଣ ପଛରେ ଏକ କିମ୍ଵଦନ୍ତୀ ଥିବାର ବୟସ୍କ ଲୋକମାନେ କହନ୍ତି ।

(କ) ଜଣେ ରାଜାଥିଲେ । ସେ ରାଜା ପୁଷ୍ପରୀ ଗଡରେ ରହୁଥିଲେ । ଥରେ ବସ୍ତରର ରାଜା ଏ ଗଡ ବିଷୟରେ ଶୁଣିଲେ । ଗଡ ରାଜା ବର୍ଷକୁ ଥରେ ଲାଖବିନ୍ଧା ଉତ୍ସବ କରାଉଥିଲେ । ଥରେ ଲାଖବିନ୍ଧା ଉତ୍ସବରେ ବସ୍ତର ରାଜପୁତ୍ର ଜିଣିବାରୁ, ରାଜା ରାଗିଯାଇ ରାତିରେ ଶୋଇଥିବା ସମୟରେ ରାଜପୁତ୍ରକୁ ହତ୍ୟା କରିବାକୁ ଘାତକକୁ ଆଦେଶ ଦେଲେ । ରାଜ କୁମାରୀ ଏହା ଜାଣି ପାରି ବସ୍ତର ରାଜ କୁମାରକୁ ବଞ୍ଚାଇ ତାଙ୍କ ସହିତ ଘୋଡ଼ାରେ ବସ୍ତର ଚାଲି ଗଲେ । ସେଠି ବସ୍ତର ରାଜା ଏ ଦୁହିଙ୍କର ବିବାହ କରାଇ ଦେଲେ । ଏହା ଜାଣିପାରି ପୁଷ୍ପରୀ ରାଜା ବସ୍ତର ଆକ୍ରମଣ କରିବାକୁ ପାଇକ ସଜ କଲେ । ପୁଷ୍ପରୀ ରାଜାଙ୍କର ପୋଷା ସାରୀଟିଏ ଥିଲା । ଏହା ଆଗତ ଭବିଷ୍ୟତ କଥା ଜାଣିପାରୁ ଥିଲା । ରାଜା ସାରୀ ଦ୍ଵାରା ସବୁ ଜାଣି ପାରୁଥିଲେ ; କିନ୍ତୁ ଏଥର ରାଜାଙ୍କର ପତନ ହେବ ଜାଣି

ସାରୀ ଉଡିଯାଇ ବସ୍ତର ରାଜାଙ୍କୁ ସବୁ କଥା କହିଲା । ବସ୍ତର ରାଜା ନିଜପୁତ୍ରକୁ ସୈନ୍ୟସାମନ୍ତ ସହ ପୁଷ୍କରୀ ଆକ୍ରମଣ କରିବାକୁ ପଠାଇଲେ । ପୁଷ୍କରୀ ରାଜା ସାରୀର ବିଶ୍ୱାସଘାତକତାରେ ରାଗି ଯାଇ ତାକୁ ମାରିଦେବାକୁ ଚେଷ୍ଟା କରିବାରୁ, ସାରୀ ଗଡରୁ ଉଡିଆସି 'ସିଙ୍ଗାରୀ' ନଈ କୂଳରେ ଥିବା ଗୋଟିଏ ବାଇ ଲୋକ ଗଛ (ଏହା ବଡଗଛ, ଏହାର ପତ୍ର ପ୍ରାୟ ୨ ଫୁଟ ଲମ୍ୱା ଓ ମଧ୍ୟ ଭାଗରେ ଏକ ଫୁଟ ଓସାର, ଦୁଇ ପ୍ରାନ୍ତରେ କ୍ରମ ସରୁ, ଲୋକେ ଏହି ପତ୍ରକୁ ଖଲି ପରି ଖାଇବା ସମୟରେ ବ୍ୟବହାର କରନ୍ତି)ରେ ବସାାବାନ୍ଧି ରହିଲା ।

କାଳକ୍ରମେ ଲୋକେ ଏହି ଗଛ ନିକଟରେ ଘର ବାନ୍ଧି ରହିଲେ ଏବଂ ଏହି ଗ୍ରାମର ନାମ ସିଙ୍ଗାରୀ ନଈ ଓ ସାରୀକୁ ମିଶାଇ ଶିଂସାରୀ ହେଲା ।

(ଖ) ଏହି କିମ୍ବଦନ୍ତୀର ଆଉ ଗୋଟିଏ ପରିବର୍ତ୍ତିତ ରୂପ ମଧ୍ୟ ଶୁଣିବାକୁ ମିଳେ ଯଥା, ଶିଙ୍ଗାରୀ ନଈ କୂଳରେ ବହୁଗଛ ଥିଲା । ବଣରେ ବିପୁଳ ସଂଖ୍ୟାରେ ବେଲଗଛ, ରାଉଳୀ, ସର୍ଗି, ପିଆଶାଳ, ଶିଶୁ, ହରିଡା, କେନ୍ଦୁ, ବାହାଡା, ଅଁଳା, ଅର୍ଜୁନ, ଧଅଁଡା ଆଦି ଗଛଥିଲା । ବଣରେ ବାରହା, କୁଟ୍ରା, ସମ୍ବର, ଜିଆଦ୍, ବଣ ଗାଈ ଆଦି ବାସ କରୁଥିଲେ । ଏହି ବଣରେ ବାସ କରୁଥିବା ଆଦିବାସୀମାନେ ଶିକାର କରି ପଶୁମାଂସ ଖାଉଥିଲେ ଏବଂ ସେଗୁଡିକର ଶିଙ୍ଗ ଓ ହାଡ ଶିଙ୍ଗାରୀ ନଈ କୂଳରେ ଥିବା ଗୋଟିଏ ବଡ ଶିମୁଳୀ ଗଛ ମୂଳେ ପୋତି ଦେଉଥିଲେ । ସେହି ଶିଂଗ ପୋତା ହେଉଥିବା ଗଛ ଉପରେ ପୁଷ୍କରୀ ଗଡର ସାରୀ ଆସି ବସାବାନ୍ଧି ରହିବାରୁ ଲୋକମାନେ ଗାଁ ବସାଇ ତା'ର ନାମ 'ଶିଂସାରୀ' ରଖିଲେ ।

## ଧୋଡ୍ରା ଗ୍ରାମର ନାମ କରଣ ପଛରେ କିମ୍ବଦନ୍ତୀ :

ନବରଙ୍ଗପୁର ସହରରୁ ଉତ୍ତର ଦିଗରେ ୫୫ କି.ମି. ଉମରକୋଟ ଆଡକୁ ଆସିଲେ ପଡେ ଧୋଡ୍ରା ଗ୍ରାମ । କେବେ ଏହି ଗାଁ ଚାରି ପଟେ ଘେରି ରହିଥିଲା ଘଞ୍ଚ ଜଙ୍ଗଲ ।ଗାଁର ଦୁଇପଟେ ନଈ, ବାଘ, ଭାଲୁ, କୁଟ୍ରା, ଜିଆଦଙ୍କ ଖେଳାଭୂଇଁ । ଧୋଡ୍ରା ଗାଁର ନାମ କରଣ ପଛରେ ବି ରହିଛି ଗୋଟିଏ କିମ୍ବଦନ୍ତୀ ।

ତେନ୍ତୁଳି, ମହୁଲ, ସର୍ଗି ଗଛ ଭିତରେ ଗୋଟିଏ ଭୀମାଗୁଡା ପଦର । କେତେ ଜାତିର ଲୋକ ଏଇ ଗାଁରେ ରହନ୍ତି । ଏମାନଙ୍କ ରୁଚି ଅଲଗା । କେହି କେହି ମଦ ପିଇ ମାତାଲ ହୋଇ ରହିବାକୁ ପସନ୍ଦ କରନ୍ତି ତ କେହି ଶିଶିରି (ସିଟି) ମାରି ଝିଅ ମାନଙ୍କୁ

ରସାଇ ଫସାଇବା ପାଇଁ ଚେଷ୍ଟା କରୁଥାନ୍ତି । କିଏ କିଏ ଖଚ ମିଛ କହି ଗଣ୍ଡ ଗୋଳ ଭିଆଉ ଥାନ୍ତି ତ କିଏ କିଏ ବାହାପିଆ କଥା କହି ବାହାବା ଫିକରରେ ଥାନ୍ତି । ସେହି ଲୋକମାନଙ୍କୁ ଗାଁରେ ମନ୍ଦରିଆ (ମଦୁଆ), ଶିଶିରିଆ (ସିଟି ମାରିବା ଲୋକ), ଟିହିଲିଆ (ଖଚୁଆ) ଏବଂ ଧୋଡରିଆ (ବାହାପିଆ) ବୋଲି ଡାକୁଥିଲେ । ସମୟକ୍ରମେ ସେହି ଲୋକମାନଙ୍କ ମଧ୍ୟରୁ କେତେଜଣ ଭୀମାଗୁଡି ପଦର ଛାଡି ଅନ୍ୟ ପଦର (ପଡିଆ) କୁ ଯାଇ ଘରଦ୍ୱାର କରି ପିଲାଛୁଆ ଧରି ରହିଲେ । ଯେଉଁ ପଦରରେ ଧୋଡରିଆ ଯାଇ ରହିଲା ସେହି ପଦର ବା ଗାଁର ନାମ ତାର ନାମ ଅନୁସାରେ ହେଲା 'ଧୋଡରା ପଦର' । ବର୍ତ୍ତମାନ ସୁଦ୍ଧା ଗାଁ ଗହଳିର ଲୋକ ଗାଆଁଟିକୁ ଧୋଡ଼ରା ପଦର ବୋଲି କହୁଥିଲେ ମଧ୍ୟ କାଳକ୍ରମେ ଧୋଡ୍ରା ପଦର ନାମରୁ ପଦର କଟିଯାଇ ନଥି ପତ୍ରରେ ଗାଁର ନାମ ହୋଇଛି ଧୋଡ୍ରା ।

*[ ତଥ୍ୟ ପ୍ରଦାନ : ରାମଦାସ ଗାଣ୍ଡା, ଭୀମାଗୁଡା (ଧୋଡ୍ରା) ବୟସ ୬୨ ବର୍ଷ/ ମାର୍ଫତ-ସାଇମନ୍ ବିଡିକା, ଭୀମାଗୁ ଡାଙ୍କ ଠାରୁ ସଂଗୃହୀତ]*

**ବାଟିବେଡା ଗ୍ରାମର ନାମ କରଣ ପଛରେ ଥିବା କିମ୍ବଦନ୍ତୀ :**

ଏପଟେ ନାଗଜୋରି ବଣ । ସେପଟେ ଭାସ୍କେଲ ନଈ । ଉମରକୋଟ ଠାରୁ କୋଣ୍ଡାଗାଁ ରାସ୍ତାରେ ଆଠ କି:ମି: ରେ ବିରିସାଡି ଛକପଡେ । ଛକରୁ ଡାହାଣ ହାତି ୧ କି:ମି: ଦୂରରେ ଗୋଟିଏ ବାଟିବେଡା । ତିନ୍ତୁଳି, ମହୁଲ, ସର୍ଗିଗଛ ଘେରା ଗାଁ । ବଣ ସଫାକରି କେତେଘର ଆଦିବାସୀ ଭତ୍ରା, ଗୋଣ୍ଡ ଓ କଲାର ଗୋଷ୍ଠୀର ଲୋକ ଗାଁ ବସାଇଲେ । ମାଟିଡାହି ବେଡା (ଜମି) ଉଠିଆ କଲେ । ବେଡ଼ାର ଚିକିଟା ମାଟିରେ ବାଟୁଳି (ବାଟି) ବା ଗୋଲି ତିଆରି କରି ପିଲାମାନେ ଖେଳିଲେ । ବାଟୁଳିରେ ଚଢ଼େଇ ଶିକାର କଲେ । ବେଡା ମାଟିରେ ବାଟି ତିଆରି କରିଥିବା ଯୋଗୁଁ ଗାଁର ନାମ ହେଲା 'ବାଟିବେଡା' ।

*[ ତଥ୍ୟ ପ୍ରଦାନ : ସ୍ୱାଧୀନତା ସଂଗ୍ରାମୀ ରବି ସିଂ ମାଝୀ ପିତା : ପଟୁ ମାଝୀ, ବୟସ ୮୦ ବର୍ଷ, ବାଟିବେଡା ଗ୍ରାମ/ସଂଗ୍ରହ : ସୁବାସ ଚନ୍ଦ୍ର ମିଶ୍ର, ଉମରକୋଟ]*

ଏହିପରି କୋରାପୁଟ ଜିଲ୍ଲା ଓ ନବରଙ୍ଗପୁର ଜିଲ୍ଲାର ଭତ୍ରା ଗୋଷ୍ଠୀ ଅଧ୍ୟୁଷିତ ପ୍ରତ୍ୟେକ ଗ୍ରାମର ନାମ ପଛରେ ଗୋଟିଏ ନା ଗୋଟିଏ କିମ୍ବଦନ୍ତୀ ରହିଛି । ଗାଁ ଗୁଡିକ ସାଧାରଣତଃ ଲୋକଦେବତା, ଜଣେ ବିଶିଷ୍ଟ ଲୋକ ବା ଘଟିଥିବା କୌଣସି ମନେରଖିବା ଭଳି ଘଟଣା ଆଦିକୁ ନେଇ ନାମିତ ହେବାର ଜଣାଯାଏ । ଯେପରିକି କାମନ ଦେଇ

ଭଟା (ଲୋକଦେବୀଙ୍କ ନାମ ଅନୁସାରେ) ଦେଓ ବରଣି (ଦେବତା ନାମ ଅନୁସାରେ), ସଲପମାରି ଗୁଡା (ସଲପ ଗଛର ପ୍ରଚୁରତା ଯୋଗୁଁ) ତେତେଲ ଖୁଟି (ତେନ୍ତୁଳି ଗଛର ଖୁଣ୍ଟି), ମହୁଲ ପଦର (ମହୁଲ ଗଛକୁ ନେଇ), ଡାବୁଗାଁ (ଦାବାଦେଇ ଠାକୁରାଣୀଙ୍କ ନାମ ଅନୁସାରେ), ନାକଟି ଗୁଡା (ମାଓଲି ଠାକୁରାଣୀଙ୍କ ନାକ କଟି ତଳେ ପଡିଥିବା ଗାଁର ନାମ), ହାଣ୍ଡିଗୁଡା (ହାଣ୍ଡି ମୁହୁଲି ନାମକ ଜଣେ ବ୍ୟକ୍ତି ପ୍ରଥମେ ଗାଁ ବସାଇଥିବାରୁ ତା ନାମ ଅନୁସାରେ ଗାଁର ନାମ) ଏପରି ପ୍ରତ୍ୟେକ ଗାଁ କାହାକୁ ନା କାହାକୁ ପ୍ରତିନିଧିତ୍ୱ କରିଥାଏ । ଭତରୀ ଲୋକସାହିତ୍ୟରେ ପର୍ବ ସଂପର୍କୀୟ କିମ୍ବଦନ୍ତୀ ।

ଭତରା ଲୋକମାନଙ୍କର ବିଶ୍ୱାସ ଯେ ଦାର୍ଣି ମା (ମାଟି ମା, ଧରଣୀ, ବସୁଧା) ସମସ୍ତ ସୃଷ୍ଟିର ମୂଳହେତୁ । ସେହିଁ ଆଦ୍ୟଶକ୍ତି । ଏଣୁ ସେମାନେ ଦେବୀଙ୍କ ଆରାଧନାକୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି । ବାଲିଯାତ୍ରା ଯଥା : ଭାଦ୍ର ବାଲିରେ ଗୁରୁମାଇ ମାନେ ପୁରାଣ ଓ ଦେବୀ ବନ୍ଦନା ଗାଇ ନୂତନ ଅଙ୍କୁର ଉଦ୍‌ଗମ ପାଇଁ ଦେବୀଙ୍କ ଆଶିଷ ମାଗି ଥାନ୍ତି । ଏମାନଙ୍କ ପର୍ବପର୍ବାଣୀ ମୁଖ୍ୟତଃ ନୃତ୍ୟଗୀତ ମାଧମରେ ସମ୍ପନ୍ନ ହୋଇଥାଏ ।

**କୁଣ୍ଡରି ପରବ ବା ନାହାନ ପରବ -**

ଦେହ ଆରୋଗ୍ୟ ରହୁ । ଶରୀର କଷ୍ଟ ଭୋଗ ନକରୁ । ସମସ୍ତ ମଣିଷ, ପଶୁ, ପକ୍ଷୀ ନିରାମୟ ରହନ୍ତୁ । ମା ଡଙ୍ଗର ଦେଇ (ଛୋଟ ପାହାଡ)ରେ ଅବସ୍ଥାନ କରୁଥିବା ଦେବୀ ତୁ ସତୁବାଇ ନାମରେ ପ୍ରକୀର୍ତ୍ତିତା, ତୋର ସନ୍ତୁଷ୍ଟି ପାଇଁ ଆମେ ଗ୍ରାମବାସୀ କୁଣ୍ଡରି ପରବ ପାଳନ କରୁଛୁ । ଆମେ ନାଚି ନାଚି ତୋ ପାଇଁ ଗୀତ ଗାଉଛୁ, 'ମା ଡଙ୍ଗର ଦେଇ, ସତୁବାଇ ବଳି ଭୋଗ ନେ ଓ ତାବଦଳରେ ଗାଁର ସମସ୍ତଙ୍କର ଜ୍ୱର ମୁଣ୍ଡବଥା, ଅନ୍ୟରୋଗ ସବୁ ଦୂର କରିଦେ ।

ଲୋକଗୀତ :

ଡ଼ଙ୍ଗର ଦେଇ ସତୁବାଇ ବକଡା ଗଟେକ୍ ନେ
ଗାଁର ଗୁଲା ଜର ମୁଣ୍ଡ ନନ୍ଦିନେ ଉଗାଇ ଦେ ।।

[ ବକଡା: ମେଣ୍ଢା / ଗୁଲା: ସମସ୍ତ / ନନ୍ଦିନେ: ନଈରେ / ଭଷାଇ: ଭସାଇ ]

**ତେଲା ପିଟାଣି (ତେଲ ଚୋପନି) ପର୍ବ :**

ଏହା କୃଷି ସମ୍ବଳିତ ପର୍ବ । ଏହି ପର୍ବରେ ଗାଁର ଧାଙ୍ଗଡା, ଧାଙ୍ଗଡି ମାନେ ନୂଆଲୁଗା ପିନ୍ଧି ଜମିକୁ ଯାଇ ଚାଷ କରାଯାଇଥିବା ମାଟିକୁ ପୂଜା କରନ୍ତି । ପୂଜାପରେ ଜମିରେ

ଥିବା ଢ଼େଲା ଗୁଡିକୁ ପିଟି ଗୁଣ୍ଡ କରନ୍ତି । ଏହାକୁ ଢ଼େଲା ଚୋପନି ପରବ କୁହାଯାଏ । ମାଟି ଉର୍ବର ହେବା ପାଇଁ ଢ଼ୋଲ ଓ ମହୁରୀର ତାଳେ ତାଳେ ନାଚକରି ଢ଼େଲା ଗୁଣ୍ଡ କଲାବେଳେ ନିମ୍ନ ଗୀତ ଗାଇଥାନ୍ତି -

ଲୋକଗୀତ :

ମାଟି ମା ମାଟିମା
ଜୋଆର ଲାଗ୍‌ସି ତକେ
ପରୁର୍ କାଳେ ଶାଗ୍ ପେଇ୍ ଦେ
ନାଏଲେ ମର୍‌ବୁ ବୁକେ ।

[ ମାଟି ମା - ପୃଥିବୀ / ଜୋଆର - ଜୁହାର (ନମସ୍କାର) / ଲାଗ୍‌ସି - ଲାଗୁ (ଏଠି ଗ୍ରହଣ କରିବା ଅର୍ଥରେ ପ୍ରଯୋଜ୍ୟ) / ପରୁ - ଆସନ୍ତାବର୍ଷ / ଶାଗ୍ - ସମସ୍ତ ପ୍ରକାର ପନି ପରିବା / ତରକାରୀ ପାଇଁ ଯାହା ସବୁ ବ୍ୟବହୃତ ହୁଏ । ପେଇ୍ - ଜାଉ (ମଡିଆ ପେଇ୍ - ମାଣ୍ଡିଆ ଜାଉ) / ବୁକେ - ଭୋକରେ ]

*[ ତଥ୍ୟ ସଂଗ୍ରହ : କେଦାରେଶ୍ୱର ପଟ୍ଟନାୟକ / ଗ୍ରାମ  ପୋ : ଧୋଡ୍ରା, ଭା: ଉମରକୋର୍ଟ , ଜିଲ୍ଲା ; ନବରଙ୍ଗପୁର ]*

**ଭତରାଙ୍କ ବଂଶ ଓ ଗୋତ୍ର ସମ୍ବନ୍ଧୀୟ କିମ୍ବଦନ୍ତୀ :**

ନବରଙ୍ଗପୁର ଜିଲ୍ଲା ଓ କୋରାପୁଟ ଜିଲ୍ଲା କୁନ୍ଦ୍ରା, ବୋରିଗୁମ୍ମା ଓ କୋଟପାଡ ବ୍ଲକ୍‌ରେ ବସବାସ କରୁଥିବା ଭତରାମାନେ ନିଜକୁ ବହୁ ବଂଶ ଓ ଗୋତ୍ରରେ ବିଭକ୍ତ ହୋଇଥିବାର ସ୍ୱୀକାର କରନ୍ତି । ସେମାନଙ୍କ ଗୋତ୍ର ସନ୍ତକ ଭାବେ ବିଭିନ୍ନ ଜୀବଜନ୍ତୁଙ୍କୁ ଗ୍ରହଣ କରି ସେଗୁଡିକୁ ସମ୍ମାନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେ ପଶୁଙ୍କୁ ହତ୍ୟା କରନ୍ତି ନାହିଁ କିମ୍ବା ଖାଦ୍ୟଭାବେ ବ୍ୟବହାର କରନ୍ତି ନାହିଁ ।

ଭତରାମାନଙ୍କ କେତେକ ମୁଖ୍ୟବଂଶ ଓ ଗୋତ୍ର ସନ୍ତକ :

ଭତରା ମାନେ ପାଣ୍ଡବ ରାଜାଙ୍କ ବର୍ଗରେ ଜନ୍ମ ହୋଇଥିବାର କହନ୍ତି । ପୁରାଣ ବର୍ଣ୍ଣିତ ପୁରୁଷ ସହିତ ନିଜକୁ ସମ୍ପର୍କିତ କରି ଗୌରବ ଅନୁଭବ କରିବାର ମନୋବୃତ୍ତି ସବୁ ଗୋଷ୍ଠୀରେ ଦେଖାଯାଏ । ଏମାନେ ଦୁଇ ବର୍ଗରେ ବିଭକ୍ତ ବୋଲି କହନ୍ତି ଯଥା :

୧ ) ପାଣ୍ଡବ ରାଜା ବର୍ଗ

୨ ) ନାଗ ବର୍ଗ

ପାଣ୍ଡବ ବର୍ଗରେ ନୈତାମ ଗୋତ୍ର (କୁକୁର ବଂଶ) ତଥା ପୟାମ୍ ଗୋତ୍ର (କଚିମ ବା କଇଁଚ) ଗୋତ୍ରର ଲୋକ ଦେଖାଯାନ୍ତି ।

ନାଗ ବର୍ଗରେ : ପୟାକ୍ ଗୋତ୍ର (ବାଘ ବଂଶ), ଗଇ ଗୋତ୍ର (ଗୋଧିବଂଶ), ବେନ୍ଦରି ଗୋତ୍ର (ମାଙ୍କଡ ବଂଶ), ନାଗ ଗୋତ୍ର (ନାଗ ବଂଶ), ବକଡି ଗୋତ୍ର (ଛେଳିବଂଶ) କୁକୁଡି ଗୋତ୍ର (ସୀମା କୁକୁଡା ବଂଶ), ଘୁଷୁରି ଗୋତ୍ରର ଲୋକ ଦେଖାଯାନ୍ତି ।

*[ ତଥ୍ୟ ପ୍ରଦାନ : (୧) ମେଘନାଦ ପୂଜାରୀ, ୭୮ ବର୍ଷ, ଦରଘାଗୁଡା ଉମରକୋଟ*

*(୨) ଶୁକଦାସ ଭତରା (ଗଣ୍ଡ ଭତରା) ଡାକନାମ ପଣ୍ଡକୁ, ବୟସ ୭୦ ବର୍ଷ ପିତା : ଗୁରୁବାରୁ ଭତରା ଗ୍ରା: ସିଲିଗୁଡା, ଉମରକୋଟ ]*

ଭତ୍ରୀ ଲୋକକଥାରେ ବଂଶ ଗୋତ୍ର ସୃଷ୍ଟି ସମ୍ବନ୍ଧରେ କିମ୍ବଦନ୍ତୀ : (ମୂଳଭାଷା ଭତ୍ରୀ, ତେନ୍ତୁଳିଖୁଣ୍ଟି ନବରଙ୍ଗପୁର ଅଞ୍ଚଳ) - ଗଟେକ୍ କୁପଲି ରେଲା । କୁପ୍‌ଲି ପାଲି ଗଟେକ୍ ଗାଁଓ । ହାଇ ଗାଓଁତାନେ ଗଟେକ୍ ଗଉନ୍ତିଆ ରେଲା । ତାର ଜବର ବେଡା ଖାତା ରେଲା । ଗୋଡି, କମିଆ ରେଲାୟ । ତାକେ ରାଜା ନାଏକ ପଦ ଦେଇ ରେଲା । ହାଇ ଗଉନ୍ତିଆ ରଇତ ତାନୁ ଦାନୁ ଅସୁଲ କରତେ ରେଲା । ଲକ୍‌ମନ ତାକେ ମାନତେ ରେଲାଇ ।

ତାର ଗଟେକ୍ ଟୋକି ରେଲା । ହାଇ ଟକି ଦାଙ୍ଗଡି ଏଲା । ଉଦଲା ଜନ ପରା ଗାଗଡ୍ । ନିକ୍ ଡିସତେ ରେଲା । ପାଣ୍ଡରି ଟକି । ତାକେ ମାଗ୍‌ବା କାଜେ ଲକ୍ ମନ ଆୟଲାୟ । ଗଟେକ୍ ଦିନ ଦଶ ମୁଣ୍ଡ ଲକ ଗଉନ୍ତିଆ ଲଗେ କେଟଲାୟ ଟକିକେ ମାଗ୍‌ବା କାଜେ ।

ଗଉନ୍ତିଆ ଦକ୍‌ଲା ଲୋକ ମନ୍‌କେ । ଗୁଲା ଲୋକ ବେଡା ଖାତା ରେଲା । ଦନ ଦରବ ରେଲା । ଗୋଠ ରେଲା ଗୋଡି କବାଡି କମିଆ ମନ ରେଲାୟ । ହାଇ ମନର ପିଲାମନ୍ ନିକ ରେଲାୟ । ଗଉନ୍ତିଆ ସବ୍‌କେ ତାର ଟକିକେ ଦେବା କାଜେ ସାଙ୍ଗଲା । ଦିସାରି କେ ଯୋଗ ଯାକଇକଜାକେ ସାଙ୍ଗଲା । ଗଟେକ ଦିନେ ଦଶଟା ପିଲାକେ ବିଭା କରବାକେ ନାମଲୋ ।

ଗଟେକ୍ ଦିନ ଚାର ବାଏଲ ସାଙ୍ଗଲା ''ହଇନା ଟକିର ବୁଆ, ତର ତ ଗଟେକ୍ ବଲି ଟକି, ତୁଇ କାୟପରା ଦଶଟା ପିଲାକେ ବିବା କରନୁସ୍ ସାଙ୍ଗନି ।''

ବାଏଲ ର କାତା ଶୁନି ଗଉନ୍ତିଆର ଚେତା ହାଜିଗଲା । କେତେକ ବେଲ୍ ଦାଏ ଗଉନ୍ତିଆ ତାର ବାଏଲ୍ କେ ସାଙ୍ଗଲା, 'ର' ର (ରହ, ରହ), ଦେକ୍‌ବିସ୍ ଗଟେକ୍ ଦିନେ ଦଶଟା ଜୁଆଇଁକେ ଝି ଦେବି ଦେକ୍ ।

ଚାର ଉତ୍ତାରେ ଦଶଟା ବେଦୀ ବନାଇବାକେ କୟଲା । ଡାଲ ସମୁଣ୍ଡିଆ ବନାଇଲା । ଖାନ୍ଦା ମାରୟଲା । ଦଶ ଦଶଟା ବାଇଦ କାରିଆ ମନକେ, ମହରିଆ କେ ଖବର ପାଟାୟଲା । ବିବାଦିନର ଆଗ ରାତି ଚାରଟା କମିଆ କେ ଡାକି ସାଙ୍ଗଲା, ତମେ ମନ ଚାରଦିଗ୍‌କେ ଯା – ଅନ୍ଧାର ଯିବାସ୍, କନି ନା ଜାନ୍‌ଲା ପରା । ପଶୁ ହୋ କି ଚେଡେ ଜନେ ଆଗେ ହାବ୍‌ଡେ ପଡ୍‌ସି ତାକେ ଦାରି ମୋର ଲଗେ ଆନବାସ । ହାଇ କମିଆ ମନ୍ ସାଇକାର ସାଙ୍ଗଲାପରା ଚାର ଦିଗ୍‌କେ ଗାଲାୟ ।

ହାଏ କମିଆ ମନ ଗୋଟେକ କଟିମ (ପୟାମ), ଗଟେକ୍ କୁକୁର (ନୈତାମ), ଗଟେକ୍ ବାଘ, ଗଟେକ୍ ଗଇ (ଗୋଧି), ଗଟେକ୍ କ୍ରାମ୍ (ଅଣ୍ଡିରା ବଣ କୁକୁଡା, ସୀମାକୁକୁଡା), ଗଟେକ୍ ମାଙ୍କଡା (ବେନ୍ଦରା), ଗଟେକ୍ ବକଡି (ଛେଳି) ଗଟେକ୍ ନାଗ, ଗଟେକ୍ ଘୁଷରି କେ ଦାରି ସାଓକାର ଲଗେ ଆନ୍‌ଲାୟ ।

ନାଇକ୍ ତ ତତର ମତର ଗୁଣି ଗାରଡି ଦାନି । ରାତା ରାତି ମତର ଫୁକି କମିଆମନ ଆନିରେବା ଜୀବ୍ ମନ୍‌କେ କେଡେ ନିମାନ୍ ସୁନ୍ଦ୍ରି ସୁନ୍ଦ୍ରି ଝି ମନ ବନାଇ ପନାୟଲା । ବେଳ ଲଗନ୍ ଦେକି ଦଶ ଦଶଟା ବର ପିଲା ମନ୍ ଆୟଲାୟ । ନାଇକ୍ ବିବା ଦେବାକେ ଗଟେକ୍ ବେଦୀ ଆନେ ନିଜେ ବସଲା ଆର୍ ନଅଟା ବେଦୀ ଆନେ ଆପନାର ଲୋକମନ୍‌କେ ବସାୟଲା ।

ରୂପେ ସୁନ୍ଦ୍ରି ସୁନ୍ଦି ସବ୍ ଝି.ବେଟି ମନ୍ କାୟ ନିମାନ୍ ଦିଗତେ ରେଲାୟ । ବିବା ସାରଲା । କନିଆ ବର୍ ଆପନା ଆପନା ଗର୍ ବାଉଡଲାୟ । ହାୟ ଟକି ମନକେ ଦକି କନି ଜାନବାକେ ନା ପାରଲାୟ ।

ନାଇକ ତାର ବାଏଲ କେ ସାଙ୍ଗଲା, ଦେକ୍‌ଲିସ୍ ଡକ୍ରି । କେନ୍ତା ଏଲା । ନାଇକର ବାଏଲ କାବା ହେଇଗାଲା । ତାର କାତା ଶୁନି ।

ବିବା ସାରଲା । କେତେକ ବରସ ଗାଲା । ହାୟ ଟୋକି ପିଲା ମନକେ ପୋ-ଝି ଜନମ ଏଲାୟ । ବାଡଲାୟ ହେଲେ ହାଇମନର ରଙ୍ଗଢଙ୍ଗ, ଚାଲି ଚଲନ୍ ବିନ ବିନ୍ ଏଲା । ବିନ୍ ବିନ ମା ମନର ପୋ ଝି କେ ଲକ୍ ମନ ବିନ ବଇଁଶ, ଗୋତର ସାଙ୍ଗଲାୟ । ମୁନୁଷ ମନ ମା ମନର ଡଙ୍ଗ୍ ଦାରଲାୟ । ହାଇଦିନ ତାନୁ ଓ ମନକେ ବିଟିମ୍ ବଂଶିଆ, କୁକୁର ବଂଶିଆ, ଗୋଇ ବଂଶିଆ, ବାଘ ବଂଶିଆ, ସୀମା କୁକୁଡା ବଂଶିଆ, ବେନ୍ଦରା ବଂଶିଆ, ବକଡି ବଂଶିଆ, ନାଗ ବଂଶିଆ, ଘୁଷୁରି ବଂଶିଆ ବୋଲଲାୟ ।

ଏହି ପରି ଭତ୍ରା ଲୋକ କିମ୍ବଦନ୍ତୀରେ ମଣିଷ ଜାତିର ବିଭିନ୍ନ ବର୍ଗ, ବଂଶ, ଗୋତ୍ରର ଉତ୍ପତ୍ତି ହୋଇଥିବାର ଶୁଣାଯାଏ ।

*[ ତଥ୍ୟ ୰ମେଘନାଦ ପୂଜାରୀ, ଦରଗାଗୁଡା, ଉମର କୋଟ । ତଥ୍ୟ ସଂଗ୍ରହ : ସୁବାସ ଚନ୍ଦ୍ର ମିଶ୍ର ତା ୧୨.୩.୧୯୯୫ ]*

## ମଣିଷର ପ୍ରକୃତି ଭିନ୍ନ ଭିନ୍ନ ହେଲା କାହିଁକି ?

ଆଗରେ ବର୍ଣ୍ଣିତ କାହାଣୀର ଏହା ଏକ ବର୍ଦ୍ଧିତ ଅଂଶ ବୋଲି କହିବା । ନାୟକ ବଣରୁ ଧରା ହୋଇ ଆସିଥିବା ଦଶ ପ୍ରକାର ପ୍ରାଣୀ ମାନଙ୍କୁ ମନୁଷ୍ୟର ରୂପ ଦେଇ ବିବାହ କରାଇବା ପରେ, ସେମାନଙ୍କ ଗର୍ଭଜାତ ପୁଅଝିଅମାନେ ଅଲଗା ଅଲଗା ପ୍ରକୃତି ଓ ସ୍ୱଭାବର ହେଲେ । ଅଲଗା, ଅଲଗା ଆଚରଣ କଲେ ।

ଯେଉଁ ଝିଅଟି ନାୟକର ନିଜର କଳ୍ପିତ ଝିଅଥିଲା ତା ଗର୍ଭରୁ ଜାତ ପୁଅ ଝିଅ ମାନେ ଠିକ୍ ମଣିଷର ଆଚରଣ କଲେ । ସେମାନେ ମଣିଷର ସବୁ ପ୍ରକାର ଗୁଣର ଅଧିକାରୀ ହେଲେ । ଦୟା, ଧର୍ମ, ଦାନଶୀଳ, ସ୍ନେହ, ମମତା, କ୍ଷମା, ସହନଶୀଳତା, କର୍ମଠ ହେଲେ ।

ଯେଉଁ କଇଁଚଟି ଝିଅ ପାଲଟିଥିଲା ତାର ସନ୍ତାନ ମାନେ ଧୀର, ସ୍ଥିର, କମ୍ କଥା କହିଲେ ଅଳସୁଆ ହେଲେ ।

ଯେଉଁ କୁକୁରଟି ଝିଅ ପାଲଟି ଗଲା ତାର ସନ୍ତାନ ମାନେ କୁକୁର ପ୍ରକୃତିର ହେଲେ, ସବୁବେଳେ ଅସ୍ଥିର, ହୋ ହଲ୍ଲା କଲେ । ପରସ୍ପର କାମୁଡା କାମୁଡି ହେଲେ ହିଂସୁକ ହେଲେ । ମାଛ ମାଂସରେ ଲୋଭକଲେ । ଖାଇବା ଜିନିଷ ଛଡାଇ ନେଲେ । କଳି କଜିଆ କଲେ ।

କାଳକ୍ରମେ ପଶୁପକ୍ଷୀରୁ ମଣିଷ ପାଲଟିଥିବା ମୂଳ ମା ମାନେ ମରିଗଲେ କିନ୍ତୁ ସେମାନଙ୍କ ପୁଅ ଝିଅ, ନାତି ନାତୁଣୀ ହୋଇ ବଂଶ କ୍ରମେ ବଢ଼ିଲା । କିଏ ମାଙ୍କଡ଼ ପ୍ରକୃତିର ହେଲା ତ କିଏ ନାଗ ପ୍ରକୃତିର । ଗୁଣ, କର୍ମ, ଆଚରଣରେ ସମସ୍ତେ ନିଜ ପୂର୍ବପୁରୁଷଙ୍କ ପରି ହେଲେ । (ତେନ୍ତୁଳି ଖୁଣ୍ଟି ନବରଙ୍ଗପୁର ଅଞ୍ଚଳରୁ ସଂଗୃହୀତ) ।

ପ୍ରକୃତି ସହିତ ନିଜକୁ ସମ୍ପର୍କିତ କରି କେଉଁ ଆଦିମ ଯୁଗରୁ ମଣିଷ ନିଜକୁ ଦେଖିଛି । ପ୍ରକୃତିର ବିଭିନ୍ନ ଚମତକାରୀ ଶକ୍ତି (Phenomenon) ଦେଖି ତା'ର ଆଦିମ ଅବିକଶିତ ମସ୍ତିଷ୍କ ନିଜ ଧାରଣାରେ ଯାହା ଅନୁଭବ କରି ତାକୁ ଭିତ୍ତି କରି ସେ ନିଜ ପ୍ରକୃତିକୁ ବିଶ୍ଳେଷଣ କରିଛି । ପ୍ରାଣୀମାନଙ୍କ ସହିତ ନିଜର ସାମଞ୍ଜସ୍ୟ ଦେଖି ସେମାନଙ୍କୁ ନିଜ ଗୋତ୍ର ପୁରୁଷଭାବେ ଗ୍ରହଣ କରି, ସେମାନଙ୍କ ବଂଶରୁ ତାହାର ଉଦ୍ଭବ ବୋଲି ନିଜକୁ ପରିଚିତ କରାଇଛି ।

* * *

# ଭତ୍ରୀ ଲୋକୋକ୍ତି

**ଲୋ**କ ଜୀବନରେ ଲୋକୋକ୍ତିର ମହତ୍ୱ ବହୁତ ବେଶୀ । ସମାଜରେ ବାସ କରୁଥିବା ସାଧାରଣ ମଣିଷ ତା ଦୈନନ୍ଦିନ ଜୀବନରେ କେତେ ନା କେତେ ଲୋକୋକ୍ତି, ପ୍ରବଚନ, ଗୁଢ଼ି, ପହେଳି ବ୍ୟବହାର କରି ଥାଏ । ଭତରା ଜନଜାତିର ଲୋକଭାଷାରେ ମଧ୍ୟ ଲୋକୋକ୍ତି ର ପ୍ରଚଳନ ପ୍ରତୁଳ । ଏହି ଲୋକୋକ୍ତିଗୁଡିକରୁ ଭତରା ଜନଜାତିର ଚିତ୍ତବୃତ୍ତି, ଜାତିର ବିଶେଷ ଗୁଣ ଅବଗୁଣ ତଥା ସେମାନଙ୍କ ଜୀବନର ଚିତ୍ର ଦେଖିବାକୁ ମିଳିଥାଏ । ଭତରା ଜନ ସଂସ୍କୃତିର ପରିଚୟ ଏ ଗୁଡ଼ିକରୁ ମିଳିଥାଏ । ଭତରା ଲୋକୋକ୍ତି ଯେତିକି ବ୍ୟବହାରିକ ସେତିକି ଜୀବନ ସମ୍ପର୍କିତ ।

ଯୁଗ ଯୁଗ ଧରି ଲୋକୋକ୍ତିଗୁଡିକ ମୁହଁରୁ ମୁହଁ ହୋଇ ଗଡି ଆସିଛି । ଏ ଗୁଡିକ ସେମାନଙ୍କ ଜୀବନର ବିଭିନ୍ନ ସମସ୍ୟା ଓ ସମାଧାନର ସଂକେତ ବହନ କରିଥାଏ ।

ଏବେ ନବରଙ୍ଗପୁର ଅଞ୍ଚଳରେ କଥିତ ଓ ବ୍ୟବହୃତ କେତେକ ଭତ୍ରୀ ଲୋକୋକ୍ତିର ବିଶ୍ଳେଷଣ କରିବା ଉଚିତ ହେବ ।

*[ ତଥ୍ୟ ସଂଗ୍ରହ : ଶ୍ରୀଯୁକ୍ତ ବଲ୍ଲଭ ରାଉତ, କୁକୁଡାବାଇ, ନବରଙ୍ଗପୁର ଜିଲ୍ଲା ବୟସ ୪୦ ବର୍ଷଙ୍କ ଠାରୁ - ସୁବାସ ଚନ୍ଦ୍ର ମିଶ୍ର ତାରିଖ ୧୭-୮-୧୯୯୭ ]*

କେତେକ ମୂଳ ଲୋକୋକ୍ତି ଓ ତାର ବ୍ୟାବହାରିକ ଅର୍ଥ :

ଢଗ ଢମାଳି :

୧. ଲାଜ୍ ନାଇଁ ଯାକେ
ରଜା ଡରସି ତାକେ ॥ (ନିର୍ଲଜ ହେଲେ କଥା ସରିଲା)

୨. ସୁଜାକେ ସୁଜେ ବୁଜାକେ ବୁଜେ
ବାର ବରଷ୍ ପାନି ମାରଲେ
ପଟର ନାଇଁ ବିଜେ (ଭିଜେ) ॥

ସରଳ ଲୋକକୁ ସରଳ କଥାରେ/ବୁଝିବା ଲୋକଙ୍କୁ ବୁଝାଇଲେ ସେମାନେ ବୁଝିଥାଆନ୍ତି କିନ୍ତୁ ଆଉ କେତେ ଲୋକ ଏମିତି ଅବୁଝା ଯେ, ଏକ ଜିଦିଆ ଯେ ଯେତେ ବୁଝାଇଲେ ମଧ୍ୟ ନିଜ ବିଶ୍ୱାସରେ ଅଟଳ ଥାଆନ୍ତି, ଏମାନଙ୍କ ହୃଦୟ ଜମି ଏତେ ବନ୍ଧୁର, ପଥୁରିଆ ଯେ କ୍ରମାଗତ ବାରବର୍ଷ କାଳ ବର୍ଷା ପଡିଲେ ବି ଏହାର ପତର ଓଦା ହୁଏ ନାହିଁ ।

୩. ହାଟର କନିଆ
ବାଟର୍ ବର୍
ଦେକି ଚାଇଁ ଘରକର ।

ହାଟର କନିଆ, ବାଟର ବର ଏମାନଙ୍କ ସମ୍ବନ୍ଧରେ ସବୁ ଜାଣିଲାପରେ ବିବାହ କରାଇବା ଉଚିତ ନଚେତ୍ ସୁଖ ସନ୍ତୋଷ ରହିବ ନାହିଁ ।

୪. ପରକୀୟା ପ୍ରୀତିର ଏକ ଗୁପ୍ତ ସଂକେତ
ସଲ୍‌ସଲି ଗଲା ଟକି
'ପରର ଘଇତା ଦେକି ॥

ଘରର ଘଇତାକୁ ଦେଖି ଟେକି ମକ୍ ମକେଇ ଯାଉଛି । ସଲ୍‌ସଲି (ରୋମାଞ୍ଚିତ ଅନୁଭବ) ଯାଉଛି ।

୫. ଉପଦେଶ :
ପତର ତୋଲା ନାଇଁ ଯା ନନି
ଟେଣ୍ଡକା ଡରାଇସି
ସିନ୍ଦି ବୁଟା ତଳେ ଡୁର୍କା ରେଲେ
ଉପରେ ଡେଗାଇସି

(ହାତେ ମାପି ଚାଖଣ୍ଡେ ଚାଲିବା । ବୁଝି ବିଚାରି କାର୍ଯ୍ୟ କରିବା)

ପତ୍ର ତୋଳି ଯାଅନା ତୁ
ତୁ ଯୁବତୀ ଟୋକି
ଯଦି ବଣେ ସେ କେଉଁ
ଯୁବକ ରହିଥିବା ଛକି
ଉତ୍ତେଜିତ କାମନାରେ ତୋତେ ଭିଡିନେବ
ଭୂଇଁ ଖଜୁରୀ ମୂଳରେ ଲୁଚିଥିବା ହେଟାବାଘ
ପରି ତୋତେ କେତେ ହିନସ୍ତା କରିବ ॥
ଉତ୍ତେଜିତ ଯୌନାଙ୍ଗ ତାର
ନାଲିମୁଣ୍ଡିଆ ଏଣ୍ଡୁଅର ପରି ମୁଣ୍ଡ ଟୁଙ୍ଗାରିବ ।

୬. ଗଟେକ୍ ଆକି ଆକି ନୟ (ନାଇଁ)
ଗଟେକ୍ ସାକି ସାକି ନୟ (ନାଇଁ)
ଗୋଟିଏ ଆଖି ଓ ଜଣେ ସାକ୍ଷୀର କୌଣସି ମୂଲ୍ୟ ନାହିଁ ।

୭. ଆଡି ଗେନ୍‌ଲି ଗଡା ଗେନ୍‌ଲି
ଗେନ୍‌ଲି ମୁଗନି ପାଟ
ସଙ୍ଗାୟ କରି ପାନି ଗାଦ୍‌ଲା ଦେଲେ
ବେଙ୍ଗ ମାରି ଦେଲା ଲାତ୍ ।
[ ଦିବାସ୍ୱପ୍ନ ଦେଖିବା / ଆକାଶ କୁସୁମ ଇଚ୍ଛିବା ]

ସପନରେ କିଣିଲେ ମୁଁ ହାତୀ, ଯେଡା ପାଚିଲା କଦଳୀ ସେ ସବୁକୁ ପୋଖରୀ ହୁଡାରେ ଥୋଇ ପାଣି ଗାଧୋଇଲି ଏକି ଆଚମିତ/ଏ ସବୁ ପଦାର୍ଥ ମାନ ପାଣିରେ ପଡିଲେ ବେଙ୍ଗ ଯାହା ମାରିଦେଲା ଲାତ । (ଅଳିକ କଳ୍ପନାର ଏକ କାବ୍ୟିକ ସ୍ୱରୂପ)

୮. ମାଇଜି ଚତୁର୍ ମୁନୁଷ୍ କାବା
ଫୁଲାଲିଆ ଗୁଡ୍ ପାଗା ।

ଚତୁରୀ ସ୍ତ୍ରୀ ପାଇଁ (ପତ୍ନୀ) ସରଳବିଶ୍ୱାସୀ ମଣିଷ (ପତି) ଗୁଡ଼ରେ ପାଗ ହୋଇଥିବା ଫୁଲଲିଆ ପରି ସୁଆଦିଆ ହୋଇଥାଏ । ଏଥିରୁ ମଣିଷର ଗୁଣ ଅବଗୁଣ, ମଣିଷର ଚରିତ୍ର ସମ୍ବନ୍ଧରେ ସୂଚନା ମିଳେ ।

୯. ଇଶର କାଇଲା ମୁଗନି କଦ୍‌ଲି
ପାରବତି କାଇଲା ଚପା
ବନସ୍ତ ବିତରେ ଗାଇ ପକାଇଲେ
ବଲଦ୍ କେ ମାରେ ହୁକା ॥

ଈଶ୍ୱର ମୁଗନି କଦଳୀ ଗାଇଲେ ପାର୍ବତୀଙ୍କ ଚୋପା ମିଳିଲା ପରି, ବଣରେ ଗାଇ ବେଇଲେ ବଳଦକୁ ପ୍ରସବ ବେଦନା ହେଲା ପରି କେତେ ମଣିଷ ଅଛନ୍ତି ଯେଉଁମାନେ (ଅବରଣେ ମଧପାତ୍ର) ସାଜିଥାନ୍ତି ।

୧୦. ଆତେ ନାଇଁ ଦନ୍ ମାମୁଁର ବେଟିକେ ମନ୍ ।

(ଅଦା ବେପାରୀର ଜାହାଜ ମୁଲାଇବା କଥା)/ କନ୍ୟା ଝୋଲା ଦେବାର ସାମର୍ଥ୍ୟ ନାହିଁ, ମାମୁଁ ଝିଅକୁ ବାହା ହେବାକୁ ମନ ।

୧୧. ପର ଆସ ନିତି ଉପାସ୍ ।

ପର ଉପରେ ନିର୍ଭର କଲେ ଅସୁବିଧାରେ ପଡିବାକୁ ହୁଏ / ହାତ ଅଳସେ ନିଶ ବଙ୍କା / ଏହି ଅର୍ଥରେ ପ୍ରୟୋଗ (ସ୍ୱାବଲମ୍ବନଶୀଳ ହେବା ପାଇଁ ଉପଦେଶ)

୧୨. ଆଡ୍ ପସୁ ପସୁ ଗୋଡ୍ ପସ୍
ସରା ସରି ବେଲେ ମାଡିବସ୍

ଆଙ୍ଗୁଳି ପ୍ରବେଶେ ବାହୁ ପ୍ରବେଶ ଅର୍ଥରେ କୁହାଯାଏ । ଧୀରେ ଧୀରେ କଅଁଳ କଥା କହି ଶେଷରେ ନିଜସ୍ୱ କରିନେବା । (ସ୍ୱାର୍ଥପରତାର ସୂଚନା)

୧୩. ମନ୍ ସମାନ ଦନ ନାଇଁ
ଦନ୍ ସମାନ ମନ୍ ନାଇଁ ।

ମନଥିଲେ ଧନ ନଥାଏ, ଧନ ନଥିଲେ ମନ ନଥାଏ । ମଣିଷର ବିଚିତ୍ର ମନସ୍ତାତ୍ତ୍ୱିକ ଅବସ୍ଥା ଏହି ଲୋକୋକ୍ତିରେ ମୂର୍ତ୍ତିମନ୍ତ ହୋଇଛି ।

୧୪. ଗରେ ନାଇଁ ରନ୍ଧା
ଦୁଆରେ ଶାଲ୍ ବନ୍ଧା

ଦେଖାଇ ହେବା / ବଡ ବଡ କଥା କହିବା / ଘରେ ଚୁଲି ନ ଜଳଲେ ବି ଘିଅ ପରଜଣା କଥା କହିବା ।

୧୫. ଚାନ୍ଦୁଆ ଚାନ୍ଦୁଆ ବାଲୁ
ଯାର ମନକେ ଯେନ୍ତା ଲାଗଲେ
ସେନ୍ତା, ସେନ୍ତା ଚାଲୁ ।

ଇଚ୍ଛା ଅନୁଯାୟୀ କାମ / ଯାର ମନ ଯେମିତି ତାର କାମ ସେମିତି ।

୧୬. ମାଇଜି ବିତରେ ଶାଲି
ମାଛ ବିତରେ ଫଲି
ଫୁଲ ବିତରେ ମଲି ।।

ସ୍ତ୍ରୀ ଭିତରେ ଶାଳୀର / ମାଛ ଭିତରେ ଫଳିର / ଏବଂ ଫୁଲ ଭିତରେ ମଲ୍ଲୀର ସ୍ଥାନ ସର୍ବୋତ୍ତମ ଅଟେ ।

୧୭. ଦରମ୍ କେ ରାଇଜ୍ ନାଇଁ
ପାପି କେ ମରନ୍ ନାଇଁ

ଧାର୍ମିକ ବ୍ୟକ୍ତି ସବୁଠାରେ ପୂଜା ପାଏ, ପାପୀ ସବୁଠାରେ ନିନ୍ଦା ପାଇଥାଏ । (ନୀତିଶିକ୍ଷା)

୧୮. ବଡଘର କୁଆ ଟଙ୍ଗ ପାନି
ଚିଙ୍ଗଲି ଟଲା ଛାନି ।।

ବଡଘରେ ସୋରିଷ ଫୁଟିଲେ ଜଗତଯାକକୁ ବାସେ ।

(ବଡ ଘର କଥା ନିର୍ମଳ ପାଣି ପରି ଚାଲଭେଦି ବାହାରକୁ ଆସେ)

୧୯. ଜୀବନ୍ ରେଲେ ଜିବ୍‌କା ଆଚେ
କରମ କରଲେ ଦରମ୍ ଆଚେ ।।

ଜନ୍ମ ହେଇଛେ ଯେତେବେଳେ ବଞ୍ଚିବାକୁ ତ ହେବ ଏଣୁ କର୍ମ କରିବା ହିଁ ଧର୍ମ ହେଉ । ଉଚିତ ମାର୍ଗରେ ଚାଲିଲେ ଧର୍ମ ବାଟ କଢ଼ାଏ ।

୨୦. ବଡ ଗରେ ବନ୍ଧ୍‌ଲି କପାଟ୍
ସାନ୍ ସାନ୍ ଗରେ ବେଶି
କପାଲ୍‌କେ ଅଟାରେଲେ କେନେ ମିଲ୍‌ସି
ଲୋକାରେଲେ ଘଟାଇସି ।

ବଡଘରେ ଯାଉଁଳି କବାଟ / ଗରିବ ଘରେ ବାଉଁଶର ତାଟି / କି ହେବ କପାଳ ନିନ୍ଦି / ଯା ଭାଗ୍ୟରେ ଯାହା ଲେଖାଅଛି (ଭାଗ୍ୟ ଫଳତି ସର୍ବତ୍ର ନ ବିଦ୍ୟା ନ ଚ ପୌରୁଷମ୍ ।) କପାଳ ଲିଖନ କେ କରିବ ଆନ ।

୨୧. ଡାବୁ ରେଲେ ବାବୁ
ଡାବୁ ସଲେ ଆବୁ ଆବୁ ।।

ପଇସା ଥିଲା ଯାଏ ବାବୁ ପଣିଆ, ପଇସା ସରିଲେ ମୁହଁରେ ନିଆଁ ।

୨୨. ଗାଇ କାଇଗଲା କେନା
ଚମେ ନାଇଁ କଲେ ଦରଦି ଡେନା
ଗାଲେ ଯିବି ଜେଲ୍‌କାନା ।।

ଗାଈ କଅଁଳ ପତ୍ର ଖାଇଲା ପରି ତୁମ ପ୍ରତି ମୋର ମନ ବଳୁଚି ଯେ, ତୁମେ ମନାକଲେ ଜେଲ ଦଣ୍ଡ ଭୋଗିବି ପଛେ ତୁମ ଡେଣା ଧରି ଟାଣି ନେବି । (ପ୍ରେମ ବାତୁଳ ମନର ପ୍ରତିକ୍ରିୟା)

୨୩. ନସଲା ଗୀତ ତାନା ନାନା

ବେସୁରା ଗୀତ ସୁନ୍ଦର ଶୁଭେ ନାହିଁ । ନାଚି ନ ଜାଣି ଅଗଣାର ଦୋଷ ଏହି ଅର୍ଥରେ ବ୍ୟବହୃତ ହୁଏ ।

୨୪. ଆଇଲା କୁରାହି ପାଇଲା ବୁକେ
ମୁନୁଷ୍ ମିଲ୍‌ଲା କେଡେକ୍ ସୁକେ ।

ନିଜର କୁରାଢ଼ି ବୁକୁରେ ବାଜି ଯେତିକ ଯଂତ୍ରଣା ଦେଲା ବାଛି କରି ବାହା ହୋଇଥିବା ପୁରୁଷର ବ୍ୟବହାର ସେତିକି କଷ୍ଟ ଦେଲା - ଆପଣା କଲା କର୍ମମାନ
ଆଗୁ ହୋଇବ ସାବଧାନା ।

୨୫. ଅଦିକ୍ ଉତ୍‌ପାତ୍ ନା ହେରେ କରଡି
ବଡଲେ ହେବୁ ବାଉଁଶ
ଫୁଲଲେ ହେବୁସ୍ ଡାଲା ଚାଙ୍ଗଡା
ପୋଡଲେ ହେବୁ ପାଉଁଶ୍

ରେ ବାଉଁଶର ଗଜା ଏତେ ଉପ୍ରାତ ହୁଅନାହିଁ, ତୁ ବଢ଼ିଲେ ତୋତେ କାଟି ଡାଲା, ଟୋକେଇ ବନାଇବେ ପୋଡ଼ିଲେ ପାଉଁଶ ହୋଇଯିବୁ ଯେ ।

ଅତି ଗର୍ବେ ହତ ଲଙ୍କା / କ୍ଷୀର ଉତୁରିଲେ ଚୂଲିରେ ପଶେ / ଅତିରୁ ଇତି ହୁଏ, ଏହି ଅର୍ଥରେ ବ୍ୟବହାର ହୁଏ ।

୨୬. ଯା'ର ପାପ୍ ତା'ର ମା ବାପ୍ ।

ପାପ ଲୁଚି ରହେ ନାହିଁ । ବାପାମା'ଙ୍କ ଆଖିରେ ପିଲାର ଦୋଷ ଲୁଚି ରହେ ନାହିଁ ।

୨୭. (ଅନୁଭବରୁ ଲୋକୋକ୍ତି) :
ଖଇରୁ ମେସିଆ ମୁନୁଷ
ପାଣ୍ଡିରି ମେଘିଆ ପାନି
ଏ ମନର ଗୁନ୍‌କେ
କେବେ ନାଇଁ ଜାନି ॥

ତମ୍ଭାଳିଆ ନିଶ ଥିବା ମଣିଷର କଥା ଓ ଧୂସର ବର୍ଣ୍ଣ ଦିଶୁ ଥିବା ମେଘରୁ ପାଣି ବର୍ଷଣର ଆଶା ରଖିବା ଉଚିତ୍ ନୁହଁ ।

୨୮. ରାତିର୍ ଛଞାନ୍ ଦିନର ବାଘ
ଏନ୍ତା ଜାତ୍ ଗୁନ୍ ରେସି
ଚାକେ କେବେ ନାଇଁ ଲାଗ ॥

ରାତିରେ ଛଞାଣ ପରି ସତର୍କ ଓ ଦିନରେ ବାଘ ପରି ଜାର ଗୁଣ, ସେମାନଙ୍କ ସହିତ କଳି କରିବା ଉଚିତ ନୁହଁ ।

୨୯. ଯାକେ ପେଟେ ରେସିଦାନ୍ତ
ତାକେ କେବେ ନାଇଁ ଦିଆଦ୍ ଆଦ୍ ॥ (ଦୀର୍ଘସୂତ୍ରୀ ମଣିଷ)

ଯାହାର ପେଟ ସାରା ଦାନ୍ତ, ତାକୁ ଛୁଇଲେ ମଣିଷ ମଲା ।

୩୦. ଡାକ ବଚନ :
ପୁନେଇଁର ମୁଖେ ଉଆଁସର ଶେଷେ
ନାଇଁ ଯିବାର ବିଦେଶେ ।
ପୂର୍ଣ୍ଣମୀ ମୁହଁରେ, ଅମାବାସ୍ୟାର ଶେଷରେ ବିଦେଶକୁ ଗଲେ ଅମଙ୍ଗଳ ଘଟିବାର ଆଶଙ୍କା ଥାଏ ।

୩୧. 'ପୋଷ୍‌ଲା କୁକୁର ଜନ ବଇରି
ପୋଷଲା କୁକୁର ଉଲଟା ଚାନ୍‌ସି ।
ପୋଷିଲା କୁକୁର ଲୋକକର ଶତ୍ରୁ ହୁଏ ।

୩୨. ମନର ଭିତରେ ଶଏ ଗଡିସା
କେ ନ ଜାନେ ସାଇ ପଡିଶା ।
ବଣ ପୋଡି ଗଲେ ସମସ୍ତେ ଜାଣନ୍ତି, ମନ ପୋଡି ଗଲେ କେହି ଜାଣେନା ।

୩୩. ଜ୍ଞାନୀ କେ ଜ୍ଞାନ ଗଲା ଭେଦି
ମୁରୁଖ୍ କେ ଠେଙ୍ଗାଦେଲା ଖେଦି ।
ଜ୍ଞାନୀ ଜ୍ଞାନୀର କଥା ଓ ମୂର୍ଖ ଦଣ୍ଡ ପାଇଲେ କଥାକୁ ବୁଝିଥାଏ ।

୩୪. ଧନଥିଲା ଲୋକ୍ ଧନର ଗର୍ବ
ବିଦ୍ୟାଥିଲା ଲୋକ୍ ଟାନ୍
ଇ ଧନ୍ ପନ୍ ବଇଁଶ୍ ଗୁମାନ୍
ନାଇଁ ରଏ ସବ୍‌ଦିନ ॥
ଧନର ଗର୍ବ, ବିଦ୍ୟାର ଟାଣ ପଣ, ବଂଶ ଗୌରବ ସବୁଦିନ ପାଇଁ ରହେନାହିଁ, ଏହା ଯଣସ୍ଥାୟୀ ।

୩୫. ମାଇଜି କେ ନାଇଁ ଦେବାର ହାଣ୍ଡା
ପିଲାକେ ନାଇଁ ଦେବାର୍ କୁଣ୍ଡା
(ପତ୍ନୀ ଓ ପିଲା ହାତରେ ଧନ ଦେବା ଉଚିତ ନୁହେଁ)

୩୬. ଡମ୍ ପିଲା କାଉ ପିଲା
ତାର ବଇରି ନିଶ୍ଚେ ମଲା । (ଜାତି ସମ୍ବନ୍ଧୀୟ)

ଡମ ପିଲା ଓ କୁଆ ପିଲା ସହିତ ଶତ୍ରୁତା କଲେ ମରିବା ସାର ହୁଏ । ନିର୍ମମ, ନୃଶଂସ, ନିଷ୍ଠୁରମାନଙ୍କ ଠାରୁ ଦୂରରେ ରହିବା ଶ୍ରେୟସ୍କର ।

୩୭. ଯାର ମନ ଯାଇଁକି ରସେ
ଫୁଲ ଦେକି କରି ଭଅଁରା ବସେ ।

୩୮. ଖଟି (କୃପଣ)ର ଧନ୍ ମାଟି ଗାଇଠି
କଷ୍ଟ କଲେ ନଷ୍ଟ ନାଇଁ ।

୩୯. ଲୋକ୍ ଦେକି କାତା
ଲୁଆ ଦେକି ପାନି ॥

୪୦. ଉପରେ ସୁନ୍ଦର
ଭିତରେ ବାନ୍ଦର
(ମହାକାଳ ଫଳ ପରି ଉପରେ ସୁନ୍ଦର ଭିତରେ କଳା / ମୁହଁରେ ମିଠା, ମନରେ ପିଠା)

୪୧. ଡାକ ବଚନ :
ପାଣ୍ଡରି ମେଘର ପାନି
ଲମ୍ବାଧାନର ଖେଡ୍
ଛାଡ୍‌ଲି ମାଇଜିର ଖୋସା
କେବେ ନାଇଁ କରବାର ଆଶା ।

ଧୂସର ରଙ୍ଗର ମେଘରୁ ପାଣି, ବତି ଯାଇଥିବା ଲମ୍ବାଧାନ ଗଛର ଖେଡ, ପରିତ୍ୟକ୍ତା ପତ୍ନୀଠାରୁ ପ୍ରେମ ଆଶା କରିବା ଉଚିତ ନୁହେଁ ।

୪୨. ଗରେ ରାନ୍ଧା ନାଇଁ
ଦୁଆରେ ଖଲି
ଆବୁର ଯାଏସି ବୋଲି । (ବଡ ପଣିଆ)

ଯେଉଁ ମାନଙ୍କ ଘରେ ଚୂଲି ଜଳେ ନାହିଁ, ସେମାନେ ହିଁ ହାତୀ ଅଛି, ଘୋଡା ଅଛି ବୋଲି ବଡ ବଡ କଥା କହିଥାନ୍ତି ।

୪୩. ପୋ ମନ୍‌କଲା ବୁଆରି
ଆଉ୍‌ଯି ମନ୍‌କଲା ଦୁଆଁଏ ।
ପୁଅ ଝିଅର ମନ ମାନିଲେ ବିବାହ ସୁଖପ୍ରଦ ହୁଏ ।

୪୪. ବାପ ପୋ ଦେଉଲେ ପଶେ
ଯା'ର ଦୁକ୍ ହାଇ ମନାସେ । (ସ୍ୱାର୍ଥପରତା)

୪୫. ଅଲପ୍ ଧନ୍‌କେ ବହୁତ ମନ
ହାତୀ ଘେନ୍ ଯୋଡା ଘେନ୍ ।
(ହାତରେ ନାଇଁ ଧନ, ଝିଅ ବିଭାପାଇଁ ମନ)

୪୬. ଅଲ୍‌ପ ରେଲେ ଭୁତେକ୍ ହେସି
ଭଲ ପଡିବାର ପାଇଁ
କରମ୍ କପାଲେ ନଇଁଲେ ସରି
ଯେତେକ କରଲେ ନାଇଁ ।
ଯାହା କପାଳରେ ଲେଖାଅଛି ତାହା ହିଁ ଫଳିବ ।

୪୭. ଉଦ୍ ଡଙ୍ଗରିଆ ପଟିମାଛ
ଲେଗଟି ହିଟାଇ ନାଚ ॥
ପ୍ରେମ ଘାରିଲେ ହିତାହିତ ଜ୍ଞାନ ରହେ ନାହିଁ ।
ନୂଆ ପାଣି ପଡି କେରାଣ୍ଡି ମାଛ ସୁନ୍ଦର ଦିଶିଲା ପରି ଏ ଝିଅର ଯୌନାଙ୍ଗ ଯେ, ତୁ ତାକୁ ଆକର୍ଷିବା ପାଇଁ ଉଲଗ୍ନ ହୋଇଯା ।

୪୮. ସରଗର ତାରା
ଆତେ ନାଇଁ ଦେ ଧରା
ବାନ୍ଧି ଆନ୍‌ଲା କୁକୁର
ସଙ୍ଗ ନାଇଁ ଦେ ॥
ସ୍ୱର୍ଗର ତରା ହାତକୁ ନ ଆସିଲା ପରି / ପର କୁକୁର କୁ ବାନ୍ଧି ରଖିଲେ ତାହା ବିଶ୍ୱାସୀ ନହେଲା ପରି ଅସମ୍ଭବ କଥା ।

୪୯. ଆକି ଥାଉ ଥାଉ କାନା
ବୁଦି ଥାଉ ଥାଉ ବନା । (ଅଜ୍ଞତା)
ନିଜର ଅଜ୍ଞତା ବା ଶିକ୍ଷାର ଅଭାବରୁ ମଣିଷ ଆଖିଥାଇ କିଛି ଦେଖି ପାରେ ନାହିଁ, ସେମିତି ବୁଦ୍ଧିଥାଇ ସେ ଯଦି ବିପଦ ବେଳେ କାର୍ଯ୍ୟରେ ଲଗାଇ ପାରେ ନାହିଁ, ସେ ଅଜ୍ଞାନ ନୁହେଁ କି ?

୫୦. ଲଗାଣି କାତା
ପେଷାଣି ଦେବତା ।। (କ୍ଷଣିକ / ଅସ୍ଥାୟୀ)

ଲଗା ଯୋଡା କଥା/ଗୁଣି ଗାରେଡିର ମନ୍ତ୍ର ଚିରସ୍ଥାୟୀ ହୋଇ ରହେନାହିଁ । ସମୟ କ୍ରମେ ଏହା କ୍ଷୀଣ ହୋଇଯାଏ ।

ଏହି ପରି ନବରଙ୍ଗପୁର ଜିଲ୍ଲାର ଭତରା ସଂପ୍ରଦାୟର ଲୋକମାନେ ସେମାନଙ୍କ ଲୋକୋକ୍ତିଗୁଡିକରେ ନିଜର ବ୍ୟକ୍ତିଗତ ସୁଖ ଦୁଃଖ, ପ୍ରେମ ପ୍ରଣୟ ଧର୍ମ ବିଶ୍ୱାସ, ଅନୁଭୂତି, ଗୁଣ, ଅବଗୁଣ, ଚରିତ୍ର, ସଂସ୍କାର ଶିକ୍ଷା, ନୀତି ଶିକ୍ଷା ଆଦିକୁ ପଦ୍ୟାକାରରେ ପ୍ରକାଶ କରିଥାନ୍ତି । ଭତରୀ ଲୋକୋକ୍ତିରେ ଏକବାକ୍ୟବିଶିଷ୍ଟ କଥନିକା ଶୁଣିବାକୁ ମିଳେ ନାହିଁ ।

ଜୀବନ ସମ୍ବନ୍ଧୀୟ, ଜାତି-ବୃତ୍ତି-କୃଷି ସମ୍ବନ୍ଧୀୟ ବହୁ ଲୋକୋକ୍ତି ଏମାନଙ୍କ ଦ୍ୱାରା କଥିତ ହୁଏ । ବର୍ତ୍ତମାନ ସୁଦ୍ଧା ଏ ଗୁଡିକର ସଂଗ୍ରହ, ବିଶ୍ଳେଷଣ, ବର୍ଗୀକରଣ ହୋଇପାରି ନାହିଁ ।

*[ ତଥ୍ୟ ସଂଗ୍ରହ : ବଲ୍ଲଭ ରାଉତ ସା/ପୋ - କୁକୁଡା ବାଇ, ନବରଙ୍ଗପୁର ]*

***

# ଧନ୍ଦା (ପହେଲି)

| ମୂଳ ପହେଲି | ଓଡିଆରେ ଅନୁବାଦ |
|---|---|
| ୧ ॥ କାଦେ ଲୁଡୁବୁଡ୍ ଭଇଁଷାସୁର | କାଦୁଅରେ ସରସର |
| ଜଡକେ ପରାଇକେ | ମଇଁଷୀର ପରି |
| ନାଇଁ ଯାଏ କୁବେଦୂର ॥ | ନିଜ ଚାରିପଟେ ଘୁରୁଥାଏ ସିନା |
| | ଦୂରକୁ ଯାଏନି ପାରି [କୁମ୍ଭାର ଚକ] |
| ୨ ॥ ତା'ର ଉପର ତାର | ଚାରିଆଡେ ଜାଲବୁଣି |
| ତାର ଉପରେ ବସଲା ଆଚେ | ଜାଲର ମଝିରେ ବସିଛି |
| ତସିଲଦାର ॥ | ଯିଏ ସେଇତ ବୁଢ଼ିଆଣି ॥ |
| | [ ତସିଲ୍‌ଦାର : ପ୍ରତୀକାର୍ଥେ-ବୁଢ଼ିଆଣି ] |
| ୩ ॥ ଧମ୍‌ତରିଆ ପୋଢ଼ | ଧମ୍‌ତରି ଗାଁର ପୋଢ଼ (ମହିଁଷୀ) |
| ବାନା ବାନା ଗୋଡ଼ ॥ | ଗଣ୍ଡି ବଡ଼ ସାନ ସାନ ଗୋଡ଼ |
| | [ ବ୍ରାହ୍ମଣୀ ବେଙ୍ଗ ] |
| ୪ ॥ ନୂଆ ହାଣ୍ଡି ଜୁନା ଦାଦରା | ନୂଆ ହାଣ୍ଡି ପୁରୁଣା ଘୋଡଣି |
| ଏ ଧନ୍ଦାକେ ନାଇଁ ଜାହ୍‌ଲେ | ଏ ଧନ୍ଦା (ରହସ୍ୟ/ପହେଲି)କୁ |
| ତାର ପୁର୍‌କା ପାଦା ॥ | କହି ନ ପାରିଲେ ଫାଟିବ ଥୋମଣି । |
| | [ ପାଚିଲା କେନ୍ଦୁ ] |
| ୫ ॥ ଏ ଧନ୍ଦା ପଲଟୁ | ବାଆଁ ପଟେ ବୁଲାଇବା |
| ସେ ଧନ୍ଦା ପଲଟୁ | ଡାହାଣ ପଟେ ବୁଲାଇବା |
| କଲିଆ ପିଲାର | ଅନ୍ଧାରେ ଲୁଚିଥିବା ପିଲାର |
| କାନ ଅଲ୍‌ଟୁ ॥ | କାନ ମୋଡିଦେବା । [ ତାଲା ଚାବି ] |
| ୬ ॥ ଏ ସାଇଗନ୍ ସାଇଗନ୍ | ଶୁଣରେ ସାଙ୍ଗ ଶୁଣ |
| ଗୋଟକି ଗଛେ ଧରଲା ଆଚେ | ଗୋଟିଏ ଗଛରେ ଫଳଅଛି ପରା |
| ଗୁଡି ଚିଡିଁଡା ବାଇଁଗନ୍ ॥ | ଗୋଲ ଗୋଲ ଛୋଟ ବାଇଗଣ । |
| | [ ମହୁଲଫଳ / ଟୋଲା ] |

୭ ॥ ମାନିକ ମାଜି ମାନିକ ମାଜି
ମାନିକ ମାଜିର ଘର୍
ସାତକୋଡ଼ ଭଏଁଷା ହଲ୍‌କେ ଚାଡିକରି
କଟାକେ ନେଲା ଚୋର

କେଡ଼େ ସୁନ୍ଦର ମାନିକ ମାଜିର ଘର
ଘର ଭିତରୁ ସବୁଙ୍କୁ ତଡି ଘର ନେଇଗଲା
ଚୋର । (ସାତକୋଡ଼ି ମହିଁଷୀ/ହଳକୁ)
ଛାଡି ସାରା ଘର ଚୋର ନେଇଗଲା:
ଅର୍ଥ : ମହୁମାଛିକୁ ତଡି ମହୁଫେଣା
ନେଇଯିବା ଅର୍ଥରେ ଏହି ପହେଳି ।

୮ ॥ ଜାମ୍ ଜୋଲା
ପେଟ୍ ଫୁଲାୟ କରି
ଗାଉଁ ଗଲା ॥

ଫୁଟାଇଲେ ଫୁଲିଯାଏ
ସାଙ୍ଗ ହୋଇ ଗାଆଁକୁ ସେ ଯାଏ ।
[ ଛତା / ଭତ୍ରୀଭାଷା : ଛାତି ]

୯ ॥ ଆସ୍‌ଲା କୋଶେକ୍
ବାବ୍‌ଲା ଧାପେକ୍
ଚେରି କାଏଲା
ଗଡ଼ସା ଦଶେକ୍ ॥

ଦୁଇ ମାଇଲା ସେ ଚାଲି ଆସିଲା
ଗାଁ ଅନ୍ତବାଟ ଥିବା ବେଳେ ଖଡା ଦେଖାଇଲା
ଝାଡ଼ା ବସିଥିବା ବେଳେ ତା ଗଣ ଧାନ
ଛେଳି ଖାଇଦେଲା ॥
[ ଗଣ ନେଇ ଆସିବା ହିସାବ ଛେଳି
ଖାଇଦେବା ]

୧୦ ॥ ବାଳୁତ କାଲରେ ମୁଣ୍ଡରେ ଟୋପି
ରାମ ଅବତାରେ ରାବଣ ମାରି
କୃଷ୍ଣ ଅବତାରେ ଗୋପୀକୁ ମୋହି
ଆଜି ସେ ଖାଇଲି ସେଇ ତରକାରୀ

ପିଲାବେଳୁ ମୁଣ୍ଡେ ପିନ୍ଧିଥାଏ ଟୋପି
ରାମ ଅବତାରେ ରାବଣକୁ ମାରି
କୃଷ୍ଣ ଅବତାରେ ଯାହା ମୋହିଥାଏ
ତାହାକୁ ଖାଇଲୁ ଆଜି କରି ଗୋପି ତରକାରୀ
[ ବାଉଁଶ ଗଜା/ଏଠାରେ କରଡି ବୋଲି
କୁହାଯାଏ । ]

[ ବାଉଁଶ ଗଜା ଜାତ ବେଳେ ମୁଣ୍ଡରେ (ଟିପରେ) ଟୋପି ପରି ଏକ ଆବରଣ ଥାଏ । ବଡ଼ ହେଲେ ବାଉଁଶ ହୁଏ । ବାଉଁଶରେ ଧନୁ ଓ ଶର କରି ରାମଚନ୍ଦ୍ର ରାବଣକୁ ମାରିଥିଲେ । ବାଉଁଶରୁ ବଇଁଶୀ ତିଆରି କରି କୃଷ୍ଣ ଗୋପି ମାନଙ୍କୁ ମୋହିଥିଲେ / ଆଜି ଆମେ ସେଇ ବାଉଁଶ ଗଜାକୁ ତରକାରୀ କରି ଖାଇଲୁ ]

୧୧ ॥ ବାଟା କଛେ ମାଲ୍‌ପାଦାନ୍
ଚଉଦଟା ଗୋଡ଼୍ ଦୁଇଟାକାନ୍ ॥

ବାଟ ପାଖେ ଦେଖ ଦୁଇଟା ପ୍ରାଣ
ସେମାନଙ୍କ ଅଛି ଚଉଦଟା ଗୋଡ଼ ଦୁଇଟି

କାନ ।। [ କଙ୍କଡା ଓ ବାରହା : କଙ୍କଡାର
୧୦ଟି ଓ ବାରହାର ୪ଟି ଗୋଡ଼ଥାଏ
କଙ୍କଡ଼ାର କାନ ନଥାଏ/ବାରହାର ୨ଟି
କାନଥାଏ ]

୧୨ ।। ବାକ୍‌ଟି କକ୍‌ଟି ବାକ୍‌ଟି କକ୍‌ଟି କାଇଁକି
ନାଟ କରିବାର ପାଇଁ କି
ବାକ୍‌ଟି କକ୍‌ଟି ବାକ୍‌ଟି କକ୍‌ଟି
ମଜି ମୁଣ୍ଡେ ଡେଙ୍ଗ୍ ଯୁଡିଆ କାଇଁକି
ତକେ ନବାର ପାଇଁକି ।।

ମାଛ ପଚାରିଲା - କହରେ ବଙ୍କା
ଲୁହାକଣ୍ଟା ପାଣିକି ଆସିଛୁ କାହିଁକି ?
ମୁଁ ଆସିଛି ନାଟ ଦେଖାଇବା ପାଇଁକି ।
ମାଛ ପଚାରିଲ - କହରେ ବନ୍‌ଶୀ କଣ୍ଟା
ତୋ ମୁଣ୍ଡ ଗୋଜିଆ ଦିଫାଲିଆ ଦିଶେ
କାହିଁକି ? ଆସିଛି ମୁଁ ତୋତେ ଧରିନେବା
ପାଇଁକି । [ ବନ୍‌ଶୀ କଣ୍ଟା ଓ ମାଛ ]

୧୩ ।। ଆଠ ସେ କକୋଡ଼ି
ନଅ ସେ ପାନ୍ଦା
ପାନ୍ଦା ବିତରେ ଚିଙ୍ଗଡି ଗଲା,
ବୁଟକୁଲି ଗାଣ୍ଡା ।।

ଆଠଟା ତନ୍ତରେ ନଅଟା ବାନ୍ଧ
ବାନ୍ଧଭିତରେ ଗଳି ଯାଉଛି କାଣ୍ଡିଆ ଦେଖ
[ ତନ୍ତରେ ଲୁଗାବୁଣା କାଣ୍ଡିଆର କାର୍ଯ୍ୟ
ସମ୍ବନ୍ଧରେ ଏ ପହେଳି]

## ଧନ୍ଦା (ପହେଳି)

୧. ଧମ୍ ତରିଆ ପୋଦ୍
ବାନା ବାନା ଗୋଦ୍ ।। (ଅୟାଁ ବେଙ୍ଗ)
ଧମତରି ଗାଁର ପୋତ (ଅଣ୍ଡିରା ମଈଁଷି ମୋଯା ଦେହ, ଛୋଟ ଗୋଡ଼) ପରି ଯାହା ଦିଶେ ତାହା କଣ ? (ଅୟାଁବେଙ୍ଗ)

୨. ସିରି ଚିପା କୁଡେ ଲିପା (ସିଙ୍ଘାଣି) ।।
ଯେଉଁଠି ହେଲେ ଲାଗିଯାଏ, ଲିପି ହେଇଯାଏ ।

୩. ଜିକରି ଖମନେ ଯାଇରେଲି
ଜିକରି କାଣ୍ଟାକେ ମାଡିରେଲି ।
ଉଦଲି ଉଦ୍‌ଲି ଡ଼େଗାଇଲି । (ଫୁଲାଲିଆ)
ଜିକରି କଣ୍ଟା ଗଛର ବଣକୁ ଯାଇ, କଣ୍ଟାକୁଦିଲି ଯେ ବଥାରେ କଣ୍ଟା ବାହାର

କରିବା ପାଇଁ ଡେଉଁଥିଲି । ଲିଆ ଭାଜିଲା ବେଳେ ଲିଆ ଫୁଟିବା ଦେଖି ଏହି ପହେଳିର ସୃଷ୍ଟି ।

୪. ଉପର୍ ସାଇନୁ ଆସ୍‌ଲା ଲିଟି
ସବ୍‌କେ ନେଲା ମାରି ପିଟି (ନିଦ)

୫. ଖିକା ଛିଡେ ଡୁମଡି ଫୁଟେ
ଚାର ଚୁଇଁ ବାଟେ ଧୂଙ୍ଗିଆ ଉଠେ ॥ (ମହୁଲ)

ସଂଗ୍ରହ : ରାମନାଥ ନାୟକ / ୬୦ ବର୍ଷ / ଲେଙ୍ଗଡାଗୁଡା
ଉମରକୋଟଙ୍କ ଠାରୁ / ସହାୟତା : ଶ୍ର ପୀତାମ୍ବର ବେହୁରିଆ ।

## ଢମାଳି

୧ ॥ ପିତଲ ପଟର ଚାନ୍ଦି
ତୁଇଥବୁ କେତେ ବୟସ ବାନ୍ଧି
ଜୀବନ ଯାଉଛି କାନ୍ଦି । (ଯୌବନ ଭୋଗ ନକଲେ ବିଅର୍ଥ ହେବ ସିନା)
ମୋ ଅଥିରତାକୁ ତୁ ଯେତେବେଳେ ବୁଝିପାରୁ ନାହୁଁ, ଖୋସାରେ ପିତଳ, ଚାନ୍ଦି ତିଆରି ପାନ ପତ୍ର ପିନ୍ଧି ସଜେଇ ହେଲେ କଣ ମିଳିବ ଯେ ।

୨ । ଶିରି ପରବକେ ଜିଆଦ କଲି
ଠେଙ୍ଗୁଆ ପିଲାର ଝୁମୁକା ନଲୀ
ଚାପି ଦେଲେ ଯିବ ଗଲି । (ସଂଭୋଗ ପାଇଁ ପୁଅର ଝିଅକୁ ଆମନ୍ତ୍ରଣ)

୩ ॥ ସେଦିନ ସେକାଳ ଗଲା
ଝାଡ଼ ବନସ୍ତରେ କୋକିଲ ଡାଗିଲା
ଝୁରି ଝୁରି ଦିନ ଗଲା ॥ (ପଛକଥା ମନରେ ପକାଇ ବିସ୍ତାପି ହେବା)

୪ ॥ ଫୁଲ ଫୁଟିଗଲା କେତକୀ
ପାଖରେ ବସାଇ ପାନ ଖୁଆନ୍ତି
ନଇଲା ଆପଣା ଜାତି ॥ (ଆକାଶ କୁସୁମ/ଦିବାସ୍ୱପ୍ନ ଦେଖିବା)

୫ ॥ ଗଛ ମହାମେରୁ ପଟର ସରୁ
ଗଛକୁ ଡେଗିଲା ଗୋରୁ

ଗଛ ଖୁଟ ପରା ଗାଗଡ଼ ଆଛେ
କୋଲେ ଧରିବାକେ ଡରୁ ।। (ମୁହଁରେ କଥାଏ ମନରେ ଜ୍ଞାନ/କହନ୍ତି ଯେତେ ନୁହନ୍ତି ସେତେ)

୬ ।। ଫୁଲ ଫୁଟିଗଲା ମନ୍ଦାର
ଜୀବର ଧନକୁ ଛଣେ ନ ଦେଖିଲେ
ଦିବସ ହେଉଛି ଅନ୍ଧାର ।। (ପ୍ରୀତି ପାଗଳ)

## ।। ଢେଗ (ଢଗ) ।।

୧ ।। ଘଇତା ମଲା କେବେ, କାନ୍ଦି ବସିବୁ ଏବେ
(ପୁରୁଣା କଥା ମନେ ପକାଇ ବାହୁନି ହେବା)

୨ ।। ହଳଦି ରଙ୍ଗ, ପରଦେଶୀ ସାଙ୍ଗ ।।
(ହଳଦୀର ରଙ୍ଗ ଓ ପରଦେଶୀ ବନ୍ଧୁଙ୍କ ରଙ୍ଗ ଓ ବନ୍ଧୁତା କ୍ଷଣସ୍ଥାୟୀ ହୋଇଥାଏ)

୩ ।। ଛେଲି ନା ଖାଇଲା ଡାଲ ନାଇଁ
କମା ନା ଖାଇଲା ଶାଗ୍ ନାଇଁ
(ଏମିତି ଡାଳ ନାହିଁ ଯାହା ଛେଳି ନଖାଆନ୍ତି ଏମିତି ପତ୍ର ନାହିଁ ଯାହା କମା ବ୍ରାହ୍ମଣ ବ୍ୟବହାର ନ କରନ୍ତି ।)

୪ ।। ବାମନ୍ ଧନ୍ ବାଦ୍‌କେ
ଦେଶିଆର୍ ଧନ୍ ମଦ୍‌କେ ।
(ବ୍ରାହ୍ମଣର ଧନ ମକଦ୍ଦମା ପାଇଁ, ଦେଶିଆର ଧନ ମଦ ପାଇଁ ବୟିତ ହୋଇଥାଏ)

୫ ।। ଯାର ପେଟେ ରେସି ଦାଂତ
ତାକେ ନାଇଁ କରା ବିଶାସ୍ ।।
(ଯିଏ ଦୀର୍ଘସୂତ୍ରୀ ତାକୁ କେବେ ବିଶ୍ୱାସ କରିବା ଉଚିତ ନୁହେଁ)

ଏହା ନବରଙ୍ଗପୁର ସହରରୁ ଶ୍ରୀ ଲଳିତ ମୋହନ ପଟ୍ଟନାୟକ/ନୂଆବନ୍ଧ ସାହିଙ୍କ ସୌଜନ୍ୟରୁ ପ୍ରାପ୍ତ ।

❋❋❋

# ଭତ୍ରୀ ଲୋକଗୀତ

**ଲୋ**କ ସାହିତ୍ୟର ସର୍ବୋତ୍ତମ ବିଭବ ହେଉଛି ଲୋକଗୀତ । ଭତ୍ରୀ ଲୋକ ଗୀତ ଗୋଣ୍ଡି ଲୋକଗୀତ ପରି ସେତେ ସମୃଦ୍ଧ ନହେଲେ ମଧ୍ୟ ଏହାର ନିଜସ୍ୱ ପ୍ରାଣ ରହିଛି । ଭାରତର ସମସ୍ତ ଆଦିମ ଜାତି ପରି ଏମାନଙ୍କ ଲୋକଗୀତରେ ମଧ୍ୟ ଜାଗତିକ ଅଭାବ ବୋଧକୁ ମୂଲ୍ୟହୀନ ମନେକରି ଗୀତ ଗାଇ ଗାଇ ଜୀଇଁବା ଓ ମରଣ ଯାଏ ଓଠରେ ଗୀତ ଥିବାର କାମନା କରିବା ଭଳି ଏକ ଚିତ୍ତବୃତ୍ତି ଦେଖିବାକୁ ମିଳେ । ଭତ୍ରୀ ଲୋକଗୀତ ଗୁଡିକରେ ଆମେ ଚିରନ୍ତନ ଆନନ୍ଦ ଓ ପ୍ରାପ୍ତିର ଅନୁଭବ କରି ପାରିବା ।

ରସମୟ ଯୌବନର ଗୀତ, ଆଦିମତାର ପ୍ରୟୋଗ, ପ୍ରକୃତି ପ୍ରତି ମୋହ ଓ ପ୍ରବଳ ଆକର୍ଷଣ, ଶୃଙ୍ଗାର ଚେତନାର ଗହନ କଥା, ଦାବ ଦହନର ମର୍ମବାଣୀ, ଦେହକୁ ନେଇ ପ୍ରୀତି ଗୀତ, ଲାଳସାର ରସସ୍ନିଗ୍ଧ ବର୍ଣ୍ଣନା ଓ ସମସ୍ତ ମାନବିକ ଚିନ୍ତା ଓ ଚେତନାର ସାଙ୍ଗିତିକ ଅଭିବ୍ୟକ୍ତି ଭତ୍ରୀ ଲୋକ ଗୀତରେ ଶୁଣିବାକୁ ମିଳେ । ଜନ୍ମ ଠାରୁ ମୃତ୍ୟୁଯାଏ ଏ ଗୀତ ଗୁଡିକର ପରିସର ବ୍ୟାପ୍ତ । ଭତ୍ରୀ ଲୋକଗୀତଗୁଡିକୁ ନିମ୍ନମତେ ବର୍ଗୀକରଣ କରାଯାଇପାରେ ଯଥା :

୧. ଶିଶୁଗୀତ, ୨. ନାନାବାୟାଗୀତ, ୩. ପ୍ରେମଗୀତ, ୪. ଯୁଗଳ ଓ ଏକକ ଗୀତ, ୫. ଅବସର ବିନୋଦନ ଗୀତ, ୬. କୃଷି ଗୀତ, ୭. ପର୍ବ ପର୍ବାଣି ଗୀତ, ୮. ଧାର୍ମିକ ଗୀତ, ୯. ଜନ୍ମ ବିବାହ ମୃତ୍ୟୁ ଗୀତ, ୧୦. ଯୁଦ୍ଧ ଓ ଶୀକାର ଗୀତ, ୧୧. ବିପ୍ଲବ ଗୀତ, ୧୨. ହାସ୍ୟରସ ଓ ବ୍ୟଙ୍ଗ ଗୀତ, ୧୩. ଅନ୍ୟାନ୍ୟ ଗୀତ ।

ଭତ୍ରୀ ଲୋକଗୀତରେ ଚଇତ ପରବ ଗୀତ, ପୁଷ ପୁନି ଗୀତ (ଛେରଛେରା ଗୀତ), ଲେଙ୍ଗୀ ଗୀତ, ଲାଠିଆ ଭାଜି ଗୀତ, ଖେଲଗୀତ, ବନ୍ଧାପନର ଗୀତ, ଲୀଭ ଗୀତ ଆଦି ମଧ୍ୟ ଶୁଣିବାକୁ ମିଳେ । ଭତ୍ରୀ ଲୋକଗୀତରେ ଓଡିଆ, ଛତିଶଗଡ଼ି, ଲୋରିଆ, ହାଲ୍‌ବୀ ଭାଷାର ପ୍ରଭାବ ଦେଖିବାକୁ ମିଳେ । ଯେହେତୁ ଭତରା ସମ୍ପ୍ରଦାୟ ଅବିଭକ୍ତ କୋରାପୁଟ ଜିଲ୍ଲା ଓ ମଧ୍ୟ ପ୍ରଦେଶର ସୀମାନ୍ତର ବହୁ ସଂଖ୍ୟାରେ ବାସ କରନ୍ତି, ଉଭୟ ଅଞ୍ଚଳର ସାଂସ୍କୃତିକ ପ୍ରଭାବ ଏମାନଙ୍କ ଲୋକ ସାହିତ୍ୟରେ ବହୁ ପରିମାଣରେ ପଡିଛି । ନିମ୍ନରେ ଭତ୍ରୀ ଲୋକ କବିତା (ଗୀତ)ର କେତେକ ଉଦାହରଣ ଦିଆଯାଇଛି । ଏହି ଗୀତଗୁଡିକ ସରଳ, ସଂକ୍ଷିପ୍ତ ଓ ଭାବ ଉଦ୍ଦୀପକ । ଅଧିକସଂଖ୍ୟକ ଗୀତ ଛନ୍ଦ (ଲୋକଛନ୍ଦାନୁସାରି)କୁ ନେଇ ଗେୟ ଧର୍ମୀ, ସଂଗୀତମୟ ତଥା ପ୍ରତୀକ ଧର୍ମୀ ।

ଭତ୍ରୀ ଲୋକଗୀତ ବହୁ ପ୍ରଥାସିଦ୍ଧ ପ୍ରତୀକ (conventional symbol/ image) କୁ ନେଇ ଗଠିତ । ଭତ୍ରୀ ଲୋକଗୀତରେ ପ୍ରଯୁକ୍ତ ସମସ୍ତ ପ୍ରତୀକ ପ୍ରକୃତିର ବହୁ ସାଦୃଶ୍ୟ ବସ୍ତୁରୁ ଆହୃତ । ଦୈନନ୍ଦିନ ଜୀବନରେ ଘଟୁଥିବା ଘଟଣା, ଭାବନା, ଆବେଗ, ସମ୍ବୋଦନା, ହାସପରିହାସ ବ୍ୟଙ୍ଗ, ପ୍ରୀତି ପ୍ରଣୟ, ରାଗ-ଅନୁରାଗ, ମାନ-ଅଭିମାନ, ପ୍ରାପ୍ତି-ଅପ୍ରାପ୍ତି ବୋଧ, ବିରହ, ବିଚ୍ଛେଦ-ମିଳନର ଶାବ୍ଦିକ ବ୍ୟଞ୍ଜନ ଭତ୍ରୀ ଲୋକଗୀତର ଆତ୍ମା ଅଟେ ।

ବିଭିନ୍ନ ଶ୍ରେଣୀର ଭତ୍ରୀ ଲୋକଗୀତ ଓ ସେଗୁଡିକର ଓଡିଆ ଅନୁସୃଜନ ନିମ୍ନରେ ଦିଆଗଲା ।

**୧. ଖେଳଗୀତ** [ ସମସ୍ତ ଗୀତ ନବରଙ୍ଗପୁର ଜିଲ୍ଲା କସାଗୁମୁଡା ଅଞ୍ଚଳରୁ ସଂଗୃହୀତ : ଗୀତ ଗୁଡିକ ଗାଇଛନ୍ତି ସମ୍ପାରୁ ଭତ୍ରା / ବଜରଗଡ ]

| ମୂଳଭତ୍ରା ଗୀତ | ଓଡିଆ ଅନୁବାଦ |
|---|---|
| ॥ ୧ ॥ | ॥ ୧ ॥ |
| ରାଇସେରି ପାଖ ରାଇସେରି ପାଖ | କଣ୍ଟା କୋଳି ଗଛ ପାଖ |
| ଧଦ ରାଇସେରି ପାଖ | କଣ୍ଟାକୋଳି ଗଛ ପାଖ |
| ଖସି ଆମଲକ ନୂଆଁରେ | ଭାଣିଜି ରେ |
| ଆଏ ରାଜା ଖେନ୍ଦାନେ ପାଖ | କଣ୍ଟାକୋଳି ଗଛ ପାଖ |
| ପାପା ଯମନା ଖେଳିବା ଛମନା | ଖସି ଗଛ କଣ୍ଟା |
| ଶବ୍ଦଟୀକା : | ଅଳା ଗଛର ନୂଆ ପତର |
| ରାଇସେରି : କଣ୍ଟାକୋଳି | ଭାଣିଜିରେ |
| ଯମନା : ଖେଳିବା ଜିନିଷ | ଆ ଖେଳିଯିବା ଖେଳ |
| ଖେନ୍ଦାନେ : ଡାଳରେ | ଡାଳରେ ଖେଳିବା ଖେଳ |
| ପାପା : ସାନ ଭଉଣୀର ଝିଅ | |
| ॥ ୨ ॥ | ॥ ୨ ॥ |
| କାଖଡା ଡିଲିଲା ପିଲ୍ (୨ ଥର) | କାଙ୍କଡ ଗଜାହେଲା |
| ଖୁଟିଗୁଡ଼ାର ଚକିମନ୍‌କେ | କାଙ୍କଡ ଗଜାହେଲା |
| କଣା ଦେଲାଏ | ଖୁଟିଗୁଡା ଗାଁର ଝିଅକୁ |

ସୁନ୍ଦର ମଛ ମେନାଭାଇ
ଛୁଟାଏ ଡେବିତିଲ୍
ପାପା ଯମନା ଖେଲିବା ଛମନା ॥

କଥା ଦେଇ ଠକିଦେଲ
ପୁଅମାନେ
କଥା ଦେଇ ଠକିଦେଲ
ତୁଚ୍ଛା ପ୍ରତିଶ୍ରୁତି ଦେଲ
ଭାଣିଜିରେ
ଆ ଖେଳିଯିବା ଖେଳ

କାଖଡ଼ା : କାଙ୍କଡ
ଡିଲିଲା ପିଲ୍ : ଗଜାହେଲା

॥ ୩ ॥
କର୍‌ଲା ବାଡ଼ନି ମୁଁଠାରେ ସଜନି
କର୍‌ଲା ବାଡନି ମୁଁଠା
ବଡେ ଗର୍ ବଲି ଦେଲୁସ୍ ବୁଆ
ଦେଲୁସ୍ ବୁଆ
କୁକୁଡା ଡାକେ ଧନକୁଠା ସଜନିରେ ॥

॥ ୩ ॥
କରଲା ଡାଳର ଛାଞ୍ଚୁଣି ମୁଠା
ସଜନିରେ
କରଲା ଡାଳର ଛାଞ୍ଚୁଣି ମୁଠା
ବଡ ଘର ବୋଲି ବାପା
ବାହା ଦେଇଛନ୍ତି ସଜନିରେ
କୁକୁଡ଼ା ଡାକବେଳୁ ଧାନକୁଟା
ସଜନିରେ ॥

॥ ୪ ॥
ବଟ ଛକମି ନରଙ୍ଗିଆ ଫଳ
ଆୟୟା ବୁଆ ଘରେ
ଡେମଶା ଧରା
ସୁନ୍ଦର ମଛ ମେନାଭାଇ
ମୁନୁଷ ଘରେ ଡଅଡ଼
ପାପ୍ୟ ଯମନା ଖେଳିବା ଛମନା ॥

॥ ୪ ॥
ବାଟ ରାସ୍ତାରେ ଆତଫଳ
ଭାଣିଜିରେ
ବାପ ମା ଘରେ
କେତେ ନାଚ ଖେଳ
ଭାଣିଜିରେ
ବର ଘରେ କଷ୍ଟ ବିଡ଼
ଭାଣିଜିରେ ଆ ଖେଳିଯିବା ଖେଳ ।

॥ ୫ ॥
ସୁକୁଲା ସାରୁ ପତର ସଜନିରେ
ସୁକୁଲା ସାରୁ ପତର

॥ ୫ ॥
ଶୁଖିଲା ସାରୁ ପତର
ସଜନିରେ

ବଡେ ଘର ଝି ବଡେ ଚତୁର
କଣାଏ ପାନ ପତର ସଜନିରେ ॥

[ ସଂଗ୍ରହ : ଲକ୍ଷ୍ମୀଧର ମହାନ୍ତି / କସାଗୁଗୁଡା
ଅନୁସୃଜନ : ସୁବାସ ଚନ୍ଦ୍ର ମିଶ୍ର ]

॥ ୬ ॥

ଆଜି ଉଦିଗଲା ଜନ
ଆଜି ଉଦିଗଲା ଜନ
କାଲିକେ କେଲିବା ମନ
ଲୋ ସାଇଁ କରୁନା
ମଲିଫୁଲ ବାସନା
କରାପାନି ଜାଇଫୁଲ ବାସନା
ଆମର ବଡଭାଇ ବିବାବେଲା
ଜୋଡା କନିଆ
ସାଇଁ ଲୋ ସାଇଁ କରୁନା
ମଲି ଫୁଲ ବାସନା
କରାପାନି ଜାଇଫୁଲ ବାସନା ॥

॥ ୭ ॥

କେଲୁ କେଲୁ କେଲୁ ଗିର୍‌ଲିଆ
ଅହି ମଜି ଡାଡେ କେଲୁ
ଆମର କେଲବା ଡାଡେ ବରିଗୁଲି
ବେଲ୍ଲୁ ତେବେ ଆଲି ଲୁଲି
ନଜର ଡଲାଇ ଦକରେ ଗିରଲିଆ
ଲାଏଟ୍ ଦକାଇ ଦକ ॥

ଶୁଖିଲା ସାରୁ ପତର
ବଡ (ଧନୀ) ଘର ଝିଅ
କେତେ ଚତୁର, କେତେ ଚତୁର
ସଜନିରେ
ଖୋସାରେ ଖୋସିଛି
ରୂପା ପାନ ପତର ସଜନିରେ ।

॥ ୬ ॥

ଆଜି ଉଇଁଗଲା ଜହ୍ନରେ ସଙ୍ଗାତ
କାଲିକ ଖେଳିବା ମନ
ତୋ ଦେହ ମଲ୍ଲୀଫୁଲ ବାସନା
ସଙ୍ଗାତରେ
ତୋତେ ମୁଁ ଡାକିବି
କୁଆ ପଥରର ପାରି ସଙ୍ଗାତ
ତୋ ଦେହ ଜାଇଫୁଲ ବାସନା
ମୋ ବଡଭାଇ ବିବାହ ବେଳା
ଦୁଇ କନିଆଙ୍କ ଖେଳା ॥

॥ ୭ ॥

ରେ ଗିର୍‌ଲା ଗାଁର ପିଲାମାନେ
ଆସ ମଝିଦାଣ୍ଡେ ଖେଳିବା
ଆମ ଖେଳିବା ଦାଣ୍ଡରେ
କେତେ ବରକୋଳି ଝଡିଛି
ତାହାକୁ ଗୋଟାଇ ଧରିବାରେ
ଗିର୍‌ଲା ଗାଁର ପିଲାମାନେ
ଆଖି ପୂରାଇ ଦେଖରେ
ଲାଇଟି ଲଗାଇ ଦେଖ ॥

ଭତରା ଲୋକ ବାସ କରୁଥିବା ଗାଁ ଗୁଡିକରେ ଏମିତି ଅନେକ ଗୀତ ଶୁଣିବାକୁ ମିଳେ ସଂଜ ସମୟରେ । ଖେଳଗୀତରେ ଦେବୀ, ଦେବତା, ମନ୍ଦିର କଥା ବି ପଡେ ଯେମିତି ନିମ୍ନ ଗୀତରେ କୁହାଯାଇଛି :

॥ ୮ ॥

ଚେଡାଇ ରଙ୍ଗିଲା ମାଲେ ଲୋ ମୟନା
ଚେଡାଇ ରଙ୍ଗିଲା ମାଲେ
ନାକର ଗୁବାକେ ଚାଡ଼ି ଆସ୍‌ଲି
ଡଲି ଦେବତାର ଗରେ
ମାତା ମାଓଁଲିର ଗରେ
ମାତା ମାଓଁଲିକେ କୁଇଁର ଲୋକ
ଡଲି ଦେବତାକେ କୁଇଁର ଲୋକ
ସପନାରେ ବେଟଂ ପାଟରେ ମୟନା
ସପନାରେ ବେଟଗାଟ୍
ମାତାକେ ମାଓଁଲି
ବରାକେ ଛେଲି
ବିମାନେ ନଡିଆ ଦେଲିରେ ମୟନା
ବିମାନେ ନଡିଆ ଦେଲି ।

॥ ୮ ॥

ମୋ ମନ ମଇନା
ଶୁଣୁ କଥା ଚଢ଼େଇ
ବସିଲା ଲତାରେ ଧୀରେ
ଚଢ଼େଇ ବସିଲା ଲତା
ମୋ ନାକ ଗୁଣାକୁ
ଛାଡି ଆସିଲି
ଡୋଲି ଦେବତାର ଘରେ
ମଇନା ମୋ
ମା ମାଓଲିର ଘରେ
ତୋତେ ମୁଁ ପାଇବି ବୋଲି
ସପନରେ କେତେ
ମିନତି କରିଲି
ଦେବତା ମାନଙ୍କୁ ଭୋଗ
ମୁଁ ଯାଚିଲି
ଛେଳି ବଳିଦେବି ମଇନା
ମୋହର
ବିମାନେ ନଡିଆ ଦେବି
ମନାସିଲି
ତୋତେ ସପନେଇଭେଟ
ମୁଁ ପାଇଲି ମଇନା ମୋର
ସପନେ ଭେଟ ପାଇଲି ।

॥ ୯ ॥

ପୋପଡା ଅଣ୍ଡିର ଯୋଡା ଦେଉଲ
ଗଟେ ସାନ୍ ଗଟେ ବଡ଼
ବେଲ୍ ବେଲ୍ ବେଲ୍
ସସାନ ଦେଉଲର କୁମ୍ କଳସ
ବଡ ଦେଉଲର ଜଜା
ଜଜା ଦେକି ଦେକି ପାନିକେ ନ ଯା
ଜିବ୍‌ସି ମାଡିଆ ରାଜା
ବେଲ୍ ବେଲ୍ ବେଲ୍ ॥

॥ ୯ ॥

ପାପଡା ହାଣ୍ଡିର ଦୁଇ ଦେଉଳ
ଗୋଟେ ସାନ ଗୋଟେ ବଡ଼
ସାନ ଦେଉଳର କୁମ୍ଭ କଳସ
ବଡ ଦେଉଳର ଧ୍ୱଜା
ଧ୍ୱଜା ଦେଖି ଦେଖି
ପାଣିକୁ ନ ଯାଉ
(ତୋ ଅନ୍ୟମନସ୍କତାର
ସୁଯୋଗ ନେଇ)
ଝିକିନେପେ କୁମ୍ଭୀର ରଜା ॥

## ॥ ଭତ୍ରୀ ପ୍ରେମ ଗୀତ ॥

ଜୀବନର ଏକ ନିର୍ଦ୍ଦିଷ୍ଟ ସମୟରେ ମଣିଷକୁ ପ୍ରେମ ଛୁଏଁ । ସେ ପୁଅ ହେଉକି ଝିଅ, ଏହି ପ୍ରେମ ଛୁଇଁଲେ ସବୁ ବଦଳି ଯାଏ । ମାଟି, ପାଣି ,ପବନ । ମନରେ କେମିତି ଏକ ନିଃସଙ୍ଗଭାବ ଆସେ । ମନ ମିତଟିଏ ଖୋଜେ, ଏକାନ୍ତ ନିଜର ହେବ ଯିଏ । ଯାହା ପାଖରେ ସେ ସମର୍ପି ଦେବ ନିଜର ନିଃସଙ୍ଗ ପଣିଆକୁ । ମନ ଭିତରେ ଉଙ୍କି ମାରେ ବିଶୁଦ୍ଧ ଲୋଡିବା ପଣ । ଫୁଲ, ଗଛ, ଚଢ଼େଇର ଗୀତ, ଝରଣାର କୁଳୁକୁଳୁ ଧ୍ୱନି, ପର୍ବତ, ଝୋଲା, ସର୍ଗି ବଣ, କୁରେଇ, ଶିମୁଳୀ, ବେହେଡ଼ା, ବଦଲି ଫୁଲ (ପଳାଶ) ସୁନ୍ଦର ଦିଶେ ଜୀବନ ରସମୟ ହୋଇଯାଏ । ଭାବରେ ବୁଡ଼େ ଉଠେ ।

ଭତ୍ରୀ ଲୋକଗୀତରେ କେତେ ଯେ ପ୍ରେମ ଗୀତ । ପ୍ରେମ ପ୍ରଣୟ, କାମନା ବାସନା, ବିରହ ବିଚ୍ଛେଦର ଗୀତ, ମାନ ଅଭିମାନର, ରାଗ ଅନୁରାଗର ଗୀତ । ଏ ଗୀତ ଦେହ ଓ ଦାହର, ଜଳି ଜାଳିବାର, ସମର୍ପଣର ଗୀତ । ଏ ଗୀତ ଗୁଡିକରେ ପ୍ରକୃତିର ସାଦୃଶ୍ୟ ବସ୍ତୁ ମଣିଷ ସହିତ ପ୍ରତୀକିତ ହୋଇଥାଏ । ଭତ୍ରୀ ଲୋକଗୀତରେ ପ୍ରକୃତିର ଭୂମିକା ସବୁଠି ବେଶୀ । ପ୍ରେମ ଗୀତ ହୋଇ ବହିଯାଏ ଅବାରିତ ।

ଏଣୁ ଏହି ଗୀତର ସ୍ୱରୂପ ନିର୍ଣ୍ଣୟ କରିବାକୁ ଯାଇ ଜଣେ ଭତରା ଲୋକ କବି ଗାଇଛନ୍ତି :

ରସରେ ରସିକା ଭାବରେ ଭାବିକା
ଏ ରସକୁ ରସ ନାଇଁ

ଚଇତ ପରବ ଡାଲମୂଲ୍ୟା ଗୀତ
ଜୀବନ ଯାଉ ଗାଇ ଗାଇ ॥ ୧ ॥

*[ ଚଇତ ପରବ ଗୀତ, ମଇଦଲପୁର ଅଞ୍ଚଳ, ନବରଙ୍ଗପୁର, ଶ୍ରୀ ଖ୍ରୀଷ୍ଟ ଚନ୍ଦ୍ର ଟାକ୍ରି, ଉମରକୋଟ ବୟସ ୫୫ଙ୍କ ଠାରୁ ସଂଗୃହୀତ ]*

(କ) ଆଦ୍ୟ ଯୌବନର ଗୀତ : ଭତ୍ରୀ ଭାଷା -

କୁରେ ଫୁଲର ବାସନା ନନା
ମନଟା ମଅଁକିଲା
କଅଁଲି ମଉଁସ୍ କାୟ ଗୁଲଗୁଲା
ଭୁସ୍ ଭୁସା ଲାଗୁଲା ॥

ଅନୁସୃଜନ :

କୁରେଇ ଫୁଲର ବାସେ
ମୋ ମନ ସାରା ମହକି ଯେ ଗଲା
କଅଁଳ ମାଉଁସେ (ଶରୀରରେ) ମୋର
କି ଅସ୍ଥିର ଭାବ
ଦେହ ସାରା କି ଯେ କଣ୍ଟାପ୍ରାସ
ମୋତେ ଆବୋରିଲା ॥

(ଖ) ପ୍ରୀତିମୟ ପ୍ରକୃତିର ଆକର୍ଷଣ :

ଶିରି ପରବତେ ଝାଲିଆ ମଂଜୁର୍
ଟେକ ଟେକାୟଲା
ତମର୍ ଆମ୍‌ର ପୀରତି ନନି
ଦଇବ ଭେଟାୟଲା ॥

ଅନୁସୃଜନ :

ଉଚ୍ଚ ନୀଳପର୍ବତରେ ଯେବେ
ଚତ୍ରିତ ମୟୂର, ପୁଚ୍ଛଟେକି ନାଚ ଆରମ୍ଭିଲା
ଏମିତି କାଳରେ ଯାହା ଏ ଦଇବ
ତୋତେ ମୋତେ ଭେଟାଇବା ପାଇଁ
ପ୍ରୀତି ଲଗ୍ନଟିଏ ଖଂଜିଦେଲା ।

କଅଁଳ ମନରେ ପ୍ରୀତିର ଦାନ । ମନ ଲୋଡୁଛି ମନମିତ । ଯୁବତୀର ମନ କେତେ ଯେ ଅସ୍ଥିର । ଯାତ୍ରା ସମୟ, ପର୍ବ ମନାଇବାର ବେଳ ଆସିଲାଣି । ସମସ୍ତେ ବେଶ ଭୂଷା ହୋଇ ମଣ୍ଡେଇ ଯିବେ, ବଜାର ଯିବେ । ପୁଅ କିଣି ଦେବ ଝିଅକୁ ତା ମନଲାଖି କିନିଷ । ଗାଁ ଦାଣ୍ଡରେ କେଉଁଠି ମହୁରୀର ତାନ ଡାକିବ । ଢୋଲ, ନାଗରା, ଟିଡିବିଡି, ମାଦଳ ବାଜିବ । ଡେମସା ନାଚ ଆରମ୍ଭ ହେବ । ଚଇତ ପରବ ଗୀତର ବେଳ । ଗୀତ କୁଡିଆ ପଚାରିବ ଗୀତ କୁଡିଆଣିକୁ ତାର ନା, ଗାଁ, ଠିକଣା । ପ୍ରଶ୍ନ ଉତ୍ତର ଆରମ୍ଭ ହେବ । ହସି ହସି ବେଦମ ହୋଇଯିବେ ଜମା ହୋଇଥିବା ଲୋକ । ବାଇଦ ଡାକିବ ''ଅହୋ ହୋ ରିଶ୍, ଧାଙ୍ଗଡା ଧାଙ୍ଗଡା ମିଶ୍ ।'' ଆରମ୍ଭ ହେବ ନାଚ, ନା ଥିବ ବୟସ ଭେଦ, କେବଳଥିବ ଆନନ୍ଦର ଭାବ ଗୀତ-ନାଚ-ବାଦ୍ୟର ସମ୍ମୋହନରେ ପୃଥିବୀ ହେବ ଉଚାଟ, କେଉଁ ଦୂର ଗାଁରେ କିଶୋରୀଟିଏ ପ୍ରେମାଚ୍ଛନ୍ନ ହୋଇ ଗାଇ ଦେଉଥିବ :

୧ ।। ଟିପୁରି ପାନିକେ ଲେହେରା ମାରେ
ନୂଆ ଗୁଡିଆରେ ଧନ ମାଛ ଡେଗାଇଲା ଜାଲେ
ଜାଲର ମାଛକେ ସଙ୍ଗାଇଲି ଆଛେ
ନୂଆ ଗୁଡିଆରେ ଧନ
ତମର ଆମର ମାୟାକାଜେ
ଟୁଟି ବଡଗଛ ତଲେ ଲାଟନି ଲାଚେ
ତକର ବନ୍ଦେ ଲୁଗା କାଚେ
ଲୁଗା କାଚି କାଚି ସଙ୍ଗାଇଲି ଆଚେ
ଧଡ୍ରା ମୁଣ୍ଡି ଯିବା କାଜେ ।।

[ ଶବ୍ଦଟୀକା : ଟିପୁରି ପାନି - ମନ / ଲେହେରାମାରେ - ବିହ୍ୱଳିତ କରୁଛି / ଡେଗାଇଲା - ଡେଇଁଲା / ମାୟା - ସ୍ନେହ, ପ୍ରେମ / ଟୁଟି ଥୁଣ୍ଟା / ଲାଟନି - ଏକ ପ୍ରକାର ପୋକ, ଯାହା ଦେହରେ ଚାଲିଗଲେ ରିବି ରିବି ଫଳି ଭାରି ଜଳାଏ / ଧଡ୍ରାମୁଣ୍ଡି - ଧଡ୍ରା ନାମକ ଗାଁରେ ହେଉଥିବା ଯାତ୍ରା ଦେଖିବାକୁ ଯିବା / ପ୍ରକାରାନ୍ତରେ ପ୍ରେମିକ ସହ ଅନ୍ୟତ୍ର ଚାଲିଯିବା ପାଇଁ ଇଚ୍ଛା ପ୍ରକାଶ କରିବା ।

ଅନୁସୃଜନ : ନୂଆଗୁଡା ଗାଁର ଯୁବକ ତୁ ମୋ ଅମୂଲ୍ୟ ଧନ
ତୋତେ ଦେଖି ମନ ମୋର କେତେ ବିହ୍ୱଳିତ
ତୋ ଆକର୍ଷଣର ଜାଲେ ଦେଲା ଧରା

ମୋର ମନମୀନ
ସେ ମୀନକୁ ସାଇତି ରଖିଛି
ନୂଆଗୁଡା ଗାଁର ଯୁବକ ତୁ ମୋ ଅମୂଲ୍ୟଧନ
ପ୍ରୀତି ହେବ ବୋଲି ।।
ଗାଆଁମୁଣ୍ଡ ଥୁଣ୍ଟା ବରଗଛ ତଳେ
ପୋଖରୀ ତୁଠରେ ଲୁଗା କାଚୁଥିଲା ବେଳେ
ତୋ କଥା ଭାବି
ସତେ ଅବା ଲାଗିଦିଏ ଲଙ୍କା ପୋକ
ଦେହ ସାରା କି ଯେ ଜ୍ୱାଳା, ଫଳେ ରିବି ରିବି
ଲୁଗା କାଚି ରଖିଛି ସାଇତି
ତୁ ଥରେ ମୋତେ ଦେଲେ ଡାକି
ଯିବି ତୋ ସାଥୀରେ ମୁଁ ଯେ ଯାତ୍ରା ଦେଖି ।।

*[ ଗୀତ ସଂଗ୍ରହ : ଚଇତି ଭତରା , ୨୫ ବର୍ଷ , ଖୁଟୁଗୁଡା , ଉମରକୋଟ ]*

ଅଏ ବଲିରେ ଏ.ଏ.ଏ ଗୀତ ମନର ପ୍ରେମ ଭାବକୁ ପ୍ରକାଶ ପାଇଁ ପୁଅ ଝିଅ ମାନେ ଏ ଗୀତ ଗାଇଥାନ୍ତି । ପ୍ରଥମେ ଏ ବଲିରେ ଏ.ଏ.ଏ ସୁର ଧରି ପରେ ବିଷୟକୁ ଆସନ୍ତି । ଗୀତର ଗାନଧର୍ମୀତା ଓ ପୁନରାବୃତ୍ତି ଲକ୍ଷଣୀୟ । ନିମ୍ନ ଗୀତ ଗୁଡିକ ପ୍ରେମ ଗୀତ ଶ୍ରେଣୀର ।

**ମୂଳଗୀତ**

୧ ।। ଇସ୍କୁଲେ ଫୁଟିଲା ଛାତିରେ
ଇସ୍କୁଲେ ଫୁଟିଲା ଛାତି
କାୟ ମାଲି ପିନ୍ଧୁ, କାର ନାତି
ଏ ସଙ୍ଗର ମଲି
ଜଲକା ଲଗାୟ ନେତି
କାୟ ଏ ମ ଧନରେ
ମନି ଲଗାଇ ନେତି ।।

**ଅନୁସୃଜନ**

୧ ।। ସ୍କୁଲ୍‌ରେ ଫୁଟିଲା ଛତୁରେ
ସାଙ୍ଗ
ସ୍କୁଲରେ ଫୁଟିଲା ଛତୁ
କି ସୁନ୍ଦର ମାଲି ପିନ୍ଧିଛୁ ସାଙ୍ଗ
କହ ତୁ କାହାର ନାତି
ତୋତେ ଗେଲ କରି ନେଇଯାଆନ୍ତି
ସାଙ୍ଗ
ମୋହିନି ମନ୍ତର କରିରେ ସାଙ୍ଗ
ତୋତେ ସାଙ୍ଗେ ନେଇଯାନ୍ତି ।।

୨ ॥ ଆନ୍‌ତା କୋଡଖ୍
ବାନ୍ଧୁତା ଇରି
ପାନି ଯାଇସି ଜିରି ଜିଟି
ଆନତା କୋଡ଼ଖ୍
ବାନ୍ଧୁତା ମୁଣ୍ଡା
କଛାଡିଲୁ ବୟାଗୁଡା
ବୟାଗୁଡା ଧାନ ବେନିଆ କୁପା
ତୋମର ଲାଗି ଧାଦା ଦୁପା
ଏ ସଙ୍ଗର ମଲି
ତୋମର ଲାଗି ଧାଦା ଦୁପା ॥

୨ ॥ କୋଦାଳ ଆଣେ ସାଙ୍ଗ
ଜମି ହୁଡା କରି ମରାମତି
ଅଟକାଉ ପାଣି ଯାହାଯାଏ
ହିଡତଳୁ ବହି ଥିରି ଥିରି
କୋଦାଳ ଆଣେ ସାଙ୍ଗ
ଜମି ହୁଡା କରି ମରାମତି
ବାୟାଗୁଣ୍ଡା ଧାନଦେବା ବୁଣି
ଏ ଧାନର ଖେଡ଼ ଦିଶେ
ଲମ୍ବା ବେଶୀ ପରି
ସାଙ୍ଗ ମୋର ତମ ପାଇଁ
ହୁଏ ମୁହିଁ କେତେ ଇତସ୍ତତଃ ॥

୩ ॥ ଏଦେ ସପୁର ସେଲା ଗୁଡବେଲା
ପାନିକେ ପବନ ନେଲା
ଏ ସଙ୍ଗର ମଲି
ପାନିକେ ପବନ ନେଲା ।

୩ ॥ ସରୁ ଧାନ ମିଠା ବୁଡ ଭେଲା
ମେଘେଥିବା ପାଣି ପବନ
ଉଡାଇ ନେଲା
ମିତରେ ମୋର
ମେଘେଥିବା ପାଣି ପବନ
ଉଡାଇ ନେଲା ।

[ ମୁଁ ସରୁଧାନ ପରି, ତୁ ଗୁଡ ପରି ମିଠା, ମୁଁ ମେଘେଥିବା ପାଣି, ତୁ ପବନ ମୋତେ ଆକର୍ଷିଲୁ, ମୋତେ ମୋହିନେଲୁ । ]

୪ ॥ ଉଠାଇଲୁ ରସେ
ଚାଡିଲୁ ଖଲାସେ
କାଣ୍ଡ ଗଲା ଦୂରଦେଶେ
ଦୂରର କାଣ୍ଡକେ
ଲାଗେ ଆନିଦେତି
ତମରି ଲାଡ ମୁଆଁସେ
ଗୁମୁଡା କାଇଆ
ତମରି ଲାଡ ମୁଆଁସେ ॥

୪ ॥ ବଳେ ଉଠାଇଲୁ ଧୀରେ ଖସାଇଲୁ
ତାର ଭେଦେ ଦୂରଦେଶେ
ସେ ଦୂରଦେଶରୁ ଆଣନ୍ତି ମୁଁ ତୀର
ତୁମର ପାଶେ ପ୍ରିୟତମ
ଗୁମୁଡା ଗାଁର ତୁମେ
ତୁମ ଗେସିଲ ସ୍ନେହ ଆସେ ॥

[ପ୍ରେମର, ଦେହ ଭୋଗର କାଣ୍ଡକୁ ତୁ ଉର୍ଦ୍ଧ୍ୱକୁ ଉଠାଇ ଲାଖ ଭେଦିବାର ପାଇଁ ଧୀରେ

ଖସାଇଲୁ ଯେ ତାହା ଅର୍ନ୍ତଦେଶ ଯାଏ
ଭେଦିଗଲା, ସେ କାଣ୍ଡକୁ ନିକଟକୁ ଆଣିଲେ
ତୋର ମୋ ପ୍ରତି ଗେଲ ଓ ସ୍ନେହ ଜଣା
ପଡ଼ିବ ସିନା ।]

୫ ।। ନବରଙ୍ଗପୁର ରଙ୍ଗପିଆଜ
ତେଲ୍ ତୁଲ ଦେଇଭାଜ
ଦେଇବା ଲୋକ୍‌କେ ଆଡ଼େଟିଡ଼େ ଥିଲେ
ଖାଇବା ଲୋକକୁ ଲାଜ ।
ଏ ସଙ୍ଗର ମଲି
ଖାଇବା ଲୋକକୁ ଲାଜ ।।

୫ ।। ମୁଁ ନବରଙ୍ଗପୁର ଯୁବତୀ ଝିଅ
ଯଉବନ ମୋର ରଙ୍ଗପିଆଜ
ପ୍ରେମ ତେଲେ ତାକୁ ଭାଜ
ଲୁଚି ଛପି କେତେ ଲୋକ ଯେ
ଦେଖନ୍ତି/ଖାଇବା ଲୋକକୁ ଲାଜ
ସଙ୍ଗୀତରେ ଖାଇବା ଲୋକକୁ ଲାଜ ।

[ଏ ଗୀତରେ ଯୁବତୀ ଝିଅର କାମନାର ଏକ ମାର୍ମିକ ପ୍ରକାଶ ଘଟିଛି/ଯୌନଚେତନାର ସଂକ୍ଷିପ୍ତ ବର୍ଣ୍ଣନା ଏ ଗୀତରେ ରହିଛି ।]

**ଯୁବକର ଅସ୍ଥିରଭାବକୁ ଦେଖି ଯୁବତୀର ଗୀତ :**

୧ ।। ଟିବୁ ଟିବୁ ଟିବୁ ( ୨ ଥର )
କଟକ ହଲାଇନୁ କାନର ସୋନା
କିଆଝରନ
ଏ ପିଲାକେ ଏ ପୁରେ
ମାରେ ପବନ
ଟିକି ଚନ୍ଦନ

୧ ।। ଏତିକି ବାଙ୍ଗରା ପିଲା
ମୋତେ ଦେଖି ଦେଖି ତା'ର ଭାବ
ମୁଁ କିଆ ଫୁଲର ବାସ
ତୋତେ କି ପବନ ଛୁଇଁଲାଯେ
ରେ ଟିକି ଚନ୍ଦନ ।।
ହେଉ କଲବଲ ।।

୨ ।। କାତି କାତି ଗଲା ଆତି
କରିଯା ପେଣ୍ଟ ପିନ୍ଧୁ କା'ର ମାତି
ହେ ଧନ ସିନେମା ଦେଖାୟକେ ନେତି
କାୟ କିଆ ଝରନ
ପିଲାକେ ଏ ପୁରେ ମାରେ ପବନ
ଟିକି ଚନ୍ଦନ ।

୨ ।। କାଛ ପାଶେ ଚାଲେ ହାତି
କଳା ପେଣ୍ଟ ପିନ୍ଧୁ କାହାର ନାତି
ଧନ ମୋର ସିନେମା
ଦେଖାଇ ନିଅନ୍ତି
ମୁଁ କିଆ ଫୁଲର ବାସ କି
ତୋତେ କି ପବନ ଛୁଇଁଲା
ଯେ ହେଉ ଅସ୍ଥିର ମତି ।

| | | | |
|---|---|---|---|
| ୩ ।। | ସଡକେ ଚାପିଲୁ ଗିଟି<br>ଗିଟି ଚାପୁ ଚାପୁ ଲେଖ୍‌ଲୁ ଚିଠି<br>ଉମରକୋଟିଆ ଇନିସିପିଟି<br>କିଆ ଝରନ<br>ପିଲାକେ ଏ ପୁରେ ମାରେ ପବନ<br>ଟିକି ଚନ୍ଦନ । | ୩ ।। | ସଡ଼କେ ପିଟିଲୁ ଗେଟି<br>ଗେଟି ପିଟୁ ପିଟୁ ଲେଖିଲୁ ଚିଠି<br>ଉମରକୋଟର ପୋଲିସ<br>ଥାନାର ଇସ୍‌ସପିଟି<br>ଜଣାଇଲୁ ତୋର ଚିଠି<br>ମୁଁ ଯେ କିଆଫୁଲ ବାସ ତୋତେ<br>କି ପବନ ଛୁଇଁଲା ଏ ପୁରେ<br>ମନସାରା ତୋର ପ୍ରାସ ।। |
| ୪ ।। | ଦାତୁନ୍ ଭଙ୍ଗାଇଲୁ ଡାଲେ<br>କା'ର ଗୋମଚା କାୟରଙ୍ଗେ ନୁଲେ<br>ହେ ଧନ<br>ଗାଡି ଚେଗି ଯିବା ବେଲେ<br>କିଆ ଝରନ<br>ପିଲାକେ ଏ ପୁରେ ମାରେ ପବନ<br>ଟିକିଚନ୍ଦନ ।। | ୪ ।। | ଦାନ୍ତକାଠି ଡାଳରୁ ଭାଙ୍ଗିଲୁ<br>କାହାର ରଙ୍ଗ ଗାମୁଛା<br>ବେକେ ଝୁଲାଇଲୁ<br>ଗାଡ଼ି ଚଢ଼ିବାର ବେଳେ ଆରେ<br>ଧନମଣି ମୋର ମୁଁ ଯେ<br>କିଆଫୁଲବାସ ତୋତେ କି ପବନ<br>ଛୁଇଁଲା ଏ ପରେ ତୁ ଯେ ଚନ୍ଦର ବାସ । |
| ୫ ।। | ଇସ୍କୁଲେ ଫୁଟିଲା ମଲି<br>ମଲି ବୁଟା ତଲେ ରଦନ କାଲି<br>ତୁଛା ଭୂହେଁ ତୁଲି ତୁଲି<br>କିଆଝରନ<br>ପିଲାକେ ଏପୁରେ ମାରେ ପବନ<br>ଟିକି ଚନ୍ଦନ । | ୫ ।। | ଫୁଟିଗଲା ଇସ୍କୁଲରେ ମଲ୍ଲୀ<br>ତୋର ପ୍ରୀତି ଅନୁରାଗ ପାଇଁ<br>ମଲ୍ଲୀବୁଦା ପାଶେ କେତେ ଲୁହ<br>ଝରାଇଲି ଗୋ ମଲ୍ଲୀ ଫୁଲର ବାସ<br>ତୁ ମୋତେ କଲୁ ନିରାଶ ସବୁ ବ୍ୟର୍ଥ<br>ହେଲା ତୋ ପ୍ରେମ ପବନ ସ୍ପର୍ଶ<br>ଟିକେ ପାଇଁ ମନ ମୋର କି ଅସ୍ଥିର ହେଲା । |

*[ ଗୀତ ସଂଗ୍ରହ : ରଚନ ଭତ୍ରା, ବୟସ ୧୮ ଖୁଟ୍‌ଗୁଡ଼ା, ଉମରକୋଟଙ୍କ ଠାରୁ ]*

## ।। ଚୀତା କୁଟାଇବା ଗୀତ ।।

ପୁଅ ଝିଅ ଖେଳ, ଖେଳରୁ ଯୌବନର ସ୍ପର୍ଶ, ନିକଟତର ହେବାର ଅସ୍ଥିର ଭାବ ଆସେ । ଝିଅ ବଢ଼ିଲା ନଈ, କୂଳ ଲଙ୍ଘିଯିବ ବିବାହ ଦେବାର ବୟସ ଛୁଇଁଲାଣି । ଝିଅର

ମା, ଭାଉଜ ସମସ୍ତେ ଜାଣି ଗଲେଣି, ଝିଅ ପର ଘରକୁ ଯିବ, ଏଣୁ ଚିତା କୁଟାଇବା ସମୟ ଆସିଗଲା । ବାପ ଘର ଛାଡ଼ି ଶାଶୁଘର ଯିବା ଆଶଙ୍କାରେ ଝିଅ କାତର । ଚିତା କୁଟାଇବା ସ୍ତ୍ରୀ ଝିଅର ହାତରେ, ବାହୁରେ, କପାଳରେ, ଗାଲରେ, ଥୋଡ଼ିରେ, ପାପୁଲି ଉପର ପାଖରେ, ଜଙ୍ଘରେ, ପେଣ୍ଡାରେ, ସ୍ତନରେ କୁଟାଇଦେବ ଚିତା, କେତେ କଷ୍ଟ ହେବ । ବୟସ ନ ହେଉଣୁ ପର ଘରକୁ ପଠାଇ ଦେବାର , ପ୍ରସ୍ତୁତି ଦେଖି ଝିଅ କାନ୍ଦୁଛି, ମା ଭାଉଜ ତାକୁ ବୁଝାଉଛନ୍ତି , ଝିଅ ବଡ ହେଲେ ପରଘରକୁ ଯିବ, ଏହା ଜଗତର ସବୁ ଝିଅ ପାଇଁ ସତ୍ୟ, ଏଣୁ ଝିଅ କାନ୍ଦିବା ଉଚିତ ନୁହଁ । ଚିତା କୁଟାଇବା ବେଳୁ ଝିଅ ନିଜକୁ ବନ୍ଦୀ ମନେ କରୁଛି ନିମ୍ନ ଲୋକଗୀତରେ ଭତରା ଜୀବନର ଏକ ମର୍ମସ୍ପର୍ଶୀ କଥା କରୁଣ ଭାବକୁ ନେଇ ପ୍ରକାଶିତ :

ଚିତା କୁଟାଇବା କୁ ଭତ୍ରୀ ଭାଷାରେ 'ବାନା ଗୋଦନା' କୁହାଯାଏ । ବାନା ଅର୍ଥ ଚିତା ଓ ଗୋଦନା ଅର୍ଥ କୁଟାଇବା ବା ଖୋଦେଇ କରିବା । ଯେଉଁ ସ୍ତ୍ରୀ ଲୋକ ଏହି କାମ କରେ ତାକୁ 'ଗୋଦନି' କୁହାଯାଏ ।

ଝିଅର ଗୀତ :

ଆୟା ଆୟା ମକେ ବାନା ଗାଦ୍‌ବାଏଚେ
ଆୟା ମକେ ବାନା ଗାଦ୍‌ବାଏଚେ (୨ ଥର)
ଗଟ୍ ଗଟ୍ ଟକ୍‌କେ ସଏ ସଏ ଟକା ଦର୍‌ବାଏଚେ
ଆୟା ମକେ ବାନା ଗାଦ୍‌ବାଏଚେ (୨ ଥର)
ମଁର ବନ୍ଦି ଚଡାଓ ଆୟା ମଁର ବନ୍ଦି ଚଡାଓ
ଗଟ୍ ଗଟ୍ ଟକ୍‌କେ ସଏ ସଏ ଟକା ଦର୍‌ବାଏଚେ
ଆୟା ସଏ ସଏ ଟକା ଦର୍‌ବାଏଚେ ॥

ଅନୁସୃଜନ -

ମା ମା ମୋତେ ଚିତା କୁଟାଇ ଦଉଛନ୍ତି
ମା ମୋତେ ଚିତା କୁଟାଇ ଦଉଛନ୍ତି
ଥରେ ଥରେ ଖୋଦେଇ ଦେଇ ଶହେ ଶହେ
ଟଙ୍କା ନେଉଛନ୍ତି ମା ମୋତେ ଚିତା କୁଟେଇ ଦେଉଛନ୍ତି
ମୋର ବନ୍ଦୀତ୍ୱରୁ ମୋତେ ମୁକ୍ତି କର ମା
ମୋର ବନ୍ଦୀତ୍ୱରୁ ମୋତେ ମୁକ୍ତ କର ମା

ଥରେ ଥରେ ଖୋଦେଇ ଶହେ ଶହେ ଟଙ୍କା
ନେଉଛନ୍ତି ମା, ଶହେ ଶହେ ଟଙ୍କା ନେଉଛନ୍ତି

ମା'ର ଗୀତ :

ଗଦାଓ ଗଦାଓ ବେଟି ଗଦାଓ ଗଦାଓ
ତର୍ ମନ୍‌କେ ଗଦାଓ ନନି
ତର୍ ମନ୍‌କେ ଗଦାଓ
ଆମି ପଇସା ଦେବୁ କାଏ ଆମି ଚଢ଼ାଏ ନବୁ
ଆମି ପଇସା ଦେବୁ କାଏ ଆମି ଚଢ଼ାଏ ନବୁ ।।

ଅନୁସୃଜନ :

ଚିତା କୁଟା ଚିତା କୁଟା ଝିଅ ଚିତାକୁଟା ଚିତାକୁଟା
ତୋ ମନ ଇଚ୍ଛାନୁଯାୟୀ କୁଟା ଝିଅ
ତୋ ମନ ଇଚ୍ଛାନୁଯାୟୀ କୁଟା
ମୁଁ ପଇସା ଦେବି ମା ମୁଁ ବନ୍ଦୀତ୍ୱରୁ ମୁକ୍ତିଦେବି
ମୁଁ ପଇସା ଦେବି ମା ମୁଁ ବନ୍ଦୀତ୍ୱରୁ ମୁକ୍ତିଦେବି ।।

ଝିଅର ଗୀତ :

ତର୍ ଗରେ ରେଲି ଆୟା ତର୍ ଗର୍ ରେଲି
ବେଟା ଏଲେ ତର୍‌ଗର୍‌ତେ ନାଙ୍ଗର ଦରତି ରେତି
ଆଜି ତର୍ ଗର୍‌ତେ ନିଖର ଯାଇସି ଆୟା
ତର୍ ଗର୍ ସୁନାଏଲା ...
ଉଡଲା କରମ୍ ଏଲା ମର ବନ୍ଦି ଚଡାଓ ଆୟା (୨ ଥର)

ଅନୁସୃଜନ :

ତୋ ଘରେ ଥିଲି ମା ତୋ ଘରେ ଥିଲି
ପୁଅ ହେଇଥିଲେ ମା ଲଙ୍ଗଳରେ ଚାଷ କରିଥାନ୍ତି
ଆଜି ତୋଘରୁ ଚାଲିଯିବି ମା ବାହାରି ଯିବି
ତୋ ଘର ଖାଲି ହୋଇଯିବ
ତୋ ଘର ଖାଲି ହେଲା ମା
ମୋ କପାଳ ଫାଟିଲା ମୋର ବନ୍ଦୀତ୍ୱରୁ ମୁକ୍ତି
ଦେ ମା, ମୋ ବନ୍ଦୀତ୍ୱରୁ ମୁକ୍ତି ଦେ ।।

ମା'ର ଗୀତ :

ଗଦାଓ ଗଦାଓ ବେଟି ଗଦାଓ ଗଦାଓ
ମନ୍ କରି ଗଦାଓ ବେଟି ତର୍ ମନ୍ କାଏ ଗଦାଓ
ନନି ଜନମ ଏଲେ ନନି ଆୟା ଗରକେ ଛାଡ଼ସି
ନନି ମନକେ କୁନି ନନି ଗରେ ସଙ୍ଗ ସଙ୍ଗେଇ ରଇସି
ତର୍ ମନକେ ଗଦାଓ ବେଟି ତର୍ ମନକେ ଗଦାଓ ॥

ଅନୁସୃଜନ :

ଚିତାକୁଟ ଚିତାକୁଟା ଝିଅ, ଚିତାକୁଟା ଚିତାକୁଟା
ତୁ ମନଇଚ୍ଛାରେ ଚିତାକୁଟା ଝିଅ
ତୋର ମନ ହେଲାଯାଏ କୁଟାଅ
ଝିଅ ଜନମ ହେଲେ ଦିନେ ନା ଦିନେ
ଛାଡିବାକୁ ପଡେ ମାଁ ଘର
ଝିଅ ମାନଙ୍କୁ ଝିଅ କିଏ ଘରେ ସାଇତି ରଖିପାରେ
ଚିତାକୁଟା ଝିଅ ତୋ ମନ ମୁତାବକ ଚିତାକୁଟା ॥

ଝିଅ ଭାଉଜଙ୍କୁ ଗୁହାରି କରୁଛି :

ମକେ ବାନା ଗଦବାଏ ବଉ ମକେ ବାନା ଗଦବାଏ
ମଁର ଆତ୍‌କେ ଦର୍‌ଲାଏ ବଉ ଆତକେ ଦରଲାଏ
ଆତକେ ଦରି ବସାଏ୍‌ଲାଏ୍
ଗଟ୍ ଗଟ୍ ଟକ୍‌କେ ସଏ ସଏ ମୂଲ ବଉ
ସଏ ସଏ ମୂଲ
ମର ବନ୍ଦି ଚଡାଓ କାଏ ବଉ
ମର ବନ୍ଦି ଚଡାଓ
ମକେ ବାନା ଗଦ୍‌ବାଏଚ ବଉ (୨ ଥର)

ଅନୁସୃଜନ :

ମୋତେ ଚିତାକୁଟାଉଛନ୍ତି ଭାଉଜ ମୋତେ ଚିତା କୁଟାଉଛନ୍ତି
ମୋ ହାତକୁ ଧରିଲେ ଭାଉଜ ହାତକୁ ଧରିଲେ
ହାତ ଧରି ମୋତେ ବସାଇଲେ

ଥରେ ଥରେ ଛୁଞ୍ଚ୍ ଫୋଡିବାକୁ ଶହେ ଟଙ୍କା ନେଉଛନ୍ତି
ଭାଉଜ ଶହେ ଶହେ ଟଙ୍କା ନେଉଛନ୍ତି
ମୋତେ ବନ୍ଦୀତ୍ୱରୁ ମୁକ୍ତ କର ଭାଉଜ ବନ୍ଦୀତ୍ୱରୁ ମୁକ୍ତକର ।

ନଣନ୍ଦକୁ ସାନ୍ତ୍ୱନା ଦେଇ ଭାଉଜର ଗୀତ :

ମନ୍ କରି ଗଦା କାଏ ନନି ମନ୍‌କରି ଗଦା
ଆମି ପଇସା ଦେବୁ ଆମି ଚଡାଏ ନବୁ
ନନି ଜନମ ଏଲେ ନନି ନନି ଜନମ ଏଲେ
ସଂକଡି ଦଇତେ ଏସି ନନି ଜିଉ ଯାଇତେ ରେଲେ
ତର୍ ମନକେ ଗଦାକାଏ ନନି ତର ମନ୍‌କେ ଗଦା ।।

ଅନୁସୃଜନ :

ତୋ ମନ ମୁତାବକ ଚିତା କୁଟଜ । ଝିଅ ତୋ ମନ ମୁତାବକ ଚିତାକୁଟା
ମୁଁ ପଇସାଦେବି ଝିଅ ତୋତେ ମୁକୁଳାଇ ଆଣିବି
ଝିଅ ଜନମ ହେଲେ ଝିଅ, ଝିଅ ଜନମ ହେଲେ
ଧୋଇବାକୁ ପଡେ ଅଇଁଠା, ସଂଖୁଡି ନିସ୍ତାର ନାହିଁ ତିଲେ
ମରିବା ଯାଏ ଝିଅ ଏଇ କାମ କରିବାକୁ ପଡେ
ତୋ ମନ ମୁତାବକ ଚିତାକୁଟା ଝିଅ
ତୋ ମନ ମୁତାବକ ଚିତାକୁଟା ।।

[ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ମହଣ୍ଡି, ବେଲଗାଁ, ଚିତାବେଡ଼ା, ଝରିଗାଁରୁ ଏହି ଗୋଦନି ଗୀତର ସଂଗ୍ରହ ହୋଇଛି । ସଂଗ୍ରହ କର୍ତ୍ତା : ଶ୍ରୀ ଭଗବାନ ଦଳେଇ, ଗବେଶକ, ଆଦିବାସୀ ଭାଷା ଓ ସଂସ୍କୃତି ଗବେଷଣା କେନ୍ଦ୍ର, ଉମରକୋଟ ଜିଲ୍ଲା ନବରଙ୍ଗପୁରଙ୍କ ଠାରୁ ଉପର୍ଯ୍ୟୁକ୍ତ ଗୀତ୍‌ଗୁଡିକର ପ୍ରାପ୍ତି । ସୁବାସ ଚନ୍ଦ୍ର ମିଶ୍ର ]

ଉପରୋକ୍ତ ଗୋଦନି ଗୀତ ଗାଇଛନ୍ତି । ଶ୍ରୀମତୀ ଶୁହୁରି ଦେଇ, ୬୦ ବର୍ଷ/ ଶ୍ରମତୀ ଅନ୍ତି ଦେଇ, ୫୦ ବର୍ଷ, ଗ୍ରାମ ମହଣ୍ଡି, ଝରିଗାଁ ବ୍ଲକ, ନବରଙ୍ଗପୁର ଜିଲ୍ଲା ।

## ।। ଭତରା ଲୋକ ସଂସ୍କୃତିରେ ବିବାହ ଗୀତ ।।

ବିବାହ ଏକ ସାମାଜିକ ଆବଶ୍ୟକତା । ବିବାହ ଜୀବନକୁ ଶୃଙ୍ଖଳିତ କରିବା ସଙ୍ଗେ ସଙ୍ଗେ ବଂଶରକ୍ଷାରେ ସାହାଯ୍ୟ କରିଥାଏ । ଭତରାଙ୍କ ମଧ୍ୟରେ ସଗୋତ୍ର ବିବାହ ନିଷିଦ୍ଧ ।

ଭତରାଙ୍କ ମଧ୍ୟରେ ଅନେକ ପ୍ରକାର ବିବାହ ରୀତି ଦେଖାଯାଏ ଯଥା : ବଡ଼ାବିଭା (ବଡ ମାହଲା, ଉଦ୍‌ଲିଆ ବା ପାନି ବସାନି ବିଭା, ପଇସାମୁଣ୍ଡି ବା ଠେଙ୍ଗୀ ଭତ୍‌ରାନି ବିଭା, ଘରଜୋଇଁଆ ବିଭା । ବିବାହ ସଂସ୍କାରକୁ ପ୍ରତ୍ୟେକ ପର୍ଯ୍ୟାୟରେ ଲୋକଗୀତ ଶୁଣିବାକୁ ମିଳେ ଯଥା : ଲୀରଗୀତ, କଟନି ଗୀତ, ଲଗିନ୍ ମରାଗୀତ, ସରସରା ଗୀତ, ହଳଦୀ ବଟା ଗୀତ, ତେଲ ଲଗା ଗୀତ, ମୁକୁଟବନ୍ଧା ଗୀତ, ଛାମୁଣ୍ଡିଆ ଗୀତ ଆଦି । ପର୍ଯ୍ୟାୟକ୍ରମେ ଏହି ଗୀତଗୁଡିକ ଏଠାରେ ଉଦ୍ଧୃତ କରିବା ଉଚିତ ହେବ ।)

'ଲାର୍ ଗୀତ' ଲୀରଃ ପ୍ରତୀକଭାବେ ବ୍ୟବହୃତ ବିବାହ କାର୍ଯ୍ୟରେ ସାହାଯ୍ୟ ଓ ସହଯୋଗ କାମନା କରି ଏହି ଗୀତ ଗାନ କରାଯାଇଥାଏ । ଏହି ଗୀତ ପୁଅ ଝିଅ ଉଭୟେ ଗାଇଥାନ୍ତି ।

ସ୍ତ୍ରୀ ପୁରୁଷ :

ସିଲି-ରିଲ-ରିଲ-ରିଲ<br>
ସିଲା ରିଲା ରି ରିଲା ରିଲା<br>
ସାଇ ଲହରି ଲହର ଲରି ଲହର ଲହରି<br>
ଆଲେ କାୟ ଦଦା ମନ୍ ମନ୍ଦର ମରାରି ॥

ଅନୁବାଦ : କଥାର ଛନ୍ଦ ଶୁଣ, ଆସ ଅଣ୍ଟାକୁ ଅଣ୍ଟା ଭିଡି ଦରି<br>
ନାଚିବା, ଭାଇମାନେ ମର୍ଦ୍ଦଳ ବଜାଅ ।

ସ୍ତ୍ରୀ : ସାଙ୍ଗିଦକା କାୟ ଦଦାମନ୍ ତମର ବେଲା<br>
କସନ କସନ ନୀତି ରଲା<br>
ଏବର ଅସନ ଆୟକି<br>
ଉକୁଆ ଅସନ ରଲା .....<br>
ସିଲା ରିଲା ରି ରିଲା ରିଲା ରିଲା (୨ ଥର)

ଅନୁବାଦ : ହେ ବଡ଼ଭାଇ ମାନେ କହିଦିଅ ତୁମ ସମୟରେ ଆଜି ଭଳି ନୀତିମାନ ଥିଲା ନା ଆଉ ପ୍ରକାରେ ଥିଲା । ଆସ ଅଣ୍ଟାକୁ ଅଣ୍ଟା ଭିଡି ଧରି ନାଚିବା ॥

ପୁରୁଷ : ସିଲା ହୋ ରି ରିଲା ରିଲା ରିଲା<br>
ଆମ୍ର ବେଲାର୍ ନୀତି ନିୟମ<br>
ଏବେ ଯସନ୍ ଆଚେ<br>
ଅସ୍‌ନି ଚି ରଲା<br>
ସିଲା ହୋ ରି ରିଲା ରିଲା ରିଲା (୨ ଥର)

ଅନୁବାଦ : କଥାର ଛନ୍ଦ ଗୁଣ, ଆମ ସମୟର ନୀତି ନିୟମ ମାନ ଏବେ ଯେମିତି ଅଛି ସେମିତି ହିଁ ଥିଲା, କଥାର ଛନ୍ଦ ଗୁଣ ।

ସ୍ତ୍ରୀ : ଆଗେ କସନ ଦଦାମନ
କାନେ ଗଲେ ପିଲା ଟକି ସଙ୍ଗେ ଯାଏତ
ଏବର କସନ ପିଲା ଟକି
ମୁହଁ ଦକାଦକି ଅଛା ନାୟ ହୋୟେତ୍
ସାଇ ଲହରି ଲହର ଲରି ଲହର ଲହରି
ଆଗେ କସନ ପୁରତେ ରେଲା ଏବେ ନା ପୁରି ।

ଅନୁବାଦ : ହେ ବଡଭାଇ ମାନେ କୁହ ଆଗ କାଳରେ ପୁଅ ଝିଅ କୁଆଡେ ଗଲେ ସେମାନଙ୍କ ସଙ୍ଗେ କିଏ ସବୁ ଯାଉଥିଲେ ଏବେତ ପୁଅ ଝିଅ ଏ ସବୁକୁ ମାନୁ ନାହାନ୍ତି । ଆସ ଅଣ୍ଟାକୁ ଅଣ୍ଟା ଭିଡି ଧରି ନାଚିବା । ଆଗେ କାହିଁକି ଏହା ହେଉଥିଲା ଏବେ ହେଉ ନାହିଁ କହ ।

ପୁରୁଷ : ଏଦେ କାୟ ଭେଇମନ୍
ଆଗେ ଗାଁକେ ରଲାୟ ଦୁଇଟା କଟୱାର
ଏବେତ ହୋୟଲାୟଟେ
ଗାଁକେ ଦଶ ବାହାର
ଦଶ ବାହାର ତେବେ ଦଶ ବାହାର ।।

ଅନୁବାଦ : ଦେଇଟି ଶୁଣ ଭାଇମାନେ (ଭଉଣୀମାନେ) ଆଗ କାଳେ ଗାଁରେ ଦୁଇଜଣ କଟୁଆଳ ଥିଲେ । ସେମାନେ ଗାଁର ସମସ୍ତ ଧାଙ୍ଗଡା ଧାଙ୍ଗଡିଙ୍କୁ ରାତିରେ ନିୟନ୍ତ୍ରଣ ଓ ସାମାଜିକ କାମରେ ନିର୍ଦ୍ଦେଶ ଦେବା ପାଇଁ ଥିଲେ ଏବେ ତ ଗାଁ ଗାଁରେ ଦଶ ବାର ଲେଖାଏ କଟୁଆଳ ହେଲେଣି । ଦଶ ବାର ଲେଖାଏ ।

ଏବର୍ ପିଲା ଜିଲା ବଡେ ଚତୁର
ସୁରୁ ଗୋଟାକେ ଶିଖିଲାୟଟେ-ବଡେ କରବାର
ବଡେ କରବାର ତେବେ ବଡେ କରବାର
ତେବେ ସିନା ଶିଖଲାୟଚତ୍ ଅଙ୍ଗତା ଯିବାର ...

ଅନୁବାଦ : ଆଜି କାଲିର ପିଲା ଝିଲା ଭାରି ଚାଲକ ହେଲେଣି । ସାନ କଥାକୁ ବଡ଼ କରି କହିବାର ଶିଖିଲେଣି । ଏଣୁ ତ ଏବେ ଯୁଆଡେ ଗଲେ ବି ଏକା ଏକା ଯିବା ପାଇଁ ମନ କରୁଛନ୍ତି ।

ଆଗର କାଲେ ଭେଇମନ୍
କଟଓ୍ୱାର୍ ମନ୍ ଦଙ୍ଗଡା ଦଙ୍ଗଡ଼ ମୁଖ୍ୟା ରହେ ତ
ଦଙ୍ଗଡା ଦଙ୍ଗଡି ସବୁବେଲେ
ତାହାରି ଗୋଟେନ ରହେତ
ତେବେ ଗୋଟେନ୍ ରହେ ତ
ମାଟ ପାଠ ଦଖିକେ ଗଲେ
କଟଓ୍ୱର୍ ମନ୍ ସଙ୍ଗେ ଯାଏତ ।

ଅନୁବାଦ : ଶୁଣ ଭାଇମାନେ ଆଗ କାଳରେ କଟଓ୍ୱାର (କଟୁଆଳ : ଜଗିବା ଲୋକ) ଯୁବକ ଯୁବତୀମାନଙ୍କର ମୁଖିଆ ଭାବେ ରହୁଥିଲେ । ଯୁବକ ଯୁବତୀ ମାନେ ସବୁବେଳେ ସେମାନଙ୍କ କଥାରେ ଚଳୁଥିଲେ । ମାନୁଥିଲେ ନାଟ ଯାତ୍ରା ଦେଖିଗଲେ କଟୁଆଳ ମାନେ ସେମାନଙ୍କ ସାଙ୍ଗରେ ଯାଉଥିଲେ ।

ଏବେ କସନ ଭେଇମନ୍
ତମର ସଙ୍ଗର ପିଲର ବିଆ କାଜେ
କାୟ କାୟ କରବାଟାସ୍
ସାଇ ଲହରି ଲହର ଲରି ଲହର ଲରି
ଆଲେ କାୟ ଭେଇମନ ଲିର୍ ମାରାରି .... ।

ଅନୁବାଦ : ହେ ଭାଇମାନେ । ଏବେ କେମିତି ତୁମ ସାଙ୍ଗମାନଙ୍କର ପିଲାଙ୍କ ବିବାହ ପାଇଁ କି କି କାମ କରୁଛ । ଆସ ଅଣ୍ଟାକୁ ଅଣ୍ଟା ଭିଡି ଧରି ନାଚିବା । ତୁମେ ସବୁବିବାହ କାର୍ଯ୍ୟର ନିମିତ୍ତ ଲୀର୍ ଗୀତ ଗାଅ ।

ସ୍ତ୍ରୀ : ସିଲ ରିଲ ..ରିଲ..ରିଲ୍ ।
ସଙ୍ଗସ୍ୱିର ପିଲା ବିଆ କାଜେ ତେବେ ବିଆ କାଜେ
କାମ ତିଆରିବା କାଜେ ଲେଇ ଆଚେ
ଲେଇ କାୟଲେ ଦଙ୍ଗଡାମନ୍ ସଙ୍ଗେ
ପତର କାଜେ ଯିବାର ଆଚେ ।।

ଅନୁବାଦ : କଥାର ଛନ୍ଦ ଶୁଣ । ସାଙ୍ଗ ପୁଅର ବିବାହ କାମ କରିବା ପାଇଁ ଲିଆ (ମୁଡ଼ି) ଅଛି । ଏହି ଲିଆ ଖାଇ ଯୁବକମାନେ ଅନ୍ୟମାନଙ୍କ ସହିତ ବଣକୁ ଯାଇ ଭୋଜି ପାଇଁ ପତ୍ର ତୋଳି ଆଣିବେ । ଆମେ ବି ସେମାନଙ୍କ ସହିତ ଯିବୁ ।

ସେଲା ରେୟୋ ରେଲା ମାରୁଆ
ପତର ଆନିକରି କାୟ କରୁଆସ୍
ଭେଇମନ୍ ତାକେ ସାକ୍ଷାତା ...
ତେବେ ତାକେ ସାଙ୍ଗାତ ..... ।।

ଅନୁବାଦ : ଆସ ମିଶି ସୁରଧରି ରୀଲ ଗୀତ ଗାଇବା । କହ ହେ ଭାଇମାନେ ପତ୍ର ତୋଳି ଆଣି [illegible]ମେ କ'ଣ କରିବ କହ ।

ସେଲା [illegible]ଯା ରେଲା ରେଲା ରେଲା
ପତର ଆନିକରି ଧୋନା ଖିଲିବାର ଆୟ
ଧୋନା ଖିଲିବାର ଆୟ
ଦଦାମନ୍ ତୁମର ସାଙ୍ଗର ପିଲା ବିଆ କାଜେ
କାୟ, କାୟ କରୁଆସ୍ ତାକେ ସାଙ୍ଗା କାୟ
ତେବେ ତାକେ ସାଙ୍ଗା କାୟ ।।

ଅନୁବାଦ : ରେଲା ଗୀତରେ କହୁଛୁ ପତ୍ର ତୋଳି ଆଣି ଆମେ ଦନା ସିଲାଇବୁ, ଦନା ସିଲାଇବୁ (ଭାତ ଖାଇବା ବଡଦନା ଡୋବଲା) ହେ ବଡଭାଇ ମାନେ । ତୁମ ପୁଅ ଝିଅ ବିବାହ ସମୟରେ ଆଉ କଣ କଣ କରିବ, ଆଉ କଣ କଣ କରିବ କୁହ ।

ରେଲା ରୋୟ ଲିରା ମାରୁଆ
ଆମର ସଙ୍ଗର ବିଆ କାଜେ
ଦାରୁ ଆନବାର ଆୟ ତେବେ ଦାରୁ ଆନବାର
ଆଉ ବିଆଦିନେ କାଉଡିଆ ଯାଇ କରି
ପାନି ବୟବାର ତେବେ ପାନି ବୟବାର ଆୟ ।

ଅନୁବାଦ : ଲୀର ଗୀତରେ ଗାଉଛୁ ଆମ ପୁଅ ଝିଅ ବିବାହ ପାଇଁ ବଣରୁ କାଠ ଆଣିବୁ, ବଣରୁ କାଠ ଆଣିବୁ ଆଉ ଯେଉଁଦିନ ବିବାହ ହେବ ସେଇଦିନ କାଉଡିଆ ଯିବୁ, ପାଣି ବୋହିବୁ ।

କାଉଡିଆ : ବରଯିବା ଆଗଦିନ ଗାଁର ପିଲାମାନେ ରୋଷେଇ (ଭାତିଆ) ଧରି କନ୍ୟା ଘରକୁ ଯିବାକୁ କାଉଡିଆ କୁହାଯାଏ ।

ସାଇ ଲହରି ଲହରି ଲରି ଲହରି ଲହରି
ତମର ସଙ୍ଗର ଲୋକେ ନେବା ଦିନେ

କସନ ଲାଗେରି ତେବେ
କସନ ଲାଗେରି ।
ସଇ ଲହରି ଲହରି ଲରି ଲହରି ଲହରି
କନ୍ୟା ଆନ୍‌ବା ଦିନେ
ମନ୍‌କେ ଭରବାର୍
ସଙ୍ଗର ଲୋକକେ ନେବାଦିନେ
ସୁଉଁକି ମାରବାର ତେବେ
ସୁଉଁକି ମାର୍‌ବାର୍ ।

ଅନୁବାଦ : ଆସ ଅଣ୍ଟାକୁ ଅଣ୍ଟା ଭିଡିଧରି ନାଚ କରିବା, ଲୀର ଗୀତରେ ଗାଇବା କହିଲ ସତେ ପୁଅକୁ ବାହା କଲାଦିନ, ଝିଅକୁ ବିଦାୟ କଲାଦିନ କେମିତି ଲାଗେ, କହ କେମିତି ଲାଗେ ।

କହୁଛୁ ଶୁଣ । ପୁଅ ବାହା ହେଲା ଦିନ ମନ ଖୁସିରେ ପୁରି ଉଠେ, ଝିଅ ବାହା ହୋଇଗଲା ଓ ବିଦାୟ ନେଲା ଦିନ କୋହ ଉଠି ଆଖିରେ ଲୁହ ଭରିଯାଏ, ଆଖିରେ ଲୁହ ଭରିଯାଏ ।

ସିଲା ରିଲା ରି ରିଲା ରିଲା ରିଲା
ଆଲେ ସାଙ୍ଗିଦେକା ତମକେ କସନ ଲାଗୁଆୟ ।
ତେବେ କସନ ଲାଗୁ ଆୟ ।

ଅନୁବାଦ : କଥାର ଛନ୍ଦ ଶୁଣ । କୁହ ତୁମକୁ କେମିତି ଲାଗେ, କେମିତି ଲାଗେ ?

ଏତେ ଭେଇମନ୍ ଆମ୍‌କେ
ଲାଗୁଆୟ ତେବେ ଅସନ ଲାଗୁଆୟ
ସଙ୍ଗର ଲୋକ କାଜେ ଆନ୍‌ବା ଦିନେ
ସରଦା ଲାଗୁଆୟ
ସଙ୍ଗର ଦଙ୍ଗଡି କେ ନେବାଦିନେ
ତେବେ ନେବାଦିନେ
ଆମ୍‌କେ ମୁର୍‌ମୁର୍‌ା ଲାଗୁଆୟ ॥

ଅନୁବାଦ : ହେଇ ଭାଇମାନେ (ଭଉଣୀମାନେ) ଶୁଣ, ସେଦିନ ଆମକୁ ଏମିତି ଲଗେ ନିଜ ପୁଅ ପାଇଁ ବୋହୂଟିଏ ଆଣିବା ଦିନ ମନରେ ଶ୍ରଦ୍ଧା ଲାଗେ, ଝିଅଟିକୁ ବିବାହ କରି ପଠାଇଦେବା ଦିନ ମନ ନିରାଶ, ଅସହାୟ ଲାଗେ ।

ଲୀର ଗୀତରୁ ଭଦ୍ରା ଜନଜୀବନର ସାମାଜିକତା ଓ ବିବାହକାଳୀନ ରୀତିରିବାଜର ପରିଚୟ ମିଳେ । ଲୋକଛନ୍ଦରେ ଏହି ଗୀତ କରୁଣ ରସପୂର୍ଣ୍ଣ ହୋଇଥାଏ ।

*ଗୀତ ସଂଗ୍ରହ : ଚଇତି ଭତରା, ୨୫ବର୍ଷ, ଖୁଟୁଗୁଡା ରାଇଧର ଭତରା, ୩୫ ବର୍ଷ, ଖୁଟୁଗୁଡା*

*ଗୀତ ସଂଗ୍ରହରେ ସହାୟତା ; ଶ୍ରୀ ଗଣେଶ୍ୱର ପତି / ବଡ ଭରଣ୍ଡି ଗ୍ରାମ ।*

## ।। କଟ୍‌ନି ଗୀତ ।।

ଝିଅକୁ ବିବାହ ଦେଲା ଦିନ ପାହାନ୍ତିଆରୁ ଝିଅର ମା ଓ ଗାଁର ଅନ୍ୟ ସ୍ତ୍ରୀ ଲୋକମାନେ ଗାଁ ମୁଣ୍ଡରେ ଥିବା ନଇ କିମ୍ବା ପୋଖରୀରୁ ଗୀତ ଗାଇ ଗାଇ ମାଠିଆ କିମ୍ବା ଗରାନେଇ ପାଣି ଆଣିବାକୁ ଯାଆନ୍ତି । ଏହିତ ପାଣିକୁ ଧରମପାଣି ବୋଲି କୁହାଯାଏ । ତା ଛଡା ବେଦିରେ ପୋତିବା ପାଇଁ ପବିତ୍ର ମହୁଲ ଡାଳ ଭଙ୍ଗାଯିବାର ବିଧି ପାଳନ କରାଯାଏ, ଏଥିପାଇଁ ଗୀତ ଗାଇଥାନ୍ତି । ଏହି ଗୀତକୁ କଟନି ଗୀତ କୁହାଯାଏ । ଏହା ବିବାହ ସଂସ୍କାର ସମ୍ବନ୍ଧିତ ଗୀତ ହୋଇଥାଏ ।

କଟନି ଗୀତ ; ମୂଳଭାଷା ଭତ୍ରୀ, କସା ଗୁମୁଡା ଅଞ୍ଚଳ, ସଂଗ୍ରହ ତାରିଖ : ୨୧।୨।୨୦୦୧, ସହାୟତା : ଲକ୍ଷ୍ମୀଧର ମହାନ୍ତି, କସା ଗୁମୁଡା, ସମ୍ପାରୁ ଭତ୍ରା: ବଜରଗଡ ।

| <u>କଟନୀ ଗୀତ</u> | <u>ଅନୁସୃଜନ</u> |
|---|---|
| ୧ ।। ଅଏଲୀ ମାରିଲୁ ସରି ରଜମନା<br>କଇ ପରାରେ ନାଇଁ<br>ସିତାଲି ବେଲାର ଅଏଲି ମାରରେ<br>ପାଠ ବାଲି ସୁଆ ଦୂରେ ଯାଏ ନାଇଁ<br>ଉଲୁଉଲି ...... ।। | ଗୀତ ଗାଇଲୁ ସାଙ୍ଗଲୋକ<br>ଗୀତ ଗାଇଲୁ, କେମିତି<br>ସେ ଗୀତ, ସକାଳ<br>ପାହାନ୍ତୀ ଗୀତରେ ସାଙ୍ଗ<br>ସକାଳ ପାହନ୍ତୀ ଗୀତ<br>ଝିଅ ବର ପାଇଁ ଗାଇଲୁ<br>ଗୀତ, ନ ଯାଉ ସେ ଦୂରଦେଶ,<br>ଦିଅ ହୁଳୁହୁଳି ଦିଅ ।। |
| ୨ ।। ଜରନ ବିଦରେ ମୋ ସରି ରଜମନା<br>ଦୁଇ ମୁଣ୍ଡିରେ ଶିଦି | ୨ ।। ବଣ ଭିତରେ ସଂଗୀତ<br>ମୋର ଏପଟେ ସେପଟେ |

ଶିଦିର ଶବଧେ ଆଏଲୁ ଆଚେରେ
ମୋ ସରି ରଜମନା
ମଲଫୁଲ ପିନ୍ଧ, ହୁଲୁହୁଲି ॥

୩ ॥ ଆମଲା ଯିଡଙ୍ଗା ମାରିଗଲୁରେ
ବେତ ମାରିଗଲୁ ବେତ
ତର ଟେଙ୍ଗୁଆ ବେଲାର
ଖଦଲି ମଟ
ପାଠ ବାଲି ସୁଆ ନାକର ଏତ
ଫ଼ଲ ଜମାଇଲୁରେ ହୁଲୁହୁଲି ॥

୪ ॥ ଆମ ଗଛ ଛାହିଁ ସରି ରଜମନା
ବିଜାଗଛ ଛାହିଁ
ବିଜା ଗଛ ତଲ ବଜର ଏଲାରେ
ପାଠ ବାଲି ସୁଆ ତତେ ଜଣାନାଇଁ
ରାଜା ମୁଣ୍ଡା ଛମ୍‌କିଲା
ଟକିକେ ପିଲା ଛିମ୍‌କିଲାରେ ॥

୫ ॥ ଯାଟି ମାରା ଗାଡା
ସୁନା ସଙ୍ଗର ମଲି
ପାଟିଲୁ ପାରା
ଖୁଟି ଗୁଡା ରହି ଯେତେ ଦଙ୍ଗଡା
ଆମର ଯଟ ମାରା ।

୬ ॥ ଦୁଙ୍ଗିଆ ମିଞ୍ଜିଲୁ ସରି ରଜମନା
ଗଟି ମାଟିରେ ବେଛି
ଯେତେ ଖୁଟ୍ ଗୁଡିଆ ଦେଖିବା ଆଛେ

ଖଜୁରୀ ଗଛ, ଖଜୁରୀ ଗଛର
ଡାଳକୁ ଶୁଣି, ଆସିଲୁ ସଙ୍ଗାତ
ମଲ୍ଲୀ ଫୁଲ ପିନ୍ଧି ଦିଅ ପରା ହୁଳୁହୁଳି ॥

୩ ॥ ଅଂଳା ଡାଳକୁ କାଟୁଗଲୁ ପରା
ବେତ କାଟି ଗଲୁ ବେତ
ତୋ ବିବାହ ଆଗର କଦଳୀ
କଥା ପକାନାରେ ମନେ
ଝିଅର ବର/ଏବେ ଝିଅ ହାତ
ଧର/ହୁଳହୁଳି ଦିଅରେ ସାଙ୍ଗ
ଦିଅ ହୁଳୁହୁଳି ।

୪ ॥ ଆମ୍ବ ଗଛ ଛାଇ ସଙ୍ଗାତରେ
ପିଆଶାଳ ଗଛ ଛାଇ
ପିଆଶାଳ ଗଛ ତଳେ
ରହିଛି ତାହିଁ ଝିଅର ବର
ତୋତେ ଯାହା ଜଣାନାଇଁ
ବଡ ପୋଖରୀର ହିଡ
ଚମକି ଯେ ଗଲା ଝିଅକୁ ପୁଅ
ଚୁମିଟିବା କାଳେ ସଙ୍ଗାତରେ
ପୁଅ ଚୁମୁଟିବା କାଳେ ।

୫ ॥ ଶଗଡ଼ରେ କଟାଡାଳ
ଶୁଣ ସଙ୍ଗାତରେ ସେ ଡାଳେ
ପୋତିଲୁ ରାସ୍ତାର ଗାଡ
ଖୁଟିଗୁଡା ଗାଁରେ ଅଛନ୍ତି ଯେତେ
ଯୁବକ ଆମ ପାଇଁ କାମ କର ।

୬ ॥ ହାତରେ ବଳିଲୁ ଧୂଆଁପତର
ସଙ୍ଗାତରେ ରାସ୍ତାରୁ ବାଛିଲୁ
ଗୋଡ଼ି ଖୁଟୁଗୁଡା ଗାଁ ଯୁବକଙ୍କୁ

ଅଟି ଛାଟି ଛାଟି । ଦେଖ ଓଠ ଚାଟୁଛନ୍ତି ଦେଖ୍ ॥

[ ଅନୁସୃଜନ : ସୁବାସ ଚନ୍ଦ୍ର ମିଶ୍ର

## ॥ ବର କନ୍ୟାକୁ ଗାଧୋଇ ଦେବା ବେଳର ଗୀତ ॥

ଝିଅମାନେ ଗାଆନ୍ତି

ଆଙ୍ଗ ଧୁଆ ଯାଆସେ
କାଁଚ ସଙ୍ଗେ ଯାଆସରେ ବାବୁ
କାଁଚ ସଙ୍ଗେ ଯାଆସ
ମାମାଚ ବେଟି, ତୁଜ ଯୋଡି ନୁଆୟରେ ବାବୁ
କକ୍ୟୀ କୁଟ ଯୋଡ଼ିରେ କକ୍ୟୀ କୁଟ ଯୋଡ଼ି
ଦୁଲାର ଧୋଇଲାର ପାନି
ଦୁଲାର ଧୋଲାର ପାନି
ଦୁଲିକେ ଭଁରାୟ ନେଲା
କନ ନଦୀନେ ନେଲା
ନାଗି ନଦୀନେ ନେଲା
ରି ରି ଲୟ, ରିଲା ରିଲା ॥

ଆଙ୍ଗଧୁଆ = ଗାଧୋଇବା ,ଦୁଲା=ବର,ଦୁଲି=କନ୍ୟା,ମାମାଚ ବେଟି : ମାମୁର ଝିଅ

ଅର୍ଥ : ଗାଧୋଇବାକୁ ଯା ଝିଅ ଗାଧୋଇବାକୁ ଯାଆ
ବର ସଙ୍ଗରେ ଯାଆ ଝିଅ ବର ସାଙ୍ଗରେ ଯାଆ
ମାମୁର ଝିଅ, ଯାହି ତାହି ଯୋଡ଼ି ନୁହେଁରେ ବର
ମାନିଲା ପରି ଯୋଡି, ମାନିଲା ପରିଯୋଡ଼ି
ବରର ଗାଧୁଆ ପାଣି
ବରର ଗାଧୁଆ ପାଣି
କନ୍ୟାକୁ ଭସାଇ ନେଲା
କେଉଁ ନଈ ଠାକୁ ନେଲା
ନାଗି ନଈ ଠାକୁ ନେଲା ॥
ଲୀ ରୀ ଲୟ ରୀଲା ରୀଲା ॥

### ।। ମୁଣ୍ଡ କୁଣ୍ଡାଇବା ବେଳର ଗୀତ (ଝିଅମାନେ ଗାଆନ୍ତି) ।।

ପନୟା ପନୟା ବୋଲିସ୍ ବାବୁ
ଏବର ପନୟା ପାୟଲିସ୍ ବାବୁ
ଆୟା ପନ୍ୟା ବୋଲିସ୍ ବାବୁ
ରସ୍ ରସ୍ କାନ୍ଦିସ୍ ବାବୁ
ଡେଅନା ଉଗେ ବୋଲିସ୍ ବାବୁ ।।

[ ପନ୍ୟା = ପାନିଆ, ଏବର = ଏଥର, ଆୟା=ମା, ଡେଅନା=ଦ୍ୱାରା ନିକଟ । ଏହା ଏକ ପ୍ରତୀକାତ୍ମକ କବିତା । ଏଠି ପାନିଆ ବିବାହ ହେଉଥିବା ଝିଅକୁ ନେଇ ପ୍ରତୀକିତ ]

ଖୋଲୁଥିବା ପାନିଆ (କନ୍ୟା)କୁ ପାଇଗଲ ବାବୁ (ବର)
ସେ ପାନିଆ ଚାଲିଯିବା ଦେଖି
ଦ୍ୱାର ବନ୍ଧ ଏପଟରେ ଛିଡାଥିବା କନ୍ୟା ମା
ଆଖିରୁ ଝର ଝର ଝରିଯାଏ ଲୁହ
ଦୁଃଖ ଯେ ଦୁଃସହ ।।

### ।। ଝିଅକୁ ହଳଦୀ ଲଗାଇବା ସମୟର ଗୀତ ।।

(ସ୍ତ୍ରୀ ମାନେ ଗାଆନ୍ତି)

ଅଲ୍‌ଦି ବାଟିଲୁ ସିଲେରେ ନବିନା
ଅଲ୍‌ଦି ବାୟିଲୁ ସିଲେ
ବାଟିଲା ଅଲଦି କାକେ ଦେଲୁରେ ନବିନା
ବାଟିଲା ଅଲଦି ସୁନାରି ନେଲାରେ ନବିନା
ମୁଁଦି ତିଆରି କରିବା କାଜେରେ ନବିନା
ଆମର ସୁନାମୁଁଦି ପିନ୍ଧାଇ ତମର ଛମେ ଆଙ୍ଗଟି
ତମର ସୁନା ମୁଁଦି ଆମେ ଟାନେରେ ନବିନା ନାଇଁ ପିନ୍ଧୁ
ଲୁରି ମର୍‌ବାର କାଜେ କାଏ ବୁବୁର ବାବା
ପଟାରି ମର୍‌ବା କାଜେ କାଏ ପିଲାର ବାବା ।।

*[ ସନମତୀ ଭତରା , ୪୫ ବର୍ଷ ସ୍ତ୍ରୀ : ଆସମନ ଭତ୍ରା , ଦରଘାଗୁଡା , ଉମର କୋଟଙ୍କ ଠାରୁ ସଂଗୃହୀତ ]*

## ।। ବିବାହ ବେଳର ଗୀତ : ବିବାହ ପୂର୍ବରୁ ଗାଁ ମନ୍ଦିରକୁ ଯାଇ (ଗୁଡି) ତେଲ ଆଣିବା ଗୀତ/ମନ୍ଦିର କୁ ଯିବା ପୂର୍ବରୁ ପ୍ରସ୍ତୁତିର ଏ ଗୀତ ।।

।। ୧ ।।

ଏନେ ପରବତ ଏନେ ପରବତ
ମଝିରେ କୁମାର ଘର
ଆନ୍‌ରେ କୁମାର ବଡେ ହାଣ୍ଡି
ଯିବୁ ବିଆ ଘର
ତେଲି ଘର ତେଲ ଗାଡ଼ି
ମାଲି ଘର ଫୁଲ
ଆନରେ ମାଲି ମୁକୁଟ୍ ପର୍‌ଲା
ଯିବୁ ବିଆ ଘର ।।

*ଖୁଟୁଗୁଡା ଗ୍ରାମରୁ ସଂଗୃହୀତ*

।। ୨ ।।

ସୋଲାଏ ନାପିଲୁ ଲାକା ମାରିଚ
ଆଡାଏ ନାପିଲୁ ଘିଅଁ
ଏନେ ସାନ ନଦୀ ଏନେ ବଡ ନଦୀ
ମଜିରେ ପରଜା ଘର
ଆନ୍‌ରେ ପରଜା ଡାଟି ପରଲା
ଯିବୁ ବିଆଘର
ଏନେ ସାନନଦୀ ଏନେ ବଡନଦୀ
ମଜିରେ କୁମାର ଘର
ଆନ୍‌ରେ କୁମାର କଣ୍ଡି ବୁଚି
ଯିବୁ ବିଭାଗର
ଏନେ ସାନ ନଦୀ ଏନେ ବଡନଦୀ
ତେଲି ଘର ତେଲ ଗାଡ଼ି

ମାଲି ଘର ଫୁଲ
ଛାଣ୍ଡରୀ ଘର ବାନାଶାଢ଼ି ॥

ଗୀତ ସଂଗ୍ରହ : ସୋମଦାସ ଭତ୍ରା, ଦରଘାଗୁଡା

ଏହି ଗୀତରୁ ମାଳି, କୁମ୍ଭାର, ତେଲିଙ୍କ ବିବାହ କାର୍ଯ୍ୟରେ ସହଯୋଗର କଥା ଜଣାପଡେ ॥

## ॥ ବିବାହ ପୂର୍ବରୁ ବରକୁ ପ୍ରଥାନୁସାରେ ତେଲ ଲଗାଇବା ଗୀତ ॥

ଆମା ଧରେ ତାଲେ କୁମର
କସୁମ ଧରା ଇପାରେ
ପଇଲିର ତେଲ ଖାଣ୍ଡାବାରେ ଚେଷେ
ଚେଗାଅ ବାବା, ଚେଗାଅ ବାବା
ଦୁଲରାକେ ତେଲ
ଉପର ଡଙ୍ଗରି ଗାନିର ଗରଢେ
ତଲର ଡଙ୍ଗରିନେ ରହି
ସରସୁନ୍ ତେଲ
ଏ କେ କରି ଦୁୟ, ଦୁୟ ଓରି ଚେଗାଅ
ବାବା ଦୁଲ୍‌ରାକେ ତେଲ ଓରି ଚେଗାଅ ॥

[ ଆମ୍ବ ପତ୍ର ଠୋଲାରେ ମନ୍ଦିରରୁ ଆଣିଥିବା ତେଲ ଓ ଚାଙ୍ଗୁଡିରେ ଥିବା ଫୁଲ ନେଇ ପ୍ରଥମତେଲକୁ ପୁଅ ଦେହରେ ମୁଣ୍ଡ ଆଡରୁ ଲଗାଇବା ଆରମ୍ଭ କର, ଉପର ଆଡୁ ମନ୍ଦିରରୁ ଆଣିଥିବା ତେଲ ଓ ବେକଠୁ ତଳକୁ ସୋରିଷର ତେଲ ଲଗାଅ ବାପା, ପୁଅ ଦେହରେ ତେଲ ଲଗାଅ । ମା ତୁମେ ବି ସେମିତି କର । ଏହି କ୍ରମରେ ପରିବାରର ମା, ବାପା, ବଡଭଉଣୀ, ମାଈ ପର୍ଯ୍ୟାୟକ୍ରମେ ପୁଅକୁ ତେଲ ଲଗାଇଥାନ୍ତି ଏବଂ କଇନ୍ୟାକୁ ମଧ୍ୟ ପଇଲି ତେଲ ଲଗା ଯାଇଥାଏ ।

## ॥ ବେଣୀ ଗୀତ (ଝିଅମାନେ ଗାଇଥାନ୍ତି) ॥

ସୁରୁ ବେନି ବାବୁ ବଢ଼େ ବେନି ବେନି
କଅନ୍ ବେନି ପାଆଡଲା ବାବୁ

ପାପି ସଙ୍ଗି ପାଆଡଲା ବାବୁ
ରିଟ୍ ରିଟ୍ ଚାବ୍‌ଲା ବାବୁ
ନାଆଙ୍ଗର ଗହଞ୍ଜ୍ ବେନିରେ ବାବୁ
କଅନ୍ ବେନି ପାଆଡ଼ ବାବୁ ॥

ଅନୁବାଦ :

ଛୋଟ ଛୋଟ ବେଣୀ (ପୁଅ/ବର)
ବଡ ବଡ଼ (ଲମ୍ବା) ବେଣୀ
କିଏ ବାନ୍ଧି ଦେଲା ବେଣୀ ବାବୁ
ବେଣୀରେ ଉକୁଣି ଯେ ସାଲୁବାଲୁ
ରଟ୍ ରାଟ୍ ଚୋବାଉ ଅଛନ୍ତି
ଲଙ୍ଗଳ ପରି ଘଞ୍ଚ ବେଣୀରେ ବାବୁ
କିଏ ତୋତେ ବାନ୍ଧିଦେଲା ବେଣୀ ।

## ॥ ପୁଅର ବିବାହ ବୟସ ହେବାର ଦେଖି ମାର ଚିନ୍ତା ॥

ସତ୍ୟଯୁଗେ ଚନ୍ଦ୍ରସେନ୍ ରାଧା ସଙ୍ଗେ ଥିଲେ
ରୀ..ରୀ..ଲୟ..ରୀଲା..ରୀ..ରୀ..ଲୟ
ତୋର ଆୟା ବଲେ ବାବୁ
ବେଟା ବାଡଲା ବଲେ ବାବୁ
ରୀ..ରୀ..ଲୟ..ରୀଲା..ରୀ..ରୀ..ଲୟ
ରାତ୍‌କେ ଚିନ୍ତା କରେ ବାବୁ
ପେଟେ ବୁକ୍ ନାଇଁ ବାବୁ
ରୀ..ରୀ..ଲୟ..ରୀଲା..ରୀ..ରୀ..ଲୟ
ଆନିକେ ନିଁଦ ନାଇଁ ବାବୁ
କସନ୍ କରବି ବୋଲେ ବାବୁ
ରୀ..ରୀ..ଲୟ..ରୀଲା..ରୀ..ରୀ..ଲୟ
କନ୍‌ତି ଯିବି ବୋଲେ ବାବୁ

ନାଟ୍ ଘରେ ଯାଇସ୍ ବାବୁ
ଦୁଙ୍ଗିଆ ଦିଆ ବୋଲିସ୍ ବାବୁ
ହାତେ ଦୁଙ୍ଗିଆ ଦରିସ୍ ବାବୁ
ଏବର ଯାଇ ଦରି ଦକ ବାବୁ
ସତ୍ୟଯୁଗେ ଚନ୍ଦ୍ରସେନ ରାଧା ସଙ୍ଗେ ଥିଲେ
ରୀ..ରୀ..ଲୟ..ରୀଲା ରୀ..ରୀ..ଲୟ ।
ତୋର ବାୟଲେ ବୋଲିସ୍ ବାବୁ
ଚାଟକେ ଗଲା ବୋଲିସ୍ ବାବୁ
ଡଙ୍ଗ ଛାଟାୟ ରସି ବାବୁ
ଇଡି ଗିଖାୟ ବୋଲିସି ବାବୁ
ସତ୍ୟଯୁଗେ ଚନ୍ଦ୍ରସେନ ରାଧା ସଙ୍ଗେଥିଲେ
ରୀ..ରୀ..ଲୟ..ରୀଲା..ରୀ..ରୀ..ଲୟ ॥

ଅନୁବାଦ :

ତୋ ମା ମୁଁ କହୁଛି ବାବୁ
ତୋ ବିବାହ ବୟସ ହେଲାରେ ବାବୁ
ରାତି ସାରା ଚିନ୍ତା ଲାଗେରେ ବାବୁ
ପେଟେ ଭୋକ ନାହିଁ ଲାଗେରେ ବାବୁ
ନିଦ ଆସେ ନାଇଁ ଆଇରେ ବାବୁ
କଣ କରିବି କହରେ ବାବୁ (ପୁଅ) ॥
କେଉଁଠାକୁ ଯିବି କହଗୋ ମା
ନାଚ ଘରେ ତୁହି ଯାଆରେ ପୁଅ
ସେଇଠି ଦେଖିବୁ କେତେ ଯେ ଝିଅ
ଯେଉଁ ଝିଅକୁ ତୁ ମନ କରିବୁ
ତାକୁ ଯାଚି ଧୂଆଁପତର ଦେବୁ
ତା ପରେ ତାହାରି ଧରିବୁ ହାତ

ତା ପରେ ଗାଇବୁ ଜୀବନ ଗୀତ ।
ଯେଉଁ ଝିଅ ତୋତେ ମନ କରିବ
ହାତ ଛାଡ ଯିବି ବୋଲି କହିବ
ରସ ବିଷ କଥା ତାହାକୁ କହି
ପ୍ରେମ ପାଣି ଢ଼ାଳି ଦେବୁରେ ତୁହି ।

## ।। ତେଲ ଲଗାଇବା ଗୀତ (ପୁଅ/ବର)କୁ ।।

ଏତେ ବାବୁ ଶୁନ୍ ମନେରେ ବାବୁ
    ଆଜିକେ ତେଲ ମାଣ୍ଡନେ ବାବୁ
    କାଲିକେ ଲଙ୍ଘିନ୍ ମାଣ୍ଡନେ ।
ଶୁନ୍‌ବି ବୋଇଲେ ସାଙ୍ଗବି ବାବୁ
ଖାଏଲେ ଖେଲ୍‌କେ ଯାଇସ୍ ବାବୁ
ଆଜିକେ ତେଲ ମାଣ୍ଡନେ ବାବୁ
କାଲିକେ ଲଙ୍ଘିନ୍ ମାଣ୍ଡନେ ।।
    ମନକେ ବାଇଲାମା ବୁଲିସ୍ ବାବୁ
    ଆଜିକେ ତେଲ ମାଣ୍ଡନେ ବାବୁ
    କାଲିକେ ଲଙ୍ଘିନ୍ ମାଣ୍ଡନେ ।।
ସରପ୍ ର ବାଦଲ ଅସନରେ ବାବୁ
ଏବର ରେ ବାବୁ ବୁଲିସ ଦଖ
ଆଜିକେ ତେଲ ମାଣ୍ଡନେ ବାବୁ
କାଲିକେ ଲଙ୍ଘିନ୍ ମାଣ୍ଡନେ ।।

ଅନୁବାଦ : ଶୁଣୁରେ ବାବୁ (ବର ପିଲା) ଏବେ ମନ ଦେଇ ଶୁଣୁ ଆଜି ଛାମୁଣ୍ଡିଆରେ ବସି ତେଲ ଲଗା । କାଲି ବିବାହ ଚଉଠି ପାଇଁ ତେଲ ଲଗାଇବୁ । ଶୁଣିବୁ ବୋଇଲେ କହିବିରେ ବାବୁ ଖାଇବା ଖେଳିବାର ସମୟ ଏବେ । ଆଜି ଛାମୁଣ୍ଡିଆରେ ବସି ତେଲ ଲଗା ଆସନ୍ତା କାଲି ଚଉଠି ପାଇଁ ତେଲ ଲଗାଇବୁ ।

ସ୍ତ୍ରୀଟିଏ ପାଇବୁ । ଏବେତ ମନ ଭସାମେଘ ପରି ଅସ୍ଥିରରେ ବାବୁ, ଏଥର ଦେଖେ ଆଜି ଛାମୁଣ୍ଡିଆରେ ବସି ତେଲ ଲଗା ଆସନ୍ତା କାଲି ଉଠି ପାଇଁ ତେଲ ଲଗାଇବୁ ।

॥ ୨ ॥

ଡାଲିର ତେଲ ଚେଗାଅ ବୁବୁ
ବୁବୁ କରମ୍‌ରେ ବୁବୁ ଧରମ୍‌ରେ
ଲାଡର ତେଲ ଚେଗାଅ ବୁବୁ
ଦିଦି ବୋଲିରେ ଦିଦି ଲୋକ୍ ଚେଗାଅ ଦିଦି
ଲାଡର୍ ତେଲ୍
କାୟ ଆଛେ ଦିଦି କାୟ ଦେବି
ବସ୍ ବଲ୍‌ତେ ଅଚନା ଦେବି
ଉଠ୍ ବଲ୍‌ତେ ଟେକ୍‌ନା ଦେବି
ଆଜି ମୁଇଁ ଦିଦି ଉରଲି ଆୟରି, ତାରି ନାମାରେ ନାନା
ନାନା ଚକେ ଆଚେ ଗୁଜରି ବାନା
ସେ ବାନାକେ କୁଜେ ଅଟୟ ଆନା
ବାଡି କାନାବାଟେ ଟିଙ୍ଗଡାୟ ଆନା ..
ପାନି ଖାଇରେ ଦିଦି ସିତା ବାଚାଇଲାସ୍
ଅତ୍‌କି ଖାଜେରେ ଦିଦି ଭାଇ ବାଡାଇଲାସ୍
ଡାଲି ତେଲରେ କାକି ଧୀରେ ଚେଗାଅ
ପାନି ଖାଇରେ କାକି ସିତା ବାଚାଇଲାସ୍
ଆତକି ଖାଜେରେ କାକି ବେଟା ବାଡାଇଲାସ୍
କାୟ ଆଚେ କାକି କାୟାଦେବି
ବସ୍ ବୋଲତେ ଅଚନା ଦେବି
ଉଠ୍ ବୋଲ୍‌ତେ ଟେକନା ଦେବି
ଆଜି କାକି ମୁଇଁ ଉରଲି ଆୟରି..
ମନେର୍ ମନେର୍ ମନେର୍ ଦୟା
ମନ୍‌ରେ ଗଲା ଛାପ

ଜାପ୍‌ର ମଲ ଶଏ ଟକା
ଶଏ ଟକା ଗଲେ ଯାଆ
ବାବୁ ର ଶରଦା ଯାଆ.... ।।

ଅନୁବାଦ : ଥାଳିର ତେଲ ଲଗାଇ ନିଅ ମାଇଁ, ତୁମ କର୍ମ ଓ ଧର୍ମକୁ ନେଇ ସ୍ନେହରେ ତେଲ ଲଗାଇ ଦିଅ । ବଡ ଭଉଣୀ ମୋର । ସ୍ନେହରେ ତେଲ ଲଗାଇ ଦିଅ । ମୋଠି କଣ ଅଛି ଯେ ଦେବି ? ଯଦି କହିବ ବସିବା ପାଇଁ ଆସନ ପାରି ଦେବି, ଉଠିବି କହିଲେ ହାତରେ ବାଡି ଧରାଇଦେବି, ଆଜି ଯେ ମୁଁ ଅସମର୍ଥ ।

ଏପରି ବର ପାଇଁ ବଡଭାଇ, ବଡ ଭଉଣୀ, ଖୁଡି ସମସ୍ତଙ୍କୁ ସମ୍ବୋଧନ କରି ଛାମୁଣ୍ଡିଆ ଚାରିପଟେ ଜମା ହୋଇଥିବା ଯୁବକ ଯୁବତୀ ମାନେ ଗୀତ ଗାଆନ୍ତି । ତେଲ ଲଗାଇବା ଭତ୍‌ରା ଜନଜାତି ବିବାହ ପ୍ରଥାର ଏକ ବିଶିଷ୍ଟ ବିଭବ ।

## ।। ବିବାହ ପ୍ରସ୍ତୁତିରେ ବର କନ୍ୟାର ମାନସିକ ଅବସ୍ଥାର ବର୍ଣ୍ଣନା ।।

ଗୀତ : ପିପଡି ପତ୍‌ର ପିପ୍‌ଡି ପାପ୍‌ଡି
ସର୍‌ଗେ ଲାଗିଲା ଧୂଳି
ବିଲର କାକଡା ଜାଲର ମାବ୍‌ଲା
ବେଙ୍ଗ୍ ଦେଲେ ହୁଲ୍‌ହୁଲି
ଦୁଲାର ମାଣ୍ଡନେ କଦମ ଗଛ
ଦୁଲା ହାସେ କଛ କଛ
ଦୁଲିର ମାଣ୍ଡନେ ରସନା ଗଛ
ଦୁଲି କାନ୍ଦେ ରସ୍ ରସ୍ ।।

ଅନୁବାଦ : ପିପଳି ଗଛର ପତ୍ର ପବନରେ
ଝୁମି ଝୁମି ଗଲା
ସେ ପବନେ ଧୂଳି ଉଠି
ଆକାଶ ଛୁଇଁଲା
ଧାନ ବିଲୁ କଙ୍କଡ଼ା ଯେ
ଗୀତ ଆରମ୍ଭିଲା
ବେଙ୍ଗମାନେ ହୁଳହୁଳି ଦେଲେ

ବରିପିଲା ବେଦୀ ପାଶେ
କଦମ୍ବ ଗଛରେ
କେତେଯେ କଦମ୍ବ ଫୁଟିଛି
ଫୁଟନ୍ତା କଦମ୍ବ ପରି ବରପିଲା ମନ
ଖାଲି ହସୁଅଛି ।।
କନ୍ୟାର ବେଦୀ ପାଶେ
ସୁଗନ୍ଧି ରସନା ଗଛ
ବାସ ବିତରୁଛି
ସେ ତୀବ୍ର ବାସନା ପରିକନ୍ୟାର ଆଖିରୁ
ଝର ଝର ଲୁହ ବୋହୁଅଛି ।।

### ।। ଶାଶୁଘରକୁ ଯିବା କଳ୍ପନାରେ ଝିଅର ଦୁଃଖ ।।

ଗୀତ : ୧ : ଆୟା କାନ୍ଦେ ଢେ଼କିଶାଲେ
ବୁଆ କାନ୍ଦେ ଘରେ
ନାଇକାନ୍ଦ ବୁଆ ନାଇକାନ୍ଦ ଆୟା
ପଇଲି ତେଲ ବେଲେ ।।

ଝିଅ ବାହା ହେଇ ଶାଶୁଘରକୁ ଯିବ । ତା' ପୂର୍ବରୁ ତାକୁ ଗେଲ ବସରରେ ବିତାଇଥିବା କାଖେଇ କୋଳେଇ ବଡ କରିଥିବା ମା, ବାପା, ଭାଇ ସେ ଶାଶୁଘରକୁ ଯିବା ଦୁଃଖରେ ଭାଙ୍ଗି ପଡୁଛନ୍ତି, ଆଖିରୁ ଝରି ଯାଉଛି ଅମାନିଆ ଲୁହଧାର ।

ପଇଲି ତେଲ : ଭତ୍ରାକୁଳର ଏକ ବିବାହ ରୀତି । ବରହାତ ଧରିବା ପୂର୍ବରୁ ଝିଅକୁ ଗାଁ ଗୁଡିରୁ ଠାକୁରଙ୍କୁ ତେଲ ଲାଗି କରି ଆଣିଥିବା ତେଲ ଲଗାଇବା ବିଧି ।

ଗୀତ : ୨ : ମୋକେ ବନ୍ଦି ଦରଲାୟ ଆୟା ( ୨ ଥର)
କାୟ ଦଖୁନ ଦରଲାୟ ଆୟା
କଟାଚ ଧନ୍ଦବେ ଧନ୍ଦବେ ଇଦେୟ ଆୟା
କଟାଚ ଧନ୍ଦବେ ......
ଧନ୍ଦ ବିକି ଛାଡାଅ ବେ ଆୟା... (୨ ଥର)
ମୋର ଲୋକ କୁବେ ଆୟା

ହରି ନାଇଁ ପୁରେ
ବାଅଁବୁଡା ଗଗରି ଆୟା
କସାଇ ଡୁମନି, ଡୁମି ଡୁମି ଦେସ୍
ହରି ନାଇଁ ପୁରେ ॥

ଅର୍ଥ : କଣ ଦେଖି ମୋତେ ସେଠିକି ପଠାଇ ଦେଉଛ ଯେ ବନ୍ଦୀ ପରି । କଣ ଦେଖି ଦେଲ, ସେଠି ଗୁହାଳେ ଗାଈ ମା ଗୁହାଳେ ଗାଈ । ମୋତେ ମୁକ୍ତ କର ମା, ଗାଈ ବିକି ମୁକ୍ତ କର । ଶାଶୁଘରେ ବହୁତ ଲୋକ ମା ହେଲେ ସାହା ହେବା ପାଇଁ କଣେ ହେଲେ ନାଇଁ । ଗାଁ ମୁଣ୍ଡ କୂଅକୁ ଯାଇ ପିତଳ ଗରାରେ ବୋହି କେତେ ପାଣି ଆଣିବି ମା, ସେଠି ସାହା ମୋର କେହି ନାହିଁ ।

ଗୀତ ୩ : ତର ଆୟା ରଅଲେ ନନି
ବାନ୍ଧ୍ୟା ଗ ।ଡାଏ ନେତାବେ
କରମ୍ ହରିଆ ଧଦ୍‌ରିଆ ନନି
ବେଜିରି ପଦ୍‌ରିଆ
ଏକ ପାଟି ନଅ ଡେରି ନା ଲେଖା
ପାଟି କେ ପାଇଲେ ଖଣ୍ଡମନେ ନା ଲେଖା ॥

ଅନୁବାଦ : ମା ଥିଲେ ସିନା ତୋତେ ସାନ୍ତ୍ୱନା ଦେଇ ଥାନ୍ତା ଝିଅ, ଯାହା କର୍ମରେ ଅଛି ତାକୁ ଧରି ଯା ଯେତେ କଷ୍ଟ ହେଲେ ବି ପାଟି ଖୋଲିବୁନି ଝିଅ । ଦୁଃଖ କଷ୍ଟକୁ ହିସାବ କରିବୁ ନାହିଁ ଝିଅ ।

## ॥ ଝିଅର ବିବାହ ବେଶ ଗୀତ ॥

ଧାଙ୍ଗଡି (ଯୁବତୀ) :
ବାଜେରେ ବାଜା ସଙ୍ଗତେ ତାପର ତଲା
ଫଜି ଯାଏ ତୋର ଚଉକା କସାର କାପଡା

ଧାଙ୍ଗଡ଼ା : ଧାନରେ ତରନାଟ ବାଡେଲା ସିଲୁଆଁ
ତକେ ଫବି ଯାଏରେ ଓଢ଼ନି, ଗୁନିନି କିଲୁଆଁ ॥

ଧାଙ୍ଗଡି : ମାରେରେ କକଡା ହେଡେଲା ଗରଜନ ତଲା
ଫବିଯାଏ ଚାନ୍ଦି କେ କରଧନ

ଧାଙ୍ଗଡା : ସିନ୍ଧି ମିଲା ଝୁଲିଆଲର ପାରୀମୁଣ୍ଡେ ଅଛି ଠଅ

ଧାଙ୍ଗଡି : ଭଲ ଖାରା ବେଟା ଦେବାର ହେଲୁ

ଭୂମିର ଜଲମ କଅ

କଅଁଲି ବଉଁଶ ଫୁଟିଲା ଠଅ

ଝିମିର ଭାରତ କଅ ।

ଅନୁବାଦ :ଯୁବତୀ : ତାପ ସଙ୍ଗେ ଝାଞ୍ଜ ବାଜେ କି ସୁନ୍ଦର ଶୁଭେ ତୋ ରଙ୍ଗଲୁଗା ପିନ୍ଧା ତୋତେ କେଡେ ମାନେ ।

ଯୁବକ : ଧନ ତୋର ନାଚ କି ସୁନ୍ଦର ଦିଶେ ପିନ୍ଧିଥିବା ତୋ ଓଢ଼ଣି, ତୋର କାନଫୁଲ କି ସୁନ୍ଦର ସାଜେ ।।

ଯୁବତୀ : ତୋ ବେକରେ ବିଛା ମାଳି କି ସୁନ୍ଦର ଦିଶେ ଅଣ୍ଟାରେ ଚାନ୍ଦି ଅଣ୍ଟା ସୂତା କି ରଙ୍ଗରେ ସାଜେ ।

## ।। ଝିଅର ବିବାହ ବେଶ ଗୀତ : ୨ ।।

ଫୁଲ ଦକା ନିସକ୍ ହୋୟ ଆୟା ଫୁଲ ଦକା
ବେସି ମୁଣ୍ଡାୟ ଫୁଟିଲା ଛାତା ଏଡ଼େ ଫୁଲ
ମାନା ଏଡେ ଜୁଣ୍ଡା ହୋୟ ଆୟା
ମାନା ଏଡେ ଜୁଣ୍ଡା
ମାଣ୍ଡି ତାପତେ ନିସକ୍ ହୋୟ ଆୟା ମାଣ୍ଡିତାପତେ ।।
କା'ର ଘରେ ଯାଇ ମାଲି ପିନ୍ଦଲାସ୍
କଷ୍ଟା ଘରେ ଯାଇ ମାଲି
ଫୁଲ ଦକା ନିସକ୍ ହୋୟ ବାବୀ ଫୁଲ୍ ଦକା
ବେସି ମୁଣ୍ଡାୟ ଫୁଟିଲା, ଛାତା ଏଡ଼େ ଫୁଲ୍
ହୋୟ ବାବା ଛାତା ଏଡ଼େ ଫୁଲ
ମାନା ଏଡ଼େକ ଜୁଣ୍ଡା ହୋୟ ବାବା
ମାନା ଏଡେକ ଜୁଣ୍ଡ
ମାଣ୍ଡି ତାପଚେ ନିସକ ହୋୟ ବାବା ମାଣ୍ଡିତାପ୍ତେ

ଅନୁବାଦ : ଫୁଲ ଦେଖେ ମା ଫୁଲ ଫୁଟିଛି ଦେଖେ

ଫୁଲଫୁଟି ବାହାରିଲାଣି ମା ଛତା ଏଡ଼େ ଫୁଲ
ମାଣ ପରି ସେ ଫୁଲର କଡ଼ ମା
ଆଣ୍ଠୁ ମାଡ଼ି ବସି ସେ ଫୁଲ ପିନ୍ଧିଛି ।
କାହାଘରେ ଯାଇ ମାଳି ପିନ୍ଧିଲ
କଷ୍ଟାଘରେ ଯାଇ ମାଳି ପିନ୍ଧିଲ
ଦେଖ ଫୁଲ ବାହାରି ଫୁଟିଲାଣି, ଛତା ଏଡ଼େ ଫୁଲ
ମାଣ ପରି ସେ ଫୁଲର କଡ଼ ମା
ଆଣ୍ଠୁମାଡି ବସି ସେ (କନ୍ୟା) ଫୁଲ ପିନ୍ଧିଛି ॥

ଏମିତି ଏ ଗୀତ କ୍ରମାଗତ କକା, ଖୁଡ଼ି, ମାମୁଁ, ମାଇଁ, ବଡ଼ବାପା, ବଡ଼ମାଙ୍କୁ ସମ୍ବୋଧନ କରି କ୍ରମାନ୍ୱୟରେ ଗାନ କରାଯାଏ ।

ଭତ୍ରୀ ଲୋକଗୀତ : କ୍ରମଶଃ

ଶୃଙ୍ଗାର ଗୀତ : ଗୀତ ସଂଗ୍ରହ ଶ୍ରୀଯୁକ୍ତ ରବିସିଂ ମାଝୀଙ୍କ ଠାରୁ,ପିତା ପଟୁମାଝୀ, ବୟସ ୭୯ ବର୍ଷ,ବାଟିବେଡା ଗ୍ରାମ,ଉମର କୋଟ

(ଯୁଗଳ ଗୀତ)

| ମୂଳଗୀତ | ଅନୁବାଦ |
| --- | --- |
| ପୁରୁଷ : ଅମରଲି ଭାସ୍କେଲ ବାକଲି ଡୋଡି | ଭାସ୍କେଲ ନଈର ପାଶେ |
| ଭଣ୍ଡାର ମୁଖିଆ ସାୟ ଲୋରି | ବାକଲି ଗାଁର ଲମ୍ବି |
| ଏ ବାସିନି କାରିନି ତମର ଆସିବା | ଯାଇଥିବା ଜମି/ବିବାହର |
| ଆସି ଗଲୁ ମୁଦି ଧରି ॥ | ସମସ୍ତ ଦାୟିତ୍ୱ ନେଇଥିବା |
| | ମୁଖିଆର ସାଇଲୋଡ଼ି ଗୀତ |
| | ଶୁଣି ଗୋ ବାସିନି |
| | ଗାଁର ଯୁବତୀ ତୁ ଆସିଲୁ |
| | ଯେ/ତୁ ଆସିବା ଶୁଣି |
| | ମୁଁ ମୁଦି (ନିଜ ଦେହ) |
| | ଧରି ଆସିଲି ॥ |
| ସ୍ତ୍ରୀ : ଆମ ବାଟିବେଡା ଲଅପ ଲଦି | ଆମ ବାଟିବେଡା ଗାଁ ମୁଣ୍ଡେ |

| | |
|---|---|
| ମଙ୍ଗନାରେ ଡେଙ୍ଗ୍ ସିନ୍ଦି | ବହିଯାଏ ନଇ/ନଇ କୂଳେ ଲମ୍ବା |
| ଦେଇ ପକା ନସ୍ତିନା ସଲମୁଦି | ଖଜୁରୀର ଗଛ/ସେଇଗଛ ମୂଳେ |
| ଆମେ ଗରେ ଯିବୁ ପିନ୍ଧି ॥ | ମୋତେ ଦେ ତୋର ମୁଦି, ଘରେ |
| | ଯିବି ବନ୍ଧୁ ମୋର ସେଇ ମୁଦି ପିନ୍ଧି ॥ |

[ ଗୁଢ଼ାର୍ଥ : ନଈକୂଳ ଖଜୁରୀର ମୂଳେ ତୋର ମୋର ମିଳନ ହେଉ । ତୁ ମୋତେ ରତିକ୍ରିୟାରେ ସନ୍ତୁଷ୍ଟ କରିଦେ, ସେଇ ସନ୍ତୁଷ୍ଟିକୁ ନେଇ ମୁଁ ଆନନ୍ଦରେ ଘରକୁ ଫେରିବି ]

| | |
|---|---|
| ପୁରୁଷ : ବରଷା ଦିନରେ ବଡେ କାକର | ବର୍ଷାଦିନେ କାକର |
| ପଣ୍ଡମାସେ ବଡଶୀତ | ମାର୍ଗଶିରେ ପଡେ ଜାଡ଼ |
| ମୁଦି ଦେବାକେ ଲୋଦି ଲାଗ୍‌ଲେ | ଏ ଶୀତକାଳେ ଯଦି ଦେବା |
| ଆଲେ ଗାଇଦେକା | ପାଇଁ ଦେହ |
| ଚଇତ ପରବ ଗୀତ ॥ | ଲାଗେ ତୋତେ ଲୋଭ ତାହା ହେଲେ |
| | ଗାଇବୁକି ଚଇତ ପରବ ଗୀତ ॥ |
| ସ୍ତ୍ରୀ : ରସରେ ଡାକି ଦେଲି ଗଟେ ଗୀତ | ଶୁଣୁ ରସମୟ ପଦେଗୀତ |
| ପଣ୍ଡମାସେ ବଡ଼ଶୀତ | ମଗୁଶିରେ ଭାରିଶୀତ |
| ଏ ବାଟି ବେଡା ଦାଦା | ହେ ବାଟିବେଡାଗାଁର ଯୁବକ |
| ଆଜି ଲାଗି ଯାଅ ଅନ୍ତପିତ ॥ | ମୋତେ କର କୋଳାଗ୍ରତ |
| | ଦୁଇ ଦେହ ହେଉ |
| | ଗୋଟିଏ ଦେହ/ଲାଗିଯାଇ |
| | ଅନ୍ତପିତ |

[ ତୋର ମୋର ସମ୍ପର୍କ ଅନ୍ତ ପିତର ସମ୍ପର୍କ ପରି ନିବିଡ ହେଉ ]

| | |
|---|---|
| ପୁରୁଷ : ଚାରି ଜେଟ ମାସ | ଜ୍ୟେଷ୍ଠ ଖରାରେ ପାଦରେ ଚପଲ |
| ଗୋଡରେ ଛିପୁଲ | ବରଷାଦିନରେ ଛତା ପରି |
| ବରଷା କାଲରେ ଛତା | ଆମର ସଂପର୍କ |
| ଆଗେ ରହିଥିଲୁ ପର ଅନ୍ତର | ଆଗେ ସିନାଥିଲୁ ଆଗେ ହୋଇ |
| ଏବେ ହେଲୁ ନାତାଗୋତା ॥ | ପର/ଦୁହିଁଠୁ ଅନ୍ତର ଏବେ ହେଲେ |
| | ଏକାନ୍ତ ନିଜର । |
| ତମେତ ଆମର ଆମେତ ତମର | ତୁମେ ତ ମୋର ମୁଁ ତ ତୁମର |

| | | |
|---|---|---|
| | କେହି ନୁହେଁ ବିନାବିନ | ନୋହୁ ଭିନ୍ନାଭିନ ଶୁଣ |
| | ଏ ବାସନି କରନି ତମେ ଛାଡ଼ିଗଲେ ମିଶା | ବାସନି ଗାଁର ଯୁବତୀ ରତନ |
| | ତମର ଉପରେ ମନ ।। | ତୁମେ ଯଦି କେବେ ମୋତେ |
| | | ଛାଡି ଯାଅ/ତୁମଠାରେ ସଦା |
| | | ରହିଥିବ ମୋର ମନ ।। |
| ସ୍ତ୍ରୀ : | ଆମ ବାସନି ଗାଁର କାସନି | ଆମବାସିନି ଗାଁର ଗାଁ ମୁଣ୍ଡେ |
| | ଗାଁ ମୁଣ୍ଡେ ଆଚେ ମାତା ମାଇଲି | ମାତା ମାଓଲି (ଠାକୁରାଣୀ)ଙ୍କ |
| | ତା'ର ନାମ ଧରି ଗିତ ଗାଇଲେ | ବାସ/ବିପଦ ତାରିଣୀ ତାଙ୍କୁ |
| | ନାଇଁ ଲାଗେ ରାଉ ଶନି ।। | ସୁମରିଲେ/ଲାଗେ ନାହିଁ କେବେ |
| | | ରାହୁ ଓ ଶନିଙ୍କ ତ୍ରାସ । |
| ପୁରୁଷ : | ତମେ ଜୁହାରିଲ ଦେବୀ ଦେବତା | ତୁମେ ସବୁ ଦେବା ଦେବୀ ପ୍ରଶସ୍ତି |
| | ଆମେ ଜୁହାରିବୁ କାକେ | ଗାଇଲୁ ମୁଁ କାହାର ସ୍ତୁତି ଯେ |
| | ଆମର ଗାଏଁ ଅଛି ଖଣ୍ଡି ବିମା | କରିବି/ଆମ ଗାଏଁ ଥିବା ଭୀମା |
| | ଆମେ ଜୁହାରିବୁ ତାକେ ।। | ଦେବତାଙ୍କୁ ଜୁହାରି କହିବି । |
| | ଯେତେ ପରକାର ପାଙ୍ଗନି | ସେ ସମସ୍ତଙ୍କ ସାହା ହେବେ ଯେତେ |
| | ଶନ ସାଁହା ଏସି ସମସ୍ତକେ ।। | ସବୁ ଗୁଣି/ଶେଷ ନାଶନ/ତାଙ୍କ |
| | | ଯୋଗୁଁ ସବୁ ଦୂରରେ ରହିବେ ।। |
| ସ୍ତ୍ରୀ : | ଘରରେ କାନ୍ଦିଲା ଘର ଚଟିଆ | ଦେଖ ଘରେ ରାବିଲାଣି |
| | ଗଛଡାଲେ ବସେ କାଉ | ଘର ଚଟିଆ ଯେ |
| | ଦେବି ଜୁଆରନି ଏତ୍‌କି ରଉ | ଗଛଡାଳେ ବସିଲାଣି କାଉ |
| | ଡାଲ୍‌ମୂଲିଆ ଗୀତ ଗାଉ ।। | ଦେବୀ ସ୍ତୁତି ବେଶୀ ହେଲା |
| | | ଏତିକିରେ ରହୁ/ଆ ଏବେ ଡାଳମୂଳ |
| | | (ଜୀବନ ସଂପର୍କିତ) ଦେହ ଦାହ |
| | | ଗୀତକୁ ଗାଇବା ।। |
| ପୁରୁଷ : | ଯାର ଘରେ ଥିବ ମଇଁଷି ମୁଣ୍ଡେ | ଯାହା ଘରେ ଥିବ ମାଇ ମଇଁଷୀରୁ |
| | ଘି ଗରଜଣା ପଡିବ ତୁଣ୍ଡେ | ପଟେ ଘିଅ ଛୁଙ୍କ ମିଳୁଥିବା ପରି |
| | କଥା ରୁଣ୍ଡେ ବାଡ଼େ ଆଡ଼େ | କଥା ପଡ଼େ ଚାରିଆଡ଼େ, ସେହି ପରି |

ତମର ଆମର ଏକାନ୍ତ ହେଲେ
କେବେ ହେଲେ ନାଇଁଛାଡ଼େ ।

ତୁମେ ଆମେ ଏକାନ୍ତେ ମିଳିଲେ
କିସବା ନହେବ/ତୁମକୁ କି
ସତେ ଛାଡ଼ି ହେବ ।।

ସ୍ତ୍ରୀ : ବୈଶାଖ ମାସର ହେମଗିରି ଖରା
ଧୋବା ପୁତାଇଲା ଛାର
ମନ ପ୍ରାଣ ସବୁ ସରପି ଦେବି
ଦେକା ତମ ପାଗିବାର ।

ବଇଶାଖେ ଟାଣଖରା ଜାଳିଦିଏ
ଧୋବା ଗଛପୋଡ଼ି ଯେହ୍ନେ, କରଇ
ପାଉଁଶ ତୁ ଯଦି ସଂଭୋଗରେ
ମୋତେ କରି ପାରିବୁ ସନ୍ତୋଷ /
ମନ ପ୍ରାଣ ସବୁ ସମର୍ପିବି/ପାଗିବାର
ପଣ ତୋର ଦେଖିବାକୁ ଆଶ ।

ପୁରୁଷ : ତୁରୁଞ୍ଜ ମଞ୍ଜିଆ ବକଡାବେଡ଼ା
ଜାଚା ଆମା ଫଡା ଫଡା
ତମର ମନ୍‌କେ ନିଚେ ଟରଲେ
ପୁର୍‌ନା ଘଇତା ଛାଡା ।।

ଗାଁ ନାମ ପରା ତୁରୁଞ୍ଜି
ମଞ୍ଜିଆ, ବକଡ଼ାବେଡା କଞ୍ଚା ଆମ୍ବ
ତୋଳି କରିବା ସୋରା ସେମିତି ତୁହି/
ଯଦି ମନ ଅଛି ଯୁବତୀ ରତନ/
ପୁରୁଣା ଘଇତା ଛାଡ଼ି/ମୋ ପାଶକୁ
ଆସତୁହି ।

ସ୍ତ୍ରୀ : ଝାଡ଼ ଖଣ୍ଡି ଅଛି ପାପଡ଼ାହାଣ୍ଡି
ଖୁଟି ଗୁଡା ଚଟାହାଣ୍ଡି
ଭବି ଗାଁର ଝଟାଙ୍ଗ ମାଝୀ
ନିତି ଦିନ ଦେଖେ ପାଞ୍ଜି
ତମେ ଦେବାର ନାଇଁକି
ଆମେ ନବାର ନାଇଁ
ନ ଏବା କାଜେ ଗେଞ୍ଜା ଗୋଞ୍ଜି ।।

ବଣପାଶେ ଗାଁ ପାପଡା ହାଣ୍ଡି
ଖୁଟିଗୁଡା ଚଟାହାଣ୍ଡି
ଭବି ଗାଁର ଝଟାଙ୍ଗ ମାଝୀ
ନିତି ଦେଖୁଥାଏ ପାଞ୍ଜି
କେତେ ଗଡ଼ିଯାଏ ସଞ୍ଜ
ନା ତୁମେ ଦେବାର (ସଂଭୋଗ)
ନା ମୁଁ ନେବାର କେବେ ହେଉନାହିଁ
ଯୋଗ/ଗୀତରେ କେବେ ପୂରିବ
ପେଟ/ଖାଲି ସିନା ଦହଗଞ୍ଜ ।।

ପୁରୁଷ : ହଳିୟା ହଳିୟା ତିନି ହଳିୟା
ମଝିରେ ହଳିଆ ବଙ୍ଗ୍ କଲିୟା
ଦେଲେ ଛାଡେ ନାଇଁ

ଦୁଇ ଗୋଡ଼ ମୋର ଦୁଇ ହଳିଆ
ମଝି ଗୋଡ଼ ମୋର କଳା ରସିଆ
ଦେଲେ କରେ ଭୋଗ

ଦେଲେ ମାଙ୍ଗେ ନାଇଁ
ସେପରି ବାଣ୍ଡା କୋଲିଆ ।

ନଦେଲେ ନାଇଁ/କେଡେ
ଚତୁର ସେ ଲାଞ୍ଜକଟା ବିଲୁଆ ।

ସ୍ତ୍ରୀ : ବାଟର କେନ୍ଦୁ ଦେକାନି ବନ୍ଧୁ
ଦୟତାଣ୍ଡି ପରା ପାଚେ
ଆଗେ ସଲସଲାଏ ଦେବାସ୍
ନାଇଁ ବଲି ଦେବାସ୍ ପାଛେ ।

ଦେଖ ବନ୍ଧୁ ବାଟ କେନ୍ଦୁଗଛ
ନୂଆହାଣ୍ଡି ପରା କେନ୍ଦୁପାଚେ
ମୁଁ ସେମିତି ମୋତେ
ତୁମେ କର ଉତ୍ତେଜିତ ଠିକଣା
ବେଳକୁ ମୋ ଆଗରେ କରିଦିଅ
ମନା କି ଯେ ଯାତନା ।

ପୁରୁଷ : ଆକାଶର ପାଣି ସମୁଦ୍ର ଶୁକୁଆ
ଲକି ଆଇଲା ଦିନ ବିରି
ତମର ଟୋଣ୍ଡର ବଚନ ଶୁଣି
ମନେ ମନେ ହେଲି ଝୁରି ।।

ତୁମ ପ୍ରେମ ଆକାଶର ପାଣି ପରି
ଅପହଞ୍ଚ ସମୁଦ୍ର ଶୁଖୁଆପରି ଲୁଣି
ଯେଉଁଦିନେ ଘରକୁ ଆସନ୍ତି କୁଣିଆ
ସେଇଦିନ ବିରିପିଠା ଖାଇଲାର
ପରି ତୋ ମୁଖୁ ବଚନ ଶୁଣି ମନେ
ହେଲି କେତେଝୁରି ।

ସ୍ତ୍ରୀ : ଦେଶିଆ ଲଗାଏ ତେଲ ହଳଦୀ
ଗଡିଆ ଲଗାଏ ସାବୁ
ଆଜିର ଚଇତ ପରବ ଗିତ
ଏତିକି ରଉ
ତମର ଆମର ଲଥିତ ରେଲେ
କେବେ ହେଲେ ଭେଟହେଉ ।।

ଦେଶିଆ ଲଗାନ୍ତି ତେଲହଳଦୀ
ଓଡିଆ ଲଗାନ୍ତି ସାବୁନ ଆଜି
ଆମେ ଯେଉଁ ଗାଇଲେ ଗୀତ/ଚଇତ
ପରବ ଗୀତ ତାହା ଏତିକିରେ ରହୁ
ତୁମେ ଆମ ମନ ଏକାଠି ହେଲେ
ଆମ ସମାଗମ ହେଉ ।

ଅନୁବାଦ : ତୁ ନିଆଳି ଫୁଲ ପରି ସୁନ୍ଦର ଯେ
ତୁ ଶିଆଳୀ ମାଳ ପରି କେତେ ଛନଛନ
ନେଉଛି ବିଦାୟ ଏବେ ମୋପ୍ରାଣର ଧନ
ତୋ ପାଖରେ ଥିବା ତୋ ପାଖରୁ ଯିବା
ପାଇଁ ବଳୁନାହିଁ ମନ ।।

ପୁରୁଷ : ଯିବୁ ବେ ନିଆଳି, ଯିବୁବେ ସିଆଳି
ଯିବୁବେ ଜୀବର ଧନ

ଯିବା ଥିବା ବେଳେ ଜୀବର ଧନ
ଯିବାକେ ନ ଲାଗେ ମନ ।।

[ ସୂଚନା : ଚଇତ ପରବ ଗୀତ ଅବିଭକ୍ତ କୋରାପୁଟ ଜିଲ୍ଲା, ମଧ ପ୍ରଦେଶ ସୀମାନ୍ତରେ ଶୁଣିବାକୁ ମିଳେ । ଏହା ଶୃଙ୍ଗାର ରସପୂର୍ଣ୍ଣ ଗୀତ । ଚଇତ ପରବ ଗୀତକୁ ବାର ଭାଗରେ ବିଭକ୍ତ କରାଯାଏ, ଯଥା : ଡାଲମୂଲ୍ୟା ଗୀତ, ରସବିଷ ଗୀତ, ଦେବୀ ଜୁହାରିନି ଗୀତ, ହାସ ପରିହାସ, ଶୃଙ୍ଗାର ଗୀତ, ପ୍ରଶ୍ନ ଉତ୍ତର ଗୀତ, ବୀର ଗାଥା ଆଦି ।

ଚଇତ ପରବ ଗୀତ ଆଦିବାସୀମାନେ ସବୁ ଅବସରରେ ଗାଇଥାନ୍ତି । ଏହା ମୂଳତଃ ପ୍ରଶ୍ନୋତ୍ତର ମାଧ୍ୟମରେ ଗାନ କରାଯାଇଥାଏ । ଗୀତ କୁଡିଆ/ଗୀଦ୍ କୁଡିଆଣି ଚଇତ ପରବ ଗୀତର ପ୍ରଚାରକ ଭାବେ ବହୁ ସମ୍ମାନର ଅଧିକାରୀ ହୋଇଥାନ୍ତି । ଏମାନେ ଆଶୁ କବି । ଏମାନେ ପଦଯୋଡ଼ି, ପ୍ରକୃତିର ବହୁ ପ୍ରତୀକକୁ ନେଇ ଏକ ନିର୍ଦ୍ଦିଷ୍ଟ ଛନ୍ଦରେ ଗୀତ ଗାଇଥାନ୍ତି । ଏହି ଗୀତରେ ବିରାମ ନଥାଏ । ନିମ୍ନ କ୍ରମାନୁସାରେ ଚଇତ ପରବ ଗୀତ ଗାନ କରାଯାଇଥାଏ । ଯଥା : ଗୀତ କଣ୍ଠରେ ବସିବା ପାଇଁ ଦେବ ଦେବୀ ବନ୍ଦନା, ତାପରେ ଗାୟକ ପଚାରିବ ଗାୟିକାର ଗାଁ ନାଆ ଠିକଣା ତାପରେ ଉଭୟେ ପ୍ରେମ ବିବାହ ସାମାଜିକ ରୀତି ନୀତି ଚାଲି ଚଳଣକୁ ନେଇ ଉକ୍ତି ପ୍ରତ୍ୟୁକ୍ତି ମାଧ୍ୟମରେ ଗୀତ ଗାଇବେ । ଏଠି ଗୋଟିଏ ଉଦାହରଣ ଦେବା ଉଚିତ ହେବ :

ପୁରୁଷ : ସାରିଆ ବେଡାଏ ବସିଲା କୁଡି
ପାନି କାଏ ଉଡି ଉଡି
ସାଙ୍କୋଡି ଗୀତକୁ ଧାଇଁ ଆସିଲା
ସୋଲ ବାଂତି କଲା କୁଡି ।।

ସ୍ତ୍ରୀ : ସଲପି କାଟ୍‌ଲି ଡାଲିଆ ଟିକଲି
କେରେ ବସିଥାଏ କୁଆ
ଏ ପରା ବୟସେ ମାଇଁଜି ନ ମିଲ୍‌ଲେ
ଚକର ଲେକି ବାନ୍ଧିହୁଆ ।।

ଅନୁବାଦ : ପୁ : – ଗୋଲାକାର ଜମିରେ ଦଳ ଦଳ ହୋଇ କୁରି ନାମକ ଛୋଟ ଛୋଟ ପକ୍ଷୀ ଉଡି ଉଡି ପାଣି ପିଉଛନ୍ତି, ତୋତେ ଦେଖି ଗୀତ ଗାଇଲା ବେଳକୁ ଏ ପକ୍ଷୀମାନେ ପିଇଥିବା ପାଣି ସବୁ ବାନ୍ତି କଲେ ।

ସ୍ତ୍ରୀ : ସଲପି ଗଛର ସଲପ କାନ୍ଦିରୁ ଭଲ ସଲପ ଝରିବ ବୋଲି ବଣ ଡାଲିଆ (ଯାହା ଶୁଭଫଳ ଦିଏ) କୁ ପୋଡି ସେଥିରେ ଟୀକାନେଲି ଯେ ସେଥିରେ କୁଆ ବସିଲା/କି ଦୁର୍ଯୋଗ

ଯେ ଏପରି ବୟସରେ ତୋତେ ସ୍ତ୍ରୀ ମିଳୁ ନାହାନ୍ତି, ଯା ତମ୍ବାପତ୍ରରେ ମନ୍ତ୍ର ଲେଖାଇ ତାବିଜ ପିନ୍ଧେ ॥

ଏମିତି ଅସୁମାରୀ ଚଇତ ପରବ ଗୀତ ଝରେ ଆଦିବାସୀ ତୁଣ୍ଡରୁ ।

ଉପର୍ଯ୍ୟୁକ୍ତ ଗୀତ ସଂଗ୍ରହ :
ଶ୍ରୀ ଭୟାରାମ ନାୟକ
ଶିଂସାରି ଜିଲ୍ଲା : ନବରଙ୍ଗପୁରଙ୍କ
ଠାରୁ କରାଯାଇଛି ।

## ॥ ଚଇତ ପରବ ଗୀତ ॥

ନିମ୍ନରେ ନବରଙ୍ଗପୁର ଅଞ୍ଚଳର କସାଗୁମୁଡା ଗ୍ରାମରୁ ଯେଉଁଠାରେ ମୂଳଭତ୍ରା ଲୋକେ ବାସ କରନ୍ତି, ଚଇତ ପରବ ଗୀତ ସଂଗ୍ରହ କରାଯାଇଛି । ଚଇତ ପରବ ଗୀତ ମୁହଁରୁ ମୁହଁ ହୋଇ ଗଡି ଆସିଛି କେଉଁ କାଳରୁ । ପ୍ରଥମେ ପ୍ରଥମେ ଚଇତ ପରବ ଗୀତ ମୂଳଭାଷା ଓ ରୂପ କିପରି ଥିଲା ତାହା କହିବା ସମ୍ଭବ ହେଉନାହିଁ, କାରଣ ବର୍ତ୍ତମାନ କାଳରେ ବହୁଭାଷା ଏହି ଗୀତଗୁଡିକୁ ପ୍ରଭାବିତ କରିଛି, ତଥାପି ମୂଳାଭାବ ସେମିତି ଅତୁଟ ରହିଛି । ସେଇ ପ୍ରେମ ପ୍ରଣୟ ଗୀତ । ମନ ଦିଆ ନିଆ, ଭାବ ଘେନା ଘେନିର ଗୀତ । ଏହି ଗୀତରେ ଦେହ ଓ ଆନନ୍ଦ ହିଁ ମୁଖ୍ୟ । ଗୀତ ହିଁ ଜୀବନ, ଜୀବନ ହିଁ ଗୀତ ।

*[ ଗୀତ ଗାଇଛନ୍ତି : ଶ୍ରୀ ବୁଚନ ନାୟକ, କସା ଗୁମୁଡା, ସଂଗ୍ରହ ଶ୍ରୀ ଲକ୍ଷ୍ମୀଧର ମହାନ୍ତି ]*

ପୁରୁଷ : ଗାଆଁକେ ଗାଣ୍ଡା ୧
ଗୁଡିକେ ପୂଜାରୀ ୨
ନିତି ମାଗୁଥିବେ ସାରୀ ୩
ତୁଇ ସାରାବାଡା ୪ କରି
ତିଆରି କରି ରା
ଆସିନି ନଡିଆ ଧରି ।

ସ୍ତ୍ରୀ : ହାତେ ଗରି ଲାଟି ୫ କେତୁଆ
ଚେପ୍‌ଟି ୬ । ଉଦେପୁର ରଙ୍ଗମାଟି
ଆମର ପରା ଲକ୍‌କେ ପାଶରି

ଦେଲେ ଖାଇବସ୍ ଚୂଲିର ମାଟି ।

| | |
|---|---|
| ପୁରୁଷ : ବିବର ବରନ | ସ୍ତ୍ରୀ : ଚଉଦ ଯୋଜନ |
| ଉମର କୋଟ | ବସେ ରାକ୍ଷାସ |
| ତୁଲା ବିନା କାତା | ସତର ଯୋଜନ ବାଟ |
| ଗୁପତେ ରଖ | କାରି ସୁନ୍ଦରୀକେ ୧୦ |
| ତ୍ରିବିଦି ଶିକଲି | ବାଳୁତ କୁମର |
| ବାନ୍ଦେ କରାଟ । | କନ ଦିଗ୍ରେ ଏଲା ଭେଟ ।। |
| ପୁରୁଷ : କଅଁଲି କଅଁଲି | ସ୍ତ୍ରୀ : ଏସୁର ବରଷା |
| ମୁନିଗା ୧୧ ଡାଲି | ବଡ଼େ ବରଷା |
| ଗୁଲା ୧୨ ବିରି ସାଙ୍ଗେ ଭଲ | ଛେଲି ମରିଗଲା ଶୀତେ |
| ମାଙ୍ଗନି ୧୩ ଟାକ୍ନି ୧୪ | ହାରାଏ ନିଆଳି |
| ବଡେ ଝଞ୍ଜକନା ୧୫ | ଜିତାଏ ନିଆ |
| ଉଦ୍‌ଲିଆ ୧୬ ଗଲେ ଭଲ ।। | ଚଇତ ପରବ ଗୀତେ । |
| ପୁରୁଷ : ମାଘେ ମଇଁଷି | ସ୍ତ୍ରୀ : ସୁରୁ ଚାଚି ୨୧ ଚେଡେ |
| ଦିବସେ ଘଡା ୧୭ | ମୁନିଗା ଗଛେ |
| ବାଦେ ୧୮ ପକାଇଲା ଗାଇ | ଆଇସି ବଲତେ ମୁଇଁ |
| ପଣ୍ଡ ୧୯ ପୁଷ ମାସେ | ଶୋଇ କରି |
| ରଜବତୀ ହେଲେ | ଚେତା ଆଚେ । |
| ସେ ଅବିଶ ୨୦ ମୁନୁଷ ଖାଇ । | |
| ପୁରୁଷ : ଆଟଟା ଡଙ୍ଗରି | ସ୍ତ୍ରୀ : ପାକଲା ଆମାକେ |
| ନଅଟା ଝଲ | ରଜ ମହନି |
| ଝଲାରେ କି ଜନ୍ତୁ ମଲା | ପଡିଲା ତୋଟା ବିତରେ |
| ଝଲା କାଟିକରି | କାଲି ସଞ୍ଜବେଲେ |
| ପାନି ଆନୁଟିଲା | କି କତା କଇଲୁ |
| କି ଜନ୍ତୁ ବଲାଇ ହେଲା ? | ପଡିଲା ମନ ବିତରେ ।। |

ପ୍ରେମଗୀତ (ଚଇତ ପରବ ଗୀତ) ଗାଇଛନ୍ତି = ଲକ୍ଷ୍ମୀ ଭତ୍ରା ଓ ସ୍ୱାମୀ କମଳ ଲୋଚନ ଭତ୍ରା, ନୂଆଗୁଡା ଗ୍ରାମ, ଉମରକୋଟ ।

ପୁରୁଷ : ପାଲ୍ଲା କୁମଡା =
ଭିତରେ ରଙ୍ଗ
ଘଟାଇଲେ ଘଟିଯିବ [୨୩]
ତୁଇ ନାଇଁ ବଲିଦେଲେ
ତେବେ ସିନା ଫିଟିଯିବ ।

ସ୍ତ୍ରୀ : କୁମଡା ରପିଲି [୨୪]
ଗବର ଖତେ
ମାଲଗଲା ପରବତେ
ବସାଏ [୨୫] ବେଡି କା [୨୬] ଯରକା
ରାବଣରେ ଫୁଲ ରଥେ ।

ପୁରୁଷ : ଝି ବଲୁଅଛି
ଝିଇଁବି ଖାଇବି
ମନ ବଲୁଅଛି
ଧନ ଅରଜିବି
ଜମନି ଖୋଲାଏ ଖାଲ
ମାଛ ବଲୁଅଛି
ସମୁଦ୍ରେ ଡେଇଁବି
କେଉଁଟ ପକାଏ ଜାଲ ।

ସ୍ତ୍ରୀ : ଆମ ବଡ ବଡ
ତେତଲି [୨୭] ଚେମଡ [୨୮]
ତୁମଠାରୁ ଆମେ ବଡ
ରାଣ୍ଡି ଦୁକିକେ
ଭାଙ୍ଗା କୁଡିଆ
ରଜାକେ ସୁନ୍ଦର ଗଡ଼ ।

ପୁରୁଷ : ଶିରି ପରବର୍ତୋ
ଆଲା କୋଲି
ଜିଆଦ ଯାଉଚି ପେଲି
ପୋଟି ସାମରକୁ [୩୦]
ଝୁମକା ନଲି
ମୁଇଁ ପାକେ [୩୧] ଭିଡି
ଚାପିଦେଲି ॥

ସ୍ତ୍ରୀ : ଅନୁମାନ କଲା
ହନୁକେ ସାରଲା
କଦମ ଫଳୁଚି ବିନେ
ଆଟ ବଦନରେ
ଗଦନ କରୁଚୁ
କିସ ବିଚାରୁର ମନେ

୧. ଗାଣ୍ଡା : ଘର ଘର ବୁଲି ଯେଉଁଲୋକ ଖବର ଅନ୍ତର ଦିଏ/ପୂର୍ବକାଳରେ ଜୟପୁର ରାଜାଙ୍କ ଦ୍ୱାରା ରାଜସ୍ୱ ଆଦାୟ କରିବା ପାଇଁ ନିଯୁକ୍ତ ଡମ ଜାତିର ଲୋକ । ୨. ପୂଜାରୀ : ଗାଁ ମାନଙ୍କରେ ସେବା ପୂଜା କରୁଥିବା ଲୋକ । ୩. ଶାରୀ-ଭୋଗ ଭତିଆ (ଛଞା) ଚାନ୍ଦା । ୪. ସାରାବାଡା - ଠିକଣା କରି/ଠିକ ଭାବରେ ୫. ଗରିଲାଟି = ବନ୍‌ଶୀ କଣ୍ଟା ୬. କେତୁଆ = କେଞ୍ଚୁଆ ରଖିବା ବାଉଁଶ ମୁଣି ୭. ଖାଇବିସ = ଖାଇବୁ ଶବ୍ଦଟୀକା ୮. ବିବର ବରନ = ଅନ୍ଧକାର/ରାତିର ରଙ୍ଗ ୯. ତ୍ରିଦିବି = ତିନିସୋହା ୧୦. କାରି ସୁନ୍ଦରୀ = ଶ୍ୟାମତନ୍ୱୀ/କୃଷ୍ଣା ୧୧. ମୁନିଗା = ସଜନାଛୁଇଁ ୧୨. ଗୁଲାବିରି =

ଗୋଟା ବିରି ୧୩. ମାଙ୍ଗନି = ବିବାହ ପାଇଁ ପ୍ରାର୍ଥୀ ହେବା ୧୪. ଟାକନି = ଅପେକ୍ଷା କରିବା ୧୫. ଝଞ୍ଜକନା = ଦହଗଞ୍ଜ ୧୬. ଉଦ୍‌ଲିଆ = ବିବାହ ପୂର୍ବରୁ ପୁଅଝିଅ କଥା ହୋଇ ଅନ୍ୟ ଗାଁକୁ ଚାଲିଯିବା ଏବଂ ପରେ ବର/କନ୍ୟା ପକ୍ଷରୁ ରାଜିରେ ବିବାହ କରିବା ୧୭. ଘଡା = ଘୋଡା ୧୮. ବାଦେ = ଭାଦ୍ରବ ମାସରେ ୧୯. ପଣ୍ଡ = ମର୍ଗଶୀର ମାସ ୨୦. ଅବିଶ = ଅବଶ୍ୟ/ନିଶ୍ଚୟ ୨୧. ସୁରୁଚାଟି = ଛୋଟ ପିମ୍ପୁଡ଼ି ପରି ପ୍ରାଣୀ । ୨୨. କୁମଡା = କୁମୁଣ୍ଡା= ବୋଇତାକୁ ୨୩. ଘଟାଇଲେ ଘଟିଯିବ = ସଂଭୋଗ ସମ୍ପନ୍ନ ହେବ ୨୪. ରପିଲି = ରୋପିଲି/ପୋତିଲି ୨୫. ବସାଏ = ବସାଇ ୨୬. ନେତିକାୟ= ନିଅନ୍ତି କି (ପରା) ୨୭.ତେତଲି = ତେନ୍ତୁଳି ୨୮. ଚେମଡ = ଚେମଡା ୨୯. ଶିରି ପରମିତ = ଉଚ୍ଚ ପର୍ବତ ୩୦. ପୋଟି ସାମର = ଧଳା ଦିଶୁଥିବା ସମ୍ବର ୩୧. ପାକେ = ପାଖରେ

ପୁରୁଷ : ଏ ନନିରେ ଏ..ଏ..ଏ...
ଅତି ଛନ ଛନ ଚନ୍ଦ୍ରମା ବଦନ
ତଙ୍କା କାର ଲଗେ ତ'ର ମନ
ନା ମିଲାଇ କରି ମିଲାଇଲି ଆଚେ
ଉମର କୋଟିଆନି
ପୁନିଅ ଜନ ସମାନ ।

ସ୍ତ୍ରୀ : ଏ ନନାରେ ଏ..ଏ...ଏ..
ମୁଣ୍ଡା ବାନ୍ଧିଗଲା ପେଚ ପାଟିଆ
ମୁଣ୍ଡାକେ ଜିତିରା ପାନି (୨ ଥର)
ନନା ରସବତୀ ଅଇନଲା ମାଲତି
ମୁଣ୍ଡାକେ ଜିତିଲା ପାନି
ଦାଣ୍ଡିଆ ମୁଣ୍ଡିଆ ମେଷ ମରାମରି
ଆଲେ ତର ମୁଦି ଦେକି ଦେକୁ ପୁନି ॥

ଅନୁବାଦ - ପୁ- ତୋତେ ନନି (ଯୁବତୀ ଝିଅ) ବୋଲି ସମ୍ବୋଧନ କରି ଗୀତ ଗାଉଛି ଯେ ତୋର ମନ ଅତି ଅସ୍ଥିର, କାହାଠାରେ ତୋର ମନ ରହିଛି, ମୋ ଉମରକୋଟ ଗାଁର ଝିଅ ତୋ ପରି ଅମୂଲ୍ୟ ମୂଲକୁ ପାଇ ଜାଣୁଛି ଯେତୁ ଯେମିତି ପୁନିଅର ଜହ୍ନ ।

ସ୍ତ୍ରୀ : ଦେଖ ତୁମ ପରି ଯୁବକ ମାନେ ବନ୍ଧ (ପୋଖରୀ)ରେ ହୁଡ଼ା ବାନ୍ଧିବାକୁ ଯାଉଛନ୍ତି ଯେ ହୁଡାକୁ ତ ପାଣି ବଳେ ପଡୁଛି । ଦେଖେ କେତେ ମାଳତି ଲଟା ପରି ରସବତୀ

(ରସପୂର୍ଣ୍ଣ ଯୁବତୀ ଗଣ) ଙ୍କୁ ସେମାନେ ତ ପୋଖରୀର ହୁଡା ମାନୁ ନଥିବା ପାଣି ପରି, ତୁମେ ତୁମ ପୌରୁଷତ୍ୱ କୁ ଦେଖାଇବା ପାଇଁ ନିଶରେ ହାତଦେଇ ବାଦ କରୁଛଯେ, ଏବ ଯାଏ ତ ମୁଁ ତୁମକୁ ମୋଟେ ଜାଣି ନାଇଁ ।

ପୁରୁଷ : ଥାନିକେ ପବନ ଦୁଇ ସମାନ
ଭଲେ ଆଶା କଲି ତକେ
ସରଦା ନାଇଁକି ଚନ୍ଦ୍ରମା ବଦନି
ଦୟା ନାଇଁ ପୁଣି ଚିତ୍ତେ
ମାଲିକର ଦୀପ ଦିଉହି ଦାଲିକି
ଭାରି ଆସ ଆମ ପାଶ ।

ସ୍ତ୍ରୀ : ପାନିକେ ପ୍ୱବନ ଦୁଇସମାନ
ମେଘ ଦେଉଅଛି ରଡ଼ି
ତମେ ଆମେ କିନା ସାଙ୍ଗର ଯୋଡ଼ି
ଯମ ନେଲେ ଛାଡା ଛାଡି

ଡୁଗିଯା ବିଡିଯା ଚନ୍ଦନ ବନେ
ଘୁଚାଘୁଚି ନାଇଁ କେନେ
ତମେ କଲିଆକେ ଆମେ କଲିଆ
ଭୁମି ମାଟି ଲଲେଲିଆ
ତମେ ଆମେ କିନା ଏକା ଜୁଲିଆ
ପରାଉଁବେ ଉଧଲିଆ ।

ଅନୁବାଦ - ମୁଁ ପବନ ପରି ତୁ ପାରି ପଣି ଯେ, ତୋତେ ଯାହା ଆଶାକଲି, ମୁଁ କଣ ଜାଣିଥିଲି ତୁ ଏତେ ନିର୍ଦ୍ଦୟ ବୋଲି ତୋ ଚିତ୍ତରେ ଟିକିଏ ଦୟା ନାହିଁ କି, ମାଣିକ ଦୀପର ଦିହୁଡି ଜାଳି ମୋ ପାଖକୁ ଆସ ।

ସ୍ତ୍ରୀ: ମୁଁ ଜାଣେରେ ମୁଁ ପାଣି ପରି ତୁ ପବନ ପରି ଦେଖେ ମେଘ ସଙ୍କେତ ଦେଲାଣି, ତୁ ମୁଁ ତ ଏକା ବୟସର, ଆମର ପ୍ରେମ ଏତେ ନିବିଡ଼ ଯେ ଯମ ଛୁଇଁଲେ ଯାଇ (କେବଳ ମୃତ୍ୟୁ ହେଲେ) ଆମେ ପରସ୍ପର ଠାରୁ ଅଲଗା ହେବା । ଆ ମୋତେ ଭିଡ଼ି ଧରି ଚନ୍ଦନ ବନ ର ବାସ ପରି ମୋର ଦେହ ଯେ, ଗାଢ଼ ଆଲିଙ୍ଗନରେ ମଜ୍ଜି ଯିବା ଅଲଗା ହେବା ନାହିଁ । ତୁମେ ମୁଁ ଏକାପରି ଯେ ଚାଲେ ଉଦୁଲିଆ ଚାଲିଯିବା ।

[ ଗୀତ: ରାମନାଥ ଭତ୍ରା, ବୟସ ୫୫, ପିତା - ପନକୁ ଭତ୍ରା ମା- ସୁକଦେଇ ଭତ୍ରା, ଲେଙ୍ଗଡ଼ା ଗୁଡ଼ା ଗ୍ରାମ, ପୋ: ସୁଙ୍କି ଗାଁ, ଭା- ଉମରକୋଟଙ୍କ ଠାରୁ ସଂଗୃହୀତ/ ସହଯୋଗ- ଶ୍ରୀ କେଦାରେଶ୍ୱର ପଟ୍ଟନାୟକ, ଧଡ୍ରା, ଜିଲ୍ଲା- ନବରଙ୍ଗପୁର ]

*ସମସ୍ତ ଅନୁବାଦ : ସୁବାସ ଚନ୍ଦ୍ର ମିଶ୍ର*

## ବିବାହ ଗୀତ (ଝିଅକୁ ତେଲ ଲଗାଇବା ବେଳେ ଝିଅ ଗାଏ)

ଝିଅ: ଆୟା ବୋଲିରେ ଆୟା ଲୋଗ୍
ଦିରେ ଚେଗା ତେଲ
ରାତି ସରିକେ ବେଟି ବାଢ଼ିଲା
ଜାନ୍‌ଲେ ଚିନ୍‌ଲେ ଦନେକ ପେଜି
କସଲେକ୍ ପାନି
ନାଇ ଜାନ୍‌ଲେ ଗୋଡ଼ର ଧୁରଲି ।।

ଅନୁବାଦ- ମୋ ଗୋ ତୁ ଧୀରେ ତେଲ ଲଗେଇଦେ । ରାତି ବଢ଼ିଲା ପରି ତୋ ଝିଅ ବଢ଼ିଲାଯେ (ଶାଶୁଘରକୁ ଗଲାପରେ) ମୋର ମନକଥା ଜାଣିବେ, ମୋତେ ଚିହ୍ନିବେ ତାହେଲେ ପେଜ ଦନାଏ, ଢାଳେ ପାଣି ଦେବେ ନହେଲେ ମୋତେ ପାଦର ଧୂଳି ପରି ତୁଛ ମନେ କରିବେ ।

*ଗୀତ: ମଙ୍ଗଲ୍ ଦେଈ ଭତ୍ରା ସ୍ୱା: ମନଜା*

*ଭତ୍ରା/ଲଙ୍ଗଡ଼ାଗୁଡ଼ା*

## ଦେବୀ ଜୁହାରନି ଗୀତ(ପୂଜା/ପର୍ବକାଳରେ ଗାତ କରାଯାଏ)

[ ଭତ୍ରାମାନଙ୍କର ବହୁ ଲୋକ ଦେବତା । ଏହି ଦେବତାମାନଙ୍କ ମଧ୍ୟରୁ କେତେକ ମଙ୍ଗଳ କାରୀ କେତେକ କ୍ରୋଧିତ ହେଲେ ଅମଙ୍ଗଳ କରନ୍ତି ଏବଂ ଭୋଗ ରାଗ ଦେଇ ସ୍ତୁତି କଲେ ଅମଙ୍ଗଳର ବିନାଶ କରନ୍ତି ଆଉ କେତେକ ଅପଦେବତା ଶ୍ରେଣୀର, ସର୍ବଦା ଅସନ୍ତୁଷ୍ଟ, ବଳିପୂଜାରେ ମନ, ଅଶୁଭକାରୀ, ଏମାନେ ରୋଗ, ମରୁଡ଼ି, ମଡ଼କ, ମୃତ୍ୟୁର ଦେବତା, ଏମାନେ ବହୁ ତ୍ରାସ ଦାୟୀ ବୋଲି ଭତ୍ରା ଲୋକ ବିଶ୍ୱାସ । ନିମ୍ନରେ କେତେକ ସଂଗୃହୀତ ଦେବ-ଦେବୀ ଗୀତ ଦିଆଗଲା ।]

॥ ୧ ॥

ଜଗାର ଘରେ ଇଆ
ଧନକୁଲ ଘରେ ଇଆ
ଜଗାର ଘରେ ତମି ଆସ୍‌ଲେ ଦେବୀ(୨ଥର)
ବେଲକେ ପତରିଆ
ଦୂପ କେ ଆରତିଆ ॥
ଏ ଦେବୀ ତୁଇ ଭଣ୍ଡାରନି (୨ଥର)
ଜଗାର ଘରେ ତମି ଇଆ
ଧନକୁଲ ଘରେ ଇଆ
ଧନକୁଲ ଘରେ ତମି ଆସ୍‌ଲେ ଦେବୀ
ବେଲକେ ପତରିଆ
ଦୂପ କେ ଆରୁତିଆ ॥

ଅନୁବାଦ: ଆସ୍ଥାନରେ ବିଜେକର ମା, ତୁମେ କୁଳଦେବୀ ଭାବେ ବିଜେ କର, ତୁମେ ଆସିଲେ ବେଲପତ୍ରରେ ମଣ୍ଡଣି କରିବୁ ମା, ଧୂପବାସରେ ଆରତି କରିବୁ ।

ମା ଭଣ୍ଡାର ଘରଣୀ, ଆସ୍ଥାନରେ ବିଜେକର ମା କୁଳଦେବୀ ବିଜେ କର, ତୁମେ ଆସିଲେ ନେଇ ପତ୍ରରେ ମଣ୍ଡଣି କରିବୁ ମା, ଧୂପ ବାସରେ ଆରତି କରିବୁ ।

[ସବୁ ଦେବ ଦେବୀଙ୍କ ନାମ ଦେଇ ଏହି ଗୀତର ପୁନରାବୃତ୍ତି କରାଯାଇପାରେ ।]

*ଗୀତ ସଂଗ୍ରହ : ସମ୍ପାରୁ ମାଝୀ, ବଜ୍ରଗଡ଼, କସାଗୁମୁଡ଼ା, ନବରଙ୍ଗପୁର*

॥ ୨ ॥

କାଚା ଦୁଦ୍ ଖାଇ ଦୁଲାର ଦେଇ
ଅଲପ୍ ଦିନର କାଚା
ଶିଲ ଫାଟି କରି ଜାତ ହେଲାଚି

ବୁଡ଼ି ଟକରାନି ମାତା
ବୁଡ଼ି ଟକରାନି ବିଗସେ ମାତା
ବିଗସିଲେ ଦଗଦେତା ।।

ଅନୁବାଦ: ଗୃହ ଦେବୀ ଦୁଲାର ଦେଇ କଞ୍ଚା ଗାଈ କ୍ଷୀରରେ ସନ୍ତୁଷ୍ଟ ହୁଅନ୍ତି । ଏହି ବୁଢ଼ୀ ଠାକୁରାଣୀ ମାଟି ଗର୍ଭରୁ ଜାତ ହୋଇଛନ୍ତି, ସେ ପ୍ରସନ୍ନ ହେଲେ ବରଦେବେ ।

*ଗୀତ ସଂଗ୍ରହ : ଭାଲଚନ୍ଦ୍ର ତ୍ରିପାଠୀ*
*ପାପଡ଼ାହାଣ୍ଡି*

।। ୩ ।।

ପର୍ବତ ପର୍ବତ ସାତ ପର୍ବତ
ସିଂହାସନ ମାଟିଏ ନନ୍ଦପୁର
ଅଛନ୍ତି ବୁଢ଼ା ଭଇର
ତାଙ୍କ ନାମ ଧରି ଗୀତ ମୁଁ ଗାଇବି
ଆମ କଣ୍ଠେ ବିଜେକର
ଦେବତା ଆସନେ ଫୁଲର ଲାଠି
ଜୋହାର ଯାଗାର ମାଟି ।।

ଅନୁବାଦ: ଚାରିଆଡ଼େ ପର୍ବତ ମୟ । ସାତ ପର୍ବତ ମଝିରେ ନନ୍ଦପୁର ରାଜ୍ୟ । ଏଠି ଭୈରବ ଦେବତା ବିଜେ କରିଛନ୍ତି । ତାଙ୍କୁ ମୁଁ ପ୍ରାର୍ଥନା କରୁଛି ସେ ମୋ କଣ୍ଠରେ ବସି ଗୀତର ପଦମାନ କହି ଦିଅନ୍ତୁ । ତାଙ୍କ ବିଜେସ୍ଥଳୀରେ କାଠିରେ ଗୁନ୍ଥା ଫୁଲସୋରା ଶୋଭା ପାଉଛି । ମୁଁ ଏହି ପବିତ୍ର ମାଟିକୁ ନମସ୍କାର କରୁଛି ।

[ନନ୍ଦପୁର, କୋରାପୁଟ ଜିଲ୍ଲା ଲୋକମୁଖରେ ପ୍ରଚଳିତ ଚଇତି ପରବ ଗୀତରୁ ସଂଗୃହୀତ ।]

॥ ୪ ॥

ଉଠ ଉଠ ମର ମଡି ମସାନ
କି ପୂଜା ମାଗିବ ମତେ
ବିଲେଇ ମେଣ୍ଡକା ଚିକଟା ଅପା
ସେ ପୂଜା ଦେବୁ ତୁ ମତେ
ଗାଓଁ ଦେଇ ମାତା କଙ୍କାଳି ଦେବତା
ବାବୁ ଚଅଁରିଥା ବୀର
ଜୋହାର ଜୋହାର ସୋନାଦେଇ ଗୋ
ଆଜ ମତେ ରକ୍ୟା କର
ଭୋଗ ଦିଅ ମାଇ ତାଲି ଓଡିବି
ନବସରେ ପୂଜା ଦେବି ।

ଅନୁବାଦ: ହେ ଶ୍ମଶାନବାସୀ ସମସ୍ତ ଦେବତା (ଏଠି ଅପଦେବତା) ଉଠ ଜାଗ୍ରତ ହୁଅ, କି ବଳି ମାଗୁଛ କହ ବିଲେଇ, ବେଙ୍ଗ, ଅସରପାର ରକ୍ତ ଖାଇ ସନ୍ତୁଷ୍ଟ ହୁଅ । ମା ଗ୍ରାମଦେବତୀ, ମା କଙ୍କାଳିନୀ (କାଳିକା ଦେବୀ), ଚଅଁରିଆ ପରାକ୍ରମୀ ଦେବତା, ମୋତେ ସମସ୍ତ ବିପଦ ଆପଦରୁ ରକ୍ଷାକର । ଥାଳିରେ ନଅ ପ୍ରକାର ଭୋଗ ଅର୍ପଣ କରୁଛି, ସନ୍ତୁଷ୍ଟ ହୁଅ ।

*ଗୀତ ସଂଗ୍ରହ: ରାମନାଥ ନିର୍ଗତ, ୬୦ ବର୍ଷ, ଲେଙ୍ଗଡ଼ାଗୁଡ଼ା (ନାଟପୁର), ଉମରକୋଟ ଠରୁ, ସହାୟତା: ଶ୍ରୀ ପୀତାମ୍ବର ବେହୁରିଆ, ଧତ୍ରାଗ୍ରାମ, ଉମରକୋଟ ।*

॥ ୫ ॥

ଅନ୍ଧାରି ବନକୁ ବଲିବନ ମାରିଲୁ ବାସ ଚନ୍ଦନ
ଛାନ୍ଦନା ଗାଇଲୁ, ବାନ୍ଦନା ଗାଇଲୁ ଛଡିଲା ଦେବୀ ବାନ୍ଧନ
ସବୁର ଜନମ ଖୁଟ ପଲାସୋ ରାହୁର ଜନମ ଗଛେ
କେତେ ଦୋହରିବି ଦେବୀ ଦେବ୍ତା
ସବୁ ଦେବ ସାକ୍ଷୀ ଆଛେ ॥

ଅନୁବାଦ: ଅନ୍ଧାର ବଣକୁ ଝଲ ମଲ ବିଜୁଳୀ ଆଲୋକିତ କଲାପରି ତୁମକୁ ବାସ ଚନ୍ଦନ ଅପଣ କରି ତୁମକୁ ସ୍ତୁତି କଲୁଯେ, ଛାନ୍ଦ ଗାଇଲୁ ଯେ, ବନ୍ଧନରୁ ମୁକ୍ତି ଦେବା ପାଇଁ ଗୀତ ଗାଇଲୁ ଯେ, ଆମେ ଜୀଣୁ ସମସ୍ତ ଦେବଦେବୀ ପଲାସ ମୂଳରୁ ଜନ୍ମ ହୋଇଛନ୍ତି, କେବଳ ରାହୁ ଦେବତା ଗଛରୁ ଜନ୍ମ, ଆଉ କେତେ ଦେବତାଙ୍କୁ ସ୍ତୁତି କରିକି ସମସ୍ତେ ମୋର ସାକ୍ଷୀ ଅଛନ୍ତି ।

*ଚଉତ ପରବ ଗୀତ/ଲକ୍ଷ୍ମୀ ଭତ୍ରା/*

*ନୂଆଗୁଡ଼ା/ଉମରକୋଟ/ଠାରୁ,*

*ସୁବାସ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ସଂଗୃହୀତ ।*

## ।। ଚାଖନା ଗୀତ ।।

ଭତ୍ରୀ ଲୋକଗୀତରେ ଚାଖନା ଗୀତ ଶୁଣିବାକୁ ମିଳେ । ଏହି ଗୀତ ଦୁଇ ପାଦରେ ଏକ ପଦ ହୁଏ । ପ୍ରଥମ ପାଦ ରେ ବିଷୟର ପ୍ରସ୍ତାବନା ଓ ଦ୍ୱିତୀୟ ପାଦରେ ଗୀତର ଉଦ୍ଦେଶ୍ୟ କୁହାଯାଏ । ଏହା ଗେୟଧର୍ମୀ ଓ ମୂଳତଃ ପ୍ରେମ ପ୍ରଣୟର ଭାବକୁ ନେଇ ରଚିତ । ଏହା ମୌଖିକ ସାହିତ୍ୟ (Oral Literature) ର ଅନ୍ତର୍ଭୁକ୍ତ । ନିମ୍ନରେ ନବରଙ୍ଗପୁର ଅଞ୍ଚଳରେ ଶୁଣିବାକୁ ମିଳୁଥିବା ଚାଖନାଗୀତର କେତେକ ଉଦାହରଣ ପ୍ରଦତ୍ତ ହେଲା ।

୧ ।। ବାରଙ୍ଗ ଦଉଡ଼ି ଟେଣ୍ଡକା ଫାଶ

ଆମର ଗାଁଏ ଭାରିଆସ ।

ଅନୁବାଦ: ବାରଙ୍ଗ ଘାସ ତିଆରି ଫାଶରେ ଏଣ୍ଡୁଅ ଛଟ ପଟ ହେଲାପରି ମୁଁ ତମ ପ୍ରେମ ରୂପକ ଫାଶସ୍ୱିରେ ପଡ଼ି ଅସ୍ଥିର ହେଇ ମିନତି କରୁଛି ଯେ ତୁମେ ଆମ ଗାଁକୁ ଆସ । (ଦେହ ପାଇଁ ଦେହ ଲୋଡ଼ିବା ପଣ)

୨ ।। ମା ପିଲା ଭାଲୁ ମହୁଲ ଗଛେ

ଯା ହେଲେ ହେଉ ପଛେ ।

ଅନୁବାଦ: ସଂଜବେଳ । ପିଲା ଦେଇଥିବା ମା ଭାଲୁ ମହୁଲ ଖାଇବାକୁ ଗଛ ମୂଳକୁ ଆସିଛି । ମଣିଷ ଦେଖିଲେ ଧାଇଁ ଆସି କ୍ଷତାକ୍ତ କରିବ । ଏମିତି ଏକ ଭୟଜନକ ସ୍ଥିତିରେ ପରିଣାମ କୁ ଖାତିରି ନକରି ମୁଁ ତୋ ସହିତ ମିଳିତ ହେବା ପାଇଁ ଏଠାକୁ ଆସିଛି ଯେ ।।

୩ ।। ପାଣି ସାରି କରି ଛେକିଲା ଖରା

ସତେ ପ୍ରୀତି ହେଲା ପରା ।।

ଅନୁବାଦ : ବର୍ଷା ହୋଇ ଛାଡ଼ି ଗଲା ପରେ ଖରାପଡ଼ିଲେ ଯେମିତି ମନୋହାରୀ ଲାଗେ ସେମିତି ତୋ କଥା ଶୁଣି ତୋତେ ସଂଭୋଗ କଲା ପରି ମନେହେଲା ।

୪ ॥ ଦେହ ଛନ ଛନ ବାହାରେ ମନ
କେବକୁ ଦେଖିବି କାଲିଆ ଧନ ।

ଅନୁବାଦ : ଦେହ ମୋର ଉଚ୍ଛନ୍ନ ହେଉଛି । ସବୁବେଳେ ମନ ବାହାରେ କେଉଁଥିରେ ମନ ଲାଗୁନାହିଁ, କେବେ ପୁରୁଷ ସହ ମିଳନ ହେବ କିଏ ଜାଣେ ?

୫ ॥ ଆସ ବାଲିଫୁଲ ଧରିବି କୋଳେ
ଝୁମୁ ଝୁମୁ ନିଦବେଳେ ।

ଅନୁବାଦ : ବାଲିଯାତ୍ରାରେ ବାଲିଫୁଲ ବାନ୍ଧିଛି ଗୋ ଯୁବତୀ ରତନ, ଆ! ଅଧା ନିଦ ଅଧା ଜାଗ୍ରତ ଅବସ୍ଥାରେ ତୋତେ କୋଳେ ବସାଇବି ।

୬ ॥ ଝକି ଗଲା ମୋର ଫଟା କପାଳ
ତମେ ତ ଗଳାର ମାଳ ॥

ଅନୁବାଦ : ତୁମ କଥା ଶୁଣି ମୋ ଭାଗ୍ୟ ଉଜୁଳି ଗଲା । ତୁମେ ମୋ ବେକରେ ଶୋଭା ପାଉଥିବା ସୁନାମାଳି ପରି ସୁନ୍ଦର ଯେ ।

୭ ॥ କଞ୍ଚାଜାମ୍ଭ ଡ଼ାଳ ଟିପ ସୁନ୍ଦର
ଖାଇଲେ ସିନା ମଧୁର ।

ଅନୁବାଦ : କଞ୍ଚା ଜାମୁକୋଳି ଡାଳର ଟିପ ଯେମିତି ରମଣୀୟ ସୁନ୍ଦର ତୁ (ଯୁବତୀ) ସେମିତି ସୁନ୍ଦରୀ ଯେ, ତୋତେ ଖାଇଲେ (ସଂଭୋଗ କଲେ) ସିନା ତୁ କେତେ ମଧୁର ଜାଣି ହେବ ।

୮ ॥ ତୁ ତ କୁଳି ବୁଟା ବାସିନି ଛାଇ
ଜୀଉ ଅଛି ଦୟା ନାଇଁ ॥

ଅନୁବାଦ : ତୁ ତ କୋଳି ବୁଦା ଓ ବାସିନି ଗଛର ଛାଇ ଶାନ୍ତି ଦେଲା ପରି ତୁ ମୋତେ ଶାନ୍ତି ଦେବୁ ବୋଲି ଆଶା କରିଥିଲି ଯେ, ଯଦିଓ ତୋ ପ୍ରାଣ ଅଛି, ଚିତ୍ତରେ ମୋ ପ୍ରତି ଦୟା ନାହିଁ ।

୯ ।। ପାଣି ମାରିଗଲା ଝଡ଼କ ଝାଇଁ

ଜଡ଼ାବନ୍ଧେ ପାଣି ନାହିଁ ।।

ଅନୁବାଦ : ଜୋରରେ ଅସାରାଏ ବର୍ଷା ହୋଇ ଛାଡିଗଲେ ବି ପୋଖରୀରେ ବୁନ୍ଦାଏ ପାଣି ନରହିଲା ପରି ରେ ଯୁବକ ତୁ ଏତେ ଅସ୍ଥିର ଯେ ମୋତେ ଛୁଇଁଲା ମାତ୍ରକେ ତୁ ସ୍ଖଳିତ ହୋଇଯିବୁ, ମୁଁ ସେମିତି ଶୁଖିଲା ପୋଖରୀ ପରି ଅସନ୍ତୁଷ୍ଟ ହୋଇ ରହିଯିବି ।

୧୦ ।। ବଣର ଭିତରେ ବଣ ମନ୍ଦାର

ତମେ ନିନିଧନ ବଡ଼େ ସୁନ୍ଦର ।।

ଅନୁବାଦ : ବଣରେ ଫୁଟିଥିବା ବଣ ମନ୍ଦାର ପରି ତୁମେ ସୁନ୍ଦର ଯେ, ମୁଁ ତୁମକୁ କେମିତି ମୂର୍ଚ୍ଛିବି ।

ଅବିଭକ୍ତ କୋରାପୁଟ ଜିଲ୍ଲାର ନନ୍ଦପୁର, ପାଡୁଆ ଅଞ୍ଚଳ ଠାରୁ ନବରଙ୍ଗପୁର, ଜୟପୁର, କୋଟପାଡ଼, ପାପଡାହାଣ୍ଡି, କସା ଗୁମୁଡ଼ା, ଉମରକୋଟ ଅଞ୍ଚଳରେ ବାସ କରୁଥିବା ଭତରା ତଥା ଅନ୍ୟ ସଂପ୍ରଦାୟଙ୍କ ମୁହଁରୁ ଏ ଗୀତ ଶୁଣିବାକୁ ମିଳେ ।

## ।। ନିନ୍ଦାନି (ନିଜାନି) ବେଡ଼ା ଚଇତ ପରବ ଗୀତ ।।

## ଜମିରେ ଧାନବଛା ବେଳ ଗୀତ

ପୁରୁଷ : ବେଡାନେ ପଶିଲି ଧାନ ନିଞ୍ଜାଇଲି

ପାଟୀ ପାଛେ ଥେବିଗଲି

ଚୁନ୍‌ଚି ହଟାଇ ଧୂଙ୍ଗିଆ ଖାଇ

ଛନେ ପୁରେ ନିହାରିଲି

ନିହାରି ହୋଇଲି ଛନ

ଧାନ ବେଡା ଥାନେ ଭତ୍‌ରି ଗାଲାକି

ପୁନିଆ ରାତିର ଜନ

ପୁନିଆ ରାତିର ଜନ

କି ବୋଲି ଡାକିବି ଅଜନା ଅଚନା

ସାଙ୍ଗିଦିଆ ତୋମର ନାମ ।

ଅନୁବାଦ : ଜମିରେ ପଶିଲି । ବାଲୁଙ୍ଗା ବାଛିଲି । ଜମି ହୁଡ଼ା ପାଖରେ ଟିକିଏ ରହିଗଲି । ଅଣ୍ଟା କରାଟ ରୁ ଧୂଆଁଗୁଣ୍ଡ ବାହାର କରି ପାଟିରେ ପକାଇଲି । ଝିପି ଝିପି ବର୍ଷାରେ ଚାରି ଆଡକୁ ବିସ୍ମିତ ହୋଇ ଚାହିଁଲି । ଆଶ୍ଚର୍ଯ୍ୟ ଚକିତ ହୋଇ ମନେକଲି ଯେ ଧାନଜମିକୁ ଯେମିତି ପୂର୍ଣ୍ଣମୀ ଜହ୍ନ ଓହ୍ଲାଇ ଆସିଛି । ଗୋ ପୂର୍ଣ୍ଣମୀ ଜହ୍ନ ପରି ସୁନ୍ଦର ଦିଶୁଥିବା ଅପରିଚିତା ଅଚିହ୍ନା ଯୁବତୀ । ତୁମକୁ କଣ ବୋଲି ସମ୍ବୋଧନ କରିବି, ତୁମ ନାମ କଣ କହିବ କି ?

ସ୍ତ୍ରୀ : ଚିଖଲ ବେଡାନେ ଖୁଦ୍ଦି ରମନ୍ଦା
ବେଡାପାନି ହେଲା ଗାର
ଧାନ୍‌କେ କାମ୍ଭନି ଚିନାଇ ନାହୁଏ
ପାନି ମାରେ ଝର ଝର
ବାଦଲି ରହିଛି ତାଙ୍କ
ଅଜଣା ଅଚିନା ଗିଦ୍ କୁଡିଆ
ଚେତନେ ସପନା ଦେକି
ଚେତନେ ସପନା ଦେକି
ଗେଲା ରାତିଜନ ପାନି ବିତରେ
ସବୁରି ନଜରେ ଅଛି
ନାଓଁ ଗାଓଁ ଜାନି କାଇ କରିବୁ
ଆୟା ବୁଆ ଘରେ ଅଛି ॥

ଅନୁବାଦ : ଜମି ସାରା କାଦୁଅ ସରସର । ବଣ ପାଖରେ ଠେକୁଆଙ୍କ ଦଳ । ଜମିରେ ପାଣି ଭରପୁର । ଧାନ ଗଛ କେଉଁଟା ବାଲୁଙ୍ଗା ଗଛ କେଉଁଟା ଚିହ୍ନି ହେଉ ନାହିଁ । ଘନ ଘୋର ବର୍ଷା ହେଉଛି । ଆକାଶ ସାରା ମେଘ ଢ଼ାଙ୍କି ରହିଛି । ରେ ଅଜଣା ଅଚିହ୍ନା ଗୀତ କୁଡିଆ (ଗୀତ ଗାଉଥିବା ଲୋକ) ତୁ ଚେତା ଥାଇ ସ୍ୱପ୍ନ ଦେଖୁଛୁ କି ସମସ୍ତେ ଜାଣନ୍ତି ଗତ ରାତିରୁ ଜହ୍ନ ଦିଶି ନାହିଁ, ତୋତେ କେମିତି, ମେଘ ଢ଼ଙ୍କା ଆଗରେ ପୂର୍ଣ୍ଣମୀର ଜହ୍ନ ଦିଶୁଛି । ତୁ ମୋର ନା, ଗାଁ ଜାଣି କଣ କରିବୁ ଯେ, ମୁଁ ମୋ ବାପା-ମା ଘରେ ଅଛି ।

*(ଚଇତ ପରବ ଗୀତରୁ ସଂଗୃହୀତ)*

## ॥ ପଲାରୋପ ଗୀତ (ତଲିରୁଆ ଗୀତ) ॥

ଝିପ୍‌ରି ଝିପ୍‌ରି ପାନି ମାରେ (ହାଏ-ହାଏ)
ପଲା ରୋପା ଚାଲରେ ନନି ପଲାରୋପା ଚାଲ

ଦେଖତ୍ ନନି କଦମ୍ ଫୁଲ୍ କେଡ଼େକ ନିମାନ୍ ଦିଶେ
ମାଲତି ନିନିର ଖୁସାଜାନେ ଜନ ମାମୁଁ ପରାଦିଶେ
ହଲିଆ ଦାଦାର ବାଗ୍ରିବାରେ ଝୁମ୍ପା ମଲିଫୁଲ୍
ପଲା ରୋପା ଚାଲରେ ନନି,ପଲା ରୋପା ଚାଲ ।

ଅନୁବାଦ : ଝୁପୁର ଝୁପର ପାଣି ବରଷୁଛି । ଆସ ଗାଁର ଝିଅସବୁ ତଳି ରୋଇବାକୁ ଯିବା । ତୁମେସବୁ ଦେଖ କଦମ୍ବ ଗଛରେ ଫୁଲଫୁଟି କେଡ଼େ ସୁନ୍ଦର ଦିଶୁଛି । ମାଳତୀର ଖୋସାରେ କଦମ୍ବ ଫୁଲ, କଳାମେଘରେ ଚମକି ଯାଉଥିବା ଜହ୍ନପରି ଦିଶୁଛି । ହଳିଆ ଭାଇର ବାବୁରି ବାଳରେ ଝୁମ୍ପା ଝୁମ୍ପା ମଲ୍ଲୀଫୁଲ ମାଳ । ଆସ ଆସ ଝିଅମାନେ, ଜମିକୁ ଯିବା, ତିଳି ରୋଇବା ।

ଧାଡିକେ ଧାଡି ଧାଙ୍ଗଡି ନିଞ୍ଜାନି ବେଡାପାନେ
ବୁକ୍ଲା ବୁକ୍ଲି ହେତେ ରେବାୟ ଫୁଲ ଖୁଞ୍ଚ୍ କାନେ
କାନ ସର୍ ସର୍ ଲସ୍ରର ପସ୍ରର ଗାଡିମାରା କାନିଝୁଲ୍
ପଲା ରୋପୀ ଚାଲରେ ନନି ପଲା ରୋପୀ ଚାଲ ॥

ଅନୁବାଦ : ଧାଡି ଧାଡି ଯୁବତୀ ମେଳ ହୋଇ ଜମିରୁ ଆନା ବନା ଘାସ ବାଛୁଛନ୍ତି । କାନରେ ଫୁଲ ଖୋସି ସେମାନେ କାଦୁଅ ସର ସର ହୋଇ ଏ ପଟରୁ ସେ ପଟକୁ ସେ ପଟଟରୁ ଏପଟକୁ ଯିବା ଆସିବା କରୁଛନ୍ତି । ତାଙ୍କ ଗଣ୍ଠି ବନ୍ଧା ହୋଇଥିବା କାନିଟଣାକୁ ଦେଖ । ଥଟ୍ଟା ପରିହାସକୁ ଶୁଣ । ଆସ ଆସ ଝିଅସବୁ ଆମେ ଜମିକୁ ଯିବା, ଧାନତଳି ରୋଇବା ।

ବର୍ଷାକାଳରେ ଜମିରେ ମାଟିଗୁଣ୍ଡ କଲା ବେଳେ, ଧାନ ତଳି ରୋଇଲା ସମୟରେ, ବେଉଷଣ ପରେ ଘାସ ବାଛିଲା ବେଳେ ଝିଅମାନେ ବହୁ ଗୀତ ଗାଇଥାନ୍ତି ।

ଗୀତ, ଶ୍ରୀ ଖ୍ରୀଷ୍ଟଚନ୍ଦ୍ର ଟାକ୍ରି
ଉମରକୋଟଙ୍କ ଠାରୁ ସଂଗୃହୀତ ।

## ॥ ବାରମାସୀ ଚଇତ ପରବ ଗୀତ ॥

ବାରମାସୀ ଚଇତ ପରବ ଗୀତ ଚଇତ ପରବ ଗୀତର ଏକ ଅଂଶ ବିଶେଷ । ଏହି ଗୀତରେ ଉଭୟେ ପୁରୁଷ ଓ ସ୍ତ୍ରୀ ବୈଶାଖ ଠାରୁ ଚୈତ୍ର ମାସରେ ଘଟୁଥିବା ପ୍ରକୃତିର ପରିବର୍ତ୍ତନ, ପୁଣ୍ୟ ପର୍ବ, ଯୁବକ ଯୁବତୀଙ୍କ ମନୋଭାବକୁ ନେଇ ଗାନ କରାଯାଇଥାଏ ।

ଗୀତର ରଚନା ଓ ଶବ୍ଦ ସଂଯୋଜନାକୁ ଲକ୍ଷ୍ୟକଲେ ଏହା ସହରତଳି ଅଞ୍ଚଳରେ ବାସ କରୁଥିବା ଆଜିକାଲି, ଅର୍ଦ୍ଧ ଶିକ୍ଷିତ ଓ ଶିକ୍ଷିତ ବ୍ୟକ୍ତିଙ୍କ ସୃଷ୍ଟି ଗୀତ ପରି ମନେହୁଏ । ଏହି ଗୀତରେ ଦେଶଜ 'ଭତ୍ରୀ' ଶବ୍ଦର ବ୍ୟବହାର ଅପେକ୍ଷା ଓଡିଆ ଶବ୍ଦର ବହୁଳ ବ୍ୟବହାର ଦେଖାଯାଏ । ଏଠି ବୈଶାଖ ମାସର ଗୀତ ଉଦ୍ଧାର କରିବା ଉଚିତ ହେବ :

**ବୈଶାଖ ମାସ :**

ପୁରୁଷ : ଚଇତର ଶେଷ ବଇଶାଖ ମାସ
ଶୁଖିଗଲା ବନ୍ଧବାଡ଼
ନବ ଯଉବନୀ ହୋଇଛ ନିନି
ନିନା କୁ କରାବେ ଲାଡ଼
ଗୁଡ଼ ଭେଲି ଆମ୍ବ ପଡିଲା ଲେନ୍ତି
ରସ ବିଷେ ଥିବା ମାତି ।

ନିନି = ଝିଅ, ନିନା = ପୁଅ (କୈଶୋର ଅବସ୍ଥା ଅତିକ୍ରାନ୍ତ ହେଉଥିବା ପୁଅ-ଝିଅ), ୧. ଲାଡ଼ = ସ୍ନେହ, ଆଦର, ଅନୁରାଗ, ୨. ଗୁଡ଼ଭେଲି ଆମ୍ବ = ଏକ ପ୍ରକାର ଗୁଡ଼ ପରି ମିଠା ଲାଗୁଥିବା ଆମ୍ବ ୩. ଲେନ୍ତି = ପେଣ୍ଠା ହୋଇ ଫଳିବା ୪. ରସ ବିଷେ ଥିବା ମାତି = ମିଳନ ଓ ବିଚ୍ଛେଦର ଗୀତରେ ମଜ୍ଜିଯିବା ।

ସ୍ତ୍ରୀ : ଚଇତର ଶେଷ ବଇଶାଖ ମାସ
ଶୁଖିଗଲା ବନ୍ଧବାଡ଼
ସ୍ତ୍ରୀର ପୁରୁଷର ମାୟା ସଂସାର
ଯମର କାକୁଡ଼ି ବାଡ'
ଗୁଡଭେଲି ଆମ୍ବ ପଡିଲା ଲେନ୍ତି
ଖୋଜିଲେ ମିଳଇ ପ୍ରୀତି' ॥

୧. ସ୍ତିରୀ ପୁରୁଷର ......କାକୁଡ଼ି ବାଡ = ଏ ପୃଥିବୀରେ ସ୍ତ୍ରୀ ଓ ପୁରୁଷ ମୃତ୍ୟୁ ଦେବତାର ଅଧୀନ । ଜୀବନ ପାଚିଲା କାକୁଡ଼ି ପରି କ୍ଷଣସ୍ଥାୟୀ । ୨. ଖୋଜିଲେ ହିଁ ପ୍ରୀତିମିଳେ ।

*ଗୀତ ସଂଗ୍ରହ, ପାପଡାହାଣ୍ଡି ଅଞ୍ଚଳ*

ପୁରୁଷ : ଅବିଭକ୍ତ କୋରାପୁଟ ଜିଲ୍ଲାରେ ଚଇତ ପରବ ଗୀତର ଅସୀମ ଭଣ୍ଡାର ରହିଛି । ଏହା ଲୋକ କବିଙ୍କର ମୌଖିକ ଗୀତ, ଏହାକୁ ମନ ଦିଆନିଆ ଗୀତ ବୋଲି କୁହାଯାଏ ।

ଗୀତରେ ଶୀତରେ ଯୌନ ଉଦ୍ଦୀପନା ସୃଷ୍ଟି କରାଇ ଶୁଣିବା ଲୋକର ମନୋରଞ୍ଜନ କରିବା ଏହି ଗୀତର ମୂଳ ଉଦ୍ଦେଶ୍ୟ । ଏହି ଗୀତ ଶୁଣିବା ଲୋକ ଶ୍ଳୀଳ ଅଶ୍ଳୀଳର ବିଚାର କରେ ନାହିଁ । ଦେହ ଇଚ୍ଛିତ ଜାର ଅଛି । କିଏ ନ ଲୋଡ଼େ ସମ୍ଭୋଗର ସୁଖ, ଆନନ୍ଦ । ମଣିଷ ପାଇଁ ସଂଭୋଗ, ଦେହଭୋଗ ଏକ ସାର୍ବଜନୀନ ସତ୍ୟ, ଏଣୁ ଚଇତ ପରବ ଗୀତ ଏତେ ମଧୁର, ରସମୟ, ପ୍ରତୀକାତ୍ମକ, ଶୃଙ୍ଗାରର କଲରୋଳରେ ଭାବସିକ୍ତ ହୋଇଥାଏ । ଏହା ହିଁ ଅବିଭକ୍ତ କୋରାପୁଟ ଜିଲ୍ଲାର ମାଳ ଅଞ୍ଚଳର ଆଦିମ ଭାବର କଥା ।

## ।। ପର୍ବ ପର୍ବାଣି ଗୀତ ।।

### ଭତରା ଲୋକ ସଂସ୍କୃତିରେ ପର୍ବ ପର୍ବାଣି : ଏକ ସଂକ୍ଷିପ୍ତ ସୂଚନା :

ଅବିଭକ୍ତ କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ପ୍ରାୟ ସମସ୍ତ ଆଦିମ ଆଦିବାସୀ ଗୋଷ୍ଠୀ କନ୍ଧ, କୋୟା, ବଣ୍ଡା, ଡିଡାୟା, ଗୋଣ୍ଡ ତଥା ଏମାନଙ୍କ ଠାରୁ ସୃଷ୍ଟ ବହୁ ପ୍ରଜାତି ବର୍ଷ ମଧରେ ଅନେକ ପର୍ବପର୍ବାଣି ପାଳନ କରିଥାନ୍ତି ।

ଏମାନଙ୍କ ପ୍ରାୟ ସମସ୍ତ ପର୍ବ ପର୍ବାଣି କୃଷିଭିତ୍ତିକ । ଭତରାମାନେ ମଧ ଅନ୍ୟ ଆଦିବାସୀମାନଙ୍କ ପରି ପର୍ବ ପାଳନ କରିଥାନ୍ତି । ଏମାନେ ବର୍ଷର ବାରମାସକୁ ନିମ୍ନ ନାମରେ ଅଭିହିତ କରିଥାନ୍ତି ଯଥା : ବଇଶାକ୍, ଲାଣ୍ଡି (ଜ୍ୟେଷ୍ଠ), ଆଷାଡ, ଶିରାବଣ, ଭାଜନା ଭାଦ୍ରବ, ଦଶରା (ଆଶ୍ୱିନ) ଦିଆଲି (କାର୍ତ୍ତିକ), ପଣ୍ଡ (ମାର୍ଗଶିର), ପୁଶ (ପୌଷ), ଫଗୁନ୍ (ଫାଲ୍‌ଗୁନ), ଚଇତ (ଚୈତ୍ର) ।

**ଭତରାମାନଙ୍କ ମୁଖ୍ୟ ଯାତ୍ରା :**

ବୈଶାଖ : ଠାକୁରାଣୀ ବଜାର । ଲାଡରୀ ଦେବତାଙ୍କ ବଜାର । ମାଟି ପୂଜା, ଧାନ ବିହନ ପକାଇବା ପୂଜା କରାଯାଏ ।

ଜ୍ୟେଷ୍ଠ ମାସ : ଯାତ୍ରା / ପର୍ବ ନାହିଁ

ଆଷାଢ଼ : ବଉଁରାଣୀ (ବଉଲାଣି) ଯାତ୍ରା କରାଯାଏ । ଆଷାଢ଼ରେ ଘୋର ବର୍ଷା ହେଲେ ଗୋରୁମାନଙ୍କ ପାଇଁ ବୀମା (ବର୍ଷାର ଦେବତା) ଯାତ୍ରା କରାଯାଏ । ଗୁଣ୍ଡିଚା ଯାତ୍ରା ହୁଏ ।

ଶ୍ରାବଣ : କୌଣସି ଯାତ୍ରା ନାହିଁ ।

ଭାଦ୍ରବ : ବଉଁରାଣୀ ଯାତ୍ରା ଗାଁରୁ ମଣିଷ ପଶୁଙ୍କୁ ରୋଗରୁ, ଯେ ଅସଖରୁ ମୁକ୍ତିଦେବା ପାଇଁ ଏହି ଯାତ୍ରା (ପରବ) ପାଳନ କରାଯାଏ । ଅମୁସ ବା ଉଆଁସ ପରବ

ମଧ ପାଳନ କରାଯାଏ । ଏହି ପର୍ବରେ ଧାନଗଛ, ଗାଈଗୋରୁ ତଥା ଭୂମି ପୂଜା କରାଯାଏ ।

ନୂଆଖାଇ ପରବ : ଡଙ୍ଗର ଧାନ ପାଚେ । ଏହି ଧାନରୁ ଚୂଡ଼ା ତିଆରି କରି ଦେବତାଙ୍କୁ ଅର୍ପଣ କରାଯାଇ ବନ୍ଧୁ କୁଟୁମ୍ବଙ୍କ ସମସ୍ତେ ନୂଆ ବା ନବାନ୍ନ ଖାଆନ୍ତି । ନବାନ୍ନ ଭକ୍ଷଣ ପୂର୍ବରୁ ଝିଅମାନେ ଫନ୍ଦିଗୀତ ଗାଇଥାନ୍ତି ତଥା ନୂଆଖିଆ ଗୀତ ଗାଇଥାନ୍ତି ।

### ଫନ୍ଦିଗୀତ (ନବାନ୍ନ ପର୍ବ)

ଗୀତ ସଂଗ୍ରହ : *୧) ଗାଗରୁ ଭତ୍ରା, ବୟସ ୪୯*

*(୨) ଅନ୍ଧାରୁ ଭତ୍ରା, ବୟସ ୩୫*

*ଖୁଟୁଗୁଡ଼ା ଗ୍ରାମ, ଉମରକୋଟ*

ଫନ୍ଦିଗୀତ : ଯେଉଁ ଗୀତକୁ ଗାୟକମାନେ ଏକାଧାରାରେ ବିନା ରହି ଗାଇଥାନ୍ତି । ଏହି ଗୀତରେ ପ୍ରଶ୍ନଟିଏ/ପହେଲିଟିଏ ପଚରା ଯାଇଥାଏ ଯାହାର ଉତ୍ତର ଅନ୍ୟମାନେ ଦେଇଥାନ୍ତି । ଏହାକୁ ସରସରା ଗୀତ ବୋଲି ମଧ କୁହାଯାଏ ।

ଆଜି ମାସ୍ ବାଦ୍ ଖାୟଲୁ
ମାଣ୍ଡିକୁଟାଦେତେ ଇଣ୍ଡତେ ରେଲୁ
ଆତା ମାମା ଦେକି କରି
ଉଠା ତର ଆତ ଦରି
ଅୟ ତୋ ଅୟ ବୋଲାବେ
କସଲା ପାନି ଅରୁଆ ଚାଉଲ୍ ନିକରାବେ ।
ପିତା କାନ୍ଦାକେ ପାତଲ୍ ଚାନୁତା
ନୂଆ ଜୁନା ଖାୟଲୁ ମାମା
ଜୁଆର ବେଟ୍ ହେଇ ଦଖୁତା
ଅୟ୍ ତୋ ଅୟ୍ ବୋଲାବେ
କସଲା ପାନି ଅରୁଆ ଚାଉଲ ନିକରାବେ ।
ବରଷ କାଲ୍କେ ଅରକ ଆମି

ଖାଇଲୁ ଆଚେ
ମାମା ଜାନ୍‌ସେ ସିନା
ମାମି ଜାନ୍‌ସିଛେ
ବନ୍‌ଜା ଆୟଲାଛେ ସାଙ୍ଗିକରି
ଆତା ନିକରି କରି ଚୁମା ଚାଟା
ଦେଏତେ ଦେଏଛେ
ଅୟଦ୍ ଅୟ ବଲାରେ
ଅରୁଆ ଚାଉଲ ତପଲା ପାନି
କରଞ୍ଜି ଧାତୁନ୍ ମୁହଁନେ ଝଲକାରେ ॥
ତେବେ ସିନା ଆମର ଆଇଲାର ପନେ
କାହିଁନେ ପଡ଼ସି
ଅନ୍ଧାରୁ ମାମା ଆମର ଭାଇବେଟା ବୋଲତେ
କେଇ ନାୟ ବୋଲ୍‌କେ ସକ୍‌ଛେ
ତାର ମନ ପଦେ ଠିକ୍ ଲାଗେ ସେ
କଡକି ଇଟା ମାରୁଆ, ଇଟା ରଚୁଆ
ଲାଦ୍ ମାରି କରି କୋଚେୟା ଜିକୁଆ
କୋଚେୟା ଗନ୍ଦାକେ ହାଟେ ବିକୁଆ
ହାଟର ଗୟସାକେସାରି
ଟିକିକେ ଘନ ଟିକୁଆ ॥
କନ୍‌ଟି ବିନ୍ଧନା ଡୁଙ୍ଗରା କଲ୍‌ଲାବେ
କନି କାହିଁ ନାୟଦେଲେ ନାଇ ଉସକ୍ରୁ ବଲତେ
ହୋଇ ବଲ୍‌ଲାଚେ
ଅୟଦ୍ ଅୟ୍ ବୋଲାବେ

ଆଛାଆୟ ଜାତା ମନ
ସିତା ମାତାକେ ଚରି ନେଲା ଲଙ୍କାରରାବଣ ॥
କର୍ୟା ବୟଲା ରୁପିଆ ବିକଲା
ଏମାନ୍‌କେ ନାୟ ଦେଉ ବଲ୍‌ତେ
ବୟା ଶିଖାୟଲା
ବାହଲି ପାନି ଏକ୍‌ନେ ଖ୍ରୁ ଆୟ
ନାଙ୍ଗର ଲାଗ୍‌ବା କାଦ୍ରୁ ଦୁଇ ତିନି ସରଲା
ନିତେ ଲାଗୁଆୟ
ଅୟ ଅୟକି ବଲ୍‌କେ କେରି
ବୁଟା କୁ ମାରି
ଏୟଲେ ଆଚେ ବୟଲେ ଆଚେ
କାଣ୍ଡାକୁମାରୀ ॥
ଆଲେ ବୈଶାକୁ ବାବୁ
ଆଚେ ଆଲେ ଦେସ୍‌ବେ
ରାତି ଗୁଲାର ପଦି ଗାଇ ଗାଇ
ଟୋଣ୍ଡ ଦୁକ୍‌ଲାବେ
ଅରୁଆ ଚାଉଳ ଧନି କମାରେ
ପେଟ୍ ପୁଲାଛ ନାଗୀ ନଂଦୀ ନାୟ କମାରେ ॥
ଉଦ୍‌ଲା ଜନ ପୁନି ବାରୁଆୟ
ଘର ମନନେ ବୋଲ୍‌ଲା ଗୋଟ୍ ପିଟୁଆୟ
ଆଲେ ଦେଇ ! ରଜା ଘରେ କାତା କହୁଆସ୍
ସଗର ବରଷ ଅସନ ଆସ୍‌ବାୟ ବଲତେ
କାୟ ଖାୟ କରି ସଙ୍ଗାୟ ରହୁଆସ୍

ହେ ଶାଲେ ଶାଲେ ଶାଲେ

ଗଛକେ ଡୁଲାୟ ଦେଲୁ ଡଙ୍ଗରି ତଲେ ।।

**ଶବ୍ଦଟୀକା :** ୧. ମାଣ୍ଡିକୁଟା : ଆଣ୍ଠୋଇ ଚାଲିବା,ମାଣ୍ଡ- ଆଣ୍ଠୁ,ମାଣ୍ଡି, କୁଟା: ଆଣ୍ଠୁଭରା ଦେଇ ଚାଲିବା, (୨) ଇଣ୍ଡତେ/ହିଣ୍ଡତେ ଚାଲିବା, (୩) ଉଠାତର୍ : ଉଠାଇବା, (୪) କସଲେକ ପାନି : ଢାଳେପାଣି , (୫) ନିକରାବେ : ବାହାରକର, (୬) ପିତା କନ୍ଦା: ଏକ ପ୍ରକାର କନ୍ଦମୂଳ, (୭) ପାତଲ୍: ପତଳା, (୮) ଚାନୁତା : କାଟିବା, (୯) ଜୁଆର ବେଟି : ଆଦିବାସୀ ପରମ୍ପରାନୁସାରେ ନବାଗତ ଅତିଥି ଆସିଲା ଓ ଗଲାବେଳେ ଗୃହକର୍ତ୍ତା ଯଦି ଅତିଥି ବୟସରେ ଛୋଟ ହୋଇଥାଏ, ତେବେ ଗୃହକର୍ତ୍ତା ଚୁମା ଦିଏ ଓ ବଡ଼ ହୋଇଥିଲେ ପାଦ ଛୁଇଁ ପ୍ରଣାମ କରେ, (୧୦) ଥରେକ୍ : ଥରେ, (୧୧) ବନ୍ଜା: ଭଣଜା, (୧୨) ଆଇଲାର : ଆସିଲାରୁ, (୧୩) କାହିଁନେ : କୌଣସି କାର୍ଯ୍ୟରେ, (୧୪) ଭେଇବେଟା : ନିଜ ଗୋଷ୍ଠୀର ଅନ୍ତର୍ଗତ, (୧୫) କୋଚେୟା : ସାପ ଭଳି ଦେଖାଯାଉଥିବା ସରୁ ଓ ଲମ୍ୱମାଛ, (୧୬) ଜିକୁ : ବନ୍ଶୀ ଦ୍ୱାରା ଧରିବା, (୧୭) ଗନ୍ଦା : କାଟି ଖଣ୍ଡ ଖଣ୍ଡ କରିବା/ଖଣ୍ଡ, (୧୮) ସାରିଟକି: ଶାଳୀ, (୧୯) ଘନ : ବିବାହ ଦିନ ଉପହାର ଦେବା, (୨୦) କକ୍ଟି ବିଂଜନା : ବଙ୍କା ବିଂଜନା, (୨୧) ଡୁଡୁରା: ଏକ ପ୍ରକାର କାଠଗଣ୍ଡିରେ ତିଆରି ପୋଲା ଅର୍ଦ୍ଧ ବୃତ୍ତାକାର ବାଦ୍ୟ ଯାହାକୁ ଦୁଇ ଫୁଟ୍ ଲମ୍ୱା ୨ଟି ବାଡ଼ିରେ ପିଟି ବାଦ୍ୟ ବଜାଯାଏ । (୨୨) ନାୟଉସ୍କୁ : ଯିବା ନାହିଁ, (୨୩) ହେଇ : ସେ ନିଜେ (ଏଠାରେ ଗୃହକର୍ତ୍ତା), (୨୪) ଜାଡା ଦାମନ : ଶକ୍ତ କାଠ, (୨୫) କରୟା : କଳା, (୨୬) ବୟଲା : ବଳଦ, (୨୭) ଏମନ୍କେ : ଏମାନଙ୍କୁ, (୨୮) ନାଙ୍ଗର : ଲଙ୍ଗଳ, (୨୯) ନାଙ୍ଗର୍ ଲାଗ୍ବା କାଜେ : ହଳ କରିବା ପାଇଁ, (୩୦) ସ୍ରଲା : ତୁହାକୁ ତୁହା ବର୍ଷା, (୩୧) ନିଚେ : ନିଶ୍ଚୟ, (୩୨) ବୁଟା ଡୁମାରୀ : ଏକ ପ୍ରକାର ଔଷଧ ଗଛ, (୩୩) ଟୋଣ୍ଡ : ପାଟି, (୩୪) ଦୁଖ୍ଲାବେ: ବଥା ହେଲା, (୩୫) ନାୟକମାରେ : ସରିହେବ ନାହିଁ, (୩୬) ପୁନିକାଗୁ ଆୟ : ପୂର୍ଣ୍ଣିମା ହେବ, (୩୭) ହିଘର : ଏହି ଘରେ, (୩୮) ବୋଲଲା ଗୋଟ୍ : କହିବା କଥା, (୩୯) କେନେ ପିଟୁଆୟ : କୁଆଡ଼େ ଫିଟିଯିବ କୁଆଡ଼େ ଯାଇନାହିଁ ଅର୍ଥାତ୍ ମିଳିଯିବ, (୪୦) ସଗର : ସବୁ, (୪୧) ଅସନ : ବୋଲି, (୪୨) ସର୍ଲା : ଘଡି ଘଡିକି ବର୍ଷାର ତୁହା ।

ଏହି ଗୀତରେ ଭଣଜା ମାମୁଁ ଘରକୁ ନୂଆ ଖାଇବାକୁ ଆସି ଯାହା ଅନୁଭବ କରିଛି ତାହା ଗୀତରେ ବର୍ଣ୍ଣନା କରାଯାଇଛି ।

ପଦ୍ୟାନୁବାଦ :

ଆଜି ମାଂସ ଭାତ ଖାଇଲୁ, ଆଣ୍ଠୁମାଡ଼ି ଚାଲୁଥିଲୁ
ମାଇଁ ମାମୁଁ ଦେଖି ହାତ ଧରି ଉଠାଇଲେ
ପିଲାଙ୍କୁ (ଭଣଜା) ଢାଳେ ପାଣି ଦିଅ ଆଉ
ଅରୁଆ ଚାଉଳ ବାହାର କରିବାକୁ କହିଲେ ।

ପିଠା କସା କନ୍ଦମୂଳ କାଟି ପତଳା ପତଳା
ନୂଆ ପୁରୁଣା ମିଶାଇ ଖାଇଲୁ ମାମୁଁ ହେ !
ତୁମେ ଆମକୁ ଗେଲକର ଚୁମାଦିଅ, ଆମେ
ତୁମ ଗୋଡ଼ ପାଦଛୁଇଁ କରୁଛୁ ପ୍ରଣାମ, ଏହା
ଆମକୁଳ ରୀତି
ହଁ ହଁ ଦିଅ ଢାଳେ ପାଣି ଆଉ ଅରୁଆ ଚାଉଳ ।।

ବରଷକୁ ଥରେ ଆସିଛୁ ମାମୁଁ ହେ !
ତୁମେତ ଜାଣିଛ ଏହା ମାଇଁ ଜାଣିଛନ୍ତି
ଭଣଜା ଆସିଛି ବୋଲି ମାଇଁ ଜାଣି ଆସି
କେତେ ଆଦରରେ ଆମ ଗାଲେ ଚୁମା ଦେଇଛନ୍ତି ।।
ଆଉ କହୁଛନ୍ତି
ଅରୁଆ ଚାଉଳ ଭାତ ପାଇଁ ଦେଖ ପୁଟୁଅଛି ପାଣି
ଯାଅ ଭଣଜା ତୁମେ ଦାନ୍ତଘଷ କରଞ୍ଜ କାଠିରେ ।।

ବିନା ଚୁନ ଧୂଆଁପତ୍ର ଦିଅ ମାମୁଁ ହେ !
ତେବେ ସିନା ଆମେ ଆସିବାର ଅଛି ସାର୍ଥକତା
ନହେଲେ କେଉଁ କାର୍ଯ୍ୟରେ ବା ଆମେ
ହେ ଅନ୍ଧାରୁ ମାମା ! ତୁମେ ତ ଆମ ଗୋଷ୍ଠୀ ଲୋକ
କଣି ପରିବକି ମନା/ତାହାକର ଯାହା ତୁମେ ଠିକ ମନେକର

କୋଡକିରେ ମାଟି ଖୋଳି ଇଟା ତିଆରି କର
କାଛ ତିଆରି କର ଇଟା ବସାଇ ମାମୁଁ ହେ !
ବନ୍‌ଶୀ ପକାଇ କୋଚିଆ ମାଛ ଧର, ତାକୁ କାଟି
ଖଣ୍ଡ ଖଣ୍ଡ କର, ତାକୁ ନେଇ ହାଟେ ବିକି
ପଇସା କମାଅ/ସେ ପଇସାରେ ଶାଳୀ ପାଇଁ
ତା ବାହାଘର ଦିନ ଉପହାର କିଣ ।।

ବଙ୍କା ଶିଙ୍ଗା, ତୁଡୁରା ବାଇଦ ବାଜିଲାଣି ଯେ
କେହି ଯଦି କିଛି ନଦେବ ମାମୁଁ ହେ !
ଆମେ ଛାଡ଼ିଯିବୁ ନାହିଁ ତୁମଥାନ
ଏହା ଶୁଣ ତୁମେ କହିଲ ମାମୁଁ ହେ !
ତମେତ (ଭଣଜା) କହିବ
ମାମୁଁ କଥା ଶକତ କାଠ ପରି
ତମେତ ଜାଣିଛ କେମିତି ରାବଣ
କରିଥିଲା ମା ସୀତାଙ୍କୁ ଚୋରୀ ।।
କଳିଆ ବଳଦ ବିକି ଟଙ୍କା କମାଇଲ

ଏମାନଙ୍କୁ ଦେବାନାହିଁ ବୋଲି କିଏ ଶିଖାଇଲା
ମେଘରୁ ବରଷେ ପାଣି ଧୀରେ ଧୀରେ ପରା
ଜମିକୁ ଚଷିବା ପାଇଁ ଲଙ୍ଗଳରେ/ମାଟି ଓଦା ହେବା ପାଇଁ
ତୁହାକୁ ତୁହା କେତେ ବର୍ଷା ଲୋଡ଼ା
ନିଶ୍ଚେ ବର୍ଷା ଲୋଡ଼ା
ଦେଖତ ଦେଖ କେତେ ଅଛି ଔଷଧର ଗଛ
ଆସିଛନ୍ତି ବସିଛନ୍ତି କେତେ ପକ୍ଷୀ ଗଣ ॥

ରେ ସାନ ଭାଇ ବଇଶାଖୁ
ଅଛି ଯଦି ଦିଅ
ସାରାରାତି ଫନ୍ଦିଗୀତ ଗାଇ ଗାଇ
ତୁଣ୍ଡ ଆମ ହୋଇଲାଣି ବଥା
ଅରୁଆ ଚାଉଳ ଭାଇ ଖାଇ ଖାଇ
ଫୁଲିଲାଣି ପେଟ ଯା ସଙ୍ଗକୁ
ନାଗୀ ନଈ ହେବ ନାହିଁ ସରି ॥
ଜହ୍ନ ଉଇଁଲାଣିଏବେ ପୁଣି ଯେ ଆସିବ ପୂର୍ଣ୍ଣମୀ
ଏ ଘର ର କଥା ମାନ ଫିଟେ ନାଇଁ କେବେ
ହେ ମୋ କୁଳର ଲୋକ କହ ଥରେ
ରଜାଘର କଥା
ସବୁ ବର୍ଷ ଏହିପରି ଯଦି ତୁମେ ଆସିବାକୁ କୁହ
ତାହେଲେ ନ ଖାଇ ନପିଇ ଆମ ପାଇଁ ସବୁ
ସାଇତି ରଖିଥାଅ
ଏମିତି ଗୀତ ଗାଇ ଗାଇ

ଗଛକୁ ଶୁଆଇଦେଲୁ ପାହାଡ଼ ଛାତିରେ

ଭାଦ୍ରବ ମାସରେ ଭତ୍‌ରାମାନେ କୁରାଢ଼ିରେ କାଟି ॥

ଭାଦୋ ବାଲିଯାତ୍ରା ପାଳନ କରିଥାନ୍ତି ।

ଆଶ୍ୱିନ(ଦଶହରାମାସ): ଦେବୀ ପୂଜା ହୁଏ ।

କାର୍ତ୍ତିକ(ଦିଆଲିମାସ) : ଏହି ମାସରେ ଦିଆଲି ପରବ ପାଳନ କରାଯାଏ । ଗତ ଦିନଗୁଡ଼ିକରେ ଗାଈ ଗୋରୁଙ୍କ ପରିଶ୍ରମର ଫଳସ୍ୱରୂପ ଫସଲ ପାଇଥିବାର କୃତଜ୍ଞତା ସ୍ୱରୂପ, ଭତ୍‌ରା ମାନେ ନିଜ ଗାଈ ଗୋରୁଙ୍କୁ ଗାଧୋଇ, ପାଧୋଇ, ହଳଦୀ, ସିନ୍ଦୂର ଟୀକା ମୁଣ୍ଡରେ ଦେଇ, ଝୋଟ ତିଆରି ଦଉଡ଼ି, ପୋହଳା ମାଳି ଆଦି ପିନ୍ଧାଇ, ଭାତ ରାନ୍ଧି ଖାଇବାକୁ ଦିଅନ୍ତି ଓ ସାରା ଦିନ, ସାରାରାତି ନାଚ ଗୀତରେ କଟାଇ ଦିଅନ୍ତି ।

ମାର୍ଗଶିର(ପଣ୍ଡମାସ) : ନାହିଁ

ପୌଷ(ପୁଷ୍): ଏହି ମାସରେ ଭତ୍‌ରାମାନେ ଛେର୍‌ଛେରା ପରବ ପାଳନ କରିଥାନ୍ତି । ଏ ସମୟରେ ବିଭିନ୍ନ ଗାଁର ଲୋକେ ନୂଆ ପୋଷାକ ପିନ୍ଧି, ଦଳଦଳ ହୋଇ ନିଜ ନିଜର ବନ୍ଧୁ ଗାଁକୁ ଯାଆନ୍ତି । ବନ୍ଧୁ ପ୍ରୀତି, ସୌହାର୍ଦ୍ଦ୍ୟ ବଢ଼ାଇବାପାଇଁ । ଗାଁରେ ଗାଁରେ ପିଲା, ଟୋକିମାନେ ବିଭିନ୍ନ ପ୍ରକାର ବେଶ ବାନ୍ଧି, ବାଜା ବଜାଇ ଗାଁର ପ୍ରତି ଘରକୁ ଆସି ଗୀତ ଗାଇ ପଇସା, ଚାଉଳ ଆଦି ମାଗିଥାନ୍ତି । ଏ ସମୟରେ ପାନିଆ ଜୁନିଆ/ ଛେର୍‌ଛେରାଗୀତ/ପୁଷ ପୁନେଇ ଗୀତ ଗାଇଥାନ୍ତି ।

**ଛେରଛେରାଗୀତ**

ଜିର ଲିଟି ଜିର ଲିଟି ପଣ୍ଡକି ମରା ଲିଟି

ଓ ଛେର ଛେରା .....

ଲିଟି ଗଲା ମିଚର ଘରେ ଚୁଡ଼ା ଆଚେ ଭାଟି

ଓ ଛେରଛେରା ...

ଗୀତ ସଂଗ୍ରହ: *ସାଇମନ ବିଡ଼ିକା, ଧତ୍ରାଗ୍ରାମ*

## ପାନିଆ ଜୁନିଆଗୀତ

ଏହି ଗୀତ ପୁଅ ଝିଅ ଉଭୟେ ଗାଇଥାନ୍ତି । ପୁଅମାନେ ଝିଅମାନଙ୍କର ଗୁଣ, ଅବଗୁଣ ଓ ଝିଅମାନେ ପୁଅ ମାନଙ୍କର ଗୁଣ ଅବଗୁଣ ଦର୍ଶାଇ ଏହି ଗୀତ ଗାଇଥାନ୍ତି । ଏହି ଗୀତ ପାଞ୍ଚ ପଦରେ ଏକ ପଦ ହୁଏ । ଏହା ବ୍ୟଙ୍ଗଧର୍ମୀ ଗୀତ ଓ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ।

ପାନିଆଁ ଜୁନିଆଁ ମୁଠେକ ଚାଉଲ୍ ଦିଆକିନା
ଦେଲେ ଦିଆ ନାୟ ଦେଲେ ନାୟ
ଆମର ସାଇକେ ଆସାକିନା ।।

ପାନିଆଁ ଜୁନିଆଁ ମୁଠେକ୍ ଚାଉଲ ଦିଆ
ଦେଲେ ଦିଆ ନଇଲେ ନାଇ
ଯିବୁ ଆମର ପାରାରି ।

ଲଡ଼ା ତ ଲଡ଼ା ଅଲଦି ବାଟ୍‌ବା ଲଡ଼ା
ଖଲି ଖଲି ବୁଲ୍‌ସି ଆଚେ
ଶାଲ ବନ୍ଧା ଘୋଡ଼ାରି ।

ଥାପାତ ଥାପା ମାଛ ମରା ବାପା
ଇ ଗାଁର ଧଙ୍ଗଡ଼ା ମନ୍‌କେ
ବନ୍ଦେ ନେଇ ଚାପାରି ।

ବରିତ୍ ବରି ପାକଲା ପାକଲା ବରି
ଇ ଗାଁର ଧଙ୍ଗଡ଼ା ମନ୍‌କେ
ନେଲା ପବନ ଚୋରୀରେ ।

ଚାଉଲ ଚକ୍‌ନିରେ ଚାଉଲ ଚକ୍‌ନି
ଇ ଗାଁର ଧଙ୍ଗଡ଼ା ମନ୍‌କେ

ମେସେ ଉକୁନିରେ ।

ଉଡ଼ିଗଲା ଚଟିଆରି ଉଡ଼ିଗଲା ଚଟିଆ

ନାଇକାନି ଅପା ପିନ୍ଧ୍‌ଲା ଆଚେ

ବାଢେନି ଚୁଟିଆ ରି ।।

ତଷୁ ତ ତଷୁ ନାହର ଧାରେ ତଷୁ

ଇ ଗାଁର ଧଙ୍ଗଡ଼ା ମନକେ

ନାକେ କାନେ ଖସୁ ।।

*ଗୀତ ସଂଗ୍ରହ : ଭାଲଚନ୍ଦ୍ର ତ୍ରିପାଠୀ, ପାପଡ଼ାହାଣ୍ଡି ଗ୍ରାମ*

**ପୁଷ୍ ପୁନେଇ ଗୀତ**

ଜିଡ଼ିଙ୍ଗ ଜାଡ଼ଙ୍ଗ ତାପ ବାଜିଲାରି ନେହର କେଲି (୨ଥର)

କନନି ଗାଁର ଦଙ୍ଗଡ଼ି ଆସଲରି ନେହେର କେଲି

ଧକାନୁ ଧଡ଼ିର ସିର୍ଲିଗୁଡ଼ିନ୍‌ରି ନେହେର କଲି

ଅଚିଲା ପଚିଲା ଚିଲା ସୁକିଲାରି ନେହର କେଲି

ଚିଲା ର ମାଛ ମଙ୍ଗର ଜଲେ ଲୁକିଲାରି ନେହର କେଲି

କାଇଁ ଧାନର ଢେଲାରି କନିସର

ଅମରି ଧାନର ଢେଲାରି କନିସର

ଅନୁବାଦ: ଜିଡ଼ିଙ୍ଗ ଜାଡ଼ଙ୍ଗ ତାପ ବାଦ୍ୟ ବାଜିଲାରେ ଝିଅମାନେ

କେଉଁ ଗାଁରୁର ଆସିଲରେ ଯୁବତୀ ତୁମେ କେଉଁ ଗାଁରୁ ଆସିଲ

ଦୋକାନ ଡେଇଁ ଯେଉଁ ସିର୍ଲିଗୁଡ଼ା ଗାଆଁ
ସେଇ ଗାଁରୁ ଆସିଲୁ ରେ ସେଇ ଗାଁରୁ ଆସିଲୁ
ଗାଁର ବନ୍ଧର ଜଳ ଶୁଖିଲାରେ ଦଳ ଶୁଖିଲା
ଶୁଖିଲା ଦଳର ତଳେ ପାଣି ଭିତରେ ଲୁଚିଲେ
ମାଛ କୁମ୍ଭୀର ରେ ଯୁବତୀ ମାନେ
ତୁମେ କେଉଁ ଧାନ ଖେଡ଼ ପରି ଦିଶ ସୁନ୍ଦର ରେ
ଆମେ ଆମରି ଧାନର ଖେଡ଼ ପରି ଝିଅମାନେ ସୁନ୍ଦର ॥

*ଗୀତ: ଜୟଦେବ ଗଣ୍ଡ, ସିର୍ଲିଗୁଡ଼ା ଗ୍ରାମ, ଉମରକୋଟ*

**ମାଘମସ:** ମାଘ ମାସ ଶୁକ୍ଳପକ୍ଷ ତୃତୀୟା ବା ପଞ୍ଚମୀ ତିଥିରେ କାରି ସୁନ୍ଦରୀ ଠାକୁରାଣୀଙ୍କ ଠାରେ ଯାତ୍‌ରା ହୁଏ । ପିତୃ ପୁରୁଷଙ୍କ ତୁଷ୍ଟି ପାଇଁ ଠାକୁରାଣୀଙ୍କୁ ଭୋଗ ରାଗ/କୁକୁଡ଼ା ପାରା ଯାତ୍‌ରା(ବଳି) ଉତ୍ସର୍ଗ କରାଯାଏ ।

**ଫାଲଗୁନ୍:** ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ପଞ୍ଚୁଦୋଳ, ଦଶଦୋଳ ଭଳି, ନବରଙ୍ଗପୁର ଜିଲ୍ଲା, ଜୟପୁରର ବୋରିଗୁମା, କୋଟପାଡ଼ ଅଞ୍ଚଳରେ ମଣ୍ଡେଇ ଯାତ୍ରା ଭତ୍‌ରାମାନେ ପାରଂପରିକ ରୀତିରେ ପାଳନ କରିଥାନ୍ତି । କସାଗୁମୁଡ଼ା, ପୋଡ଼ାଗଡ଼, ଡାବୁଗାଁ, ଧତ୍ରା, ଗନା, ରାଇଘର ତଥା ବସ୍ତରର ବହୁ ଅଞ୍ଚଳରେ ଏହି ମଣ୍ଡେଇ ଯାତ୍ରା ମହା ହର୍ଷ ଉଲ୍ଲାସରେ ପାଳନ କରାଯାଏ । ଭତ୍‌ରମାନଙ୍କର ସବୁ ଦେବୀ ଦେବତା ବର୍ଷକ ପରେ ବିମାନରେ ବସି, ଗୀତ, ନାଚ ବାଦ୍ୟ, ପୂଜା, ମନ୍ତ୍ରୋଚ୍ଚର, ଧୂପବାସ, ଚାମର ଛତ୍ର ହୋଇ ନିଜ ବନ୍ଧୁ କୁଟୁମ୍ବଙ୍କ ଘରକୁ ସଂଖୋଳିବାକୁ ଯାଆନ୍ତି । ଗାଁର ସମସ୍ତଙ୍କ ଘରୁ ପୂଜା ଭୋଗ ଖାଇ ତିନି ଦିନ ପରେ ନିଜ ମୂଳ ଆସ୍ଥାନକୁ ଫେରି ଯାଆନ୍ତି । ଏହି ଯାତ୍ରା ଅବସରରେ ନାଚ ଗୀତର ଆସର ଜମେ । ଗୀତ କୁଡ଼ିଆ ଗୀତ କୁଡ଼ିଆଣୀ ଚଇତ ପରବ ଗୀତ ଗାଇ ଶ୍ରୋତାଙ୍କୁ ମୁଗ୍ଧ କରି ଦିଅନ୍ତି । ଗୀତ ଗୁଡ଼ିକ ସାଧାରଣତଃ ଶୃଙ୍ଗାର ଧର୍ମୀ ହୋଇଥାଏ ।

**ଗୀତ କୁଡ଼ିଆ :** ଚାଲ ଉଣ୍ଠାଇଲୁ ହାତର ବଲେ
ଭେଣ୍ଡିଆ ପଡ଼ିଲା ଖୋଲେ

ଜୋଡ଼େକ ନାଗିନୀ ନାଟକ ରୂପୀ
ସୀତୟାର ବେନିଡ଼ୋଲେ
ହାଡ ପଲେ ପଲେ ମାଉଁସ ପଲେ
ଢୋଡ଼ା ନାଲ ଅଛି
ଘୁମର ତଲେ
ଗରୁଡ଼ ଉସୁନା ଚାଲେ ।
ଆମେ ଏକା ଜାନୁ ଭମର ଜାତି
ତମେ ଭାରି ଗଲେ ଉକୁରୁ ବୁକୁରୁ
ଆସା ଚୁମା ଦେବି ଦୁଇଗାଲେ ।

**ଗୀତ କୁଡ଼ିଆଣୀ:** ଗୀତ ହେଲେ ମିତ ଶୁନିତେ ଚକିତ
ଶରଧାରେ କାନେ ଗାଇ
ଝାଲିଆ ମଜୁର ଛିଡ଼ି ପଡ଼ିଲା
ଜରନିଆ ପାନି ଗାଇ ।। (ଚଇତ ପରବ ଗୀତ)

ଏମିତି କେତେ ଗୀତରେ ରାତି ସରେ । ଯାତ୍ରାକାଳରେ ଗୀତ ଗାଇବା ଭତ୍‌ରା ମାନଙ୍କର ଏକ ସାଂସ୍କୃତିକ ଚଳଣି । ଆଦିବାସୀ ଗୀତରେ ପ୍ରକୃତି ସବୁଠାରୁ ଅଧିକ ମୂର୍ତ୍ତୀ । ଗଛ, ଲତା, ମାଟି, ପାଣି, ପବନ, ଫୁଲ, ଫଳ, ଚଢ଼େଇ, ଝରଣା, ନଈ, ପଶୁ, ମଣିଷ ସମସ୍ତେ ଥାଆନ୍ତି ଏ ଗୀତ ଗୁଡ଼ିକରେ ।

## ଆମ୍ ଖାପାନି ପର୍‌ବ

ଆମ୍ବ ଫଳିଲା ପରେ ଭତ୍‌ରାମାନେ (ଏ ଜିଲ୍ଲାର ସମସ୍ତ ଆଦିବାସୀ ଗୋଷ୍ଠୀ) ଆମ୍ବକୁ ତାଙ୍କର ଇଷ୍ଟଦେବତାଙ୍କ ନିକଟରେ ଅର୍ପଣ କରିଥାନ୍ତି । ଏହାକୁ ଆମ୍ ଖାପାନି ପରବ ବୋଲି କୁହାଯାଏ । ଏହି ପର୍ବରେ ଗାଁର ଯୁବକ ଯୁବତୀ ବାଦ୍ୟର ତାଳେ ତାଳେ ନାଚକରି ନିମ୍ନ ଗୀତ ଗାଇଥାନ୍ତି ।

ଆମ୍ ଖାପାନି ଆମ ଖାପାନି

ଝରନ୍ ଆମ୍ ଦେସ୍

ଆମ ଟାକୁଆ ପେଜ୍ ରାନ୍ଧାରାନ୍ଧି ଆମ୍‌ଟା ସାରା ଦେକ ॥

**ଚୈତ୍ରମାସ:** ଏ ମାସରେ ଭତ୍‌ରା ଜନଜାତି ମାଟି ଯାତ୍ରା/ବିହନ ଯାତ୍ରା ପାଳନ କରିଥାନ୍ତି । ଚଇତ୍ର ଅମାବାସ୍ୟାରେ ଗାଁର ସମସ୍ତ ଚାଷୀ ନିଜ ନିଜର ବିହନ ନେଇ ଗାଁର ପୂଜାରୀ ଘରକୁ ଯାଆନ୍ତି । ପୂଜାରୀ ସେ ସମସ୍ତ ବିହନ (ମଞ୍ଜି) କୁ ଗାଁଗୁଡ଼ିକୁ ନେଇ ଶିଆଳୀ ପତ୍ରରେ ଡୁପି(ପୁଡ଼ା) ବନ୍ଧାଯାଇ ବାଦ୍ୟର ତାଳେ ତାଳେ ମନ୍ତ୍ରୋଚ୍ଚର ପୂର୍ବକ ଏହି ବିହନ ଦେବତାଙ୍କୁ ଅର୍ପଣ କରାଯାଇଥାଏ ଏବଂ ସମସ୍ତେ ଭଲ ଫସଲ ପାଇଁ ନାଚକରି ଗୀତ ଗାଇ ମନତି ମାଗିଥାନ୍ତି ଏବଂ ପରେ ସମସ୍ତେ ଘରକୁ ବିହନ ନେଇ ଫେରନ୍ତି ।

**ଢେଲାପିଟାନି (ଚୋପାନି) ପର୍‌ବ :** ଏହି ପର୍ବରେ ଗାଁର ସ୍ତ୍ରୀ ପୁରୁଷ ନିର୍ବିଶେଷରେ ନୂଆଲୁଗା ପିନ୍ଧି ଜମିକୁ ଯାଇ ଚାଷ କରି ଯାଇଥିବା ଜମିରେ ମାଟି ଦେବତା(ଦର୍ଣ୍ଣି ମାଇ/ଧରିତ୍ରୀ)କୁ ପୂଜାର୍ଚ୍ଚନ କରିଥାନ୍ତି । ତାପରେ ମୋଟା ବାଡ଼ିରେ ପିଟି ମାଟି ଗୁଣ୍ଡ କରିଥାନ୍ତି ଏବଂ ମାଟି ଗୁଣ୍ଡ କଲାବେଳେ ନିମ୍ନ ଗୀତ ଗାଇଥାନ୍ତି -

ମାଟି ମା ମାଟି ମା

ଜୋହାର ଆମ୍‌ର ତଳେ

ପରୁର୍ କାଜେ ଶାଗ୍ ପେଜ୍ ଦେ

ନଇଲେ ମରବୁ ଭୁକେ ।

୧. ପରରୁ - ଆସନ୍ତା ବର୍ଷ ପାଇଁ

**ପର୍ବପର୍ବାଣୀ ସମ୍ବନ୍ଧରେ ତଥ୍ୟ ସଂଗ୍ରହ**

୧. ଶୁକଦାସ ଭତ୍‌ରା(ଗୋଣ୍ଡଭତ୍‌ରା) ପିତା: ଗରୁବାରୁ ଭତ୍ରା, ବୟସ ୭୦ବର୍ଷ, ସିର୍ଲିଗୁଡ଼ା ଗ୍ରାମ/ଉମରକୋଟ ।

୨. ୰ ମେଘନାଦ ପୂଜାରୀ,ବୟସ୧୬ (ସଂଗ୍ରହ ସମୟରେ),ଦରଗା ଗୁଡ଼ା, ଉମରକୋଟ ।

୩. ସନସାଏ ଭତ୍ରା, ପି: ସୋମନାଥ ଭତ୍ରା,ବୟସ: ୬୨ ଓ ବଳି ଭତ୍ରା, ପି:

ସୋମନାଥ ଭତ୍ରା, ବୟସ ୫୫, ଗ୍ରାମ: ମଲକିଗୁଡ଼ା, ପୋ: କାରୀଗାଁ, ଭା: ଡାକୁଗାଁ, ଜି: ନବରଙ୍ଗପୁର ।

୪. ଶ୍ରୀ ସାଇମନ ବିଡ଼ିକା ଗ୍ରା/ପୋ: ଧତ୍ରା, ଜି: ନବରଙ୍ଗପୁର ।

## ମୃତ୍ୟୁଗୀତ(ମରନ୍ ଗୀତ୍)

ସୂଚନା: ଆଦିବାସୀ ଜନଜୀବନରେ ମୃତ୍ୟୁ, ମାଟିରେ ମିଶିବା । ଯେହେତୁ ଏମାନେ ମାଟିର ମଣିଷ, ମାଟିକୁ ଛାଡ଼ି ଏମାନଙ୍କ ଜୀବନ କଳ୍ପନା କରିହୁଏ ନାହିଁ । ଭତ୍ରାମାନଙ୍କ ମଧ୍ୟରେ କାହାର ମୃତ୍ୟୁ ହେଲେ, ଶବକୁ ମାଟିରେ ପୋତି ଦିଆଯାଏ । ଶବ ଦାହ କରିବା ବିଧି ନାହିଁ । ମୃତ୍ୟୁପରର ବିଧିବିଧାନକୁ 'ବୁଡ଼ଘର'/ଦଶା ଖଟନି କୁହାଯାଏ । ଗରିବ ଲୋକମାନେ ୩ ଦିନ ଓ ଆର୍ଥିକ ସ୍ୱଚ୍ଛଳ ମାନେ ୫ ଦିନ ଅଶୌଚ ପାଳନ କରନ୍ତି । ଏମାନେ ନିଜ ସକ୍ଷମ ମତେ ବନ୍ଧୁ କୁଟୁମ୍ବଙ୍କୁ ଡାକି ପିତୃପୁରୁଷ ସନ୍ତୁଷ୍ଟି ପାଇଁ ଭୋଜି ଭାତ କରିଥାନ୍ତି । ଏହା କରିବା ପାଇଁ କୌଣସି ସମୟ ସୀମା ନଥାଏ । ଏମାନେ ମୃତ୍ୟୁକାଳୀନ ଶୁଦ୍ଧିକ୍ରିୟା ସମୟରେ ପୁରାଣ ଗାଇଥାନ୍ତି । ସେମିତି ମୃତ୍ୟୁ ସମ୍ବନ୍ଧୀୟ ନିର୍ଦ୍ଦିଷ୍ଟ ଗୀତ ନଥାଏ । ନିମ୍ନରେ ଉମର କୋଟସ୍ଥ ବାଟିବେଡ଼ା ଗ୍ରାମର ସନମତି ଗଣ୍ଡ ଓ ସନବାରି ଗଣ୍ଡଙ୍କ ଠାରୁ ଏକ ମୃତ୍ୟୁଗୀତ ସଂଗ୍ରହ କରାଯାଇ ଦିଆଗଲା । ଏହାକୁ ସଂଗ୍ରହ କରିଛନ୍ତି: ଶ୍ରୀଯୁକ୍ତ ରବି ସିଂ ମାଝୀ, ସ୍ୱାଧୀନାତ ସଂଗ୍ରାମୀ, ବୟସ-୭୯, ବାଟିବେଡ଼ା ଗ୍ରାମ, ଭାମିନି, ଉମରକୋଟ, ସଂଗ୍ରହ ତାରିଖ ୧୨.୧.୨୦୦୧, ସହାୟତା: ଶ୍ରୀ ଶରତ ଚନ୍ଦ୍ର ମାଝୀ, ଉମରକୋଟ ।

ମୂଳଗୀତ ଭାଷା: ଭତ୍ରୀ/ବସ୍ତରିଆ

ତିରିନା ନାନା ତିରିନା ତିରିନା ନାନାରେ
କାକ ବଲୁନ୍ କାକକଯେ କାକ ବଲୁନ କାକ ॥
ଆମି ଆତ ଗୁଟଆଁ ଦୟା ଅମି ଅତ ଗୁଟଆଁ ଦୟା
ଆତ ଆଲେ ନିକରାୟେ ଦୟା ଆତ ଆଲେ
ନିକ୍‌ରାୟେତ୍ ॥
ଡିକ୍‌ତାକ୍ ଗୁଟେଦ୍ ଦୟା ଡିକ୍‌ତାକ୍ ଗୁଟେ ଦୟା
ସାତକଡ଼ି ଦଙ୍ଗଡ଼ା ଦଙ୍ଗଡ଼ି ଡିକ୍‌ତାକ୍ ଗୁଟେ ଦୟା ॥

ଛନକବା ଲକ୍ ଛନକେ ଦୟା

ଚୁନକବା ଲକ ଚୁନକେଦ୍

ଆଖି ପାଖି ଦେଖେ ଦୟା ଆଖି ପାଖି ଦଖେତ

ଲୁଟ୍‌କେ ମାରୁନ୍ ଖାଏଦ୍ ଦୟା ଲୁଟ୍‌କେ ମାରୁନ୍ ଖାୟେଦ୍

ମଙ୍ଗ ମଙ୍ଗ ବାସ ଦୟା ମଙ୍ଗ ମଙ୍ଗ ବାସ୍ (୨ଥର)

କାକ ବଲୁନ୍ କାକ୍‌କ ଯେ କାକ ବୁଲୁନ୍ କାକ

ଆମି ଆତ ଗୁଟଲୁ କାକ ଆମି ଆତ ଗୁଟଲୁ ।।

ସକଲ ଡକଲ କରେଦ୍ ଦୟା ଇସପୁରି ଝଅଁରା ଦୟା(୨ଥର)

କାକ୍ ବଲୁନ୍ କାକ୍ ଯେ କାକ୍ ବଲୁନ୍ କାକ୍ ।।

ଆମି ପାନି ଧୋଉଁକ୍ ଯାଆଁ ଦୟା ଆସି ଆମି ପାନି ବୌଉକ ଯାଆଁ

ଗହିରି ନିସ୍‌କାଉଁ ଦୟା ଗହିରି ନିସ୍‌କାଉଁ ଦିଲା ।।

ମୁଣ୍ଡ ବାହନି ବହେଦ୍ ଦୟା ମୁଣ୍ଡେ ବାହନି ବହେଦ୍

ଗହିରି ଆଲେ ବହେଦ୍ ଦୟା ଗହିରି ଆଲେ ବହେଦ୍ ।।

ଦାଣ୍ଡେ ଲମୁନ୍ ଯାଏଦ୍ ଦୟା ଦାଣ୍ଡେ ଲମୁନ୍ ଯାଏଦ୍

ସିଙ୍ଗ୍ ଦେହେତିନ୍ ଯାଏଦ୍ ଦୟା ସିଙ୍ଗ୍ ଦେହେତନ୍ ଯାଏଦ୍ ।।

କରି ମିଝି ଲମୁନ୍ ଯାଏଦ୍ ଦୟା କରିମଝି ଲମୁନ୍ ଯାଏଦ୍

କପୁର ଦତୁନ୍ ଟୁଟାଏଦ୍ ଦୟା କପୁର୍ ଦତୁନ୍ ଟୁଟାଏଦ୍ ।।

କିର୍‌କାର ରଖେଦ୍ ଦୟା କିର୍‌କାର୍ ରଖେଦ୍

କାକ ଜଗତା ଲାଗେଦ୍ ବଲତା ଦୟା କାକ ଜଗତା ଲାଗେଦ୍ ବଲେଦ୍

କାକ ବଲୁନ୍ କାକ୍ ଯେ କାକ୍ ବଲୁନ୍ କାକ

ପାନିକରି ଧେହୁଁନ୍ ଭଇନ୍‌ଲୋଗ୍ ବୋଲାବୋଲି ହୋଏଦ୍ ,

ଦାଣ୍ଡେ ଲଗୁନ୍ ଯାଏଦ୍ ଦୟା ପାନି କାଜି ଧୋହୁଁନ୍,

ଦାଣ୍ଡେ ଲଗୁନ୍ ଯାଏଦ୍ ।

ଓଡ଼ିଆ ଅନୁବାଦ

ସୁବାସ ଚନ୍ଦ୍ର ମିଶ୍ର , ଶରତଚନ୍ଦ୍ର ମାଝୀ, ରବି ସିଂ ମାଝୀ

## ମରଣ ଗୀତ

ଡିରିନି ନାନା ବୋଲି ସ୍ୱରରେ ଗୀତ ଗାଉଛୁ ଯେ
ଏବେ ଆଉ ଆଇ ବୋଲି କାହାକୁ ଖୋଜିବୁ ଯେ କାହାକୁ ଖୋଜିବୁ ॥
ହାତରେ ମୂଷଳ ଧରି ଧାନ କୁଟୁଥିଲୁ ଯେ ଧାନ କୁଟୁଥିଲୁ
ବାଉଁଶ ପାତିଆ ତିଆରି ଧଡ଼ାରେ ଧାନ ବାହାର କରୁଥିଲୁ ଯେ
ବାହାର କରୁଥିଲୁ ।
ଡିକ୍‌ଡାକ୍ ମୂଷଳରେ ଶବ୍ଦ କରୁଥିଲୁ ଯେ ଶବ୍ଦ କରୁଥିଲୁ
ସାତକୋଡ଼ି ଯୁବକ ଯବୁତୀ ମୂଷଳରେ ଡିକ୍‌ଡାକ୍ ଶବ୍ଦ କରୁଥିଲୁ ଯେ
ଶବ୍ଦ କରୁଥିଲୁ
କୁଲାରେ ଧାନ ପାଛୁଡୁଥିଲୁ ଯେ ଧାନ ପାଛୁଡୁ ଥିଲୁ
ପୋଲା ଧାନ ଉଡ଼ି ଯାଉଥିଲା ଯେ ନିଦା ଧାନ ରହି ଯାଉଥିଲା
ଠିକ୍ ସେମିତି ତୋତେ ଆଉ ଆଖିରେ ଦେଖି ହେବନି ଯେ
ଆଖିରେ ଦେଖି ହେବନି
ବାସନା ଧାନକୁ କୁଟି ଖାଉଥିଲୁ ଯେ କୁଟିଖାଉଥିଲୁ
ମହ ମହ ବାସୁଥିଲା ଯେ ମହ ମହ ବାସୁଥିଲା
ଏବେ ଆଉ ଆଇ ବୋଲି କାହାକୁ ଖୋଜିବୁ ଯେ କାହାକୁ ଖୋଜିବୁ ॥
ଆମେ ହାତରେ ଧାନକୁଟୁଥିଲୁ ଯେ ଧାନ କୁଟୁଥିଲୁ
ଧାନକୁଟି ଚାଉଳକୁ ଗୋଟେଇ ନେଲାପରି
ଯମ ଈଶ୍ୱର ତୋତେ ଗୋଟେଇ ପୋଟେଇ ନେଇଗଲା ଯେ
ଆଇ ଯମ ଈଶ୍ୱର ତୋତେ ଗୋଟେ ପୋଟେଇ ନେଇଗଲା ॥
ଆମେ ଗାଧୋଇବାକୁ ଯାଉଛୁ ଯେ ଆମେ ଗାଧୋଇବାକୁ ଯାଉଛୁ
ଗରା ବାହାର କଲୁ ଯେ ବାହାର କଲୁ
ମୁଣ୍ଡରେ କନା ମୁଚୁଳା ଦେଇ ମୁଣ୍ଡରେ ରଖିଲୁ ଯେ ମୁଣ୍ଡରେ ରଖିଲୁ

ଗରା ବୋହିଲୁ ଯେ ଗରା ବୋହିଲୁ

ଦାଣ୍ଡରେ ଧାଡ଼ି ବାନ୍ଧି ଚାଲିଲୀ ଯେ ଧାଡ଼ିବାନ୍ଧି ଚାଲିଲୁ

ଘର ଦୁଆର ଆଗରେ ପହଞ୍ଚିଲୁ ଯେ ଘର ଦୁଆର ଆଗେର ପହଞ୍ଚିଲୁ

ସିଙ୍ଗ୍‌ଦେବତା (ଗାଁର ମୁଖ୍ୟ ଦେବତା) ଘରର ଦ୍ୱାର ପାଖକୁ ଗଲୁଯେ ଦ୍ୱାର ପାଖକୁ ଗଲୁ

ଦାଣ୍ଡ ମଝିରେ ଧାଡ଼ି ବାନ୍ଧି ଚାଲିଲୁ ଯେ ଧାଡ଼ିବାନ୍ଧି ଚାଲିଲୁ

କପୁର୍ ଗଛରୁ ଦାନ୍ତକାଠି ଭାଙ୍ଗିଲୁ ଯେ ଦାନ୍ତକାଠି ଭାଙ୍ଗିଲୁ

ଜିଭ କୋରିଲୁ ଯେ ଭିଜ କୋରିଲୁ

ଆଉ କାହା ପାଖରେ ଅଳି କରିବୁ ଯେ ଅଳିକରିବୁ

ଏବେ ଆଉ ଆଈ ବୋଲି କାହାକୁ ଖୋଜିବୁ ଯେ କାହାକୁ ଖୋଜିବୁ

ଗାଧୋଇ ସାରି ଆମେସବୁ ସ୍ତ୍ରୀଲୋକ ଦାଣ୍ଡରେ ଧାଡ଼ିବାନ୍ଧି ଯାଉଛୁ ଯେ

ଧାଡ଼ି ବାନ୍ଧି ଯାଉଛୁ ।।

(ଏମିତି ମୃତ ସଂପର୍କୀୟ ଓ ସଂପର୍କୀୟଙ୍କ ପାଇଁ ମରନ୍ ଗୀତ ବାହୁନା ଯାଇପାରେ ।)

❀❀❀

# ଭତ୍ରୀ ଲୋକ କାହାଣୀ

## ମର୍‌ଲା ମନୁସ ଖଡ଼ାମାରେ

*ଗଳ୍ପସଂଗ୍ରହ: କମଳ ଲୋଚନ ଗଣ୍ଡ, ବୟସ -୬୦*
*ସିର୍ଲିଗୁଡ଼ା , ଭାୟା: ଉମରକୋଟ, ଜିଲ୍ଲା: ନବରଙ୍ଗପୁର*

ଗଟେ ସଉକାର ରେଲା । ସଉକାର ଗଟେକ୍ କମିଆ ଦର୍‌ଲା । ଗଟେକ୍ କୁକୁର୍ ପୋଷ୍‌ଲା । ସଉକାର ର କମିଆ ସଉକାରନି କେ ବାଲିଫୁଲ ବାନ୍ଦ୍‌ଲା । ସଉକାର ର କୁକୁର୍ ରିଷା ଲାଗି କମିଆକେ ଚାବିଦେଲା । କମିଆ ମରିଗଲା । ସଉକାରନି କମିଆକେ ନେଲା ଆରି ଗଚେ ଉଟ୍‌କି ଦେଲା । ସବୁଦିନେ ଗଚ ତାନେ ଯାଇ ସଉକରନି ତାଲେ ଦେକତେ ରେଲା । ଗଟେକ ଦିନ ରସି କୁଇଁ ଗଲା ଆର ମର୍‌ଲା କମିଆ ତଲେ ଘସରଲା । କିମିଆ ର ଗାଗନ୍ଦେ ମସିଆଣି ପାନି ଥିପ୍‌ତେ ରେଲା । ଖଡ଼ା ପାନି କାଇଜାକେ ଆସ୍‌ଲା ଆରି କମିଆବ୍ ମୁଣ୍ଡ ତାକେ ପାଇଲା । ଖଡ଼ା କେ ଘସରି କରି ମୁଣ୍ଡ ଚେଗାଇଲା । ସେ ଖଡ଼ାକେ ସଉକାରନି ଆନ୍‌ଲା । ଖଡ଼ା କେ ଶାଗ୍ ରାନ୍ଦଲା । ଶାଗ୍ ରାନ୍ଦବାକେ ସଉକରନି ଲୋକକେ କାଇ ବସାଇଲା । ସଉକାରକେ ସଉକାରନି ଗଟେକ୍ ଦନ୍ଦା ସାଙ୍ଗଲା -

ମର୍‌ଲା ମନୁସ ଖଡ଼ା ମାରେ
ଜୀଉତା ମନୁସ ଖାଏ
ଇ ଦନ୍ଦାକେ ନାଇ ଜାନ୍‌ଲେ
ଏ ଜନମ କୟଦି ଯାଏ ।

ସଉକାର ର ଗଟେକ୍ ଭଏନି ରେଲା । ପୁଲିସ୍ ରିପୋଟ୍ ଏଲା । ତା'ର ଭଏନିକେ ପୁଲିସ୍ ଆନିଗାଲାୟ ।

ଭଏନି ସାଙ୍ଗଲା "ଯାଇ ରା ।" ଆଶ୍ରମେ ରେଲା । ଭଏନି ତାର ଭାଇକେ ଦେକତେ ଯିବି ବୋଲି ଆସତେ ରେଲା ଦିରେ ଦିରେ । ଅଦିକ୍ ନାଇକେ ରିଙ୍ଗ ନାଇସକେ । ମଇଦାନ ବେଲି ସର୍ଗି ଗଛ ତଲେ ଖଣ୍ଡିକ ବିସାଇଲା ।

ହାଇ ସର୍ଗିଗଡ ତାନେ ଗଟେକ ଶୃଙ୍ଗାର ଚେଡ଼ି ବାସା ନେଇରେଲା । ଶୃଙ୍ଗାର ଚେଡ଼ିର ମାଇଜି ତା'ର ଆଣ୍ଡରାକେ ପାଚାର୍‌ଲା : ନାଇଁ ଆମର ଗଟେନର ଗଚ ଥିନେ ବସ୍‌ଲା ଆଚେ । ତାକେ ବଡ୍ ଦୁକ୍ ଏଲା ଆଚେ, ତାକେ ବୁଦି ନାଇ ସାଙ୍ଗଲେ ତାକେ ବାଧା ହେଇ ଯାଇସି ।

ଅଣ୍ଡରା ଶୃଙ୍ଗାର ଚେଡ଼ି ସାଙ୍ଗଲା ଯେ ସଉକାରନି ସଉକାରକେ ଦନ୍ଦା ସାଙ୍ଗଲାଚେ ଯେ ''ଜନମ କୟଦି ଯାଏ ।''

ଚେଡ଼େମନ ସାଙ୍ଗ୍ଲା କାତାକେ ସଉକାର ର ଭଏନି ଶୁନ୍ଲା । ଏଡ଼୍କି ଦାୟ ସଉକାରକେ ଶୁଲୀ ଦେବାବେଲେ ତାର ଭଇନି କେଟଲା । ସଉକାର କେ ପୁଲିସ୍ ସେ କେନ୍ତା ଦନ୍ଦା ନାଇଁ ଜାନ୍ଲା ପଚରାଇଲା ।

ପଚେ କାୟ କରାଲାୟ । ସାଉକାର ବଲଲା ନାଇଁ ବାବୁ ମୁଇଁ ନାଇଁ ସାଙ୍ଗିପାରେ ।

ଭଏନି ସାଙ୍ଗଲା : ସଉକାର କମିଆ ଦାରଲା । ହାଇ କମିଆ ସଉକାରନି କେ ବାଲିଫୁଲ ବାନ୍ଦଲା । ଏସନ ଦାନ୍ଦା ଏଲା ।

ତାରପର ସଉକାରକେ ଚାଡ଼ି ଦେଲାୟ ସଉକାରନି କେ ଶୁଲି ଦେଲାୟ ।

## ଓଡ଼ିଆଭାଷାରେ ଅନୁବାଦ :

ଜଣେ ମହାଜନ ଥିଲା । ସେ ତା ଜମିବାଡ଼ିରେ କାମ କରିବା ପାଇଁ ଜଣେ ହଳିଆ ରଖିଲା । କୁକୁରଟିଏ ପୋଷିଲା । ମହାଜନର ହଳିଆ ମହାଜନର ପତ୍ନୀ ସହ ଗୁପ୍ତ ପ୍ରଣୟରେ ମାତିଲା । କୁକୁର ଏହା ଦେଖି ରାଗିଗଲା ଓ ହଳିଆକୁ କାମୁଡ଼ି ପକାଇଲା । ହଳିଆ ମରିଗଲା । ମହାଜନର ପତ୍ନୀ ହଳିଆର ଶବକୁ ନେଇ ବେକରେ ଦଉଡ଼ି ବାନ୍ଧି ଗଛରେ ଓହଳାଇ ଦେଲା । ପ୍ରତିଦିନ ମହାଜନର ପତ୍ନୀ ତାର ମଢ଼କୁ ଦେଖିବାକୁ ଯାଏ । ମଢ଼ କିଛି ଦିନ ପରେ ପଚି ଗଲା । ଦେହ ଫାଟି ରକ୍ତ ପାଣି ଟୋପା ଟୋପା ହୋଇ ଗଛ ତଳେ ପଡ଼ିଲା । ସେହି ପଚା ପାଣି ଖାଇବାକୁ ଠେକୁଆଟିଏ ଆସିଲା । ପାଣି ଚାଟି ଉପରକୁ ମୁଣ୍ଡ ଉଠାଇ ଚାହିଁବା ସମୟରେ ମଢ଼ ବେକର ଦଉଡ଼ି ଛିଡ଼ି ତାହା ତଳେ ପଡ଼ିବା ବେଳେ ଠେକୁଆ ଉପରେ ମଢ଼ର ମୁଣ୍ଡ ବାଜି ଠେକୁଆ ମଢ଼ ତଳେ ଚାପି ମରିଗଲା । ମଢ଼ତଳୁ ଠେକୁଆଟିକୁ ବାହାର କରି ମହାଜନର ସ୍ତ୍ରୀ ଘରକୁ ଆଣି ତାର ମାଂସ ରାନ୍ଧି ମହାଜନକୁ ଖାଇବାକୁ ଦେଇ ପହେଳୀଟିଏ ପଚାରିଲା-

''ମଲା ମଣିଷ ଯେ ଠେକୁଆ ମାରେ
ଜୀଅଁନ୍ତା ମଣିଷ ଖାଏ

ଏ ପହେଲୀକୁ କହି ନ ପାରିଲେ
ଫାଶି ଦଣ୍ଡ ପାଇଥାଏ ।''

ମହାଜନ ପହେଲୀର ଉତ୍ତର ଦେଇ ପାରିଲା ନାହିଁ । ମହାଜନର ସ୍ତ୍ରୀର ଅଭିଯୋଗରେ ପୋଲିସ୍ ତାକୁ ଜେଲକୁ ନେଇଗଲେ । ମହାଜନର ଭଉଣୀଟିଏ ଦୂର ଆଶ୍ରମରେ ରହୁଥିଲା । ମହାଜନ ତାକୁ ଦେଖିବାକୁ ଚାହିଁବାରୁ ପୋଲିସ ତାକୁ ଆଣିବାକୁ ଗଲେ ।

ଭଉଣୀ, ''ତୁମେ ଯାଇଥାଅ । ମୁଁ ଆସୁଚି ।'' ଭଉଣୀ ଭାଇକି ଦେଖିବ ବୋଲି ଧୀରେ ଧୀରେ ଚାଲିବାକୁ ଆରମ୍ଭ କଲା । ସେ ବେଗରେ ଚାଲି ପାରୁନଥିଲା । କ୍ଳାନ୍ତ ହୋଇ ଟିକିଏ ଥକ୍କା ମେଣ୍ଟାଇବା ପାଇ ବାଟରେ ଥିବା ସର୍ଗି (ଶାଳ) ଗଛ ମୂଳେ ବସି ପଡ଼ିଲା ।

ଉକ୍ତ ସର୍ଗି ଗଛ ଡାଳରେ ଶୁଙ୍ଗାର ଚଢ଼େଇ ଦମ୍ପତିଟିଏ ବସା ବାନ୍ଧି ରହିଥିଲେ । ଶୁଙ୍ଗାର ଚଢ଼େଇର ପତ୍ନୀ ତାର ସ୍ୱାମୀକୁ କହିଲା- ଦେଖ ମଣିଷଟିଏ ଗଛ ତଳେ ବସିଛି । ତାକୁ ବଡ଼ ଦୁଃଖ ପଡ଼ିଛି । ତାକୁ ବୁଦ୍ଧି ନବତାଇଲେ, ତାକୁ ଭାରି ବାଧା ହେବ ।

ଅଣ୍ଡିରା ଶୁଙ୍ଗାର ଚଢ଼େଇ କହିଲା ଯେ ମହାଜନର ପତ୍ନୀ ମହାଜନକୁ ଗୋଟିଏ ପହେଲୀ ପଚାରିଛି, ତାର ଉତ୍ତର ଦେଇ ନ ପାରିବାରୁ ସେ ଫାଶି ପାଇବ । ଶୁଙ୍ଗାର ଚଢ଼େଇ ତା ପତ୍ନୀକୁ ହଳିଆ ଓ ମହାଜନ ପତ୍ନୀର ପ୍ରେମ ଓ ଠେକୁଆ ମରିବା କଥା ଏବଂ ଏହା ହିଁ ପହେଲୀର ରହସ୍ୟ ବୋଲି କହିଲା ।

ଭଉଣୀ ଗଛତଳେ ବସି ଦୁଇ ଚଢ଼େଇଙ୍କ କଥା ଶୁଣିଲା । ଠିକ୍ ତା ଭାଇକୁ ଶୂଳୀରେ ବସାଇବାକୁ ନେଉଥିଲା ବେଳେ ଭଉଣୀ ପହଞ୍ଚିଲା ।

ପୋଲିସ୍ ମହାଜନକୁ ପହେଲୀର ଉତ୍ତର କ'ଣ ହେବ ସେ କହି ପାରିବକି ? ବୋଲି ପ୍ରଶ୍ନ ପଚାରିବାରୁ ମହାଜନ ଉତ୍ତର ଦେଇ ପାରିବ ନାହିଁ ବୋଲି କହିଲା ।

ଭଉଣୀ କହିଲା- ତା ଭାଇ ହଳିଆ ରଖିଲା । ହଳିଆ ଓ ତା ଭାଉଜର ସମ୍ପର୍କ ହେଲା, ଏମିତି ପହେଲୀର ସୃଷ୍ଟି ହେଲା ।

ପୋଲିସ୍ ସବୁ ବୁଝିପାରି ମହାଜନକୁ ଛାଡ଼ି ଦେଲା ଓ ମହାଜନର ପତ୍ନୀକୁ ଶୂଳୀରେ ଚଢାଇଲା ।

❋❋❋

# ରାଡ଼ି ମାହେଟୁରା ବେଠା

ମୂଳଭାଷା : ଭତ୍ରୀ (କସାଗୁମୁଡ଼ା)

ଅଞ୍ଚଳ/ତଥ୍ୟପ୍ରଦାନ: ସମ୍ପାରୁମାଝୀ, ବଜରଗଡ଼

ଜିଲ୍ଲା: ନବରଙ୍ଗପୁର/ମାର୍ଫତ୍ : ଶ୍ରୀଲକ୍ଷ୍ମୀଧର ମହାନ୍ତି, କସାଗୁଗୁଡ଼ା)

ରାଡ଼ି ମାହେ ଟୁରା ବେଠା ରହେଦ୍ । ରରୁ ରରୁ ପିଲା ବଡ଼ ହେଲା । ପିଲା ଗଲା ରାଜା ଘରେ କମିଆ ରଲା । ତାର ମା ଗଟେକ୍ ଗରେ ପାହେଟିକାରିନ୍ ହେଲା । ଦୁଇ ଲକ ଦୁକ୍‌ତେ ଛଲତ୍ ।

ଆଅରି ଗୋଟାଗାଁ ଦୁଇଟା ଶାଅକାର ରହିତ୍ । ଡମ୍ ଶାଅକାର ବିକାରିକେ ବିକ୍ ନାଇଁ ଦେବାହାର୍ ଆ ଅରି ଗୋଟ୍ ଶାଅକାର ବିକାରିକୁ ଦେବାହାର । ଗୁଲା ଲକ୍‌କେ ଡାକି ଡାକି ଦେବାହାର୍ । ଡମ୍ ବୁଡ଼ା ବାର ଲବି ଗୋଟଦିନ ବିକାରି ଆସ୍‌ଲା । ଡମ୍ ବୁଡ଼ା ଗରର ବାଟେ ରଲା । ବିକାରି ବିକ୍ ମାଗଲା । ଡମ୍‌ବୁଡା "ଆମର ଗରେ ଲୋକ୍ ନିଆତ୍" ସାଙ୍ଗଲା । ବିକାରି ଉଟି ଗାଲା ।

ଡମ୍ ବୁଡ଼ାର ବୁଆରି ଗର ଭିତରେ ରଲା । ବିକାରି ଉଟିଯିବା ଦେକି ତାର ଆକି ତାନୁ ପାନି ନିସ୍‌କିଗାଲା । ଗାରିଆ ବିତରେ ଚାଉଁରି ଦରି ପାନିକେ ଗାଲା । ବିକାରିକେ ଡାକଲା ଆଅରି ମଜି ବାଟ୍ ତାନେ ବିକ୍ ଦେଲା । ହାଏ ବୁଆରି ତାକେ ସାଙ୍ଗଲା ଆମର ସତରା ଲବି ଆଏ, ମୁଇଁ ଘର ବିତରେ ରହିଲି ।

ଆଅରି ଗଟେକ୍ ଦିନ୍ ଲଚମି ରାନି ବିକ ମାଙ୍ଗବାକେ ଡକରି ମାଇଜୀ ବେଶ୍‌ନେ ଆସଲା । ଡମ ବୁଡାକେ ବିକ୍ ମାଙ୍ଗଲା । ଡମବୁଡ଼ା ଲଚମି ରାନିକେ ଆମର ଗରେ ଚଉଁର ନାଇଁ କି ଦାନ୍ ନାଇଁ ସାଙ୍ଗଲା । ଲଚମି ରାନି ଡମବୁଡ଼ାର କୁଟ କପଟ କେ ଜାନ୍‌ଲା ଆଅରି ବୁଡ଼ାର ଦାନ, ମଡ଼ିଆ, ବିରି ଉଡ଼ିଗଲା । ଲଚମି ରାନି ହଇତାକୁ ନିସ୍‌କିଗାଲା ।

ଯାଇତେ ଯାଇତେ ଲଚମି ରାନି ବାଠେ ଦକ୍‌ଲା ଛଅ କୋଡ଼ି କୋମିଆଁ ଦାନ୍ କାଟ୍‌ତେ ରହେଦ୍ । ରାନି ହାଇ ବାଟ୍‌କେ ଗାଲା । ରାଡି ମାହେ ଟୁରା ବେଠା ହାଇତାନେ ରଲା । ରାଡି ବୁଡିର ବେଠାର ନାମ୍ ରଏନୁ ସାନ୍ ପିଲା ରଲା । ଛଅ କଡ଼ି କୋମିଆଁ ରହେନୁକେ ଟାପରା କଲାଇ । ତମର ଗରେ ଦିଦି ଆହେସି ଆଚେ । ରଏନୁ ସାନ୍ ପିଲା ।

ଟାପରା ନାଇଁ ଜାନ୍‌ଲା । ଲଚମି ରାନି ରଏନୁକେ ଦକ୍‌ଲା । ରଏନୁକେ ଡାକଲା । ରଏନୁ ଲଚମି ରାନିର ପାସେ ଗାଲା । ରଏନୁ ବକୁଆ ଏଲା । ଲଚମି ରାନି ସାଙ୍ଗଲା ମୁଇଁ ତର ବିବି । ତୁଇ ସାନ୍ ରେଲୁ ମୁଇଁ ବିବା ଏଲି । ତର ମା କୋନ୍‌ତ ଗାଲା ? ରଏନୁ ସାଙ୍ଗଲା, ମା ବୁଢ଼ୀ କରାଗଲା । ମୁଇଁ ଶାଅକାର ଗରେ କୋମିଆଁ ଆଚି । ଲଚମି ରାନି ରଏନୁ ତାର ମାକେ ଡାକି ପଠାଇଲା ।

ରଏନୁ ତା'ର ମାକେ ଡାକି ଆନ୍‌ଲା । ରଏନୁ ଆ ଅରି ଲଚମି ରାନି ଡଙ୍ଗର ମାରଲାଇ । ଦାନ୍ ବୁନଲାଇ, ଦାନ ପାକଲା ଆ ଅରି କାଟଲାଇ । ଦାନ୍ ମିଡାଇ ଲାଇ । ବଡ ଗର ବାନ୍ଦଲାଇ । ରଏନୁ କାଳେ ମାଇଝି ଆନଲାଇ । ରଏନୁ ବଡ଼ ଶାଅକାର ଏଲା ।

ଲଚମି ରାନି ରଏନୁକେ ସାଙ୍ଗଲା ମକେ ଗୁରୁବାର ଦିନେ ପୂଜା କରି ଆଅରି ଗୋରଲା ତାନେ ତେଗାୟଲା । ରଏନୁ କମିଆ ନା ମାଡ଼ଲା, ଗିରି ଥାନେ ବସିରେଲା ।

## ଓଡ଼ିଆରେ ଅନୁବାଦ :

***ଗଳ୍ପ: ବିଧବା ମା ଓ ବାପଛେଉଣ୍ଡ ପୁଅ କାହାଣୀ ।***

***କାହାଣୀ ସଂଗୃହୀତ - ସମ୍ବାରୁ ମାଝୀ***

ବିଧବା ମା ଓ ତାର ବାପଛେଉଣ୍ଡ ପୁଅ ରହୁଥିଲେ । ଧୀରେ ଧୀରେ ପୁଅ ବଡ଼ ହେଲା । ପିଲା ଯାଇ ରଜା ଘରେ ଜମି କାମ କଲା । ତା ମା ଜଣକ ଘରେ ପାଇଟି କଲା । ଦୁଇଜଣ ଭାରି ଦୁଃଖରେ ଚଳୁଥିଲେ ।

ଆଉ ଗୋଟିଏ ଗାଁରେ ଦୁଇଜଣ ସାହୁକାର ରହୁଥିଲେ । ଡମ୍ ସାହୁକାର ଭିକାରୀକୁ ଭିକ ମୁଠେ ବି ଦିଏ ନାଇଁ; ଆର ସାହୁକାର ଭିକ ଦେଉଥିଲା । ଅଭାବି ଲୋକଙ୍କୁ ଡାକି ଭିକ ଦିଏ । ଦିନେ ଭିକାରୀଟିଏ ଡମ୍ ସାହୁକାର ବାଡ଼ ବାଟ ଦେଇ ଭିକ ମାଗିବାକୁ ଆସିଲା । ଡମ ବୁଢ଼ା ଘର ଭିତରେ ଥିଲା । କବାଟ ଜଳା ବାଟେ ଦେଖି ଆମ ଘରେ କେହି ନାହାନ୍ତି ବୋଲି କହିଲା । ଭିକାରୀ ଚାଲିଗଲା ।

ଡମ ବୁଢ଼ାର ସ୍ତ୍ରୀ ଘର ଭିତରେ ଥିଲା । ଭିକାରୀ ଚାଲିଯାଉଥିବାର ଦେଖି ତା ଆଖିରୁ ଲୁହ ବୋହିଗଲା । ଗରିଆ ଭିତରେ ଚାଉଳ ନେଇ ସେ ପାଣି ଆଣିବାକୁ ଗଲା । ବାଟରେ ଭିକାରୀକୁ ଦେଖି ତାକୁ ଡାକି ମଝି ଦାଣ୍ଡରେ ଭିକ ଦେଲା । ଭିକ ଦେଇ କହିଲା, ମୋ ସ୍ୱାମୀ ଭାରି ଲୋଭୀ । ମୁଁ ଘର ଭିରେ ଥିଲି ।

ଆଉ ଦିନେ ମହାଲକ୍ଷ୍ମୀ ବୁଢ଼ୀ ବେଶରେ ଡମା ସାହୁକାର ଘରକୁ ଭିକ ମାଗିବାକୁ ଆସିଲେ । ଡମ ବୁଢ଼ା ଘରେ ଧାନ କି ଚାଉଳ ନାହିଁ ବୋଲି କହିଲା । ମହାଲକ୍ଷ୍ମୀ ଡମ ବୁଢ଼ାର କୂଟ କପଟ ଜାଣିପାରିଲେ । ସେ ବୁଢ଼ାର ଧାନ ମାଣ୍ଡିଆ, ବିରି, କୋଳଥ ଉଭାନ୍ କରିଦେଲେ । ସେଠାରୁ ଚାଲିଗଲେ । ଯାଉ ଯାଉ ମହାଲକ୍ଷ୍ମୀ ବାଟରେ ଦେଖିଲେ ଶହେ କୋଡ଼ିଏ ଲୋକ ଜମିରୁ ଧାନ କାଟୁଛନ୍ତି । ମହାଲକ୍ଷ୍ମୀ ସେ ସ୍ଥାନକୁ ଗଲେ । ବାପଛେଉଣ୍ଡ ପୁଅ ରଏନୁ ସେଠାରେ ଥିଲା । ରଏନୁ ଛୋଟ ପିଲା । ଛଅ କୋଡ଼ି ଲୋକ ତାକୁ ଥଟ୍ଟା କଲେ । ତୋ ଘରୁ ବଡ଼ ଭଉଣୀ ଆସୁଛି ବୋଲି । ରଏନୁ ଏହି ଥଟ୍ଟା ବୁଝି ପାରିଲା ନାହିଁ, ମହାଲକ୍ଷ୍ମୀ ରଏନୁ କୁ ଦେଖି ନିଜ ପାଖକୁ ଡାକି କହିଲେ ମୁଁ ତୋର ବଡ଼ ଭଉଣୀ । ତୁ ଛୋଟ ଥିଲୁ । ମୁଁ ବାହା ହୋଇଗଲି । ତୋ ମା କୁଆଡ଼େ ଯାଇଚି କି ? ରଏନୁ ତା ମା କାମ କରିବାକୁ ଯାଇଛି ଓ ସେ ସାହୁକାର ର ଚାକର । ମହାଲକ୍ଷ୍ମୀ ରଏନୁ କୁ ତା ମାକୁ ଡାକି ଆଣିବାକୁ ପଠାଇଲେ ।

ରଏନୁ ମା କୁ ଡାକି ଆଣିଲା । ରଏନୁ ଓ ମହାଲକ୍ଷ୍ମୀ ପାହାଡ଼ର ଜଙ୍ଗଲ କାଟି ଜମି ଉଠିଆ କଲେ, ଧାନ ବୁଣିଲେ । ଧାନ ପାଚିଲା ପରେ ଅମଳ କଲେ । ବଡ଼ ଘର ତିଆରି କଲେ । ରଏନୁକୁ ବିବାହ କରାଇଲେ । ରଏନୁ ନିଜେ ଏବେ ସାହୁକାର ହେଲା ।

ମହାଲକ୍ଷ୍ମୀ ରଏନୁକୁ କହିଲେ ତୁ ମୋତେ ପ୍ରତି ଗୁରୁବାର ଦିନ ପୂଜା କରିବୁ । ଏତିକି କହି ପାଖ ନାଳରେ ଡେଇଁ ସେ ଅଦୃଶ୍ୟ ହୋଇଗଲେ ।

ରଏନୁ ସେହି ଦିନଠାରୁ ଆଉ ସାହୁକାର ଘରକୁ କାମ କରିବାକୁ ଗଲା ନାହିଁ, ଘରେ ରହିଲା ।

ଏହି କାହାଣୀରୁ ଭତ୍ରା ସମ୍ପ୍ରଦାୟ ମହାଲକ୍ଷ୍ମୀକୁ ଧନ ଓ ଐଶର୍ଯ୍ୟର ଦେବୀ ଭାବରେ ପୂଜା କରିବାର ସୂଚିତ ହୁଏ ।

***

# ପାଟ୍ ରାଜା, ପାଟ୍‌ରାନି କାତା

*ମୂଳଭାଷା : ଭତ୍ରୀ , ସଂଗ୍ରହ: ବଜର ଗଡ଼ ଗାଁ*

*କସାଗୁମୁଡ଼ା ଅଞ୍ଚଳ, କଟକ: ସମ୍ବାରୁ ମାଝୀ*

*ସୌଜନ୍ୟ: ଲକ୍ଷ୍ମୀଚନ୍ଦ୍ର ମହାନ୍ତି*

ପାଟ୍ ରାଜା, ପାଟ୍ ରାନି ରଏତ୍ । ରଉ ରଉ କେତେକ ଦିନ ଏଲା । ପାଟ୍‌ରାନି ପାଟ୍ ରଜାକେ ସାଙ୍ଗଲା, ‘‘ମୋର କାତା ଶୁନା ।’’ ମତେ ଜିଆଦ୍ ମଉଁସ କାଆ ପଟି ଲାଗଲାନି । ତୁଇ ବଣ ବୁଲା ଯା ।’’ ପାଟ୍ ରାନିର କାତା ଶୁନି ପାଟ୍ ରାଜା ସରଦା ଏଲା । ଦେଶ ଗୁଲାର ଲକ ମନକେ ଡାକଲା । କମନ୍ କେ ଜିଆଦ୍ ମାର୍‌ବାକେ ଗାଲା ।

ପାଟ୍ ରାଜା ନାରଦ ମୁନି କେ ଗର ଜଟାଇଲା । ପାଟ୍‌ରାନି ଆଅରି ନାରଦମୁନି ଗରେ ରୟଲାଇ ।

ପାଟ୍‌ରାନି କୁ ନାରଦ ମୁନି ମୁଁହ ଦେକି ସାଙ୍ଗଲା ତମର ମୁନ୍ଦି ଦିଆ ରାନି ମୋର ଆଚେ ପିନ୍ଧି ଦକବି । ପାଟ୍‌ରାନି ନାରଦ ମୁନି କେ ବେଶି ରିଷା ହେଲା । ତାର ମୁହଁ ତାନେ ଲାଜ ନାଇକିରେ । ନାରଦ ମୁନି ମକେ ମୁନ୍ଦି ମାଗବ୍ରୁ ଆଛୁ, ପେଟ୍‌କ ମୁହାଁ ଅଲାକୁକ୍ ।

ନାରଦ ମୁନି ପାଟ୍‌ରାନି କଛ୍ କଛ୍ ଗୁଛ୍ ଗଛ୍ ଲାଗ୍‌ଲା । ପାଟ୍‌ରାନି ତାର କ’ଣ ନାଇ ସହି ପାରଲା, ମୁନ୍ଦିକେ ଆତ ତାନୁ କାଢ଼ି ମୁନ୍ଦିନେ ତୁକି କରି ପିଙ୍ଗି ଦେଲା । ନାରଦ ମୁନି ମୁନ୍ଦିକୁ ବେଛି, ତୁକକେ ପଛି ପିନ୍ଧ୍‌ଲା । ପାଟ୍‌ରାନି ଗର ବିତରକେ ଗାଲା ।

ନାରଦ ମୁନି ବିଜାଗାଛର ରସ୍‌କେ ଆନି ଗାଗଡ ତାନେ ଗସଲା । ସାଲେ ସଇଲା । ହାଇଦିନ ରାତି ପାଟ୍‌ରାଜା ବେଣ୍ଟ ତାନୁ ଲେଓଟିଲା । କମନ ତାନୁ ଗଟେକ୍ ଜିଆଦ ମାରି ଆନିରେଲା । ନାରଦ ମୁନି ଅଚେତନ ସଇତେ ରେଲା । ପାଟରାଜା ନାରଦ ମୁନିକେ ଉଟାୟଲା । ନାରଦ ମୁନି ରଜାକେ ସାଙ୍ଗଲା, ‘‘ତର ରାନି ଡାଇନିଟା, ପାଙ୍ଗନିଂଟ, ତାକେ ଗରେ, ନାଇ ସଙ୍ଗା । ଦକ୍ ମର ଗାଗଡ଼ନେ ବନି ବାର ଲାନି, ମୁଁଇ ତାର ମୁନ୍ଦିକେ ଜିକଲି ଆଛେ ।’’

ନାରଦ ମୁନିର କାତା ଶୁନି ରଜା ବେଶି ରିଷା ହେଲା । ପାଟ୍‌ରାନିର ଆତ୍‌କେ ଦରି ଦେଶ୍ ବାହାର କରିଦେଲା । ରାନି କାନ୍ଦି କାନ୍ଦି କମନ ବାଟେ ଗାଲା । ପାଟ୍‌ରାନି

ଗୋରନ ବତୀ ରଲା । ଗଛ ମୂଲେ ବାସା କଲା । ହାଇ ଗଛ ଲାଗେ ଗଟେକ୍ ପିଲା ଜନମ୍ କଲା । ବୁଢ୍‌ଗି ବାଲୁ ସାଆ ଏଲା । ପାଟ୍‌ରାନି ସୁଉଁକିବାର ଦକି ବୁଢ୍‌ଗି ବାଲୁ ସାଙ୍ଗଲା, ‘‘କାନ୍ଦନାଇଁ ପାଟ୍‌ରାନି । ମୁଁଇଁ ତର ଲଗେ ଆଡ । ତର ପିଲାକେ ମୁଇଁ ସକଲେଇସି ।’’

ଦିନ ବାଡ଼ଲା । ମାସ, ବରଷ ଗାଲା । ପିଲା ବଡ଼େ ଏଲା ।

ପାଟରାନିକେ ବିଶକର୍ମା ଦକି ଗର ବାନ୍ଦିଦେଲା । ମା ପୋ ଦୁଇଟା ହାଇଗରେ ରୟଲାୟ । ବୁଢ଼ଗି ବାଲୁ ମିଶା ରଇଲା ।

ଗଟେକ୍ ଦିନ୍ ନାରଦ ମୁନି ରାନିକେ ଏତାଏଲା । ତାକେ ଡଗରାଇ ଗାଲା । ରାନି ନାରଦ ମୁନି କେ ଦକି ରିଷା ଏଲା । ଗର୍ ବିତରେ ଗାଲା । ପାଟ୍‌ରାନିର ପିଲା କେଲତେ ରେଲା । ନାରଦ ମୁନିକେ ଦକି ଆସ୍‌ଲା । ତାର ମା କେ ସାଙ୍ଗଲା, ‘‘ମା ! ଆମର ଗରେ କୁନିଆ ଆସଲା ଆଚେ । ପାନି ଦେସ୍ ମା । ପାଟ୍‌ରାନି ପିଲାକେ ସାଙ୍ଗଲା,’’ ଆମର ବିରୁଦ ଲକ ଏ । ତୁଇ ତା’ର ଲଗେ ନାଇଁ ଯାଆ । ପିଲା ମାର କାତା ନାଇଁ ଶୁନ୍‌ଲା । ନାରଦ ମୁନି କେ ନାଇଁ ଚାଡ଼ଲା । ନାରଦ ମୁନି ପିଲାକେ ମଅନି ଲଗାଇଲା ।

ପିଲା ତା’ର ମାକେ ପଚରାୟଲା, ‘‘ମର କାୟ ଲାଗ୍‌ସି ।’’ ପାଟ୍‌ରାନି ସାଙ୍ଗଲା ‘‘ତର ଦାଦି ଲାଗ୍‌ସି ।’’ ପିଲା ଦାଦି ଦାଦି ବଲି ନାରଦ ମୁନିର ପାଛେ ପାଛେ ଏଲା । ନାରଦ ମୁନିକେ ବାତ ଶ୍ବାଗ ଦେଲା । ଡେକି ଶାହେ ବସି ନଇଲାୟ । ପାଟ୍ ରାନି ନାରଦ ମୁନିକେ କାତା ନାଇଁ ସାଙ୍ଗଲା । ଦିନ୍ ଉଦ୍‌ଲା । ପିଲା ଦାଦି ସଙ୍ଗେ ଯିବା କାଜେ ବିଡଲା । ପାଟ୍‌ରାନି ପିଲାକେ ଲକ ସାଙ୍ଗେ ନାଇ ଯିବାର ବକ୍‌ଲା । ପିଲା ନାଇଁ ଶୁନ୍‌ଲା । ନାରଦ ମୁନିର ପାଛେ ପାଛେ ଗାଲା ।

ନାରଦ ମୁନି କିଣ୍ଡିକ ଦୂର ପିଲା ସାଙ୍ଗେ ଗାଲା । ପିଲା ସାନଟା । ହିଣ୍ଡି ନାଇଁ ପାର୍‌ଲା । ‘‘ଦାଦି ମାକେ ପା ମୁଇଁ ହିଣ୍ଡି ନାଇଁ ପାରେ’’ ପିଲା ସାଙ୍ଗଲା । ମର ଗଡ଼ ଦୁକସି ଆଚେ । ପିଲା ଭଇଁତାନେ ବସ୍‌ଲା । ପିଲାକେ ନାରଦ ମୁନି ମାଡ଼ ମାରଲା । ପିଲା କାନ୍ଦଲା । ତାର ଗେଟେକ ଆକି ତାନୁ ସୋନା, ଆଅରି ଗଟେକ ଆକି ତାନୁ ରୂପାର ଟେଲା ବାରଲା । ନାରଦ ମୁନି ସୋନା, ରୂପା ଦକି ପିଲାକେ ଅଦିକ ମାରଲା । ପିଲା ଅଦିକ କାନ୍ଦଲା । ସୋନା, ରୂପା ଟେଲାକେ ନାରଦ ମୁନି ମଟ୍ ବାନ୍ଦ୍‌ଲା । ପିଲାକେ ମାର୍‌ତେ ମାର୍‌ତେ ଗରେ ନେଲା ।

ପାଟ୍‌ରାଜା ପିଲାକେ ଦକ୍‌ଲା । ନାରଦ ମୁନିକେ ପଚାରଲା, ''କାର ପିଲା ?'' ନାରଦ ମୁନି କପଟ ରାକଲା । ସାଙ୍ଗଲା, ''ପିଲା କାଙ୍ଗାର ଏ, ସୋନା ରୂପା ଚୋରି ନେଇତେ ରେଲା, ମୁଇଁ ତାକେ ଦରଲି ଆତେ ।'' ପାଟ୍‌ରାଜା ପିଲା କାଙ୍ଗାର ଜଲି କଏଦୀ କାନାଏ ରାକ୍‌ଲା । ପିଲା ମାର କାତାକେ ଏତାଇ ଅଦିକ କାନ୍ଦ୍‌ଲା । ଅଦିକ ସୋନା ରୂପା ଟେଲା ଆକି ତାନୁ ବାରଲା । ପାଟ୍‌ରାଜା ସୋନା ରୂପା ଦକି ପିଲାକେ ଅଦିକ ମାରିଲା ।

ପିଲା ବୁଦି ପାଚଲା । ମୁଇଁ ନା କାନ୍ଦେନି । ପାଟ୍‌ରାଜା ସୋନାରୂପାକେ ବେଛି ନେଲା । ବିକି କାୟଲା ।

କତକ ଦିନ୍ ଗଲା । ପାଟରାଜା, ନାରଦ ମୁନି ବେଶର ଲକ୍‌ମାନ ସୁରୁଜ୍ ରଜାର ଦେଶେ ବେଟିଆ ଗାଲାୟ । ପିଲା କାଙ୍ଗାର ଦକଲା, ସାଙ୍ଗଲା, ମୁଇଁ ପୁନି ଯିବି । ପାଟ୍‌ରାଜା, ନାରଦ ମୁନି ପିଲାକେ ନାଇ ନେଲାୟ । ପିଲା ହାଇମନର ପାଛେ ପାଛେ ଗାଲା । ସୁରୁଜ୍ ରଜାର ପାଇଟି ମନ ସାରିଗାଲା । ପାଟ୍‌ରାଜା, ଦେଶର ଲକମନ ରାନ୍ଧି କାୟଲାୟ । ପିଲାକେ ଖାଦି ନାଇ ନେଲାୟ । ପିଲା କଲିର ଚକଡ଼ି ବେଛି କାୟଲା । ବେଶି ଦୁକ୍ ପାୟଲା ।

ଲକମନ୍ ସୁରୁଜ ରଜାକେ ସାଙ୍ଗଲାୟ, '' ତମର ଦେଶତେ ବଜାର ବସାଇଲେ ନକିଯିବୁ । ସୁରୁଜ୍ ବାଜାର ବସାୟଲା । ଦେଶର ରଜା ସୁଲା ହାଇତାନେ ଗୁଣ୍ଡ ଏଲାୟ । ସୁରୁଜ ରଜାର ଗଟେକ୍ ଝି ରେଲା, ''ଅଲଦି ଗୁଡ଼ି ରାନି ।'' ପିଲା କଙ୍ଗାର କେ ଦଉଡ଼ି, କାଉଡ଼ି ଦେଲାୟ । ପିଲା ବଜାର ଗଲେ ମାରବାୟ । ସୁରୁଜ ରଜାର ପାଟ୍ ଆଡି ଉପରେ ତା'ର ଝି ଅଲ୍‌ଦି ଗୁଡ଼ି ରାନି ଟେଗ୍‌ଲା । ଫୁଲ୍ ସରା ଦରି ଆଡି ବୁଲତେରେଲା- ରଜାମନ୍ ରାନିକେ ଦକି ଛମ୍ ଛମ୍ ଏଲାୟ । ପାଟ ଆଡି କାକେ ମିଶା ଫୁଲସରା ନାଇଁ ଦେଲା । ଆଡି ପିଲା କଙ୍ଗାର ବାଟେ ଦକଲା । ଆଡି ପିଲା କଙ୍ଗାର ଲଗେ ଗାଲା । ଫୁଲ୍‌ସରା ନେଲା । ସୁବଦେଶର ରଜାମନ୍ ଲାଜ ପାୟଲାୟ । ତଲ୍‌କେ ମୁଣ୍ଡ ଟୋପଲାୟ । ପିଲାକେ ସୁରୁଜ ରଜା ତାର ଝି ଅଲଦି ଗୁଡି ରାନି କେ ବିବା ଦେଲା । ପିଲା କଙ୍ଗାର ଅଲଦି ଗୁଡ ରାନି କେ ସାଙ୍ଗଲା, ଦକ ତୁଇ କାଇଟା ନାଇ ମାଗ୍‌ବୁସ୍ କି ନାଇଁ ଦରବୁସ୍ । ମକେ ଅନାବାଟେ ନେଲେ ରାଜାର ଲକମନ୍ ମରାଇବାକେ ପାଚ ବାଇଜେ, ନନ୍ଦି ତାନେ ଠେଗ୍‌ଲାଇ ଜାୟ । ତୁଇ ଗଟେକ ଲାଉ ତୁମା, ମଡ଼ିଆ, ଗୁଡ଼ ଦରି ରେବୁ । ମକେ ନନ୍ଦନେ ଠେରା ଲାଇଲେ ତୁଇ ଲାଉ ତୁମା, ମଡିସା ଗୁଡ଼ି କେ ବାଡ଼ି ଦେବୁ । ଏଇଁ ଲାଉ ତୁମା ତାନେ ଓଲିଦେବି ।

ତକେ ପାଟ୍ ରଜା ତାର ଦେଶେ ନେଇସି ଆମରି ତକେ ବିବା ହେବା କାଜେ ସାଙ୍ଗସି, ତୁଇ ତାକେ ବାର ବରଷ ପତେକ୍ ବିବା ନା ହେଇ ପାରେ ବୋଲନୁସ୍ ।

ପାଟ୍ ରଜାର ଲକମନ୍ ବାଟେ ଗଟେକ୍ ନନ୍ଦି ବେଟଲାୟ । ଡଙ୍ଗାର ଛମେ ଅଲଦି ଗୁଡି ରାନିକେ ବସାଇଲାୟ, ପିଲାକେ ପାକେ ବସାଇଲାୟ । ମଜି ନଜି ତାନେ ରାନି ର ଆତ ଗୋଡକେ ଦାରଲାୟ ଆଅରି ପିଲାକେ ଠେଗଲାଇ ଦେଲାୟ । ରାନି ଲାଉ ତୁମା, ମଡିଆ, ଗୁଡ଼ ପାନିତେ ଚାଡି ଦେଲା ।

ପିଲା କଙ୍ଗାର ତୁମା ବିତରେ ଓଲି ଦେଲା । ମଡିଆ ଗୁଡ଼ ଚୁଟି ଏଲା । ତୁମା ବାସି ବାସି ଗାଲା । ରାନିକେ ପାଟ୍ରାଜାର ଦେଶେ ନେଲେ । ପାଟ୍ରାଜାକେ ବିଦା ଦେବାକେ ସାଙ୍ଗଲାୟ । ଅଲଦି ଗୁଡ଼ି ରାନି ନେଚୁ ନେଚୁ ସାଙ୍ଗଲା । ବାର ବରଷ ଗାଲେବିଦା ହେଇସି ବଲଲା । ପାଟ୍ରାଜାର ଦେଶର ଲକମନ୍ ରାନିର କାତା ନାମ୍‌ଲେ ଆଅରି ବିନେ ଗଟେକ୍ ନେଉର ବାନାଇ ଦେଲାୟ ।

ହାଏ ଲାଉ ତୁମାକେ ନନ୍ଦିନେ ନକି କେଉଟ ଡକରା ଦାରି ଆନ୍‌ଲା । ତାର ବିତରୁ ପିଲାକେ ଓଟାରିଲା । ଗରେ ସଙ୍ଗାଇଲା । ତାକେ ପୋଷଲା । ଗଟେକ ଦିନ ରାନି ନେଉରେ କେଉଟ ଡକରା ଆଅରି ମାଲି ଗର ଡକରାକେ ସଇବା କାଜେ କାଦ ର ଆସଲା । ମାଲି ପିଲା ପିଲା କଙ୍ଗାର ସଇବା କାଜେ ଗାଲାୟ ।

ପିଲା କଙ୍ଗାର ରାଜା ଲକ୍‌ମେନ୍ କେ ଗଟେକ୍ କାଇନି ସାଙ୍ଗବାକେ ସାଙ୍ଗଲା । ହାଇ ଲକ୍‌ମନ୍ ଅଗାୟ ନେଲାୟ । ପିଲା କଙ୍ଗାର ଗଟେକ୍ କାଇନି ସାଙ୍ଗଲା ।

ଗଟେକ୍ ଦେଶେ ପାଟ୍ରାଜା, ପାଟ ରାନି ରଏତ୍ । ତାର ଗରେ ଗଟେକ ନାରଦ ମୁନି ରଏ । ଦିନେକ୍ ପାଟ୍ରାନି ରାଜାକେ ଜିଆଦ ମାଉଁସ କାଜେ ସାଙ୍ଗଲା । ରାଜା ଦୋ ଗୁଲାର ଲକକେ ଦାରି ଖମନେ ବେଣ୍ଟ କାଜେ ଗାଲା । ଜିଆଦ ମାରଲା । ନା ରଦମୁନି ପାଟ୍ରାନିକେ ମୁନ୍ଦି ମାଗଲା । ପାଟ୍ରାନି ବେଶି ରିଷା ଏଲା । ନାରଦ ମୁନି କପଟ ରାକି ମାକେ ଏତ୍‌କି ହନସ୍ତା କଲା । ଦେଶ ବାର କରିନେଲା । ପାଟ୍ରାଜା ମର ବୁଆ, ପାଟ୍ରାନି ମର ଆୟା । ଅଲଦି ଗୁଡ ରାନି ମର ବାଏଲ ଏ ।''

ପାଟରାଜା କାଇନି ଶୁନ୍‌ଲା । ପାଟ୍ରାଜା ପିଲାର ଆତ ଦରିଲା । ଅଲଦି ଗୁଡି ରାନି ସାଙ୍ଗେ ବିବା ଦେଲା । ପାଟରାନି କେ ପାଦ ପୂଜା ଦେଲା । ନାରଦ ମୁନିକେ ଦେଶ ବା ଆର କରିଦେଲ । ।

# କୁଡୁରୁଙ୍ଗା ଚେଢ଼େ (କୁଡୁରୁଙ୍ଗା ଚଢ଼େଇ)

*ମୂଳଭାଷା : ଭତ୍ରୀ*

*କଥକ: ସମାରୁ ମାଝୀ, ଗ୍ରା: ବଜରଗଡ଼*

*ପୋ: ବଡ଼ମସିଗାଁ, ନବରଙ୍ଗପୁର*

ଏ ଡୋକରା ଡୋକରି ରଏଲାଏ ମନେ । ତାକ ମନ୍‌କେ ପିଲା ଟକି ନା ରାଲାୟାଏ । ଡୋକରି କୁବେ ପରା କୁକୁଡ଼ା ପୋସି ରେଲା । ଡୋକରା ତାର୍ ଡୋକରି କେ ବଲ ବାରାୟ- କୁକୁଡ଼ା ମାରୁ ଡୋକରି ? ଡୋକରି ବେଢ଼େ ଚତୁର୍ ଆଉର୍ ଲବି । ଡୋକରା କେ ତ ସବଦିନେ କୁକୁଡା ମଉଁସ ବାନେ ଆଶା । କୁକୁଡା ମନ ରୋହତ୍ ଡୋକରି କତକି ଦାୟ ଆମରି କାମତାନେ ଲାଗ୍‌ସି ।

ଦିନକ୍ ଡୋକରା ସାଙ୍ଗଲା କମତା କରଲେ ଡୋକରି କେ ଠଗକେ ଓୟସିବେ, ବଲତେ ବୁଦି ପାଚଲା । ଡୋକରା ମନେ ମନେ ଚିନ୍ତଲା ଆମ୍‌ର ଗାଁର ରାବନ୍ ଡଙ୍ଗରି ତାନେ ରେବା ବାକ୍‌ଟା ବଦ୍‌ଗଛ ତାନେ ଗଟେକ୍ କୁଡୁରୁଙ୍ଗୀ ଚେଢ଼େ ଆଚେ ବଲ୍‌ତେ ଠଗ୍‌ବି ? ତେବେ ଏକା ଡୋକରି ର କୁକୁଡ଼ା ମନ୍‌କେ ଖାୟନେ ଓ୍ୱୟସି । ଡୋକରା ତା'ର ଡୋକରି ଲଗେ ଗଲା । ଡୋକରା ଯାଇକରି ସାଙ୍ଗଲା: ଏ ଡୋକରି ?

କାୟ ଏ ଡୋକରା ?

ଆମକେନ ଦ୍ ପିଲା ଟୋକି ନିଅଦ୍ । ଆମ୍‌କେ କୋନାଏ ଆୟା ବୁବା ବଲ୍‌ବାୟ । ଏବେତ ଆମି ଡୋକରା ଡୋକରି ଏଲୁବେ ।

ଡୋକରି ସାଙ୍ଗଲା ଆମକେ ତ ବଗବାନ୍ ପିଲା ଗେକି ନା ଦେଲା । ଆମି କା'ର ପିଲା ଟୋକିକେ ଆନ୍‌ଲେ ଆମ୍‌କେ ଆୟା ବୁଆ ବୋଲବାୟ୍ ।

ଡୋକରା ତାର ଡୋକରି କେ ବଲଲା, ନାଇଁ ଡୋକରି ଆମର ଗାଆଁର ରାବନ୍ ଡଙ୍ଗରି ତାନେ ବାକ୍‌ଟା ବଡଗଛେ କୁଡୁରଙ୍ଗା ଚେଢ଼େ ଫୁଟାଇଲା ଆଛେ । ଆୟ ଚେଡେମନ ଲୋକପରା ସାଙ୍ଗବାଇ ଆତେ । ଆୟା, ବୁଆ, ଦାଦା, ଆତା, ବୋଲବାୟା ଆଚତ୍ । ଡୋକରା ର କତା ସୁନି ଡୋକରି ସରଦା ଏଲା ସାଙ୍ଗଲା- ସତେ କାଏ ଡୋକରା ? ସତ୍ ଆୟା, ଡୋକରା ସାଙ୍ଗଲା ।

ଡୋକରି ବଲଲା କଡିକ ଲେକା ଆଚତ୍ ।

ଡୋକରା ବଲ୍ଲା- କୁଡୁରୁଙ୍ଗା ଚେଡେମନ୍ ?

କାୟ କାୟଟା ଖାଉଆତ୍ ?

ଡୋକରା ବଲଲା ହାୟ ଚେଡେମନ କୁକୁଡ଼ା ମଉଁସ, ସପୁର ଧାନ୍‌ର ଭାତ୍, ମୁଁଗଦାର ମନ ଖାଉଆତ୍ ।

ଡୋକରା କାତା ସୁନି ହାୟ ଦିନ୍‌ଲେ ଡୋକରି କୁଡୁରୁଙ୍ଗା ଚେଡ଼େ ମନର କାଜେ ଗୋଟକ୍ କୁକୁଡ଼ା ଆଉରି ସପୁର ଧାନର ଭାତ ରାନ୍ଦି ଦେଲା । ମଉସ ମଉସ କେ ଅଲଗେଇ ଦେଲା ଚୋଡମନ୍ କଚେ ବଲତେ । ଭାତ୍ ସାଙ୍ଗେ ଯୋଗାଡ଼ି କରି ଡୋକରାକେ ଦେଲା । ଡୋକରି ବଲ୍ଲା- ଏବେ ଡୋକରା ! ଚେଡେ ମନ୍‌କେ ତୁଇ ଭାତ୍ ଆଉରି କୁକୁଡା ମଉସ ନେଇ ଦେସ୍ । ତୁଇ ଲେଃଲେ ଆମି ସାଙ୍ଗେ ଖାଉଆତ୍ ।

ଡୋକରା ଭାତ୍ ଆଉରି ଗାଗକେ ଧରି ଗଲା । ରାବନ୍ ଡଙ୍ଗରି ତାନେ ରେବା ବାକ୍‌ଟି ବଡଗଛ ତଲେ ବସଲା । ଭାତ ଶାଗକେ କାୟଲା । ଘରେ ଲେଓଟିଲା । ଡୋକରାକେ ଦକି ଡୋକରି ବଲଲା କୁଡୁରୁଙ୍ଗା ଚେଡ଼େମନ ଭାତ୍ ଶାଗ୍ ଖାୟଲାୟ କି ଡୋକରା ?

ଡୋକରା ସାଙ୍ଗଲା ଭାତ୍ ଶାଗ୍ କେ ଦଖି ଚେଡ଼େମନ ସରଦା ଏଲାୟ । ଲଡ ଲଡ୍ ଖାୟଲାୟ ।

ଏନେ ଡୋକରା ଖାଇ କରି ଡୋକରିକେ ଠଗ୍‌ସି ଆଚେ । ଡୋକରି ସତେଆୟ ବଲତେ ଆଏରି ଦିନେକ୍ ବଡ଼େଟା ଗାଞ୍ଜା କୁକୁଡ଼ାଡାକେ ମାର୍‌ଲା । ହାୟ ଦିନେ ରାନ୍ଦାରାନ୍ଦି ଡୋକରା କେ ପାଠାୟଲା । ଡୋକରା ତ ଜାଗିରେଲା ଖାୟବାର କାଜେ । ହାୟ ଦିନେ ପନି ଖାୟଲା । ଦିନ୍‌କେ ଦିନ ସବୁ କୁକୁଡ଼ାମନ ସାରି ଗାଲାୟ । ଡୋକରି ବଲ୍ଲା କୁକୁଡ଼ାମନ ସାରିଗାଲାୟ, ଡୋକରା ଚେଡ଼େ ମନ କତିକ ଲେକା ହୋଇଲାୟ । ଡୋକରା ବଲଲା ନାଇଁ ଡୋକରି ଅବର ବଡ଼େ ବଡ଼େ ହୋଇଲାୟ । ଆନ୍‌କେ ଯୁ ।

ଡୋକରି ଗୋଟକ ବଡ଼େଟା ଟପାଲି କେ ଧରିରେଲା । ଡୋକରା ଆଗତୁ ଗଲା, ଡୋକରି ପାଛେ ପାଛେ ଗଲା । ଯାଇକରି ଗଛଲଗେ କେଟ୍‌ଲାୟ । ଡୋକରା ଗଛ ଉପରେ

ଚେଗଲା । ଚେଗି କରି ବଲ୍‌ଲା ତର ଟପାଲିକେ ମୁଣ୍ଡେ ବଇକରି ଡୋକରି ତୁଇ ତଲେ ଦଖତେ ରା, ଉପରେ ନା ଦଖ । ଡୋକରି ଟପାଲି ବଇ କରି ତଲେ ଦଖତେ ରେଲା । ଡୋକରା ଟପାଲି ବିତରେ ବୁସ୍ କରି ବସିଦେଲା । ଯୁବେ ଡୋକର ! ମୁଇଁ ଗଚଲେ ଉତ୍‌ରି ପିଟି ବାଟ୍‌ଲେ ଆଇବି ବୋଲଲା ।

ଡୋକରି ବଇକରି କେବଡ଼ କେବଡ଼ ହିଣ୍ଡତେ ଆସଲା । ଆସ୍‌ତେ ଆସ୍‌ତେ ବାଟେ ସୁରୁ ସୁରୁ ଟକି ପିଲାମନ କେଲତେ ରେଲାୟ । ଡୋକରି କେ ଦଖଲାୟ ତା'ର ଡୋକରା କେ ମୁଣ୍ଡେ ବଇ ଆନ୍‌ସି ଆଚେ । ଆୟମନ ଦଖି କରି ବଲ୍‌ଲାୟ ହେ .... ହେ ... ଦାଦାକେ ଆଇ ବଇ ଆନ୍‌ସି ଆଚେ ।

କେନାୟତୋ ବଲେ ବଡୁକେ ବଡୁଆଏ ବଇ ଆନ୍‌ସି ଆଚେ ।

ଡୋକରି ବୋଲଲା ତମକେ ଲାଜ ନାଇକାୟ । ମୁଇଁ କୁଡୁରୁଙ୍ଗା ଚେଡ଼େକେ ବର ଆନ୍‌ସି ଆଚେ । ଡୋକରା ଆଗାୟ କରି ବସି ବେଲାଚୋ

ଡୋକରି ତିକର କାତାକେ ନାୟ ସୁନଲା । ଘର ଲଗେ କେଟ୍‌ଲା । କେଟ୍‌ବାକେ ଉପରଲେ ଡୋକରା ସାଙ୍ଗ୍‌ଲା ଧୀରେ ଉତ୍‌ରା ଡୋକରି । ଡୋକରି ଡୋକରା ର କାତାସୁନି ଟପାଲିକେ ଆପ୍‌ଟି ଦେଲା । ଡୋକରି ସାଙ୍ଗଲା ଅମତିତୁଇ ମର କୁକ୍‌ଡା ମନକେ ସରାୟଲୁସ୍ । ଆପ୍‌ଟି ଦେବାକେ ଡୋକରା ଆତ୍ ଗୋଡ୍ ବଙ୍ଗି ଗଲା ।

ହାୟକାଜେ କାକେ ନାୟ ଠଗ୍‌ବାର ।

***

# ଦୁଇଟା ସକି(ଦୁଇ ସଙ୍ଗାତ ଗପ)

*ଭତ୍ରୀ ଭାଷା*

ଗୋଟକ ସଉକାର ଘରର ଟୋକି ଆଉର ଗୋଟକ ଗରିବ ଘରର ଟୋକି । ଦୁଇ ଲୋକ ସକି ବାନ୍ଦିରଲାହେ । ଜନବାଟେ ଗାଲେ ପନି ଦୁଇ ଲୋକ ଚାଡ଼ାଚାଡ଼ି ନା ହୋଇତେ ରଲାହେ ।

ଦିନକ ଦୁଇ ଲୋକ ମିଶିକରି ଜାରେ (ଝାଡ଼/ବଣ) ଗଲାଏ କାୟଟା କଛେନା ପତର ଆଉରି ଦାତୁନ କଛେ । ଜାରେ ଯାଇକରି ଦୁଇ ସକି ଦୁକର ସୁକର କାତା ହୋୟଲାୟ । ଗରିବ ଘର ର ଟୋକି ସାଙ୍ଗଲା ସକି ମୁଇଁ କାଲ୍‌କେ ଗୋଟକ ଗାଏଁ ଯିବିବେ । ତମର ନାକର, କାନର ସୁନାବାନାକେ ଟନେ ମତେ ଦିଲା ଦିଇରା(ଦେଇଥାଅ) ।

ସାଉକାର ଘର ର ଟୋକି ବଲ୍‌ଲା ନାୟ ଦେଇ ପାରେ ସକି, ମର ଆୟା ଜାନ୍‌ଲେ ଉର୍‌ସି(ଗାଳି କରିବ) । ତମି ରାତିକେ ଆମର ଘରର କଟ୍‌କି କାନା ବାଟେ ଆସା, ତମକେ ଦେବି ।

ଅଡକି ଦେୟ ଜାର ବିତରେ ରେବା କଡ଼ାଆ ଦୁଇ ସକିର କାତା ସୁନ୍‌ଲା । କଡାଆ ମନେ ମନେ ବୁଦି କର୍‌ଲା । ମୁଇଁ ରାତିକେ ଯିବି ।

ଦୁଇ ସକି ଜାର୍‌ଲେ ଘରେ ଗାଲାଏ । ବେଲ ବୁଡ୍‌ଲା । ଜାର ର କଡ଼ାଆ ରାତି ହୋୟବାକେ ଗାଁ ଟକ ଗଲା ।

ଗରିବ ଘର ର ଟୋକି ଯିବାର ଆଗେ କଡ୍‌ଆ ସାଉକାର ଘର ର କଟକି କାମା ବାଟେ ପୁରଲା ଆଉରି ତା'ର ସକିର ପରା ସାଙ୍ଗଲା ପାଉରି ଡାକ୍‌ଲା ।

କୋନାଏନା ...(କିଏକି ?)

କଡାଆ ଡାକ୍‌ଲା - ଏ ସକି ସକି ଏ ସକି ..

ଘର ବିତରେ ସାଉକାର ର ଟୋକି ରଲା, ସୁନ୍‌ଲା, ମୋର ସକି ଡାକ୍‌ସି ଆଚେ ବୋଲି ବଲ୍‌ଲା । କିଟ୍‌କି ଇଗେ ଗଲା । ଡାକ୍‌ଲା .. ହୋୟ ସକି ।

ବାହାରିଆରେ କଡ଼୍‌ଆ ବଲ୍‌ଲା - ଆଲୋ ସକି ତମର ଜମକ କେ ଦିଆ । ସାଉକାର ର ଟୋକି ମୋର ସକି ମାଁଗ୍‌ସି ଆଚେ ବଲତେ ତାର ପିନ୍ଧ୍‌ଲା ଜମକ କେ ହିଟାଇ କରି ଦେଲା- ଏଦେ ସକି ନିଆ । କଟ୍‌କି ବାଟ୍‌ଲେ କଡ଼ାଆକେ ସାଉକାର ର ଟୋକି ଦେଲା । କଡାଆ ଜମକମନ ଦାରି ଜାରେ ପରାୟଲା ।

ତାପାଛେ ଛନେକ୍ ପରା ଯିବାକେ ଗରିବ ଘର ର ଟୋକି ତାର ଶକି ଲଗେ ସୋନାବାନା ମାଁଗ୍‌କେ ଗଲା । କଟକି ବାଟେ ଯାଇ କରି ସାଙ୍ଗଲା- ଏ ସକି .. ସକି ଏ ସକି ..

ସାଉକାର ଘର ର ଟୋକି ସୁନ୍‌ଲା ଆଉରି ବଲ୍‌ଲା ମୋର ସକି ଏବେ ଆସି ରଏଲା ଆଉରି କାୟଟା କଛେ ଆୟଲାତ ବଲି କଟକି ଲଗେ ଗଲା । ସାଉକାର ର ଟୋକି ବଲ୍‌ଲା ଆ'ରି କାୟଟା କଛେ ଆୟଲାତ ସକି । ଗରିବ ଘର ର ଟୋକି ବଲଲା ଇାରେ ଯାପରି ରଲୁ ଯେ ଆୟିଟା କଛେ ସକି, ସୁନାବାନ କଛେ ।

ସାଉକାର ର ଟୋକି ସାଙ୍ଗ୍‌ଲା- ସୋନା ବାନା ଦେଲିରେ ସକି, ନେଲାସ କାୟ ।

ଗରିବ ଘର ର ଟୋକି ବଲ୍‌ଲା ନାଇଁ ଶକି ନା ନେଇ । ତମି କାଜେ ଦେଲାସ୍ । ସାଉକାର ର ଟୋକି ବଲ୍‌ଲା ଦେଲି ଆଚେ ସକି, ମୋକେ ଠଗ୍‌ବା ଆଚାସ୍ । ତମି ଦିଆ ଶକି ବଲ୍‌ବାକେ ନିଆ ବଲତେ ବଲ୍‌ଲି ।

ଦୁଇ ଶକି ଜଗଡ଼ା କରଲାୟ । ଗାଁର ଲୋକ୍ ବସଲାୟ ନିଆହ କଛେ । ସାଉକାର ଘର ର ଗରିବ ଘର ରକଥା ଟୋକିକେ ଦୋଷ ଦେଲାଏ ।

ତାର ପରେ କଡ଼ାଆ ସାଉକାର ଘର ର ଟୋକିର ଜମକ କେ ଧରି ଯାଇ ଗୋଟକ୍ ବୁଟାଚଲେ ପିନ୍ଧିକରି ସବୁ ଦିନ ଅନ୍ଧାର ଏଲେ ଗିତ୍ ଗାଇ ଗାଇ ନାଚ୍‌ତେ ରେବାରାୟ-

କଡ଼ଆ ଗିତ୍ - ଦିଆ ସକି ବଲବାକେ

ନିଆ ସକି ବଲ୍‌ଲା ଝୁମୁକ୍ ଝୁମୁକ୍ ଝୁମୁକ୍ ଝୁମୁକ୍

ଏ ସକି ବଲ୍‌ବାକେ

ଆୟ ସକି ବଲ୍‌ଲା ଝୁମୁକ୍ ଝୁମୁକ୍ ଝୁମୁକ୍ ଝୁମୁକ୍

ଦିଆ ସକି ବଲ୍‌ବାକେ

ନିଆ ସକି ବଲ୍‌ଲା ଝୁମୁକ୍ ଝୁମୁକ୍ ଝୁମୁକ୍ ଝୁମୁକ୍

କଡାଆ ରାତିଏଲେ ନାଚ୍‌ତେ ରେବାରୟ । ଗୋଟ୍‌କ କାନ୍ଦୁଲ ଡଙ୍ଗରେ ଗୋଟକ ଡକରା ଶଇତେ ରେଲାହ । କାୟଟା ଗୋଟକ ସବୁଦିନ ରାତି ଗିତ୍ ଗାଏତେ ନାଚ୍‌ତେ ଆୟସି ଆଛେ । ମନେ ମନେ ବୁଦ୍ଧି କରଲା । ଗୋଟକ ଦିନ ଜାଲ୍ ରପବି ବଲତେ ଜାଲକେ ଘରକେ ନେଲା ଆଉରି ରପଲା ।

ଅୟଦିନ ର ରାତି ପନି କଡ଼ଆ ସୁନାବାନା ପିନ୍ଧିକରି ଗିତ୍ ଗାଏତେ ନାଚ୍‌ତେ ନାଚ୍‌ତେ ଆୟସି ଆଛେ । ଡକରା ଜାଲ ଲଗେ ଗୋଟକ ଟେଙ୍ଗାକେ ବଇ କରି ଯାଗିରେଲା । କଡାଆ ତ ସମାନ ଆସିକରି ଜାଲତାନେ ଲଟକଲା । ଡକରା ଯାଇକରି ଦୁଇଟେଙ୍ଗା କଡ଼ଆ କେ ମାର୍‌ଲା । କଡ଼ଆ ମରିଗଲା । ଡକରା ଦକଲା ସାଉକାର୍ ର ଟୋକିର ସୁନା ବାନାକେ କଡ଼ଆ ପିନ୍ଧ୍‌ଲା ଆଚେ । ତାର ପାଛେ ବେଲ ଉଦତେ କଡ଼ଆ ଦରଲା ଆଉରି ଗାଁକେ ଗଲା । ଗାଁର ଲୋକମନ୍‌କେ ଡୋକରା ଡାକିକରି ଦଖାୟଲା । ସାଉକାର ଟୋକିର ସୋନା ବାନା କଡ଼ଆ ନି ରେଲା ।

କଡଆ (ଖଡ଼ା)- ଠେକୁଆ ଭଳି ଦେଖାଯାଉଥିବା ଏକ ପ୍ରକାର ତୃଣଭୋଜୀ ପ୍ରାଣୀ ( ଇଂରଜୀରେ-Hare)

❁❁❁

# ଭତ୍ରାମାନଙ୍କର ଲୋକନୃତ୍ୟ

ନୃତ୍ୟ ଆଦିବାସୀ ଜୀବନ ଚର୍ଯ୍ୟାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଲୋକଗୀତ, ଲୋକବାଦ୍ୟ ଓ ଲୋକନୃତ୍ୟର ତ୍ରିବେଣୀ ସଙ୍ଗମରେ ଜୀବନ ମହୁ ମୁହାଁଣ ହୁଏ ବୋଲି ସେମାନେ ଜାଣନ୍ତି । ଜନ୍ମ, ମୃତ୍ୟୁ ମଧ୍ୟରେ ଥିବା ବ୍ୟବଧାନ ଭିତରେ ଜୀବନ ଚକ୍ର ଓ ଋତୁଚକ୍ରର ସମସ୍ତ ପର୍ଯ୍ୟାୟରେ ନୃତ୍ୟ ସଙ୍ଗୀତର ବହୁ ଅବସର ଆସେ । କୋରାପୁଟ ଜିଲ୍ଲାର ସମସ୍ତ ଆଦିମ ଆଦିବାସୀମାନଙ୍କର ନିଜସ୍ୱ ନୃତ୍ୟପରମ୍ପରା ରହିଛି । ଭତ୍ରା ମାନଙ୍କର ମଧ୍ୟ କେତେକ ଲୋକନୃତ୍ୟ ରହିଥିବାର ଦେଖାଯାଏ ।

ଭତ୍ରାମାନଙ୍କର ଲୋକନୃତ୍ୟକୁ ଦୁଇଭାଗରେ ବିଭକ୍ତ କରାଯାଇ ପାରେ, ଯଥା: (୧) ଧାର୍ମିକ ଅନୁଷ୍ଠାନରେ କରାଯାଉଥିବା ନୃତ୍ୟ (୨) ମନୋରଞ୍ଜନ ଧର୍ମୀ ନୃତ୍ୟ । ଶିରା ନାଚ ଓ ଗୁରୁମାଇ ନାଚ ପ୍ରଥମ ଶ୍ରେଣୀର ହେଲାବେଳକୁ ଛେରଛେରା, ଧଣ୍ଡାରୀ ଓ ଢେମସା ନାଚ ଦ୍ୱିତୀୟ ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଇପାରେ ।

(୧) ଚୈତ୍ରମାସରେ ଚଇତ୍ ପରବ୍ ପାଳନ କରାଯାଏ । ଦେବୀ ପୂଜା ହୁଏ । ପ୍ରତି ଭତ୍ରା ଗାଁରେ ଗ୍ରାମର ଦେବୀ ମନ୍ଦିର (ଗୁଡ଼ି) ଥାଏ । ଗାଁର ବରଗଛ କିମ୍ବା ସଲପ ଗଛ ମୂଳରେ ପଥର କୁ ଉଭା କରାଇ, ହଳଦୀ ସିନ୍ଦୂର ଦେଇ ଗ୍ରାମ ଦେବତୀ ଭାବରେ ପୂଜା କରାଯାଏ । ଅଞ୍ଚଳ ଭେଦରେ ଭିନ୍ନ ଭିନ୍ନ ଗ୍ରାମରେ ଦେବୀଙ୍କ ନିକଟ ରେ କଷି ଆମ୍ବ, କାନ୍ଦୁଲଭଜା, ପାଚିଲାକଦଳୀ, ନଡ଼ିଆ, ମୁଆଁ, ପଣା ଆଦି ଭୋଗ ଲଗା ଯାଏ । ଏହି ମାସରେ ଗ୍ରାମ ଦେବତୀ ଆଗରେ ବିଭିନ୍ନ ବାଦ୍ୟ ବାଜି ଥାଏ । ଚଇତ୍ରପର୍ବରେ ଦେବୀଙ୍କୁ ଧାତୁକୀ ଓ ପଳାଶ ଫୁଲ ଅର୍ପଣ କରାଯାଇଥାଏ । ଚଇତ୍ର ପର୍ବ କୁ ମାନିବା ପାଇଁ ଶିରାଯାତ୍ରା, ଗୁରୁମାଇ ନାଚର ମଧ ଆୟୋଜନ କରାଯାଇ ଥାଏ । ବେଣ୍ଟଯାତ୍ରା ଅବସର ରେ ମହୁରୀ, ଢୋଲ, ନିଶାଣ, ଟମକ, ଧୁମସା ଆଦି ବାଦ୍ୟ ବାଜିଥାଏ । ଏହି ବାଦ୍ୟ ହରିଜନ ଶ୍ରେଣୀର ଲୋକ ବଜାଇଥାନ୍ତି ।

ଆଶ୍ୱିନ ମାସରେ ଲାଠିଯାତ୍ରା ହୁଏ । ଭତ୍ରାମାନଙ୍କ ଗାଁର ପବିତ୍ର ଲାଠି (ଲମ୍ବା ବାଉଁଶ ସ୍ତମ୍ଭ: ସଜିତ, ରଙ୍ଗ, କଳା ବସ୍ତ୍ର, ପତାକା, ରୂପା ଓ ସୁନାପାତ, (ଆଖିର ପ୍ରତୀକ) ଦେବୀଙ୍କ ପ୍ରତୀକ ଭାବେ ବାଦ୍ୟ ବାଜଣା ସହ ଛତ୍ର ଚାମର ସହ ଜୟପୁର ଭଗବତୀ ମନ୍ଦିରକୁ ନିଆଯାଏ । ଲାଠିଯାତ୍ରା ଆରମ୍ଭ ଦିନ ଶିରା ନାଚ ହୋଇଥାଏ । ଶିରା, ଦେବୀଙ୍କ ସନ୍ତୋଷ ବିଧାନ ପାଇଁ ହାତରେ ଚାମର ଓ ବେତବାଡ଼ି ଧରି, ମନ୍ତ୍ର ଚାରଣ ପୂର୍ବକ ମହୁରୀ

ଓ ଢ଼ୋଲର ତାଳେ ତାଳେ ନୃତ୍ୟ କରିଥାନ୍ତି ।

ଲାଠି ବ୍ୟତୀତ ଭତ୍ରାମାନଙ୍କର ଡୋଲି ଦେବତା ମଧ୍ୟ ଥାଆନ୍ତି । ସାଧାରଣତଃ ଡ଼ୋଲି ଦେବତା ଶିରା (ଦେବୀ ପୂଜକ) ଘରେ ଅଧିଷ୍ଠାନ କରି ଥାନ୍ତି । କାହାର କିଛି ହଜିଲେ, କାହାର ବାଧିକା ପଡ଼ିଲେ, ମାଲିକର ନିମନ୍ତ୍ରଣ ପାଇ ଶିରା ଡୋଲି ଯାତ୍ରାର ଆୟୋଜନ କରିଥାନ୍ତି । ଘଣ୍ଟ ବାଜ୍ୟ ସହ ଏହି ଡୋଲି (ବିମାନ) ବା ଶିଶୁକାଠରେ ନିର୍ମିତ ରଙ୍ଗବସ୍ତ୍ର ଆଚ୍ଛାଦିତ, କଉଡ଼ିରେ ସଜ୍ଜିତ ଚୌକୀ ଶିରାଙ୍କ ଆବାହାନ ରେ ଭକ୍ତ ଘରକୁ ଯାଇ ସମସ୍ୟାର ସମାଧାନ କରିଥାନ୍ତି । ଏହି ଅବସରରେ ଶିରାଙ୍କ ନାଚ ହୋଇଥାଏ ।

ବାଲିଯାତ୍ରା ଯାହା ପ୍ରତି ଦୁଇ, ତିନି କିମ୍ବା ବାର ବର୍ଷରେ ହୋଇଥାଏ । ଏହି ଅବସର ରେ ଗୁରୁମାଇ ଦାର୍ଣ୍ଡି ମାଇ (ଧରଣୀ ଦେବୀ) ଙ୍କୁ ପୂଜା ପ୍ରାର୍ଥନା କରି ବାଲି କୁଡ଼ିଆ ଆଗରେ ଫୁଲକୁମାରୀ (୫-୯) ବର୍ଷ କୁମାରୀ ମାନଙ୍କ ସହ ବାଦ୍ୟର ତାଳେ ତାଳେ ନାଚ କରିଥାନ୍ତି । ଏହା ଧାର୍ମିକ ଅନୁଷ୍ଠାନର ଏକ ବିଧି ବିଶେଷ । ଏହି ବିଶେଷ ପର୍ବରେ ହିଁ ଗୁରୁମାଇ ନାଚ କରିଥାନ୍ତି । ଏହା ପବିତ୍ର ନୃତ୍ୟ ଅଟେ । ସାଧାରଣତଃ ବାଲିଯାତ୍ରା ତିନୋଟି କାଳ ଅବଧିରେ ହୋଇଥାଏ । ଭାଦ୍ରବ ବାଲି, ତିନିବର୍ଷିଆ ଓ ବାରବର୍ଷିଆ ବାଲି । ବାଲିଯାତ୍ରାରେ ଦେବୀପୂଜା କରାଯାଏ । ଏହା କେବଳ ପୂଜାରିଣୀମାନେ କରିଥାନ୍ତି । 'ଗୁରୁମାଇ' ନାମକ ଆଦିବାସୀ ମହିଳା ସମସ୍ତ ବିଧିବିଧାନ ଓ ପୂଜାକାର୍ଯ୍ୟ ସଞ୍ଚାଳନ କରିବା ପ୍ରଥା ସିଦ୍ଧ ବିଧି । ବାଲିଘର ସାମନାରେ ତାଳପତ୍ରର ଛାମୁଣ୍ଡିଆ ହୋଇଥାଏ । ପ୍ରତିଦିନ ସନ୍ଧ୍ୟାରେ ଗୁରୁମାଇମାନଙ୍କୁ ଦେବତା ଧରେ (କାଳିସୀ ଲାଗେ), ସେମାନେ, ମୁଣ୍ଡବାଳ ମୁକୁଳାକରି ବାଦ୍ୟର ତାଳେ ତାଳେ ନାଚନ୍ତି । ଏହା ଧର୍ମଭିତ୍ତିକ ହୋଇଥାଏ ।

(୨) ମନୋରଞ୍ଜନ ଧର୍ମୀ ନୃତ୍ୟ-

ଭତ୍ରା ସମାଜରେ ନାଚ କରିବା ଜୀବନ ସହିତ ଅଙ୍ଗାଙ୍ଗି ଭାବେ ଜଡ଼ିତ । ନାଚ ହିଁ ସେମାନଙ୍କ ଜୀବନ । ଟିକିଏ ଅବସର ମିଳିଗଲେ ଜମିଯାଏ ନାଚର ଆସର । ଛେର୍ ଛେରା, ଧଣ୍ଡାରୀ ଋତୁକାଳୀନ ନାଚ କିନ୍ତୁ ଡେମସା ଏବେ ସର୍ବକାଳୀନ ନାଚରେ ପରିଣତ ହେଲାଣି ।

ଛେର୍ଛେରା ନାଚ:

ଚୈତ୍ର, ଭାଦ୍ରବ ଭଳି ପୌଷମାସ ମଧ୍ୟ ଭତାମାନଙ୍କ ପାଇଁ ଏକ ପର୍ବ, ଉତ୍ସବ ର ମାସ । ପୌଷ ପୂର୍ଣ୍ଣିମା ତିଥି ପୂର୍ବରୁ, ଶୁକ୍ଳ ପକ୍ଷରେ ସେମାନେ ବିଭିନ୍ନ ନାଚ କରି ଘର ଘର ବୁଲନ୍ତି । ଧାନ, ଚାଉଳ, ପଇସା ମାଗି ଭୋଜି କରନ୍ତି । ପୌଷ ଶୁକ୍ଳପକ୍ଷର

ତ୍ରିୟୋଦଶୀଠାରୁ ପୂର୍ଣ୍ଣିମା ଯାଏ ଏବଂ ମାଘ କୃଷ୍ଣପକ୍ଷର ପ୍ରତିପଦା ତିଥିରୁ ତୃତୀୟା ଯାଏ, ଏପରି ଛଅ ଦିନ ପିଲା, ଝିଅ, ବଡ଼ମାନେ ଛେର୍‌ଛେରା ନାଚନ୍ତି । ମୁହଁରେ ରଙ୍ଗ ବୋଳି ହୋଇ ଗିନି ମର୍ଦ୍ଦନ ବଜାଇ ଗୀତ ଗାଇ ସେମାନେ ନାଚନ୍ତି । ସେମାନେ ଏପରି ଛେର୍‌ଛେରା ଗୀତ ଗାଇଥାନ୍ତି:

ମୋର ମାଇଜି ଦୁମଣ୍ଡା<br>
ଛାନି ଉପ୍‌ରେ କୁମଣ୍ଡା<br>
ଛେର୍ ଛେର୍, ଅଇଁ ଅଇଁ ।

ଗୃହ ମାଲିକ କିଛି ନ ଦେଲା ଯାଏ ଗୀତ ଓ ନାଚ ଚାଲିଥାଏ । ଏହି ନାଚରେ କମ୍ ବୟସର ପୁଅଝିଅ ସୁନ୍ଦରଭାବେ ନାଚ କରିଥାନ୍ତି । ଏହା ସମ୍ପୂର୍ଣ୍ଣ ଲୋକନୃତ୍ୟ ଅଟେ ।

**ଧଣ୍ଡାରୀ ନାଚ:**

ପୌଷପର୍ବ ପାଳନ କଲାବେଳେ ଭତରା ଓ ଅମନାତ୍ୟ(ବଡ଼ଭତରା) ମାନେ 'ଧଣ୍ଡାରୀ' ନାମକ ଏକ ପ୍ରକାର କାଠି ନାଚ କରିଥାନ୍ତି । ଏମାନେ ଦୂର ଗାଁ ଓ ସହରରେ ଏହି ନାଚ ପ୍ରଦର୍ଶନ କରିଥାନ୍ତି । ଗାଁର ସଲପ ଗଛ ନିକଟରେ ପୂଜା ଅର୍ଚ୍ଚନା କରି ଧଣ୍ଡାରୀ ନାଚ କରିବା ପାଇଁ ଲୋକ ବାହାରନ୍ତି ଏବଂ ଫେରିଲା ପରେ ପୁଣି ସଲପଗଛ ମୂଳରେ ସମାପନ ପୂଜା କରନ୍ତି ।

ଧଣ୍ଡାରୀ ଲୋକନୃତ୍ୟ ମୂଳରେ ଏକ ପୌରାଣିକ ଆଖ୍ୟାୟିକା ଶୁଣିବାକୁ ମିଳେ । ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ତାଙ୍କ ସମବୟସ ଯାଦବ(ଗଉଡ଼) ସାଖା ମାନଙ୍କ ସହିତ ଦଣ୍ଡ ବା ବାଡ଼ି ଧରି ଗୋଚାରଣ କରୁଥିଲେ । ଦରକାର ପଡ଼ିଲେ ଏହି ବାଡ଼ି ଦ୍ୱାରା ଶତ୍ରୁ ଓ ହିଂସ୍ରଜନ୍ତୁ ମାନଙ୍କୁ ଆକ୍ରମଣ କରୁଥିଲେ । ଅବସର ସମୟରେ ଦଣ୍ଡ ଉପରେ ଦଣ୍ଡ ବାଡ଼େଇ ଏକ ପ୍ରକାର ନାଚ କରୁଥିଲେ । କାଳକ୍ରମେ ଦଣ୍ଡବ୍ୟବହାର କରି ନାଚକରୁଥିବାରୁ ଏହାକୁ ଦଣ୍ଡାରି ନାଚ କୁହାଗଲା । କ୍ରମେ ଲୋକ ମୁହଁରେ ଏହା ଦଣ୍ଡାରି ନାଚ ଧଣ୍ଡାରୀ ନାଚରେ ପରିଚିତ ହେଲା । ଏହି ନୃତ୍ୟର ଅଙ୍ଗଭଙ୍ଗି ଦେଖିଲେ ଏହା ଏକ ସମର ବା ଯୁଦ୍ଧ ନୃତ୍ୟ ପରି ପ୍ରତୀୟମାନ ହୁଏ ।

ଧଣ୍ଡାରୀ ନାଚ ଦଳରେ ପଚାଶରୁ ଉର୍ଦ୍ଧ୍ୱ ଲୋକେ ଭାଗ ନେଇଥାନ୍ତି । ଏହି ନୃତ୍ୟ କେବଳ ପୁରୁଷମାନଙ୍କ ଦ୍ୱାରା ହୋଇଥାଏ । ପୁରୁଷମାନେ ରଙ୍ଗିନ୍ ପଗଡ଼ି ପିନ୍ଧି, ଜରି ପୋଷାକରେ ଦେହ ମଣ୍ଡି, ପାଇକକଛା କାରି, ହାତରେ ଦଣ୍ଡ ଧରି ନାଚକରନ୍ତି । ଶିରିପା

ବା ପଗଡ଼ିରେ ବଣ କୁକୁଡ଼ା ର ପର ଚୂଳଭାବେ ଖଞ୍ଜିଥାନ୍ତି । ଏହାକୁ 'ଦୁଦ୍‌ମ' ବୋଲି କୁହାଯାଏ । ପ୍ରତ୍ୟେକ ନୃତ୍ୟକାରୀ ଦୁଇହାତରେ ଦୁଇଟି ସରୁବାଉଁଶର ଦଣ୍ଡ ଧରିଥାନ୍ତି ଯାହାର ଅଗ୍ରଭାବ ଚାରିଫଡ଼ା ହୋଇଥାଏ ।

ସାଧାରଣତଃ ନବରଙ୍ଗପୁର ଅଞ୍ଚଳର ନୂଆଁଗଡ଼, ବୋରିଗୁମା ଅଞ୍ଚଳର ଭୈରବ ସିଂହପୁର, ନବରଙ୍ଗପୁରର ଡାବୁଗାଁ, କୋଡ଼ିଙ୍ଗା, କସାଗୁମୁଡ଼ା ଓ ମଧ୍ୟପ୍ରଦେଶ ଓ ଓଡ଼ିଶାର ସୀମାନ୍ତବର୍ତ୍ତୀ ଭତ୍ରା ଅଧ୍ୟୁଷିତ ଗ୍ରାମ ମାନଙ୍କରେ ଏହି ଲୋକନୃତ୍ୟ ଦେଖିବାକୁ ମିଳେ ।

ଏହି ନୃତ୍ୟ ସମୟରେ ବୀର ବାଦ୍ୟ ବାଜେ । ଶିଙ୍ଗ୍ ବାଇଦ, ଢ଼ୋଲ, ମହୁରୀ, ଟାମକ ଏହି ନାଚ ପାଇଁ ମୁଖ୍ୟବାଦ୍ୟ । ନର୍ତ୍ତକମାନେ ବାଦ୍ୟର ତାଳେ ତାଳେ ଦୁଇ ପକ୍ଷ ହୋଇ ହାତରେ ଧରିଥିବା ଧଣ୍ଡା (ଦଣ୍ଡ) ପରସ୍ପରକୁ ବାଡ଼େଇ ନାଚିଥାନ୍ତି । ଚାରିଫଡ଼ା ହୋଇଥିବା ବାଉଁଶ ଆଘାତ ପାଇ "ଠଅ..ଠଅ" ଶବ୍ଦ ସୃଷ୍ଟି ହୁଏ । ନାଚିଲା ବେଳେ ନର୍ତ୍ତକମାନେ ପାଟିରୁ ଓହ..ହୋ.. ଭଳି ଏକ ପ୍ରକାର ଶବ୍ଦ ବାହାର କରିଥାନ୍ତି ।

ସେମାନେ ବେଳେ ବୃତ୍ତାକାର ହୋଇ ନାଚନ୍ତି ତ ବେଳେବେଳେ ଧାଡ଼ି ବାନ୍ଧି ନାଚନ୍ତି । କେତେବେଳେ ଜଣକ କାନ୍ଧରେ ଜଣେ ଠିଆ ହୋଇ ପିରାମିଡ୍ କରି ନାଚନ୍ତି । ପୁଣି କେତେବେଳେ କେମିତି ଜଣକ ପଛରେ ଜଣେ ନୃତ୍ୟକରି କରି ଲୁଚିଗଲା ପରି ନାଚନ୍ତି । ଆକ୍ରମଣ, ପ୍ରତି ଆକ୍ରମଣର ନୃତ୍ୟ ଅଭିନୟ ଆକର୍ଷଣୀୟ ହୋଇଥାଏ । ଏହି ନୃତ୍ୟ ମନମୁଗ୍ଧକର ।

ପ୍ରତିବର୍ଷ ପୌଷ ପୂର୍ଣ୍ଣିମା ପୂର୍ବରୁ ଏହି ନୃତ୍ୟ ଆରମ୍ଭ ହୁଏ । ନୃତ୍ୟଦଳ ଗାଁ ଗାଁ ବୁଲି ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଏହି ନୃତ୍ୟର ଏକ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନ୍ୟ ଏକ ଗ୍ରାମବାସୀଙ୍କ ସହ ସଖ୍ୟ ସ୍ଥାପନ କରିବା, ମିତ୍ ମା'ପ୍ରସାଦ ବସିବା । ଏହି ମାନବୀୟ ପ୍ରୀତିପଦ ଉଦ୍ଦେଶ୍ୟକୁ ନେଇ ଧଣ୍ଡାରୀ ନାଚ ହୁଏ । ଗାଁ ଗୋଟାକଯାକର ଲୋକ ନୃତ୍ୟଦଳରେ ଭାଗ ନେଇଥିବା ସମସ୍ତଙ୍କର ମଇତ୍ର, ହୋଇ ଯାଆନ୍ତି । ନୃତ୍ୟଦଳର ଗାଁର ଲୋକେ ତଥା ମିତ୍ର ଗ୍ରାମର ଲୋକଙ୍କ ମଧ୍ୟରେ ଭାର, ବିଭାର ଦିଆ ନିଆ ହୁଏ । ପରସ୍ପର ମଧ୍ୟରେ ଭୋଜିଭାତ ହୁଏ ।

ପୌଷ ପୂର୍ଣ୍ଣିମା ପୂର୍ବରୁ ନୃତ୍ୟଦଳ ବାହାରି ଗାଁ ଗାଁ ବୁଲି ନାଚ ଦେଖାନ୍ତି । ପୂର୍ଣ୍ଣିମା ପୂର୍ବରୁ ଧଣ୍ଡାରୀ ନାଚ ଦଳ ବାହାରିବାର କାରଣ ଥିଲା । ସାଧାରଣତଃ ଜୟପୁର ସୂର୍ଯ୍ୟବଂଶର ରାଜାମାନେ ପୌଷପୂର୍ଣ୍ଣିମା ଅବସରରେ ରାଜ୍ୟର କଳାକାରମାନଙ୍କୁ ସେମାନଙ୍କ ଉତ୍ତମ ପ୍ରଦର୍ଶନ ପାଇଁ ଶିରିପା, ପାରିତୋଷିକ ପ୍ରଦାନ କରୁଥିଲେ । ରଜା

ଦରବାର ରେ ସମ୍ମାନିତ ହେବାର ଗୌରବ ବୋଧ, କଳାର ପ୍ରଦର୍ଶନ ଓ ପୁରସ୍କାର ପାଇବାର ଆତ୍ମତୃପ୍ତି ଧଣ୍ଡାରୀ ନାଚର ଅନ୍ୟ ଏକ କାରଣ ଥିଲା । ସାରା ମାଘ ମାସ ଓ ଫାଲଗୁନ ମାସର ଏକ ପକ୍ଷ ପ୍ରବାସରେ ରହି ନର୍ତ୍ତକମାନେ ସ୍ୱଗୃହକୁ ଫେରୁଥିଲେ । ଗ୍ରାମକୁ ଫେରିବାପରେ ଗାଁ ମୁଣ୍ଡରେ ଥିବା ଶିମୁଳି କିମ୍ବା ମହୁଲ ଗଛର ମୂଳେ ଗ୍ରାମଦେବୀଙ୍କୁ ପୂଜାକରି ଗଛର ଉପର ଭାଗରେ ଡାଳରେ ବାଡ଼ିଗୁଡ଼ିକୁ ସାଇତି ରଖନ୍ତି ।

ଗାଁର ସ୍ତ୍ରୀଲୋକମାନେ ନର୍ତ୍ତକ ମାନଙ୍କୁ ବନ୍ଦାପନା କରି ସ୍ୱାଗତ କରନ୍ତି । ଗାଁରେ ଭୋଜି ହୁଏ, ସମସ୍ତେ ନିଜ ନିଜ ଘରକୁ ଫେରନ୍ତି ପୁଣି ବର୍ଷକ ପରେ ବାହାରିବାର ଅପେକ୍ଷାରେ ରହନ୍ତି ।

ପୂର୍ବେ ଜୟପୁର ରାଜାମାନେ ରାଜ୍ୟାଭିଷେକ କାଳରେ ଧଣ୍ଡାରୀ ନାଚର ଆୟୋଜନ ପ୍ରତିଯୋଗିତା, ପୁରସ୍କାର ଆଦି ପ୍ରଦାନର ବ୍ୟବସ୍ଥାମାନ କରୁଥିବାର ଲୋକ ମୁଖରୁ ଶିଣିବାକୁ ମିଳେ, ସଂପ୍ରତି ଏହା ପ୍ରୋତ୍ସାହନର ଅଭାବରୁ ଲୋପ ପାଇବାକୁ ବସିଲାଣି ।

ଏହାର ପୁନରୁଦ୍ଧାର, ଡକୁମେଣ୍ଟେସନ ତଥା ପ୍ରସାର ପ୍ରଚାର ଦିଗରେ ସମସ୍ତ ସ୍ତରରେ ଉଦ୍ୟମ ନହେଲେ ଏହି ଲୋକନୃତ୍ୟ ଯେ ସମ୍ପୂର୍ଣ୍ଣ ଲୋପ ପାଇଯିବ ଏଥିରେ ସନ୍ଦେହ ନାହିଁ ।

*[ତଥ୍ୟ ପ୍ରଦାନ: ଶ୍ରୀ ଭାଗିରଥୀ ପାତ୍ର, ନବରଙ୍ଗପୁର, ଶ୍ରୀଚୈତନ ବିଶୋଇ, ନାଟଗୁରୁ, ବି.ମାଳିଗୁଡ଼ା, ନବରଙ୍ଗପୁର]*

**ଢେମସା:**

ସାଧାରଣତଃ କୋରାପୁଟ ଜିଲ୍ଲାର ଓ ନବରଙ୍ଗପୁର ଜିଲ୍ଲାର ଆଦିବାସୀମାନଙ୍କର ଢେମସା ନୃତ୍ୟ ପ୍ରତି ଆକର୍ଷଣ ସମୟକ୍ରମେ ଏହି ନୃତ୍ୟକୁ ସାର୍ବଜନୀନ କରି ପାରିଛି । ଏହା ଏକ ପ୍ରାଚୀନ ଲୋକନୃତ୍ୟର ପରମ୍ପରା ଭାବେ ଲୋକ ସ୍ୱୀକୃତ ।

ଢେମସା ନୃତ୍ୟର ନାମକରଣ 'ଧୁମ୍‌ସା' ଶବ୍ଦରୁ ଉଦ୍ଭବ ବୋଲି କୁହାଯାଏ । ଭାଷାବିଜ୍ଞାନୀମାନେ ଏହି ମତକୁ ସମର୍ଥନ କରିଥାନ୍ତି । 'ଧୁମ୍‌ସା' ହେଉଛି 'ଢେମ୍‌ସା' ନାଚରେ ବ୍ୟବହାର କରାଯାଉଥିବା ଏକ ମୁଖ୍ୟ ବାଦ୍ୟ ଯନ୍ତ୍ର ।

ଧୁମ୍‌ସା, ବଡ଼ ନାଗରା ବା ଟାମକ୍ ପରି ଆକୃତିର ବାଦ୍ୟଯନ୍ତ୍ର । ଧୁମ୍‌ସାର ଦେହ ନିଦାକାଠି ଗଣ୍ଡିରୁ ତିଆରି ହୋଇଥାଏ । ଏହାର ମୁହଁ ଗୋରୁ ଚମଡ଼ାଦ୍ୱାରା ଆବୃତ ଥାଏ ।

ଚମଡ଼ା ମଧ୍ୟରେ କିରଣ(ଏକ ପ୍ରକାର କୃଷ୍ଣବର୍ଣ୍ଣ ବହଳିଆ ଶବ୍ଦ ସୃଷ୍ଟିକାରୀ ଲେପ ଗୋଲାକାରରେ) ଦିଆଯାଇଥାଏ । ଏହା ଉପରେ ଚମଡ଼ା ଯୁକ୍ତ କାଷ୍ଠ ଦଣ୍ଡର ପାହାର ବସିଲେ ଦୁମ୍ ଦୁମ୍ ଶବ୍ଦ ସୃଷ୍ଟି ହୁଏ । ଏହି ଦୁମ୍ ଦୁମ୍ (ଧୁମ୍ ଧୁମ୍) ଗମ୍ଭୀର ଶବ୍ଦରୁ ବାଦ୍ୟର ନାମ ଧୁମ୍‌ସା ଓ ଧୁମ୍‌ସା ବାଦ୍ୟ ନିୟନ୍ତ୍ରିତ ନୃତ୍ୟକୁ ଢେମ୍‌ସା ବୋଲି କୁହାଯାଏ । ଭତ୍ରାମାନେ ମଧ୍ୟ ଭିନ୍ନ ଭିନ୍ନ ଅବସରରେ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ଏହି ନୃତ୍ୟ କରିଥାନ୍ତି ।

ଏହି ବାଦ୍ୟ ସାଧାରଣତଃ ଡମ୍ବ ସମ୍ପ୍ରଦାୟର ଲୋକମାନେ ବଜାଇଥାନ୍ତି । ଏମାନେ କୋରାପୁଟ ଜିଲ୍ଲାର ପ୍ରତି ଅବସରରେ ବାଦ୍ୟ ବଜାଇବା ପାଇଁ ସବୁ ସମ୍ପ୍ରଦାୟଦ୍ୱାରା ସ୍ୱୀକୃତ ।

**ଢେମ୍‌ସା ନାଚରେ ବ୍ୟବହୃତ ବାଦ୍ୟଯନ୍ତ୍ରଃ**

ଧୁମ୍‌ସାକୁ ଛାଡ଼ି ଦେଲେ ମହୁରୀ ଢେମସା ନାଚରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ମହୁରୀ ର ତୀବ୍ର ଲହରୀଯୁକ୍ତ ଧ୍ୱନି ଯେତେବେଳେ ଗାଁ ମଝିରେ, ଖୋଲପଡ଼ିଆରେ, କାହାର ପ୍ରଶସ୍ତ ଅଗଣାରେ, ଆମ୍ବତୋଟାରେ ବାଜି ଗାଁର ଧାଙ୍ଗଡ଼ା ଧାଙ୍ଗଡ଼ୀ ମାନଙ୍କୁ ନାଚିବାପାଇଁ ଆବାହନ କରେ, ଗାଁର ସମସ୍ତ ଯୁବକ ଯୁବତୀ ନାଚ କରିବାକୁ ବାହାରି ଆସନ୍ତି । ଧୁମ୍‌ସା, ମହୁରୀକୁ ଛାଡ଼ିଦେଲେ ଟୁଡ୍‌ବୁଡି, ଢୋଲ ସ୍ଥଳ ବିଶେଷରେ ତାପ ବାଦ୍ୟ ମଧ୍ୟ ବାଜିଥାଏ । ସଙ୍ଗୀତର ମୂର୍ଚ୍ଛନାରେ ଯେତେବେଳେ ନୃତ୍ୟ ଆରମ୍ଭ ହୁଏ ଦେଖଣାହାରୀ ଭାବରାଜ୍ୟରେ ବୁଡ଼ି ଯାଆନ୍ତି ।

**ନୃତ୍ୟର ପୂର୍ବପ୍ରସ୍ତୁତିଃ**

ଢେମସା ନାଚରେ କେତେଜଣ ନାଚ କରିବେ ତା'ର କୌଣସି ଧରାବନ୍ଧା ନିୟମ ନାହିଁ । ଏଥିରେସର୍ବନିମ୍ନ ୫ ଜଣରୁ ୧୦୦ କିମ୍ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ଭାଗନେଇ ପାରିବେ, ଏହି ନୃତ୍ୟ କେତେବେଳେ କେବଳ ଧାଙ୍ଗଡ଼ି (ଅବିବାହିତା ଯୁବତୀ) ମାନଙ୍କ ଦ୍ୱାରା କରାଯାଇଥାଏ ତ ବେଳେ ବେଳେ ଧାଙ୍ଗଡ଼ା ଓ ଧାଙ୍ଗଡ଼ି ମିଶି ନୃତ୍ୟ କରିଥାନ୍ତି । ନୃତ୍ୟ କରିବା ପୂର୍ବରେ ନୃତ୍ୟରେ ଭାଗ ନେଉଥିବା ବ୍ୟକ୍ତି ଉଚ୍ଚତା ଅନୁସାର ଧାଡ଼ିରେ ସଜାଇ ହୁଅନ୍ତି । ସେମାନେ କାନ୍ଧରେ କାନ୍ଧ ମିଶାଇ ପରସ୍ପରର ଅଣ୍ଟାକୁ ହାତରେ ଛନ୍ଦି ଶିକୁଳି ଭଳି ସଜାଇ ହୋଇ ପାଦରେପାଦ ମିଶାଇ ଧୁମ୍‌ସା, ମହୁରୀ, ଢ଼ୋଲର ତାଳେ ତାଳେ ନାଚ କରିଥାନ୍ତି । ନାଚ ହେଉଥିବା ସ୍ଥାନର ଗୋଟିଏ ପାଖରେ ବାଦ୍ୟକାର (ବାଜାବାଲା/

ବାଇଦକାରିଆ )ମାନେ ବସନ୍ତି । ଅନ୍ୟ ପାର୍ଶ୍ୱରେ ବା ବାଜାବାଲାଙ୍କୁ ଘେରି ଚକ୍ର ଆକାରର ପ୍ରଦକ୍ଷିଣ କରି ନୃତ୍ୟରେ ଭାଗନେଇଥିବା ବ୍ୟକ୍ତିମାନେ ନାଚ କରିଥାନ୍ତି ।

ନୃତ୍ୟାଧାଡ଼ିର ସର୍ବପ୍ରଥମ ନର୍ତ୍ତକ/ ର୍ତ୍ତକୀ ଜଣେ ପୁରୁଖା ନୃତ୍ୟଶିଳ୍ପୀ ହୋଇଥାଏ । ସେ ହାତରେ ମୟୂରପୁଚ୍ଛର ମୁଠା ବା ଦଣ୍ଡଟିଏ (ବାଡ଼ି), (ବେଳେ ବେଳେ ଗାମୁଛା ବା ତଉଲିଆ ମଧ୍ୟ) ଧରି ନୃତ୍ୟର ବୋଲ ଦେଇ ନୃତ୍ୟ ପରିଚାଳନା କରିଥାଏ । ଏହି ବ୍ୟକ୍ତିକୁ 'ବାଟ୍‌କଡ଼ା' ବୋଲି କୁହାଯାଏ । ତା'ର ଅଙ୍ଗଭଙ୍ଗୀ ଓ ପଦ ପାତକୁ ଅନୁସରଣ କରି ଅନ୍ୟମାନେ ମୁଣ୍ଡଳାକାରରେ ନୃତ୍ୟ କରିଥାନ୍ତି । ଏମାନେ ବାଦ୍ୟର ତାଳେ ତାଳେ ଗୀତ ଗାଇ ବହୁ ସମୟ ଯାଏ ନୃତ୍ୟ କରନ୍ତି । ଜଣେ କ୍ଲାନ୍ତ ହୋଇଗଲେ ନୃତ୍ୟଦଳରୁ ବାହାରି ଯାଏ ଏବଂ ଆଉ ଜଣେ ଆସି ସ୍ଥାନପୂରଣ କରିଥାଏ ।

**ଢେମସା ନୃତ୍ୟରେ ପୋଷାକ :**

ଢେମସା ନୃତ୍ୟରେ ଯୋଗଦେବା ପୂର୍ବରୁ ଧାଙ୍ଗଡ଼ୀମାନେ କେଶ ପ୍ରସାଧାନ କରି ଖୋସାରେ ବିଭିନ୍ନ ରଙ୍ଗର ଫୁଲ ପିନ୍ଧନ୍ତି । ପାରମ୍ପରିକ ପୋଷାକ ପିନ୍ଧନ୍ତି । ଗାଢ଼ ରଙ୍ଗର ଶାଢ଼ୀ (ବିଶେଷତଃ ହଳଦିଆ, ନୀଳ, ଲାଲରଙ୍ଗର) ପିନ୍ଧନ୍ତି । ଶାଢ଼ୀର ତିନି ଚତୁର୍ଥାଂଶ ଅଣ୍ଟାରୁ ଆଣ୍ଠୁ ପର୍ଯ୍ୟନ୍ତ ଓ ଅବଶିଷ୍ଟାଂଶକୁ ଛାତି ଓ ପିଠିରେ ଗୁଡ଼ାଇ ବାମକାନ୍ଧର ଉପର ପାଖରେ ଗଣ୍ଠି ପକାଇ ପିନ୍ଧନ୍ତି ଫଳରେ ନାଚକଲା ବେଳେ ଶାଢ଼ୀଦେହରୁ ଖସିଯିବାର କୌଣସି ସମ୍ଭାବନା ନଥାଏ ବା ନୃତ୍ୟରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରେ ନାହିଁ । ନୃତ୍ୟ ସମୟରେ ସେମାନଙ୍କ ସଯତ୍ନେ ବନ୍ଧିତ ଜଡ଼ାତେଲ ମଖା ଡାଲିଆ ଖୋସାରେ ବଣୁଆ ଫୁଲର ମହକ ଓ ସୌନ୍ଦର୍ଯ୍ୟ ନୃତ୍ୟର ଶୋଭା ବଢାଇ ଦେଇଥାଏ ।

**ଢେମ୍‌ସାନୃତ୍ୟର ଶ୍ରେଣୀ ବିଭାଗ:**

ନୃତ୍ୟର ପାଦ ପତନ, ସଙ୍ଗୀତର ତାନ, ଶରୀର ର ଅଙ୍ଗଭଙ୍ଗୀକୁ ନେଇ ଢେମସା ନୃତ୍ୟକୁ ବିଭିନ୍ନ ଶ୍ରେଣୀରେ ଭାଗ କରାଯାଇପାରେ । ଯଥା, (୧) ଖୁନ୍ଦା ଢେମ୍‌ସା, (୨) କରାପାନି ଢେମ୍‌ସା, (୩) ବାଲି ଢେମ୍‌ସା, (୪) ଡ଼ାଲଖୋଲା ଢେମ୍‌ସା ,(୫) ମାଡ଼ି ଲଚ୍‌କାନି ଢେମ୍‌ସା, (୬) ଲଣ୍ଡାଣି ଢେମ୍‌ସା, (୭) ଶିରା ଢେମ୍‌ସା, (୮) ଗଡ଼ିବେଟା,

(୯) ବଣ୍ଡା ଢେମ୍‌ସା, (୧୦) ଲହୁରା ମରା ଢେମ୍‌ସା , (୧୧) ଆଟାଝୁଲା, (ଅଣ୍ଟାଝୁଲା) ଢେମ୍‌ସା, (୧୨) ରିଗିଡ଼ି ଢେମ୍‌ସା, (୧୩)ଭାଜିଫୁଲ୍ ଢେମ୍‌ସା, (୧୪) ଛୋଟି ଢେମ୍‌ସା, (୧୫) ଝାଡ଼ମାଲି ଢେମ୍‌ସା, (୧୬) ଏକ୍‌ସେ ଗୁଣ୍ଡାରି ଢେମ୍‌ସା, (୧୭) ସାଇଁଲୋଡ଼ି ଢେମ୍‌ସା । ନବରଙ୍ଗପୁର ଅଞ୍ଚଳରେ ଭତ୍ରାମାନଙ୍କ ମଧ୍ୟରେ ଢେମ୍‌ସା ନାଚର ପ୍ରଚଳନ ଅଛି ।

**ଢେମ୍‌ସା ନାଚର କେତେକ ବର୍ଣ୍ଣନା :**

ଖୁନ୍ଦା ଢେମ୍‌ସାରେ ନର୍ତ୍ତକ ନର୍ତ୍ତକୀ ମାନେ ଅଣ୍ଟାରେ ବାମ ହାତ ଛନ୍ଦି, ଡାହାଣ ପାର୍ଶ୍ୱ ନର୍ତ୍ତକ ବା ନର୍ତ୍ତକୀର କାନ୍ଧରେ ରଖି ଧୁମ୍‌ସାର ତାଳେ ତାଳେ ଅଣ୍ଟା ବଙ୍କାଇ ଡାହାଣକୁ ପାଦେ ଓ ବାମକୁ ପାଦେ ପାଦ ପକାଇ ଝୁଲି ଝୁଲି ନୃତ୍ୟ କରନ୍ତି । ନୃତ୍ୟ ପ୍ରାଥମିକ ଅବସ୍ଥାରେ ମନ୍ଦ ଗତିରେ ଆରମ୍ଭ ହୁଏ । ଏହି ନାଚ ବେଳେ ନୃତ୍ୟଦଳ ବଭିନ୍ନ ସ୍ୱରରେ ଗୀତ ଗାଇ ମନର ଭାବ ପ୍ରକାଶ କରିଥାନ୍ତି । ଗୀତ, ପ୍ରେମ, ପ୍ରକୃତି, ଘଟିଥିବା ଘଟଣାକୁ ନେଇ ହୋଇଥାଏ ।

କରାପାନି ଢେମ୍‌ସା, କୁଆପଥର ବର୍ଷାପରି ନାଚ । କରାପାନି ଢେମ୍‌ସାରେ ନାଚ କରୁଥିବା ଧାଙ୍ଗଡ଼ା ଧାଙ୍ଗଡ଼ୀ ନାଚ ନାଚି ବିଜୁଳି ପରି ସାପେଇ ସାପେଇ, ବଙ୍କେଇ ବଙ୍କେଇ ଭସା ବଉଦ ପରି ଦଳ ଦଳ ଫିଟି ଯାଇ ପୁଣି ମିଶି ଯାଆନ୍ତି ଓ ବଙ୍କେଇ ବଙ୍କେଇ ଦ୍ୱଇଧାଡ଼ି ଆଗ ପଛ ହୋଇ ନାଚନ୍ତି । ଏହା ଜଟିଳ ନୃତ୍ୟର ପର୍ଯ୍ୟାୟ ଭାବେ ନିଆ ଯାଇପାରେ । ଏହି କରାପାନି ଢେମ୍‌ସାରେ ମହୁରୀଆର ମହୁରୀ ବଜାଇବାର ପାଟବତା ଶୁଣିବାକୁ ମିଳିଥାଏ । ଏହି ଶ୍ରେଣୀର ଢେମ୍‌ସା ଆକର୍ଷଣୀୟ ହୋଇ ଥାଏ ।

ମହୁରୀ ଓ ଧୁମ୍‌ସାର ତାଳେ ତାଳେ ଅଣ୍ଟା ଝୁଲାଇ ନାଚିବାର ଶୈଳୀକୁ ଅଣ୍ଟାଝୁଲା ଢେମ୍‌ସା କୁହାଯାଏ ।

ଶିରା ଢେମ୍‌ସାରେ ନାଚୁଥିବା ଧାଙ୍ଗଡ଼ା ଧାଙ୍ଗଡ଼ିମାନେ ପରସ୍ପର ଅଣ୍ଟାରେ ହାତଛନ୍ଦି ଗୋଟିଏ ପାଦ ସ୍ଥିର ରଖନ୍ତି । ମୁଣ୍ଡ ହଲାଇ ଅନ୍ୟପାଦଟିକୁ ଆଗକୁ ପକାଇ ନାଚନ୍ତି । ଏହି ନାଚ ଆଦିବାସୀ ଗୁଣିଆ (ଶିରା) କୁ ଦେବତା କି ଡୁମା ଧରିଲେ ସେ ଯେମିତି ତୀବ୍ରଭାବେ

ମଣ୍ଡ ଆନ୍ଦୋଳିତ କରି ସର୍ବାଙ୍ଗ ଥରାଇ ନାଚିଥାଏ ସେହିପରି ରୂପ ନେଉଥିବାରୁ ଏହାକୁ ଶିରା ଢେମ୍‌ସା କୁହାଯାଏ ।

ଗୋଡ଼ି ବେଟା( ରାସ୍ତାରୁ ନାଚି ନାଚି ଗୋଡ଼ି ଗୋଟାଇବା ପ୍ରକିୟା ପରି ନାଚ) ଢେମ୍‌ସାରେ ଅଂଶ ନେଉଥିବା ନୃତ୍ୟଦଳ ଗୋଡ଼ି ବାଛିଲା ପରି ମୁଣ୍ଡ ନୁଆଇଁ ନାଚନ୍ତି । ବାଦ୍ୟର ତାଳେ ତାଳେ ନାଚି ନାଚି ଆଗକୁ କେତେପାଦ ଯାଇ ଗୋଡ଼ି ଗୋଟାଇଲା ପରି ଅଭିନୟ କରି ପୁଣି ନାଚି ନାଚି ପଛକୁ ଫେରନ୍ତି ।

ନାଚ ସମୟରେ ଧାଙ୍ଗଡ଼ି ମାନେ ମୁଖସ୍ୱର ହୁଳହୁଳି ଦେଇ ନାଚର ତୀବ୍ରତାରେ ଲୋୟକ ହୋଇଥାନ୍ତି । ନାଚଗୁଡ଼ିକ ମନ୍ଦଗତିରୁ ଆରମ୍ଭ ହୋଇ ମଧମ ଓ ମଧମରୁ ତୀବ୍ର ହୋଇଥାଏ । ନୃତ୍ୟର ବିଭିନ୍ନ ଭଙ୍ଗୀ ପାଇଁ ମହୁରୀଆ ମହୁରୀରେ ଭିନ୍ନ ଭିନ୍ନ ସ୍ୱର ଦେଇ ବଜାଇ ଥାଏ । ସ୍ୱର ବଦଳିବା ସହ ନାଚର ମୁଖ୍ୟ ବାଟକତା ନର୍ତ୍ତକ ବା ନର୍ତ୍ତକୀ ତାର ନୃତ୍ୟର ଭଙ୍ଗୀ ବଦଳାଇ ଦେଇ ଥାଏ ଏବଂ ଅନ୍ୟମାନେ ତାହା ଅନୁସରଣ କରିଥାଆନ୍ତି । ନାଚ ନାଚ ମଝିରେ ଧାଙ୍ଗଡ଼ା ମାନଙ୍କର ସାରିଗଲା ... ସାରିଗଲା ର ସାଙ୍ଗୀତିକ ଉଚ୍ଚାରଣ ଓ ଧ୍ୱନ୍ୟାତ୍ମକତା ଗୀତ ଓ ନାଚରେ ଉଦ୍ଦାମତା ସୃଷ୍ଟି କରିଥାଏ ।

ନାଚରେ ମନ୍ଥରତା ଆସିଗଲେ, ଗୀତରେ ମୁଖର ହୋଇ ଯାଆନ୍ତି ନୃତ୍ୟଦଳ, ଉଭୟ ଧାଙ୍ଗଡ଼ା ଧାଙ୍ଗଡ଼ୀ ସମବେତ କଣ୍ଠରେ ଚଇତ ପରବ ଶୈଳୀରେ ଗୀତ ଗାଆନ୍ତି ।

ବାଟେ ବାଟେ ଗାଲା ବାୟା ବାମନ  
ଧାନର ନାମତ କରି ବାମନ  
  ଉଦିଲା କଅଁଳ ଜନ  
ତମର ଆମର ଢେମ୍‌ସା ଡ଼େଗାଇଲେ  
ଡୁମରି ଫୁଲ ସମାନ  
ସାରିଗାଲି ... ସାରିଗାଲି ରେ .....  
ଲେ..ଲେ..ଲେ..ଲେ....

ରେଲା ଛନ୍ଦରେ ଏ ଗୀତ ବାରମ୍ବାର ଆବୃତ୍ତି କରି ନୃତ୍ୟ କରନ୍ତି । ରେଲାଧ୍ୱନିର ମାନକତା ଧାଙ୍ଗଡ଼ା ଧାଙ୍ଗଡ଼ି ମନରେ ଯାଦୁକାରୀ ପ୍ରଭାବ ସୃଷ୍ଟି କରିଥାଏ ।

ଲେଲେ ... ରେଲା .. ଲେୟେରେଲେଲା .. ରେରେଲାରେଲେ

ଲେଲେ ଲେୟୋ ରେରେଲା .. ରେରେଲାଲେ .. ଲା ।

ଢେମ୍‌ସା ଲୋକନୃତ୍ୟ ପ୍ରାୟ ସମସ୍ତ ପର୍ବ ପର୍ବାଣି, ବିବାହ ଅବସରରେ, ପୁଣ୍ୟପର୍ବ, ମେଳା ମଣ୍ଡେଇ, ଯାତ୍ରା ପରବରେ ଅନୁଷ୍ଠିତ ହୋଇଥାଏ । ଢେମ୍‌ସା ଚିତ୍ତବିନୋଦର କାରଣ ହୋଇଥାଏ ।

*[ତଥ୍ୟ : ଗବେଷକ ଉଦୟ ମିଶ୍ର, ଜୟପୁର, ୮୮ ରାଜେନ୍ଦ୍ରପାଢୀ, କୁନ୍ଦ୍ରା, ରବିସିଂ ମାଝୀ, କମଳ ଲୋଚନ ଭତ୍ରା, ଉମରକୋଟ, ସାଇମନ ବିଡ଼ିକା, ଧତ୍ରାଙ୍କ ଠାରୁ ସଂଗ୍ରହ କରାଯାଇଛି ।]*

**ଦେଶିଆ ନାଟଃ**

ସଂପ୍ରତି ଆଧୁନିକତାର ପ୍ରଭାବରେ ଭତରା ଗାଁଗୁଡ଼ିକରେ କେତେକ ନାଟଦଳ ଦେଖିବାକୁ ମିଳନ୍ତି, ଯେଉଁମାନେ ରାଜା ରାମଚନ୍ଦ୍ର ଦେବଙ୍କ ଲିଖିତ ବରବାହୁ ନାଟ, କୁମ୍ଭାସୁର ବଧ ଓ ଅନ୍ୟାନ୍ୟ ନାଟଗୁରୁ ଯଥା ନବରଙ୍ଗପୁର ବଣିଆ ମାଳିଗୁଡ଼ା ନିବାସୀ ନାଟଗୁରୁ ଚୈତନ୍ୟ ବିଷୟୀଙ୍କ ରଚିତ କାଞ୍ଚନିକ ନାଟକ ତଥା ପେଟା ପରଶୁ, କଳାପାଣିଆ ନାଟ ଏବଂ ଏବ କାଲକୁ ସୁଭଦ୍ରା ହରଣ ଆଦି ନାଟ ପରିବେଷଣ କରୁଛନ୍ତି । ଏ ଗୁଡ଼ିକରେ ଭାଡ଼ି, ମଞ୍ଚ, ଆଧୁନିକ ଓ ପାରଂପରିକ ବାଦ୍ୟ ଦେଖିବାକୁ ମିଳେ । ଗଞ୍ଜାମ ଅଞ୍ଚଳର, ନାଟଗୁରୁମାନଙ୍କ ପ୍ରତୁଳ ପ୍ରଭାବ ଏ ନାଟଗୁଡ଼ିକରେ ଦୃଷ୍ଟିଗୋଚର ହୁଏ । ଆଧୁନିକତାର ସ୍ପର୍ଶରେ ନାଟର ସ୍ୱରୂପ ବଦଳିଲେ ମଧ ଭତ୍ରାମାନଙ୍କ ନାଟ ଦେଖିବାର ମୌଳିକ ମନୋବୃତ୍ତି ସେମିତି ଆଦିମ । ନାଟ ହେବା ଶୁଣିଲେ ସେମାନେ ମାଇଲ ମାଇଲ ଚାଲି ଚାଲି ଯାଇ ସାରାରାତି ନାଟ ଦେଖନ୍ତି । ମାଇକ୍ ନ ବାଜିଲେ କି ନାଟ ? ଏମିତି ଏକ ଧାରଣା ସେମାନଙ୍କ ମନରେ । ବର୍ତ୍ତମାନ ସେମାନେ ଯୁଗଧର୍ମର ପ୍ରଭାବରେ ଏ ଗୁଡ଼ିକୁ ଗ୍ରହଣ କରୁଥିଲେ ମଧ ଯେତେବେଳେ ଜହ୍ନ ଉଇଁଲେ, ତାରା ଦିଶିଲେ, ମହୁରୀର ତାନ ଡାକେ

ଆସ ଆସ ଯୁବକ ଯୁବତୀମାନେ, ଧାଙ୍ଗଡ଼ା ଧାଙ୍ଗଡ଼ି ମାନେ, ପୌଷ ଆସିଲା, ଚୈତ୍ର ଆସିଲା, ନାଚ କରିବାର ଋତୁ ଆସିଲା । ଏଇ ଜୀବନ ଦିଦିନ ପାଇଁ, ଯମର କାକୁଡ଼ି ବାଡ଼, ମଣିଷ ଖେଳନ୍ତି କାକୁଡ଼ି, ପାଳନ ହେଲେ ଯମ କାଟିନବ ଡେମ୍ପରୁ । ଏଣୁ ଆସ ଏଇ ଅଳ୍ପଦିନର ଜୀବନକୁ ଖୁସିରେ ଜୀଇଁବା, ଗୀତ ଗାଇ, ନାଚକରିବା । ମଲାଯାଏ ଓଠରେ ଗୀତ ଥାଉ, ପାଦରେ ନାଚଥାଉ । ଜମିଯାଏ ଗୀତର ଆସର, ନାଚର ଆସର । ମହୁରୀ, ଧୁମ୍‌ସା, ଢ଼ୋଲ, ଟୁଡ଼ୁବୁଡ଼ି, କେତେବେଳେ କେମିତି ତାପର ସଙ୍ଗୀତରେ ପବନ ଆତ୍ମହରା ହୁଏ ଆଉ ଶୁଭିଯାଏ ରେଲୋରେୟୋ ପାଟା (ଗୀତ), ରାତି ସରେ, ଗୀତ, ନାଚ ଅସରା ହୁଏ । ଗୀତ ଓ ନାଚ ଆଦିବାସୀ ପାଇଁ ଜୀବନ ପାଲଟିଯାଏ ।

❀❀❀

# ଭତ୍ରାମାନଙ୍କ ପ୍ରଦର୍ଶନୀ କଳା

ଏହା ପୂର୍ବରୁ ଭତ୍ରାମାନଙ୍କର ଲୋକନୃତ୍ୟ, ଲୋକସଙ୍ଗୀତ ଓ ଲୋକନାଟକ ସମ୍ବନ୍ଧରେ ଆମେ ଅବଗତ ହୋଇଛେ । ଭତ୍ରାମାନଙ୍କ ନିଜସ୍ୱ ଆବିଷ୍କୃତ ସ୍ୱତନ୍ତ୍ର ଧରଣର ବାଦ୍ୟ ଥିବାର ଜଣାଯାଏ ନାହିଁ । ଭତ୍ରାମାନଙ୍କ ପୂଜା, କର୍ମ, କର୍ମାଣିରେ ସାଧାରଣତଃ ଯେଉଁ ବାଦ୍ୟଗୁଡ଼ିକ ବାଜିଥାଏ ତାହା ହେଲା ନିଶାଣ, ଟାମକ, ଢ଼ୋଲ, ବଡ଼ ନାଗରା, ଟୁଡୁବୁଡ଼ି, ନାଗରା, ମହୁରୀ ଓ କେତେକ ଗାଁରେ ଟୁଡ୍ରା, କାଠ, ମର୍ଦ୍ଦଳ, ମାଟି ମର୍ଦ୍ଦଳ ମଧ୍ୟ ବଜାଇ ଥାଆନ୍ତି । ଶେଷୋକ୍ତ ତିନୋଟି ବାଦ୍ୟ ଗୋଣ୍ଡମାନଙ୍କ ସୃଷ୍ଟି ଏବଂ ଭତ୍ରାମାନେ ଗୋଣ୍ଡମାନଙ୍କଠାରୁ ଏକ ବିଭାଜିତ ଗୋଷ୍ଠି ମନେ କରୁଥିବାରୁ ଏହା ବ୍ୟବହାର କରିଥାନ୍ତି । ଭତ୍ରା ସମାଜରେ ଧର୍ମୀୟ ଅନୁଷ୍ଠାନକାଳୀନ ବାଦ୍ୟ ବଜାଇବା କେବଳ ଡମମାନଙ୍କ ଅଧିକାର ଭୁକ୍ତ । ବିଭିନ୍ନ ମନୋରଞ୍ଜନଧର୍ମୀ ଗୀତ, ନାଚରେ ମଧ୍ୟ ଏମାନେ ହିଁ ବାଦ୍ୟ ବଜାଇ ଥାନ୍ତି । ସଂପ୍ରତି ନାଚଗୁଡ଼ିକରେ ଝୁମ୍‌କା, ଘାଘୁଡ଼ି, ହାରମୋନିଅମ୍‌ର ପ୍ରଚଳନ ହେଲାଣି ।

[ନାଟକୁ ଆର୍ଷଣୀୟ କରିବା ପାଇଁ ମଣ୍ଡପ ଉପରେ ଚାନ୍ଦୁଆ ବାନ୍ଧିବା, ଚାରି ଖମ୍ବରେ ପେଟ୍ରୋମାକ୍ସ ଜାଳି ଓହଳାଇବା (ସ୍ଥଳ ବିଶେଷରେ ଜେନେରେଟରର ବ୍ୟବହାର କରିବା) ଭାଡ଼ି ବା ମଞ୍ଚାବାନ୍ଧିବା, ବିଭିନ୍ନ ଚରିତ୍ର ପାଇଁ ଭିନ୍ନ ଭିନ୍ନ ବେଶ ବାନ୍ଧିବା(make up), ମୁହଁରେ ରଙ୍ଗବୋଳିବା, ପୁରୁଷମାନେ ସ୍ତ୍ରୀ ଭୂମିକାରେ ଅଭିନୟ କରିବା ପାଇଁ ସ୍ତ୍ରୀ ବେଶ ପଡ଼ିବା ଆଦି ବର୍ତ୍ତମାନ ପରିଦୃଶ୍ୟ ହେଉଛି । ଏବେ ନାଟର ମୌଳିକ ସ୍ୱରୂପ (crude form)ରେ ବହୁ ଆଙ୍ଗିକ ପରିବର୍ତ୍ତନମାନ ଘଟି ନାଟକୁ ଅପେରା ପାଖାପାଖି ପହଞ୍ଚାଇ ଦେଲାଣି । ଏହା ଭତ୍ରାମାନଙ୍କର ଅନ୍ୟ ଲୋକଙ୍କ ସମ୍ପର୍କରେ ଆସିବା ଓ ଅଣ ଆଦିବାସୀୟ ରୁଚି, ପରମ୍ପରାକୁ ଗ୍ରହଣ କରିବାର ଆଗ୍ରହକୁ ସୂଚାଇଥାଏ ।]

**ଲୋକକଳା:**

ବର୍ତ୍ତମାନ ଭତ୍ରାମାନଙ୍କ କେତେକ ଲୋକକଳା ସମ୍ବନ୍ଧରେ ଆଲୋଚନା କରିବା ଉଚିତ ହେବ । ଲୋକମାନେ ନିଜର କଳାତ୍ମକ ପଥର ଅଭିବ୍ୟକ୍ତି ପାଇଁ ବିଭିନ୍ନ ଧରଣର ବସ୍ତୁନିଷ୍ଠ ପ୍ରଦର୍ଶନୀ କରିଥାନ୍ତି । ଏହା ସାଧାରଣତଃ ଦୃଶ୍ୟ । ଏହା ଦେଖି କଳାର ଗୁଣାତ୍ମକ

ଉତ୍କର୍ଷକୁ ବିଚାର କରିହୁଏ । ଭତରାମାନଙ୍କ ଘର ଲିପା, କାନ୍ଥଲିପା, ଦେହରେ ଚିତା କୁଟାଇବା, କାଠ ଓ ପଥରରେ ଦେବତା ମୂର୍ତ୍ତି ଗଠନ କରିବା, ବାନାଗୋଦାଇବା, ବୀର ଖମ୍ବ ପ୍ରସ୍ତୁତ କରିବା, କାଠରେ ବୀମା ଦେବତା ଖୋଦନ କରି ଗୁଡ଼ି ଆଗରେ ପୋତିବା, ବିବାହ ବେଦୀ ନିର୍ମାଣ କରିବା, ଛାମୁଣ୍ଡିଆ ବନାଇବା, ବେଦୀରେ ଚାଉଳ ଚୂନା, ପିଠଉ ଓ ହଳଦୀରେ ଝୋଟି ଆଙ୍କିବା, ଚିତା ଦେବା, ମାଠିଆ ହାଣ୍ଡିରେ ଚିତା ଦେଇ ବିଭିନ୍ନ ରଙ୍ଗରେ ରଙ୍ଗେଇବା, ପିଲାମାନଙ୍କ ପାଇଁ ମାଟି ଶଗଡ଼, ହାତୀ, ଘୋଡ଼ା ଆଦି ମାଟିରେ ନିର୍ମାଣ କରିବା, ଝରକା, କାବାଟରେ ବିଭିନ୍ନ ପଶୁପକ୍ଷୀର ଚିତ୍ର ଖୋଦନ କରିବା ଅନ୍ତର୍ଗତ । ଧର୍ମୀୟା ଅନୁଷ୍ଠାନ ପାଇଁ ନିର୍ମିତ ବିଭିନ୍ନ ବସ୍ତୁ ଯଥା ଦେବ୍‌ତାର ଲାଠି (ସ୍ତମ୍ଭ)କୁ ସଜ୍ଜିତ କରିବା, ଦେବତା ବସି(ଭ୍ରମଣ କରିବା ଚୌକି, ବିମାନର ନିର୍ମାଣ ଓ ସଜ୍ଜିକରଣରୁ ମଧ୍ୟ ସେମାନଙ୍କର କଳାତ୍ମକ ପକ୍ଷଟିକୁ ଜାଣିହୁଏ ।

ଯୁବତୀ (ଧାଙ୍ଗଡ଼ି) ମାନଙ୍କ କେଶ ପ୍ରସାଧାନ, ଖୋସାବନ୍ଧନ, ଅଳଙ୍କାର ମଧ୍ୟ ସେମାନଙ୍କର ସୌନ୍ଦର୍ଯ୍ୟାନୁଭୂତି ଓ କଳାତ୍ମକତାକୁ ଦର୍ଶାଇଥାଏ । ଭତ୍‌ରା ଲୋକ ଗୀତରେ ଅନେକ ପ୍ରକାର କେଶ ପ୍ରସାଧାନ ମଧ୍ୟରେ ''ଡାଲିଆ ଖୋସା''ର ବର୍ଣ୍ଣନା ଖୋସାର ଆକର୍ଷଣ ଓ ରମଣୀୟତାକୁ ପ୍ରତିପାଦନ କରିଥାଏ ।

**ବାନା ଗୋଦ୍‌ନା (ଚିତା କୁଟାଇବା):**

ଦେହରେ ଚିତା କୁଟାଇବା ଏକ ଆଦିମ ଲୋକକଳା । ଭତ୍‌ରା ଗୋଷ୍ଠିର ଯୁବତୀମାନେ ବାସ କରୁଥିବା ଅଞ୍ଚଳରେ ଏହାକୁ ବାନାଗୋଦ୍‌ନା (ଚିହ୍ନ ଖୋଳାଇବା) କୁହାଯାଏ । ଏହି କାର୍ଯ୍ୟ ସାଧାରଣତଃ ମଧ୍ୟ ପ୍ରଦେଶର ସ୍ତ୍ରୀମାନେ କରାଇଥାନ୍ତି ।ଏମାନଙ୍କୁ ଗୋଦ୍‌ନୀ କୁହାଯାଏ । ବିବାହ ବୟସ ପାଖେଇଲେ ଦେହରେ ଚିତା କୁଟାଇବା ଏକ ବିଧି । ଝିଅମାନେ ନିଜ ଦେହରେ ବାନା(ବନା) ଖୋଦାଉଥିବା ସମୟରେ ବହୁ ସୁନ୍ଦର ଗୀତ ସବୁ ଗାଇଥାନ୍ତି । ଗୀତରେ ପ୍ରଥମେ ନିଜର ଆୟା (ମା), ବୁବା(ବାପା), ନାନା(ଭାଇ), ବଉ(ଭାଉଜ), ଆତା(ପିଉସୀ), ବାଲିଫୁଲ(ସଙ୍ଗାତ, ମଇତ୍ର) ଆଦିଙ୍କୁ ସମ୍ବୋଧନ କରି ଗାଇଥାନ୍ତି । ଏହି ଗୀତ ଓଡ଼ିଆ ଭାଷାର କାନ୍ଦଣା ଗୀତର ପର୍ଯ୍ୟାୟବାଚୀ । ଏହି ଗୀତକୁ ଭତ୍‌ରାମାନେ ''ଗଦନି ଗୀତ୍‌'' ବା ବୁଦ୍‌ନାଗୀତ ବୋଲି କହିଥାନ୍ତି । (ଗୀତ ଭତରା ଲୋକଗତୀ କ୍ରମରେ ଏ ପୁସ୍ତକରେ ଦିଆଯାଇଛି) ।

ବାନା ଗୋଦ୍‌ନା ବା ଚିତା କୁଟାଇବାର ପ୍ରଣାଳୀ ଚମତ୍‌କାର । ପୂର୍ବେ ଗୋଦ୍‌ନୀମାନେ କେତେକ ଛୁଞ୍ଚିକୁ ଏକାଠି ବାନ୍ଧି, ସେ ଗୁଡ଼ିକୁ ଗରମ କରି ଚମ ଉପରେ

ଫୋଡୁଥିଲେ । ଟୀକା ଦେବା ଭଳି ଏହାକୁ ଫୋଡ଼ିଲେ ଚମଡ଼ା ଫାଟି ରକ୍ତ ବାହାରେ । ପୂର୍ବରୁ ହାଣ୍ଡିକଳା, ଆମ୍ବ କୋଇଲିର ରସ, ହଳଦୀ କିମ୍ବା ବଣ ଭାଲିଆ ତେଲ, ଜଡ଼ାତେଲ ଓ ହଳଦୀକୁ ଏକାଠି ମିଶାଇ ଏକ ପ୍ରକାର ଦ୍ରବଣ ନିର୍ମାଣ କରାଯାଉଥିଲା । ଖୋଦନ ସ୍ଥାନରେ ଏହି ଦ୍ରବଣକୁ ବୋଳି ଦିଆଯାଏ । ଯତସ୍ଥାନ ୩ ରୁ ୭ ଦିନ ଯାଏ ଫୁଲି ଭାରି କଷ୍ଟ ଦିଏ ଏବଂ ପରେ ବାନା (ଚିତା) ଶୁଖି ଚିତ୍ରଟି କୃଷ୍ଣବର୍ଣ୍ଣ ଧାରଣ କରି ସୁନ୍ଦର ଦେଖାଯାଏ । ଚିତା କୁଟାଇବାର ଏକ ସାମାଜିକ ଗୁରୁତ୍ୱ ରହିଛି ।

ପ୍ରଥମେ ଯେଉଁ ଫୁଲ, ଫଳ, ନାମ, ଗଛ ବା ପଶୁର ଚିତ୍ର ଦେହରେ ଅଙ୍କନ କରିବାକୁ ସ୍ଥିର କରାଯାଏ, ଗୋଦନୀ ସେହି ଚିତ୍ରଟି ଦେହର କେଉଁ ଅଙ୍ଗରେ ଅଙ୍କନ କରାଯିବ ପଚାରି କଳାରଙ୍ଗରେ ଆଙ୍କି ତାପରେ ଖୋଦନ କରିଥାଏ ।

**କେତେକ ବାନାର ଉଦାହରଣ:**

ଥୋଡ଼ିରେ ୩ ଗୋଟିଏ କୃଷ୍ଣ ବିନ୍ଦୁ: ଦୁଇ ଭ୍ରୂଲତା ଏକ ଅର୍ଦ୍ଧଚନ୍ଦ୍ର ଓ ବିନ୍ଦୁ ँ .

କପାଳରେ ଦୁଇଧାଡ଼ି ବିନ୍ଦୁ ବିନ୍ଦୁ ଦାଗ ତଳ ଉପର ହୋଇ

ଗାଲରେ ୩ ଗୋଟି ବା ଗୋଟିଏ କୃଷ୍ଣ ବିନ୍ଦୁ : ବା ବାହୁରେ କାନ୍ଧ ଆରମ୍ଭରୁକହୁଣୀଯାଏ ଧାଡ଼ି ଧାଡ଼ି ଚିତା ବା ଚର୍ତୁକୋଣ ଚିତା ଦେଖିବାକୁ ମିଳେ

ଛାତି (ସ୍ତନ), ଜଂଘ ଓ ପେଣ୍ଡା, ହାତ ପାପୁଲିର ଉପର ଭାଗରେ ମଧ୍ୟ କେତେକ ଚିତାକୁଟା ହୋଇଥିବାର ଦେଖିବାକୁ ମିଳେ ।

**କେତେକ ମୋଟିଫ୍ ଓ ଚିତ୍ର**

୧ ଧାଡ଼ି :







୨ୟଧାଡ଼ି :



୩ୟଧାଡ଼ି :



୪ର୍ଥ ଧାଡ଼ି: 

୫ମ ଧାଡ଼ି: 

୬ଷ୍ଠଧାଡ଼ି: 

୭ମ ଧାଡ଼ି : 

୮ଧାଡ଼ି : 

**ବାନା ବର୍ଣ୍ଣନା :**

୧ମ ଧାଡ଼ି : ଚାରିକୋଣିଆ ବସିବା ପୀଢ଼ା, ରାମ ଲକ୍ଷ୍ମଣ ସୀତା ହନୁମାନ, ସୀତାଙ୍କ ରୋଷେଇଘର

୨ୟଧାଡ଼ି: ଆମ୍ବଗଛ, ଖଜୁରୀଗଛ, ବାବୁଲ ଗଛ, ଫୁଲ

୩ୟ ଧାଡ଼ି: ପାର୍ବତୀଙ୍କ ବସିବା ପୀଢ଼ା, ଅର୍ଦ୍ଧଚନ୍ଦ୍ର, କଙ୍କଡ଼ାବିଛା, ଚଢ଼େଇ

୪ର୍ଥ ଧାଡ଼ି: ଅନ୍ଧର ବାଡ଼ି, ନଡ଼ିଆଫାଳ, ତିନିମାଣ ସୁଆଁ, ଚଢ଼େଇ ଆଖିର ଲୋମ, ଚାରିକୋଣିଆ ପୀଢ଼ା

୫ମ ଧାଡ଼ି: ଚଢ଼େଇ ଆଖିର ଲୋମ ବିଭିନ୍ନ ପ୍ରକାର, ଗୋଡ଼ିରେ ଆଙ୍କିବା ଚିତ୍ର

୬ଷ୍ଠ ଧାଡ଼ି: ଚାରି ମୟୂର, ଦୁଇ ମୟୂର, ଲବଙ୍ଗକଢ଼, ଦେବ ମୁକୁଟ

୭ଧାଡ଼ି : ମଣିବନ୍ଧର ଅଳଙ୍କାର, ଅଣ ଓସାରିଆ ମୁହଁର କୂଅ, ପ୍ରେମିକ ଚୂଲି ଓ ତାବା

୮ମ ଧାଡ଼ି: ବନ୍ଧୁ, ବାପ ଘରକୁ ବାଟ, ରାମଙ୍କ ରନ୍ଧାଘର, ପାଦଚିହ୍ନ, ଗୋଟିଏ ଗଛ

ଏମିତି ବହୁ ମୋଟିଫ୍, ଚିତ୍ରକୁ ନେଇ ଆଦିବାସୀ ସ୍ତ୍ରୀମାନେ ଦେହର ବିଭିନ୍ନ ଅଙ୍ଗରେ ଚିତା କୁଟାଇବା ଦେଖାଯାଏ । ଏମାନଙ୍କର ବିଶ୍ୱାସ ଏହି ଚିତା ସେମାନଙ୍କ ମୃତ୍ୟୁପରେ ମଧ୍ୟ ରହିଥାଏ । ଏହା ଭତ୍‌ରା ସମାଜର ସୌନ୍ଦର୍ଯ୍ୟାତ୍ମକ ଦିଗକୁ ସୂଚାଇଥାଏ ।

*[ତଥ୍ୟ ପ୍ରଦାନ: ରମାବାଈ, ଶିହୋବା ନଗରୀ, ଛତିଶଗଡ଼, ରଇବାରି ଭତ୍ରା, ମୁଣ୍ଡିଗଡ଼ା, ଉମରକୋଟ, ଶ୍ରୀ ଭଗବାନ ଦଲେଇ, ମୟୂରଭଞ୍ଜ ।]*

ଚିତା କୁଟାଇବା ଗୀତଟିଏ :

ଗଦାଓ ଗଦାଓ ମକେ ଗଦାଓ ଗଦାଓ

ମର ଆୟାକେ ଗଦାଓ ମର ନନନ୍ଦ କେ ଗଦାଓ

ମର ହାତତେ ଗଦାଓ

ଗଦାଓ ଗଦାଓ ମକେ ସୁସାରେ ଗଦାଓ

[ଚିତାକୁଟିଆଣୀରେ ଧୀରେ ଚିତା କୁଟା । ପ୍ରଥମେ ମୋ ମୋ ଦିହରେ ତାପରେ ନଣନ୍ଦ ଦିହରେ ଚିତାକୁଟା, ପରେ ମୋ ବାହୁରେ ଧୀରେ ଧୀରେ ଚିତାକୁଟା । ତାପରେ ମୋ ପାଦରେ, ମୋ ବଳା ଗଣ୍ଠି ଉପରକୁ, ତାପରେ ଜଙ୍ଘଂରେ ଧୀରେ ଧୀରେ ଚିତାକୁଟା । ପ୍ରଥମେ ମୋ ସ୍ତନ ଦେହରେ ଦେ ଚିତ୍ର ଆଙ୍କି, ତାପରେ ପିଠିରେ କୁଟାଇଦେ ଚିତା । କପାଳରେ ଖୋଳି ଦେତୁ ତୂଳି ଚିତ୍ର । ମୋର ସାରା ଦେହେ ଧୀରେ ଧୀରେ କୁଟାଇ ଦେ ଚିତା । ଏହା ମୂଳତଃ ଏକ ଛତିଶଗଡ଼ ଲୋକଗୀତ, ମୁହଁରୁ ମୁହଁ ହୋଇ ଭତ୍ରୀ ଭାଷା-ଭାଷୀଙ୍କ ନିକଟକୁ ଚାଲି ଆସିଥିବାର ଅନୁମିତ; କେବଳ କେତେକ ଶବ୍ଦ ଗତ ପରିବର୍ତ୍ତନ ମାତ୍ର ଲକ୍ଷ୍ୟ କରାଯାଇପାରେ ।]

ଘର ଓ ଅଗଣାକୁ ସୁନ୍ଦର ଦେଖାଯିବା ପାଇଁ ଭତ୍ରା ସ୍ତ୍ରୀ ଲୋକମାନେ ଗୋବରରେ ଛଣ ଜୋଡ଼ି ତାର କୃଷ୍ଣବର୍ଣ୍ଣ ପାଉଁଶକୁ ମିଶାଇ ଚିକ୍କଣ କରି ଲିପିଥାନ୍ତି, ଯାହା ଅଗଣା ଓ ଘରର ଚଟାଣକୁ ଚିକ୍କଣ କୃଷ୍ଣବର୍ଣ୍ଣରେ ରଙ୍ଗେଇଥାଏ ଓ ସୁନ୍ଦର ଦେଖାଯାଏ । ଘରର ବାହାର କାନ୍ଥଗୁଡ଼ିକୁ ରଙ୍ଗମାଟି ଓ ଖଡ଼ିମାଟି ଦେଇ(ଚୁନମାଟି) ଲିପି ଥାଆନ୍ତି ଓ ଏହା ଏପରି ଲିପା ହୋଇଥାଏ ଯେ ପ୍ରତି ଚାରିଅଙ୍ଗୁଳ ଦୂରତାରେ ମାଟି ଆସ୍ତରଣର ଏକ ଅର୍ଦ୍ଧବୃତ୍ତାକାର ଉଚ୍ଚସ୍ଥାନ ଦୃଷ୍ଟି ଗୋଚର ହୁଏ(relief) ଯାହା କାନ୍ଥ ଆରମ୍ଭରୁ ଛାତ ପର୍ଯ୍ୟନ୍ତ ଗତି କରିଥାଏ ଓ ଦୁଇ ଅର୍ଦ୍ଧବୃତ୍ତ ମଧ୍ୟରେ ଏକସରଳ ରେଖାର ସରୁହିଡ଼ ତଳୁ ଉପରକୁଯାଏ ଊର୍ଦ୍ଧରେଖା ସଦୃଶ ଛିଡ଼ା ହୋଇ ସୁନ୍ଦର ଦେଖାଯାଏ । ଭତ୍ରା ସ୍ତ୍ରୀମାନେ ବହୁଯତ୍ନରେ କାନ୍ଥଗୁଡ଼ିକୁ ଏପରି ଲିପିଥାନ୍ତି ।

ପୁଣ୍ୟ, ପର୍ବ, ନୂଆଖିଆ, ବିବାହ ଅବସରରେ ସେମାନେ ପିଠଉ(ଚାଉଳବଟା, ହଳଦୀ) ପ୍ରକୃତିରୁ ମିଳୁଥିବା ବିଭିନ୍ନ ରଙ୍ଗ ଦେଇ (ହାଣ୍ଡିକଳା, ଚୁନଖଡ଼ି, ରଙ୍ଗମାଟି, ଫୁଲ ଓ ପତ୍ର ରସ ଆଦି) କାନ୍ଥ ଆରମ୍ଭରୁ ଉପରକୁ ଦୁଇହାତ ଯାଏ ଓ କାନ୍ଥ ମଝିରେ ବିଭିନ୍ନ ପ୍ରକାର ଚିତ୍ର ଆଙ୍କିଥାନ୍ତି । ଏହା ଯେତିକି ଆକର୍ଷଣୀୟ ସେତିକି ସୁନ୍ଦର ହୋଇଥାଏ ।

ଭତ୍‌ରା ପୁରୁଷମାନେ କାଠ ଗଣ୍ଡିରେ ବାଦ୍ୟ ନିର୍ମାଣ କରିବା [ମର୍ଦ୍ଦଳ (ମାନ୍ଦନ୍ଦ ), ଢୋଲ, ନାଗରା ଆଦି], ବୀରଖମ୍ବ ଓ ଖମ୍ବ ଦେହରେ ବିଭିନ୍ନ ପ୍ରକାର ପକ୍ଷୀ, ପଶୁ, ଗଛ, ଲତା, ମଣିଷର ଚିତ୍ର ଖୋଦେଇ କରିଥାନ୍ତି । ଘରର କବାଟଗୁଡ଼ିକରେ ମୟୂର, ଶୁଆ, ହାତୀ, ଫୁଲର ଚିତ୍ର ଖୋଦନ କରିବା ସେମାନଙ୍କର କଳାତ୍ମକ ଅଭିରୁଚିର ପରିଚୟ ଦିଏ ।

ଯାତ୍ରା ସମୟରେ ମାତା ଠାକୁରାଣୀ, ମାଓଲି ମାତା (ଦନ୍ତେଶ୍ୱରୀ ମାଈ), ଅନ୍ୟ ଦେବୀ ଦେବତାଙ୍କୁ ବିମାନରେ ବିଜେ କରାଇବା ପୂର୍ବରୁ ଶିଶୁ ବା ଶାଳକାଠରେ ନିର୍ମିତ ସୁନ୍ଦର ବିମାନ, ଚୌକୀ ନିର୍ମାଣ, ଏଗୁଡ଼ିକୁ ଲାଲ, ହଳଦିଆ, ଧଳା, କୃଷ୍ଣବର୍ଣ୍ଣ କନାରେ ସଜିତ କରି ରୂପାପାତ୍ର, ରୂପାଟଙ୍କାରେ ଗୁନ୍ଥାମାଳ, କଉଡ଼ିଗୁନ୍ଥା କନାର ପଟରୂପାର ସୋରାମାଳି ଓ ବହୁବର୍ଣ୍ଣ ଫୁଲମାଳରେ ସଜାଇବାର କଳା ସେମାନଙ୍କର କଳାତ୍ମକ ଅନୁରାଗର ପ୍ରତୀକ ଅଟେ ।

ଅତଃ ଭତ୍‌ରାମାନଙ୍କ ଲୋକକଳା ଅତି ସୁନ୍ଦର, ମନୋ ମୁଗ୍ଧକର ଓ ଆକର୍ଷଣୀୟ ହୋଇଥାଏ । ବଉଲାଣି ଯାତ୍ରା ସମୟରେ ପ୍ରତି ଗାଁରେ ଶିମୁଳୀ କାଠରେ ନିର୍ମିତା ରଥ ଓ ଚୌକୀ ଦେଖିବାର ଯୋଗ୍ୟ ହୋଇଥାଏ ।

**ଉପସଂହାରଃ**

ବିଶେଷତଃ ଅବିଭକ୍ତ କୋରାପୁଟ ଜିଲ୍ଲାର କୁନ୍ଦ୍ରା, ବୋରିଗୁମ୍ମା, କୋଟପାଡ଼ ବ୍ଲକ୍ ତଥା ନବରଙ୍ଗପୁର ଜିଲ୍ଲାରେ ବସବାସ କରୁଥିବା ଭତ୍‌ରା ଗୋଷ୍ଠିର (ଯେଉଁମାନଙ୍କୁ ଓଡ଼ିଶା ସରକାର ତଫସିଲ ଭୁକ୍ତ ଭୋତଡ଼ା ବା ଭତଡ଼ା ଜନଜାତି ବୋଲି ଘୋଷଣା କରିଛନ୍ତି) ଲୋକ ସଂସ୍କୃତି ଓ ଲୋକ ସାହିତ୍ୟକୁ ନେଇ ଏହି ପୁସ୍ତକ ରଚନା କରାଯାଇଛି । ଏହା ଏକକ ଓ ବ୍ୟକ୍ତିଗତ ପ୍ରଚେଷ୍ଟାର ଫଳଶ୍ରୁତି ମାତ୍ର । କୌଣସି ଲୋକ ଗୋଷ୍ଠି ବା ସମ୍ପ୍ରଦାୟର

ସାମଗ୍ରିକ ସଂସ୍କୃତି ଓ ଲୋକ ସାହିତ୍ୟର ବିଶ୍ଳେଷଣ, ସଂଗ୍ରହ, ଲିଖିତ ଆକାରରେ ଉପସ୍ଥାପନା ପାଇଁ ଗୋଟିଏ ଜୀବନକାଳ ପର୍ଯ୍ୟାପ୍ତ ନୁହେଁ । ଭଦ୍ରମାନଙ୍କ ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ ଜୀବନର ପୃଷ୍ଠଭୂମି ଅତ୍ୟନ୍ତ ବ୍ୟାପକ ଓ ବିସ୍ତୃତ । ସେମାନଙ୍କ ସୃଷ୍ଟି, ବିକାଶ, ପରିବର୍ତ୍ତିତ ଦୃଷ୍ଟିକୋଣ, ଅନ୍ୟ ସମ୍ପ୍ରଦାୟ, ଗୋଷ୍ଠି, ଜାତି ଓ ସଭ୍ୟତାର ପ୍ରଭାବରେ ସେମାନଙ୍କ ବଦଳି ଯାଉଥିବା ଚିନ୍ତାଧାରା, ମୂଲ୍ୟବୋଧ, ଅନ୍ୟ ସଂସ୍କୃତି ଓ ଭାଷାକୁ ଗ୍ରହଣ କରିବାର ଆଗ୍ରହ, ସ୍ୱାଧୀନୋତ୍ତର ରାଜନୈତିକ ପ୍ରଭାବ, ସଂପ୍ରତି ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରଭାବ, ଖରବକାଗଜ, ରେଡ଼ିଓ, ଦୂରଦର୍ଶନର ପ୍ରଭାବ, ଓଡ଼ିଆଭାଷା ଓ ସଂସ୍କୃତିର ପ୍ରତୁଳ ସ୍ପର୍ଶ ଏବେ ଭଦ୍ରାମାନଙ୍କୁ ଏକ ସନ୍ଧିକ୍ଷଣରେ ଆଣି ଛିଡ଼ା କରାଇଛି । ଆଧୁନିକତାର ସଂସ୍ରବ ଓ ପୁରାତନତାର ଆକର୍ଷଣ ଭିତରେ ଏବେ ଭଦ୍ରା ଜନଜାତିର ଜୀବନଯାତ୍ରା । ସେମାନଙ୍କ ସଂସ୍କୃତି ଯୁଗଧର୍ମ ଅନୁସାରେ ବହୁଚାପର ବଶବର୍ତ୍ତୀ, ସେମାନଙ୍କ ଲୋକସାହିତ୍ୟ କିନ୍ତୁ ପୂର୍ବପରି ମୁକ୍ତ, ସ୍ୱଚ୍ଛନ୍ଦ, ଜୀବନ ଧର୍ମିତାରେ ଜୀବନ୍ତ, ଆନନ୍ଦର ବାର୍ତ୍ତାବହ, ପ୍ରକୃତି ପ୍ରାଣତାକୁ ନେଇ ରଙ୍ଗିମନ୍ତ, ସରଳ, ତରଳ, ଗେୟଧର୍ମୀ । ଏଣୁ ଏହି ପୁସ୍ତକରେ ଭଦ୍ରାମାନଙ୍କ ଲୋକସାହିତ୍ୟର ବିଶ୍ଳେଷଣ ବିଶିଷ୍ଟ ସ୍ଥାନ ପାଇଛି । ଏହା ଭଦ୍ରା ଲୋକ ସଂସ୍କୃତିର ସାମଗ୍ରିକ ସ୍ୱୟଂସମ୍ପୂର୍ଣ୍ଣ ଆଲେଖ୍ୟ ନୁହେଁ ବରଂ ସେମାନଙ୍କୁ ଚିହ୍ନିବାର ପ୍ରଥମ ପ୍ରୟାସ ମାତ୍ର । ସେମାନଙ୍କ ସାଂସ୍କୃତିକ ଜୀବନର ବହୁତଥ୍ୟ ଏବେ ବି ଲୋକଲୋଚନର ଅଗୋଚର ରେ ରହିଯାଇଛି । ଏହି ପୁସ୍ତକରେ ଦିଆଯାଇଥିବା ସମସ୍ତ ତଥ୍ୟ ସ୍ଥାନୀୟ ସ୍ତରରେ ସଂଗୃହୀତ । ଏହା ପରବର୍ତ୍ତୀ ଲେଖକମାନଙ୍କ ପାଇଁ ପ୍ରାରମ୍ଭିକ ପ୍ରେରଣାର କ୍ଷୀଣ ସ୍ରୋତଟିଏ ହୋଇପାରିବ ଏହି ଆଶା ରହିଛି ।

ପୂର୍ବରୁ ଭଦ୍ରାମାନଙ୍କ ସମ୍ବନ୍ଧରେ ବିକ୍ଷିପ୍ତ ଭାବରେ ଏଠି ଏଠି କଦବା କେମିତି ପ୍ରବନ୍ଧଟିଏ, କିଛି ସଂକ୍ଷିପ୍ତ ଆଲୋଚନା, ଉପରଠାଉରିଆଭାବେ ସାଂସ୍କୃତିକ ଜୀବନର ବିଶ୍ଳେଷଣ, ସେମାନଙ୍କ ଲୋକ ସାହିତ୍ୟର କିଛିଟା ଅନୁଶୀଳନ କରାଯାଇଛି ମାତ୍ର ; କିନ୍ତୁ ସେମାନଙ୍କ ନିକଟରୁ ଦେଖି ସେମାନଙ୍କ ନିଜସ୍ୱ ଜୀବନ ଶୈଳୀ, ଗୋଷ୍ଠି, ଆନ୍ତଃ ଗୋଷ୍ଠି ସଂପର୍କ, ସେମାନଙ୍କ ସାମାଜିକ, ସାଂସ୍କୃତିକ ଜୀବନ, ସେମାନଙ୍କ ପାରମ୍ପରିକ ଲୋକସାହିତ୍ୟର ବିଭିନ୍ନ ବିଭାବର ସଂଗ୍ରହ, ସଂରକ୍ଷଣ ପ୍ରକାଶନ କରାଯାଇ ନାହିଁ ।

ଫଳରେ ୧୪୫୦ ଖ୍ରୀଷ୍ଟାବ୍ଦରେ ଭତ୍‌ରାମାନେ ଦକ୍ଷିଣ ଭାରତରୁ ଆସି ୧୭୦୦ ଖ୍ରୀଷ୍ଟାବ୍ଦରେ ଓଡ଼ିୟାନ୍ (ଓଡ଼ିଶା)ଦେଶରେ ପ୍ରବେଶ କଲାପରେ ସେମାନଙ୍କ ସାମଗ୍ରିକ ଜୀବନଚର୍ଯ୍ୟା ଅନାଲୋଚିତ ରହିଗଲା । ଏହା ଭିତରେ ବହୁ ପରିବର୍ତ୍ତନ ମାନ ଆସିଲା । ଏମାନେ ମୂଳତଃ ଯେଉଁ ଗୋଣ୍ଡ ସମ୍ପ୍ରଦାୟର ଏକ ବିଭାଜିତ ଗୋଷ୍ଠି ବୋଲି ମନେ କରନ୍ତି, ଏବେ ସେମାନଙ୍କ ଭାଷା, ଚଳଣି, ଚାହାଣୀଠାରୁ କେତେ ଯେ ଫରକ୍ ତାହା କହିବା ସମ୍ଭବ ନୁହେଁ । ଭତ୍‌ରାମାନଙ୍କ ସମ୍ବନ୍ଧରେ ମୋର ରଚନା ଅସମ୍ପୂର୍ଣ୍ଣ । ଏହାର ସଂପୂର୍ଣ୍ଣତା ଆପଣମାନଙ୍କ ଓ ଉତ୍ତର ଦାୟାଦ ହାତରେ ରହିଲା ।

ଶେଷରେ ଏତିକି ଭତ୍‌ରା ସଂସ୍କୃତି ଏକ ସୁସଂହତି ସଂସ୍କୃତି । ଏହାର ନିଜସ୍ୱ ଦୃଷ୍ଟିକୋଣ ଓ ମୂଲ୍ୟବୋଧ ରହିଛି । ଜୀବନପ୍ରତି ମମତ୍ୱ ବୋଧ, ପ୍ରକୃତିଗତ ପ୍ରାଣ ଓ ସରଳତା, ଅତିଥିପ୍ରୀତି, ସ୍ୱାଧୀନଚେତନା, ଲୋକ ବିଶ୍ୱାସ, ଧର୍ମପ୍ରାଣତା, ଏହି ସଂସ୍କୃତିର ମୂଳପିଣ୍ଡ । ଏହାର ଲୋକ ସାହିତ୍ୟ ତା ନିଜ ଜୀବନର ଅନୁଭୂତିର କଥା କହେ । ପ୍ରେମ-ପ୍ରଣୟ-ରାଗ ଅନୁରାଗ-ଆନନ୍ଦ-ବିଷାଦ-ମିଳନ-ବିରହ, ଆଶା-ବିଶ୍ୱାସ, ସୁଖ ଦୁଃଖ, ରାଗ, କ୍ରୋଧ, ହାସ୍ୟ-ବ୍ୟଙ୍ଗର ଅନୁଭବ ଜନ୍ୟ ମୌଖିକ ସୃଷ୍ଟି ହେଉଛି ଭତ୍‌ରା ଲୋକ ସାହିତ୍ୟ । ଏଣୁ ଯେଉଁ ଭତ୍‌ରା ଗୋଷ୍ଠିର ଲୋକମାନେ ଶିକ୍ଷାର ଆଲୋକରେ ଆଲୋକିତ ସେମାନେ ନିଜ ସଂସ୍କୃତିର ମୂଲ୍ୟକୁ ଚିହ୍ନି, ନିଜ ଅସ୍ମିତା, ଗୌରବ ବୋଧକୁ ଜାଗ୍ରତକରି, ଅନ୍ଧବିଶ୍ୱାସକୁ, କୁସଂସ୍କାର ଅନ୍ଧାରକୁ ଦୂର କରନ୍ତୁ । ନିଜ ଭାଷା-ସାହିତ୍ୟର ସୁରକ୍ଷା କରନ୍ତୁ । ନିଜର ଏକ ସ୍ୱତନ୍ତ୍ର ପରିଚୟ ରଖନ୍ତୁ । ଅନ୍ୟ ସଂସ୍କୃତି ଓ ଭାଷା ଯେତେ ଭଲ, ଯେତେ ମହତ୍ ହେଲେ ମଧ ମାତୃସଂସ୍କୃତି ଯେ ସବୁଠାର ମହାନ୍ ଏହା ଚିନ୍ତା କରନ୍ତୁ ।

*ଉମରକୋଟ, ତାରିଖ ୧୯.୧୨.୨୦୦୧, ବୁଧବାର*

❀❀❀

# ପରିଶିଷ୍ଟ

## ତଥ୍ୟ ସଂଗ୍ରହ ସମ୍ବନ୍ଧୀୟ ସୂଚନା (ବ୍ୟକ୍ତି ବିଶେଷଙ୍କଠାରୁ)

୧. ବୁଦ୍‌ସନ୍ ସମରଥ, ପୂଜାରୀ ଗ୍ରା/ପୋ: ବଡ଼ଭରଣ୍ଡି, ଭା:ଉମରକୋଟ ଜିଲ୍ଲା ନବରଙ୍ଗପୁର-୭୬୪୦୭୩

୨. ନାଟଗୁରୁ ନିର୍ଗତ କଲାର, ଗ୍ରା: ଲେଙ୍ଗଡ଼ାଗୁଡ଼ା, ପୋ: ସୁକିଗାଁ, ଭା: ଉମର, କୋଟ ଜି: ନବରଙ୍ଗପୁର

୩. ମାୟାଧର ମାନସିଂ, ଧୁରୁଆ, ଗ୍ରା: କୁସୁମପୁର, ଭା: ରାଇଘର, ଜିଲ୍ଲା: ନରବରଙ୍ଗପୁର

୪. ମଣିରାମ ଗୋଣ୍ଡ, ଗ୍ରା: ଟିମନପୁର, ପୋ: ଗୋନା, ଭା: ରାଇଘର, ଜି: ନବରଙ୍ଗପୁର

୫. ବାରୁଣୀ ପୂଜାରୀ, ମଇଦଲପୁର, ଜି: ନବରଙ୍ଗପୁର

୬. ସାଇମନ ବିଡିକା, ଗ୍ରା: ଭୀମାଗୁଡ଼ା ପୋ: ଧଡ୍ରା ଜି:ନବରଙ୍ଗପୁର

୭. ୪ ମେଘନାଦ ପୂଜାରୀ, ଗ୍ରା: ଦରଗାଗୁଡ଼ା, ଉମରକୋଟ, ଜି: ନବରଙ୍ଗପୁର

୮. ଦୀନବନ୍ଧୁ ପୂଜାରୀ, ଗ୍ରା: ଭୀମାଗୁଡ଼ା, ପୋ: ଧଡ୍ରା, ଜି: ନବରଙ୍ଗପୁର

୯. ରବିସିଂ ମାଝୀ, ଗ୍ରା: ବାଟିବେଡ଼ା, ପୋ: ଭାମିନି, ଜି:ନବରଙ୍ଗପୁର

୧୦. କେଦାରଶ୍ୱେର ପଟ୍ଟନାୟକ, ଗ୍ରା: ଧଡ୍ରା, ଭା: ଉମରକୋଟ ,ଜି: ନବରଙ୍ଗପୁର

୧୧. ଶୁକଦାସ ଭତ୍‌ରା, ଗ୍ରା: ସିର୍ଲିଗୁଡ଼ା, ପୋ: ଉମରକୋଟ , ଜି: ନବରଙ୍ଗପୁର

୧୨. ବଲ୍ଲଭ ରାଉତ, ଗ୍ରା/ପୋ: କୁକୁଡ଼ାବାଇ, ଜି: ନବରଙ୍ଗପୁର

୧୩. ରାମନାଥ ନାୟକ, ଗ୍ରା: ଲେଙ୍ଗଡ଼ାଗୁଡ଼ା, ପୋ: ସୁକିଗାଁ, ଜି: ନବରଙ୍ଗପୁର

୧୪. ଲଳିତ ମୋହନ ପଟ୍ଟନାୟକ, ନୂଆବନ୍ଧ ସାହି, ନବରଙ୍ଗପୁର

୧୫. ସମ୍ବାରୁ ମାଝୀ, ଗ୍ରା: ବଜରଗଡ଼, କସାଗୁମୁଡ଼ା, ଜି: ନବରଙ୍ଗପୁର

୧୬. ଲକ୍ଷ୍ମୀଧର ମହାନ୍ତି, କସାଗୁମୁଡ଼ା, ଜି: ନବରଙ୍ଗପୁର

୧୭. ଖ୍ରୀଷ୍ଟଚନ୍ଦ୍ର ଚାକ୍ରି ଗ୍ରା/ପୋ : ଉମରକୋଟ, ଜି: ନବରଙ୍ଗପୁର

୧୮. ଚଇତି ଭତରା, ଗ୍ରା: ଖୁଟୁଗୁଡ଼ା, ପୋ: ବଡଭରଣ୍ଡି, ଜି: ନବରଙ୍ଗପୁର

୧୯. ରତନି ଭତରା

୨୦. ଶୁଦରି ଭତରା, ଗ୍ରା: ମହଣ୍ଡି, ଝରିଗାଁ, ଜି: ନବରଙ୍ଗପୁର

୨୧. ଭଗବାନ ଦଳେଇ, ଖୁଣ୍ଟା, ମୟୂରଭଞ୍ଜ ଜିଲ୍ଲା

୨୨. ରାଇଦର ଭତରା, ଗ୍ରା: ଖୁଟୁଗୁଡ଼ା, ଜି: ନବରଙ୍ଗପୁର

୨୩. ଗଣେଶ୍ୱର ପତି, ଗ୍ରା/ପୋ: ବଡ଼ଭରଣ୍ଡି ,ଜି: ନବରଙ୍ଗପୁର

୨୪. ସନମତି ଭତରା, ଗ୍ରା:/ପୋ: ଦରଘାଗୁଡ଼ା, ପୋ: ଉମରକୋଟ, ଜି: ନବରଙ୍ଗପୁର

୨୫. ସୋମଦାସ ଭତରା, ଗ୍ରା:/ପୋ: ଦରଘାଗୁଡ଼ା, ପୋ: ଉମରକୋଟ, ଜି: ନବରଙ୍ଗପୁର

୨୬. ଭୟାରାମ ନାୟକ, ଗ୍ରା/ପୋ: ଶିଂସାରି, ଭା: ଡାବୁଗାଁ, ଜି: ନବରଙ୍ଗପୁର

୨୭. ବୁଚନ ନାୟକ, ମାର୍ଫତ ଲକ୍ଷ୍ମୀଧର ନାୟକ, ଗ୍ରା:/ପୋ: କସାଗୁମୁଡ଼ା, ଜି: ନବରଙ୍ଗପୁର

୨୮. ରାମନାଥ ଭତ୍ରା, ଗ୍ରା: ଲେଙ୍ଗଡ଼ଗୁଡ଼ା, ପୋ: ସୁକିଗାଁ, ଜି: ନବରଙ୍ଗପୁର

୨୯. ମଙ୍ଗଳ ଦେଇ ଭତରା, ଗ୍ରା: ଲେଙ୍ଗଡ଼ଗୁଡ଼ା, ପୋ: ସୁକିଗାଁ, ଜି: ନବରଙ୍ଗପୁର

୩୦. ଲକ୍ଷ୍ମୀ ଭତରା, ଗ୍ରା: ନୂଆଗୁଡ଼ା, ପୋ: ଉମରକୋଟ, ଜି: ନବରଙ୍ଗପୁର

୩୧. ଭାଲଚନ୍ଦ୍ର ତ୍ରିପାଠୀ, ଗ୍ରା:/ପୋ: ପାପଡ଼ାହାଣ୍ଡି, ଜି: ନବରଙ୍ଗପୁର

୩୨. ଗାଗରୁ ଭତରା, ଗ୍ରା:ଖୁଟୁଗୁଡ଼ା, ପୋ: ବଡ଼ଭରଣ୍ଡି, ଜି: ନବରଙ୍ଗପୁର

୩୩. ଅନ୍ଧାରୁ ଭତରା, ଗ୍ରା:ଖୁଟୁଗୁଡ଼ା, ପୋ: ବଡ଼ଭରଣ୍ଡି, ଜି: ନବରଙ୍ଗପୁର

୩୪. ଜୟଦେବ ଗଣ୍ଡ ,ଗ୍ରା: ସିର୍ଲିଗୁଡ଼ା, ପୋ: ଉମରକୋଟ, ଜି: ନବରଙ୍ଗପୁର

୩୫. ସନସାଏ ଭତରା, ଗ୍ରା: ମଲଙ୍ଗଗୁଡ଼ା, ପୋ:କାରାଗାଁ, ଜି: ନବରଙ୍ଗପୁର

୩୬. ବଳି ଭତରା, ଗ୍ରା: ମଲଙ୍ଗଗୁଡ଼ା, ପୋ:କାରାଗାଁ, ଜି: ନବରଙ୍ଗପୁର

୩୭. ସନମଚ ଗଣ୍ଡ, ଗ୍ରା: ବାଟିବେଡ଼ା, ପୋ: ଭମିନି, ଜି: ନବରଙ୍ଗପୁର

୩୮. ସନବାରି ଗଣ୍ଡ, ଗ୍ରା: ବାଟିବେଡ଼ା, ପୋ: ଭମିନି, ଜି: ନବରଙ୍ଗପୁର

୩୯. ଶରତ ଚନ୍ଦ୍ର ମାଝୀ, ଗ୍ରା:/ପୋ: ଉମରକୋଟ, ଜି: ନବରଙ୍ଗପୁର

୪୦. ଦିବାକର ମହାନ୍ତି ବେହେରା, ଗ୍ରା: ଭୀମାଗୁଡ଼ା, ପୋ: ଧତ୍ରା, ଜି: ନବରଙ୍ଗପୁର

✱✱✱